# ଧରିତ୍ରୀ DHARITRI

୪୭

ଭୁବନେଶ୍ୱର, ରବିବାର, ନଭେମ୍ବର ୨୯/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 29/2020 | ★★★★★★

୪୭ଶ ଭାଗ ୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ଆମେରିକାରେ ଟ୍ରେନିଂ ନେବେ ବଜରଙ୍ଗ**

ଅଲିମ୍ପିକ୍ସ ପଦକ ଆଶାୟୀ ରେସ୍ଲର ବଜରଙ୍ଗ ପୁନିଆ ଆମେରିକାରେ ଏକ ମାସ ଟ୍ରେନିଂ ନେବେ। ୧୬

୧୪ **'ସୀତା' ଭୂମିକାରେ କ୍ରିତି**

ସାଉଥ୍‌ର ଅପକମିଂ ବିଗ୍ ବଜେଟ ଫିଲ୍ମ 'ଆଦିପୁରୁଷ'ରେ ବଲିଉଡ ଅଭିନେତ୍ରୀ କ୍ରିତି ସାନନ୍ ନଜର ଆସିବେ। ସେଥିପାଇଁ ସେ ଭାରି ଖୁସି।




**ପରୀ ହତ୍ୟା ମାମଲା**

# ତଦନ୍ତ କରିବ ଏସ୍‌ଆଇଟି

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ନୟାଗଡ଼ ଜିଲାର ୫ବର୍ଷର ଶିଶୁ କନ୍ୟା ପରୀ ହତ୍ୟା ମାମଲାର ତଦନ୍ତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍(ଏସ୍‌ଆଇଟି) ବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା କରାଯିବ। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ ବୋଲି ଶନିବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ ସୂଚନା ଦେଇଛନ୍ତି। ୫ଜଣିଆ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଛି। ପୋଲିସ ଆଇଜି ଅରୁଣ ବୋଥ୍ରା ଟିମ୍‌ର ମୁଖ୍ୟ ଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ପି ଆର.କେ. ଦୋରା, ଏଏସ୍‌ପି ଆର. ସି. ଥାମ୍ଭା, ଇନ୍ସପେକ୍ଟର ନରେନ୍ଦ୍ର ବେହେରା, କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ମମତା ରାଣୀ ପଣ୍ଡା ସଦସ୍ୟ ରହିଛନ୍ତି। ଏସ୍‌ଆଇଟି ତଦନ୍ତ ପ୍ରକ୍ରିୟାକୁ ହାଇକୋର୍ଟଙ୍କ ଜଣେ କାର୍ଯ୍ୟରତ ବିଚାରପତିଙ୍କ ମାଧ୍ୟମରେ ମନିଟରିଂ କରାଯିବ। ଏନେଇ ଅନୁମତି ଦେବା ଲାଗି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଅବଗତ କରିଛନ୍ତି।

ପରୀ ହତ୍ୟା ମାମଲାରେ ଲଗାତର ତୃତୀୟଦିନ ପାଇଁ ବିଧାନସଭା ଅଚଳ ରହିଥିଲା। ବିଧାନସଭାରେ ଅଚଳାବସ୍ଥା ଲାଗି ରହିବାରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରୀ ହତ୍ୟା ଘଟଣାରେ ଆବଶ୍ୟକ ପଡ଼ିଲେ ଏସ୍‌ଆଇଟି ତଦନ୍ତ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ। ହେଲେ ଶନିବାର ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଆରୁଖ ସୂଚନା ଦେଇ ଘଟଣାର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଥିବା କହିଛନ୍ତି। ଅଦାଲତଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ କାର୍ଯ୍ୟ ଆରମ୍ଭ କରିବ। ଏସ୍‌ଆଇଟି ତଦନ୍ତ ପାଇଁ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖାଯାଇଥିବା ଏକ ବିଜ୍ଞପ୍ତିକୁ ଗୃହରେ ଉପସ୍ଥାପନ କରି ଆରୁଖ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏହି ମାମଲାର ଦତନ୍ତ ଦାୟିତ୍ୱ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ତେବେ କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ସେଥିରେ ସରକାରଙ୍କ ହସ୍ତକ୍ଷେପ ରହିବ ବୋଲି କଂଗ୍ରେସ ଓ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ରାଜ୍ୟ ସରକାର ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ କରାଇବାକୁ କଂଗ୍ରେସର ବରିଷ୍ଠ ବିଧାୟକ ନରସିଂହ ମିଶ୍ର ବାରମ୍ବାର ଗୃହରେ ଦାବି କରିଆସୁଥିଲେ। ଅପରପକ୍ଷରେ ଘଟଣାର ଏସ୍‌ଆଇଟି ନୁହେଁ ସିବିଆଇ ତଦନ୍ତ କରାଯିବାକୁ ଭାଜପା ଦାବି କରି ଆସୁଛି।

ପ୍ରକାଶ ଯେ, ପରୀ ମାମଲାରେ ଏସ୍‌ଆଇଟି ତଦନ୍ତର ନେତୃତ୍ୱ ନେଉଥିବା ଆଇଜି ବୋଥ୍ରା ପୂର୍ବରୁ ଅନେକ ମାମଲାର ତଦନ୍ତ କରିଛନ୍ତି। ପାଟଣାଗଡ଼ ବୋମା ବିସ୍ଫୋରଣ ମାମଲାର ଏସ୍‌ଆଇଟି ତଦନ୍ତ ଭାର ନେଇ ବୋଥ୍ରା ମାଷ୍ଟର ମାଇଣ୍ଡଙ୍କୁ ଧରିବାରେ ସଫଳ ହୋଇଥିଲେ। ସେହିପରି ଗ୍ୟାଙ୍ଗଷ୍ଟର ଟିଟୋଙ୍କ ଅପରାଧ ସାମ୍ରାଜ୍ୟର ଲିଙ୍କ୍ ଓ ଆର୍ଥିକ କାରବାରର ଖୋଳତାଡ଼ କରିଥିଲେ ବୋଥ୍ରା।

## ସ୍ୱାଭାବିକ ହୋଇପାରୁନି ଗୃହ



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଦସ୍ୟଙ୍କୁ ଶାନ୍ତ ହେବାକୁ ବୁଝାଉଛନ୍ତି।

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ନୟାଗଡ଼ ଜିଲା ପରୀ ହତ୍ୟା ଘଟଣାକୁ ନେଇ ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି। ଶନିବାର ଗୃହରେ ଭାଜପା ସଦସ୍ୟଙ୍କ ହଟ୍ଟଗୋଳ ଓ ନାରାବାଜି ଯୋଗୁ ଦିନତମାମ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରୀ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ସହ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବି କରି ଭାଜପା ☞ପୃଷ୍ଠା–୧୧

- ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଭାଜପା ଅଟଳ
- ପରସ୍ପରକୁ ଆକ୍ଷେପ କଲେ ଭାଜପା, କଂଗ୍ରେସ
- ପୋଡିୟମ୍ ସିଲ୍‌ଡ ଗ୍ଲାସ୍ ଖସିଗଲା

## ୪୫ ସ୍ଥାନରେ ସିବିଆଇ ଚଢ଼ାଉ

**କୋଇଲା ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ, ୨୮।୧୧**




ଖଣି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଶନିବାର ୪ ରାଜ୍ୟର ୪୫ ସ୍ଥାନରେ ଚଢ଼ାଉ କରାଯାଇଛି। ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଥିବା ରାଷ୍ଟ୍ରାୟତ୍ତ କୋଇଲା ଖଣି ଇଷ୍ଟର୍ନ କୋଲ୍‌ଫିଲ୍ଡ ଲିମିଟେଡ୍ (ଇସିଏଲ୍)ରେ ବେଆଇନ ଖଣି ଖନନ କାର୍ଯ୍ୟ ଚାଲିଥିବା ଅଭିଯୋଗ କ୍ରମେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଛି। ଏନେଇ ୨ ଜେନେରାଲ ମ୍ୟାନେଜର, ୨ କର୍ମଚାରୀ, ଇସିଏଲ୍‌ର ଚିଫ୍ ସିକ୍ୟୁରିଟି ଅଫିସର ଓ ଅନୁପ ମାଝି (ଲାଲା) ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ପଶ୍ଚିମବଙ୍ଗରେ ଅନୁପ ମାଝି ବେଆଇନ ଭାବେ ଏହି କାର୍ଯ୍ୟ ଚଳାଇଥିବା ଅଭିଯୋଗ ହୋଇଛି। ଆସାନ୍‌ସୋଲରେ ☞ପୃଷ୍ଠା–୧୧

## ୭୫% ଉପସ୍ଥାନରେ ଅଫିସ ଚାଲିବ

**ଡିସେମ୍ବର ଗାଇଡ୍‌ଲାଇନ୍**

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

କୋଭିଡ୍–୧୯ ମହାମାରୀକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଅଫିସଗୁଡ଼ିକୁ ବାଦ ଦେଇ ସମସ୍ତ ସରକାରୀ କାର୍ଯ୍ୟାଳୟ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲୁଛି। କର୍ମଚାରୀମାନେ ରୋଷ୍ଟର ଡ୍ୟୁଟି କରୁଛନ୍ତି। ତେବେ ଆସନ୍ତା ଡିସେମ୍ବର ପହିଲାରୁ କଟକ ଓ ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ୭୫ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ। ଏ ନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ତେବେ କେଉଁ କର୍ମଚାରୀ କେଉଁଦିନ ଡ୍ୟୁଟି କରିବେ ତାହା ବିଭାଗ କିମ୍ବା ବିଭାଗୀୟ ମୁଖ୍ୟଦପ୍ତର ସ୍ଥିର କରିବ। ☞ପୃଷ୍ଠା–୧୧


**ଆଜିର ସମ୍ପାଦକୀୟ** ଚରିତ୍ର ବଦଳୁ ନାହିଁ





## ପେଟ୍ରୋଲ ୧.୧୪, ଡିଜେଲ ୧.୮୭ ଟଙ୍କା ବଢ଼ିଛି

**୯ଦିନରେ ୮ଥର**

**ନୂଆଦିଲ୍ଲୀ,୨୮।୧୧**

ଗତ ୯ ଦିନ ମଧ୍ୟରେ ତେଲ ଦର ୮ଥର ବୃଦ୍ଧି ପାଇଲାଣି। ଏହି ଦର ବୃଦ୍ଧି ଫଳରେ ସାଧାରଣ ଖାଉଟିଙ୍କ ଚିନ୍ତା ବଢ଼ିଯାଇଛି। ତୈଳ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୨୪ ପଇସା ବଢ଼ି ୮୨.୭୪ ଟଙ୍କାରେ ପହଞ୍ଚିଛି। ସେହିଭଳି ଡିଜେଲ ଦର ମଧ୍ୟ ୨୯ ପଇସା ☞ପୃଷ୍ଠା–୪


**GANGADHAR MEHER UNIVERSITY, SAMBALPUR**

No. 5881/GMU1A-06/2021 Date: 27.11.2020

**ADMISSION INTO Ph.D & M. Phil PROGRAM - 2021 NOTIFICATION**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the Ph.D & M.Phil Programs in the subject mentioned below. These programs will commence from January 2021.

**Ph.D Programs:** Anthropology, Biotechnology, Chemistry, Commerce, Computer Science, Economics, Education, English, Geography, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology and Statistics.

**M.Phil Programs:** Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics, Zoology and Management Studies (Self-financing).

For application form and other details, kindly visit the University website: **www.gmuniversity.ac.in**.

**TIME LINE:**

1. **The last date for submission of Application form: 12.12.2020 upto 4.00 P.M.**
2. **The date of Entrance Test for Ph.D Program: 18.12.2020** (10.00 to 11.00 A.M. followed by Viva-Voce from 11.30 A.M. onwards).
3. **The date of Entrance Test for M.Phil Program: 19.12.2020 &** (10.00 to 11.00 A.M. followed by Viva-Voce from 11.30 A.M. onwards).


**Sd./- Registrar**
**G.M. University, Sambalpur**


# ମଧ୍ୟପ୍ରାଚ୍ୟରେ ଉତ୍ତେଜନା

**ଦୁବାଇ, ୨୮।୧୧**

**ଇରାନ ଅଣୁ ବିଜ୍ଞାନୀଙ୍କୁ ହତ୍ୟା**

ଇରାନର ଅଣୁଅସ୍ତ୍ର କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ବୈଜ୍ଞାନିକ ମୋହସେନ୍ ଫଖରିଜାଦେଙ୍କୁ ଶୁକ୍ରବାର ତେହେରାନ ନିକଟରେ ହତ୍ୟା କରାଯାଇଛି। ଏହା ପଛରେ ଇସ୍ରାଏଲ୍‌ର ସମ୍ପୃକ୍ତି ଥିବାର ସୂଚନା ମିଳିଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ କରାଯାଇଥିଲେ ହେଁ ସବିଶେଷ ସୂଚନା ଦିଆଯାଇନାହିଁ। ଏକ ଦଶନ୍ଧି ପୂର୍ବରୁ ଇରାନର କେତେଜଣ ଆଣବିକ ବୈଜ୍ଞାନିକଙ୍କ ହତ୍ୟା ପଛରେ ଇସ୍ରାଏଲ୍‌ର ଭୂମିକା ଥିବା ସନ୍ଦେହ କରାଯାଇ ଆସୁଛି। ଫଖରିଜାଦେଙ୍କ ସମ୍ପର୍କରେ କଥା ହେଲା ବେଳେ ଉକ୍ତ ନାମକୁ ମନେରଖ ବୋଲି ଏକଦା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସର୍ବସାଧାରଣରେ କହିଥିଲେ। ଆଣବିକ ବୈଜ୍ଞାନିକଙ୍କ ହତ୍ୟା ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ାଇଛି। ବର୍ଷକ ପୂର୍ବରୁ ବାଗଦାଦ୍‌ରେ ଆମେରିକା ଡ୍ରୋନ ଆକ୍ରମଣରେ ଇରାନର ଶୀର୍ଷ ଜେନେରାଲ କାସିମ୍ ସୋଲେମାନିଙ୍କ ☞ପୃଷ୍ଠା–୪



ମୋହସେନ୍ ଫଖରିଜାଦେ


TATA ଉତ୍ପାଦନ

TANISHQ PRESENTS

RIVAAH WEDDING JEWELLERY

A JEWEL FOR EVERY TRADITION



ଶଙ୍ଖା, ଟିକା ଏବଂ ନଥ୍ ଆମର ସମୃଦ୍ଧ, କାଳଜୟୀ ପରମ୍ପରାର ପ୍ରତିଫଳନ ଯାହା ଆପଣଙ୍କୁ ଶୋଭା ଦେଇଥାଏ ଏବଂ ଆପଣଙ୍କ ବିଶେଷ ଦିନରେ ଆପଣଙ୍କୁ ଖୁସି ଅନୁଭବ କରିବାକୁ ଦିଏ ।

25% ପର୍ଯ୍ୟନ୍ତ ଛାଡ଼* ସୁନା ଅଳଙ୍କାରର ମଜୁରୀରେ ଆଉ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟରେ

BEST EXCHANGE VALUE · OLD GOLD, NEW DREAMS

• Gold Standard Safety Protocol • Pre-book to avoid rush • Book an appointment • Live Video Call • Home delivery service

Buy online at tanishq.co.in

*T&C Apply • Check tanishq.co.in/offers for further details • To locate your nearest store and know more on 6366920017 • Buy online at tanishq.co.in or Download Our App

| ଅନୁଗୁଳ | ଭୁବନେଶ୍ୱର | | କଟକ |
|---|---|---|---|
| ଅମଲାପଡ଼ା ଲେନ୍-୨ | ଚନ୍ଦ୍ରଶେଖର ପୁର | ମାଷ୍ଟର କ୍ୟାଣ୍ଟିନ୍ | କ୍ୟାଣ୍ଟନ୍‌ମେଣ୍ଟ ରୋଡ଼ |
| ଫୋନ୍-୦୬୭୬୪-୨୩୧୨୨୪, ୯୬୫୮୨୭୪୨୨୫ | ଫୋନ୍-୭୨୦୫୦୫୦୭୦୦ | ଫୋନ୍-୦୬୭୪-୨୫୩୪୩୫୧, ୯୨୩୮୩୦୭୦୪୩ | ଫୋନ୍-୦୬୭୧-୨୩୦୨୦୩୬, ୯୨୩୮୩୦୭୦୪୪ |

## ସଂକ୍ଷେପରେ

### ଆଲୋଚନା ପରେ ପରୀକ୍ଷା କାର୍ଯ୍ୟସୂଚୀ


ରମେଶ ପୋଖରିୟାଲ ନିଶଙ୍କ

**ନୂଆଦିଲ୍ଲୀ, ୨୮।୧୧:** କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କ ସହ ବିସ୍ତୃତ ଆଲୋଚନା ପରେ ୨୦୨୧ ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ସମେତ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ସ୍ଥିର ହେବ ବୋଲି ଶୁକ୍ରବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ପରୀକ୍ଷା ପରିଚାଳନା କରିବା କୌଣସି ଚ୍ୟାଲେଞ୍ଜଠାରୁ କମ୍ ନୁହେଁ ବୋଲି ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ କହିଛନ୍ତି। କୋଭିଡ୍-୧୯ ଜନିତ ଅନିଶ୍ଚିତତା ସତ୍ତ୍ୱେ ବୋର୍ଡ ପରୀକ୍ଷା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମଲେଖା ଲାଗି ପ୍ରବେଶିକା ପରୀକ୍ଷା କରାଇବାକୁ ପଡ଼ିବ। ସେଥିପାଇଁ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାକୁ ହେବ। ଆଗାମୀ ବୋର୍ଡ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ନେଇ ଡିସେମ୍ବର ୩ରେ ଛାତ୍ରୀଛାତ୍ରଙ୍କ ସହ ଅନ୍‌ଲାଇନରେ କଥାବାର୍ତ୍ତା ହେବ ବୋଲି ପୋଖରିୟାଲ ସୂଚନା ଦେଇଛନ୍ତି। ଗୁରୁବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ଆସନ୍ତାବର୍ଷ କେବେ ଓ କିପରି ପରୀକ୍ଷା ହେବ ସେନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କ ମତାମତ ଜାଣିବା ଲାଗି ଏକ ଅଭିଯାନ ଆରମ୍ଭ ହେବ। ସୂଚନାଯୋଗ୍ୟ କରୋନା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ମାର୍ଚ୍ଚ ମାସରୁ ବନ୍ଦ କରିଦିଆଯାଇଛି। ଜେଇଇ ଏବଂ ଏନ୍‌ଇଇଟି-ୟୁଜି ଭଳି ପରୀକ୍ଷାକୁ ମଧ୍ୟ ଚଳିତ ବର୍ଷ ଦୁଇଥର ସ୍ଥଗିତ ରଖାଯାଇଥିଲା। ବୋର୍ଡ ପରୀକ୍ଷା ଅଧାରୁ ବନ୍ଦ ହୋଇଥିବାବେଳେ ବିକଳ୍ପ ମୂଲ୍ୟାୟନ ଯୋଜନାରେ ଫଳାଫଳ ଘୋଷଣା କରାଯାଇଥିଲା।

### ତାମିଲନାଡୁକୁ ମାଡ଼ି ଆସୁଛି ଆଉ ଏକ ବାତ୍ୟା

**ବିଶାଖାପାଟଣା, ୨୮।୧୧:** ବାତ୍ୟା 'ନିଭାର' ତାମିଲନାଡୁ, ପୁଡୁଚେରୀ, ଆନ୍ଧ୍ରପ୍ରଦେଶରେ ବ୍ୟାପକ କ୍ଷତି ଘଟାଇ ଚାଲିଯିବା ପରେ ପୁଣି ଡିସେମ୍ବରରେ ଆଉ ଏକ ବାତ୍ୟା ହେବାର ଆଶଙ୍କା ପ୍ରକାଶ ପାଇଛି। ଆଣ୍ଡାମାନ ସାଗରକୁ ଲାଗି ଭାରତ ମହାସାଗରୀୟ ଅଞ୍ଚଳରେ ବାତ୍ୟା ଦାନା ବାନ୍ଧୁଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ବାତ୍ୟା ଘନୀଭୂତ ହେବାର ଆଶଙ୍କା କରାଯାଉଛି। ଡିସେମ୍ବର ୧ରେ ପ୍ରବଳ ବର୍ଷା ପବନ ସହ ତାମିଲନାଡୁ, ପୁଡୁଚେରୀ, କେରଳର ବିଭିନ୍ନ ଅଞ୍ଚଳ କ୍ଷତିଗ୍ରସ୍ତ ହେବ। ଡିସେମ୍ବର ୨ରେ ଏହା ଅଧିକ ପ୍ରକୋପ ଦେଖାଇ ଚାଲିଯିବ ବୋଲି ଜଣାପଡ଼ିଛି।

### ଶିକ୍ଷିତ ପ୍ରବାସୀ ତାଲିକାରେ ଭାରତୀୟ ଆଗରେ

**ନୂଆଦିଲ୍ଲୀ, ୨୮।୧୧:** ଆର୍ଥିକ ସହଯୋଗ ଓ ବିକାଶ ସଂଗଠନ (ଓଇସିଡି) ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରାୟ ୧୨ କୋଟି ପ୍ରବାସୀ ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ୩୦ରୁ ୩୫ ପ୍ରତିଶତ ଉଚ୍ଚଶିକ୍ଷିତ। ସେମାନେ ଧନ୍ଦାମୂଳକ କିମ୍ବା ଶୈକ୍ଷିକ ପ୍ରଶିକ୍ଷଣ ନେଇଛନ୍ତି। ଏହି ତାଲିକାର ଶୀର୍ଷରେ ରହିଛନ୍ତି ଭାରତୀୟ। ୨୦୧୫-୧୬ ବର୍ଷରେ ଓଇସିଡିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଉଚ୍ଚଶିକ୍ଷିତ ଭାରତୀୟ ରହିଥିଲେ। ଏହା ମୋଟ ଶିକ୍ଷିତ ପ୍ରବାସୀର ପାଖାପାଖି ୬୫ ପ୍ରତିଶତ। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବା ଚାଇନାରୁ ୪୮.୬ ପ୍ରତିଶତ (୨୨.୫ ଲକ୍ଷ) ଉଚ୍ଚଶିକ୍ଷିତ ପ୍ରବାସୀ ରହିଛନ୍ତି। ତାଲିକାର ତୃତୀୟ ସ୍ଥାନରେ ଫିଲିପାଇନ୍ସ ରହିଛି। ସେଠାରୁ ୧୯ ଲକ୍ଷ ଉଚ୍ଚଶିକ୍ଷିତ ପ୍ରବାସୀ ଓଇସିଡି ରାଷ୍ଟ୍ରରେ ରହୁଛନ୍ତି। କରୋନା ମହାମାରୀ ଯୋଗୁ ଫିଲିପାଇନ୍ସ ସରକାର ଚଳିତ ବର୍ଷ ଅସ୍ଥାୟୀ ଭାବେ ଏହି ପ୍ରତିଭା ପଳାୟନକୁ ବନ୍ଦ କରିଛନ୍ତି।

# ହିମାଳୟରେ ଚାଇନାର ଏସ୍‌ସିଏସ୍ କୌଶଳ

**ନୂଆଦିଲ୍ଲୀ, ୨୮।୧୧**

ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)କୁ ନିଜର ବୋଲି ଦାବି କରି ସେଠାରେ ଆଧିପତ୍ୟ ଜାହିର କରୁଥିବା ବେଜିଂ ଏବେ ହିମାଳୟ ଅଞ୍ଚଳରେ ଅନୁରୂପ କୌଶଳ ଆପଣାଉଥିବା ଦେଖାଯାଇଛି। ପଡୋଶୀ ଦେଶର ସାର୍ବଭୌମତ୍ୱ ଦାବିକୁ ଅଣଦେଖା କରି ଚାଇନା ଏକତରଫା ଭାବେ ବାସ୍ତବ ତଥ୍ୟକୁ ବଦଳାଇ ବିବାଦୀୟ ଭୂଖଣ୍ଡରେ ନିଜର ସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଛି।

ଗତ ଅକ୍ଟୋବରରେ ଚାଇନା ଜାତୀୟ ଦିବସ ବେଳେ ଏହା ଭୁଟାନ ସହ ସଂଲଗ୍ନ ତିବ୍ବତର ଚାଇନା ପାର୍ବତ୍ୟାଞ୍ଚଳରେ ଏକ ନୂଆ ଗ୍ରାମ ନିର୍ମାଣ ସମ୍ପୂର୍ଣ୍ଣ କରିଥିଲା। ତୋସ୍ରା ନଦୀକୂଳରେ ଅବସ୍ଥିତ ଏହି ଗ୍ରାମକୁ ଶତାଧିକ ଲୋକ ଯାଇ ରହିବା ସହ ସେଠାରେ ଚାଇନା ପତାକା ଉଡ଼ାଇଥିଲେ ଓ ଜାତୀୟ ସଙ୍ଗୀତ ଗାନ କରିଥିଲେ। ମହାନ୍ ମାତୃଭୂମିର ଆମେ ସମସ୍ତେ ସମାନ ବୋଲି ଜଣେ ସୀମା ସୁରକ୍ଷା କର୍ମୀ କହିଥିଲେ। ତେବେ ସମସ୍ୟା ହେଉଛି, ଏହି ଗ୍ରାମ ଭୁଟାନ ଭୂଖଣ୍ଡର ଏକ ମାଇଲ୍ ଭିତରକୁ ନିର୍ମାଣ କରାଯାଇଛି।

ବିସ୍ତାରବାଦୀ ଚାଇନା ନିର୍ମାଣ ସାଙ୍ଗକୁ ଏହାର ସାଟେଲାଇଟ୍ ଫଟୋ ଦସ୍ତାବିଜ୍ ଏବଂ ପ୍ଲେ-ବୁକ୍‌କୁ ବର୍ଷ ବର୍ଷ ଧରି ବ୍ୟବହାର କରିଆସୁଛି। ଦକ୍ଷିଣ ଚାଇନା ସାଗରରେ ମଧ୍ୟ ବେଜିଂ ଅନୁରୂପ କୌଶଳ ଆପଣାଇଥିଲା। ସେଠାରେ ଭିଏତ୍‌ନାମ ଓ ଫିଲିପାଇନ୍ସ ଦାବି କରୁଥିବା ଜଳଭାଗରେ ଚାଇନା ନିଜର ସାମରିକ


ଭୁଟାନ୍ ସୀମା ଭିତରେ ଚାଇନା ନିର୍ମିତ ଗ୍ରାମ।

ଶକ୍ତି ବୃଦ୍ଧି କରିଛି। ଚଳିତବର୍ଷ ଚାଇନା ହିମାଳୟ ଅଞ୍ଚଳରେ ଏହାର ନିର୍ମାଣ କାର୍ଯ୍ୟ ଜାରି ରଖିବା ସହ ଭାରତୀୟ ଅଞ୍ଚଳକୁ ନିଜର ବୋଲି ଦାବି କରୁଛି। ଏହାକୁ ନେଇ ଗତ ଜୁନ୍‌ରେ ଏଲ୍‌ଏସିରେ ଦୁଇଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ଭାରତର ୨୧ ଯବାନ ଶହୀଦ ହୋଇଥିବାବେଳେ ଚାଇନାର କେତେଜଣ ମରିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଏହି ସଂଘର୍ଷ ପରେ ଦୁଇ ଦେଶର ସମ୍ପର୍କ ତିକ୍ତ ହୋଇଛି। ଚ୍ୟାଲେଞ୍ଜ ସତ୍ତ୍ୱେ ଚାଇନାକୁ ଉକ୍ତ ସ୍ଥାନରୁ ହଟାଇବା କଷ୍ଟକର ହୋଇପଡ଼ିଛି। ସୀମା ବିବାଦ ସତ୍ତ୍ୱେ ଚାଇନ ସୈନ୍ୟ ଏକଦା ଭାରତ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ କ୍ୟାମ୍ପ ପକାଇ ରହିଛନ୍ତି। ଶେଷରେ ଯାହା ଜଣାପଡ଼ୁଛି, ଉକ୍ତ ଅଞ୍ଚଳ ଚାଇନା ନିୟନ୍ତ୍ରଣକୁ ଆସିଯିବ ବୋଲି ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ସୁରକ୍ଷା ଅଧ୍ୟୟନ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ତଥା ଚାଇନା ମିଲିଟାରୀ ବିଶେଷଜ୍ଞ ଏମ୍. ଟେଲର ଫ୍ରାଭେଲ୍ କହିଛନ୍ତି।

ଗତ ବର୍ଷେରୁ ଊର୍ଦ୍ଧ୍ୱ ହେବ ଦେଖାଯାଉଛି, ଚାଇନା କୂଟନୈତିକ କିମ୍ବା ଭୂରାଜନୈତିକ ପ୍ରମାଣକୁ ଅଣଦେଖା କରି ଆକ୍ରମଣାତ୍ମକ ଭାବେ ବିଭିନ୍ନ ପଡୋଶୀ ଦେଶର ସୀମା ମଧ୍ୟରେ ପ୍ରବେଶ କରୁଛି। ଉକ୍ତ କାର୍ଯ୍ୟ ଚାଇନା ନେତା ଶି ଜିନ୍‌ପିଙ୍ଗଙ୍କ ବିସ୍ତାରବାଦୀ ଅଭିଳାଷ, ଅର୍ଥନୈତିକ ସ୍ୱାର୍ଥ ଓ ରଣନୀତିକ ଆବଶ୍ୟକତାକୁ ପ୍ରତିଫଳନ କରୁଛି। ହିମାଳୟ ଅଞ୍ଚଳରେ ଗାଁ ନିର୍ମାଣ କରିବାରୁ ସୂଚନା ମିଳୁଛି, ଚାଇନା ଏହାର ଦକ୍ଷିଣ ସୀମା ଭିତରେ ଭୁଟାନକୁ ରଖିବାକୁ ଚାହୁଁଛି। ଦୀର୍ଘଦିନ ହେଲା ବିବାଦୀୟ ରହିଥିବା ଉକ୍ତ ଅଞ୍ଚଳର ୩୦୦ ବର୍ଗମାଇଲ ପରିମିତ ସାକ୍‌ଟେଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ମଧ୍ୟ ଚାଇନା ନିଜର ବୋଲି ଦାବି କରିଛି। ସୀମାବିବାଦର ସମାଧାନ ଲାଗି ଦୀର୍ଘବର୍ଷ ହେଲା ଆଲୋଚନା ଚାଲିଥିଲେ ହେଁ କୌଣସି ଫଳ ମିଳୁନାହିଁ।

## ମେରାଇନ୍ କମାଣ୍ଡୋ ନିୟୋଜିତ କଲା ଭାରତ

**ନୂଆଦିଲ୍ଲୀ, ୨୮।୧୧:** ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଭାରତ ଓ ଚାଇନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାବେଳେ ପୂର୍ବ ଲଦାଖର ପଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଭାରତୀୟ ନୌସେନା ପକ୍ଷରୁ ମେରାଇନ୍ କମାଣ୍ଡୋ ନିୟୋଜିତ କରାଯାଇଛି। ଉକ୍ତ ଅଞ୍ଚଳରେ ଭାରତୀୟ ବାୟୁସେନାର ଗରୁଡ଼ ବାହିନୀ ଏବଂ ସ୍ଥଳସେନାର ପାରା ସ୍ପେଶାଲ ଫୋର୍ସ ବିବାଦ ଆରମ୍ଭ ଦିନରୁ ମୁତୟନ ରହିଛନ୍ତି। ମେରାଇନ୍ ମାଣ୍ଡୋର ଉପସ୍ଥିତି ତିନି ବାହିନୀ ମଧ୍ୟରେ ସମନ୍ୱୟ ବଢ଼ାଇବ। ଗତ ଏପ୍ରିଲ୍-ମେ' ମାସରେ ପଙ୍ଗୋଙ୍ଗ୍ ହ୍ରଦ ଅଞ୍ଚଳରେ ଭାରତ ଓ ଚାଇନା ସେନା ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ନୌସେନା କାମଣ୍ଡୋମାନଙ୍କୁ ଉକ୍ତ ହ୍ରଦରେ ପାଟ୍ରୋଲିଂ ପାଇଁ ନୂଆ ବୋଟ୍ ଯୋଗାଇ ଦିଆଯିବ।





## ଆସନ ଭାଗବଣ୍ଟାକୁ ନେଇ ରାହୁଲଙ୍କ ଆଲୋଚନା

**କୋଲକାତା, ୨୮।୧୧:**

୨୦୨୧ ଏପ୍ରିଲ-ମେ'ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନେଇ ଏବେଠାରୁ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଛି। ଟିଏମ୍‌ସି ଓ ଭାଜପାକୁ କଡ଼ା ଟକ୍କର ଦେବା ଲାଗି କଂଗ୍ରେସ ସିପିଆଇଏମ୍ ସହ ମେଣ୍ଟ କରିଛି। ୨୦୧୬ରେ ଏହି ଦୁଇଦଳ ଏକାଠି ନିର୍ବାଚନ ଲଢ଼ି ପଶ୍ଚିମବଙ୍ଗରେ ୭୬/୨୯୪ ଆସନରେ ବିଜୟୀ ହୋଇଥିଲେ। ଏବେ ନିର୍ବାଚନ ପାଖେଇ ଆସୁଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଜ୍ୟର ଦଳୀୟ ନେତାଙ୍କ ସହ ମେଣ୍ଟ, ଆସନ ବୁଝାମଣା ନେଇ ଆଲୋଚନା କରିଛନ୍ତି। ଶୁକ୍ରବାର ଭର୍ଚୁଆଲ ବୈଠକରେ ମେଣ୍ଟ ନେଇ ରାଜ୍ୟର ନେତାମାନେ ସହମତି ପ୍ରକାଶ କରିଥିବାବେଳେ ଆସନ ବୁଝାମଣାକୁ ନେଇ ଭିନ୍ନତା ଦେଖିବାକୁ ମିଳିଛି। ୨୦୧୬ରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ କଂଗ୍ରେସ ୯୨ ଆସନରେ ଲଢ଼ିଥିବାବେଳେ ଏଥର ସଂଖ୍ୟା ନ କମାଇବାକୁ କେତେଜଣ ନେତା କହିଛନ୍ତି। ବିଭିନ୍ନ ଆସନରେ ଦଳୀୟ ସ୍ଥିତି ଯାଞ୍ଚକରି ପ୍ରାର୍ଥୀ ଚୟନ କରାଯିବା ଉପରେ ଅନ୍ୟମାନେ ଗୁରୁତ୍ୱ ଦେଇଛନ୍ତି। କଂଗ୍ରେସ ଓ ସିପିଆଇଏମ୍ ମଧ୍ୟରେ ଆସନ ବୁଝାମଣା ପୂର୍ବରୁ ରାଜ୍ୟ ନେତୃବୃନ୍ଦଙ୍କ ଦାବି ସମ୍ପର୍କରେ ଦଳୀୟ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଅବଗତ କରାଯିବ ବୋଲି ରାହୁଲ ଓ ଦଳର ସାଙ୍ଗଠନିକ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି।

# ଟିକା ପ୍ରସ୍ତୁତିର ସମୀକ୍ଷା କଲେ ମୋଦି

**ନୂଆଦିଲ୍ଲୀ, ୨୮।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩ ସହରକୁ ଯାଇ ଟିକା ପ୍ରସ୍ତୁତ ହେବାକୁ ଥିବା ଔଷଧ ଶିଳ୍ପରେ ସ୍ଥିତି ସମୀକ୍ଷା କରିଛନ୍ତି। କରୋନା ଟିକା ପ୍ରସ୍ତୁତି, ଏହାର ବିଭିନ୍ନ ପ୍ରକ୍ରିୟା ଓ ବିକାଶ ସମ୍ପର୍କରେ ସେ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ମୋଦି ପୂର୍ବାହ୍ନରେ ଗୁଜରାଟର ଅହମଦାବାଦସ୍ଥିତ ଫାର୍ମା ମେଜର ଜାଇଡସ୍ କାଡିଲା ପ୍ଲାଣ୍ଟ ଗସ୍ତ କରିଥିଲେ। ପିପିଇ କିଟ୍ ପିନ୍ଧି ସେ ଟିକାର ବିକାଶ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ଚାଙ୍ଗୋଦର ଶିଳ୍ପାଞ୍ଚଳସ୍ଥିତ ଜାଇଡସ୍ କାଡିଲା ଗବେଷଣା କେନ୍ଦ୍ରରେ ମୋଦି ଅଧିକାରୀଙ୍କ ସହ ସ୍ଥିତି ସମୀକ୍ଷା କରିଥିଲେ। କରୋନା ଟିକା ଜାଇକୋଭ୍-ଡି'ର ପ୍ରଥମ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ଶେଷ ହୋଇଥିବାବେଳେ ଅଗଷ୍ଟ ମାସରୁ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ଜାରି ରହିଥିବା ଟିକା ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ କୁହାଯାଇଥିଲା।



ବୈଜ୍ଞାନିକଙ୍କ କାର୍ଯ୍ୟନିଷ୍ଠା ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ।

ଅହମଦାବାଦ ପରେ ପ୍ରଧାନମନ୍ତ୍ରୀ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ ଗସ୍ତ କରିଥିଲେ। ଏହି ଫାର୍ମା 'କୋଭାକ୍ସିନ୍' ଟିକା ପ୍ରସ୍ତୁତିରେ ଲାଗିଛି। ଏଠାରେ କୋଭାକ୍ସିନ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଛି। ପ୍ରାୟ ଘଣ୍ଟାଏ କାଳ ଟିକା ସ୍ଥିତି ସମୀକ୍ଷା କରିବା ସହ ମୋଦି ବୈଜ୍ଞାନିକଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ ଉପସ୍ଥିତି ଉତ୍ସାହ ଆଣିଦେଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଶେଷ ଗସ୍ତକ୍ରମରେ ମୋଦି ପୁଣେସ୍ଥିତ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଏସ୍‌ଆଇଆଇ) ଗସ୍ତ କରିଥିଲେ। ଆଷ୍ଟ୍ରାଜେନିକା ଏବଂ ଅକ୍ସଫୋର୍ଡ ୟୁନିଭର୍ସିଟି ସହ ମିଶି ସିଆଇଆଇ ଏଠାରେ କୋଭିଡ୍-୧୯ ଟିକା ପ୍ରସ୍ତୁତ କରୁଛି। ମୋଦି ଏଠାରେ ଟିକାର ବିଭିନ୍ନ ବିକଶିତ ସ୍ତର, ପରୀକ୍ଷା ଓ ବଜାରପ୍ରବେଶ ନେଇ ଆଲୋଚନା କରିଥିଲେ। ୩ ସହରରେ ଜାରି ରହିଥିବା ଟିକା ପ୍ରସ୍ତୁତିପର୍ବର ସମୀକ୍ଷା ପରେ ମୋଦି ନୂଆଦିଲ୍ଲୀ ଫେରିଆସିଛନ୍ତି। ସଫଳ ଟିକା ପ୍ରସ୍ତୁତି, ଲୋକମାନଙ୍କ ପାଖରେ ଏହା ପହଞ୍ଚାଯିବା ଉପରେ ମୋଦି ପୂର୍ବରୁ ଗୁରୁତ୍ୱାରୋପ କରିଆସୁଛନ୍ତି। ଗତ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଦେଶର କରୋନା ସ୍ଥିତି ଓ ଟିକାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଟିକା ସୁରକ୍ଷା ଓ ବଣ୍ଟନ ଲାଗି ଶୀତଳ ଭଣ୍ଡାର ନିର୍ମାଣ ଓ ଟାସ୍କଫୋର୍ସ ଗଠନ ଉପରେ ଗୁରୁତ୍ୱାରେପ କରିଥିଲେ।

## ଲଭ୍ ଜିହାଦ ବିରୋଧୀ ଅଧ୍ୟାଦେଶକୁ ୟୁପି ରାଜ୍ୟପାଳଙ୍କ ମଞ୍ଜୁରୀ

**ଲକ୍ଷ୍ନୌ, ୨୮।୧୧**

ବଳପୂର୍ବକ ଧର୍ମ ପରିବର୍ତ୍ତନ ବିରୋଧରେ ଅଧ୍ୟାଦେଶକୁ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀ ବେନ୍ ପଟେଲ ଶନିବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିସହିତ ଉତ୍ତରପ୍ରଦେଶ ବେଆଇନ ଧର୍ମାନ୍ତରୀକରଣ ନିରାକରଣ ଅଧ୍ୟାଦେଶ, ୨୦୨୦ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ବିବାହ ନାମରେ ବଳପୂର୍ବକ ଧର୍ମାନ୍ତରୀକରଣ ବା ଲଭ୍ ଜିହାଦକୁ ରୋକିବା ଲାଗି ୟୁପି କ୍ୟାବିନେଟ ଚଳିତ ସପ୍ତାହରେ ଠିଠା ଅଧ୍ୟାଦେଶକୁ ଅନୁମୋଦନ କରିଥିଲା। ଏହାର ଉଲ୍ଲଂଘନ କଲେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଯଦି ବିବାହ ପାଇଁ ଧର୍ମ ପରିବର୍ତ୍ତନ କରାଯାଇଥାଏ ତେବେ ଉକ୍ତ ବିବାହକୁ ଅଗ୍ରାହ୍ୟ କରାଯିବ। ବିବାହ ପରେ ଦମ୍ପତି ଚାହିଁଲେ ଧର୍ମ ପରିବର୍ତ୍ତନ ପାଇଁ ଆବେଦନ କରିପାରିବେ।

## ଜମ୍ମୁ-କଶ୍ମୀର ଡିଡିସି ନିର୍ବାଚନ: ୫୨% ମତଦାନ

**ଶ୍ରୀନଗର, ୨୮।୧୧:** ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳ କରାଯିବା ପରେ ପ୍ରଥମରେ ଥର ଲାଗି ଶନିବାର ଏଠାରେ ଜିଲା ଉନ୍ନୟନ ପରିଷଦ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଠାରେ ଭୋଟ ହାର ୫୨% ରହିଥିବାବେଳେ ଜମ୍ମୁ ଡିଭିଜନର ରିଆସିରେ ସର୍ବାଧିକ ୭୪.୬% ମତଦାନ କରାଯାଇଥିବା ଜଣାପଡ଼ିଛି। ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲେ ହେଁ କୁଲ୍‌ଗାମ୍‌ରେ ଢେଲାପଥର ମାଡ଼ ଘଟଣା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ରହି ପରିସ୍ଥିତିକୁ ଆୟତ କରିଥିବା ନିର୍ବାଚନ କମିଶନର କେ. କେ. ଶର୍ମା ପ୍ରକାଶ କରିଛନ୍ତି।

ଜମ୍ମୁ ଡିଭିଜନରେ ୬୪.୨%, କଶ୍ମୀର ଡିଭିଜନରେ ୪୦.୬%, ରାଜୌରୀରେ ୭୦.୫%, ପୁଞ୍ଚରେ ୬୮.୬୯%, ସାମ୍ବାରେ ୬୮.୬୧%, କଶ୍ମୀର୍‌ର ବଡଗାମ୍‌ରେ ୫୬.୯%, କୁପ୍‌ୱାଡାରେ ୫୦.୭୪%, ଗନ୍ଦେରବାଲ୍‌ରେ ୪୮.୬୦%, ସୋପିଆନ୍‌ରେ ୪୨.୫% ମତଦାନ କରାଯାଇଛି। ଶେଷ ପର୍ଯ୍ୟାୟ ନିର୍ବାଚନ ପର୍ଯ୍ୟନ୍ତ କମିଶନଙ୍କ ପକ୍ଷରୁ ଏକ୍‌ଜିଟ୍ ପୋଲକୁ ନିଷିଦ୍ଧ କରାଯାଇଛି। ମଇଦାନରେ ୩୦ ମହିଳା ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୨୪ ପ୍ରାର୍ଥୀ ଅଛନ୍ତି।


ପୁଞ୍ଚ୍ ଜିଲାର ଏକ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଧାଡ଼ି।

# କୃଷକଙ୍କୁ ନେଇ ଖଟ୍ଟାର-ଅମରିନ୍ଦର ମୁହାଁମୁହିଁ

**ନୂଆଦିଲ୍ଲୀ, ୨୮।୧୧**

କେନ୍ଦ୍ରର ନୂଆ କୃଷି ଆଇନ ବିରୋଧରେ କୃଷକମାନଙ୍କ 'ଦିଲ୍ଲୀ ଚଲୋ' ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଆନ୍ଦୋଳନକୁ ନେଇ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମୁହାଁମୁହିଁ ହୋଇଛନ୍ତି। ଦିଲ୍ଲୀ ଅଭିମୁଖେ ଯାଉଥିବା ପଞ୍ଜାବ କୃଷକମାନଙ୍କୁ ହରିୟାଣା ସରକାର ଅଟକାଇବା ଲାଗି ବଳ ପ୍ରୟୋଗ କରିଥିଲେ। ଆନ୍ଦୋଳନ କରିବା କୃଷକମାନଙ୍କ ଅଧିକାର ହୋଇଥିବାରୁ ପଞ୍ଜାବ ସରକାର ସେମାନଙ୍କୁ ଅଟକାଇଲେ ନାହିଁ। ଏପରିକି ଦିଲ୍ଲୀ ମଧ୍ୟ କୃଷକମାନଙ୍କୁ ରୋକିଲା ନାହିଁ। ହରିୟାଣା କ'ଣ ପାଇଁ ଅଟକାଇଲା ଓ ନିରୀହ କୃଷକଙ୍କ ଉପରେ ଲୁହବୁହା ବାଷ୍ପ ଓ ପାଣି ମାଡ଼ କଲା ବୋଲି ଅମରିନ୍ଦର ପ୍ରଶ୍ନ କରିଛନ୍ତି। ମିଥ୍ୟା ପ୍ରଚାର ଓ ଅଯଥା ହସ୍ତକ୍ଷେପ କରୁଥିବା ଖଟ୍ଟାର କ୍ଷମା ମାଗନ୍ତୁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଖଟ୍ଟାର ତାଙ୍କୁ ଫୋନ୍ କରିଥିଲେ ଓ ସେ ଉଠାଇଲେ ନାହିଁ ବୋଲି ମିଥ୍ୟା ପ୍ରଚାର କରୁଛନ୍ତି। ପଞ୍ଜାବ କୃଷକମାନଙ୍କ ପ୍ରତି ଖଟ୍ଟାର ଯେଉଁ ବ୍ୟବହାର ଦେଖାଇଲେ, ୧୦ ଥର ଫୋନ୍ କଲେ ମଧ୍ୟ ଉଠାଇବେ ନାହିଁ ବୋଲି ଅମରିନ୍ଦର କହିଛନ୍ତି। ହରିୟାଣା ମୁଖ୍ୟମନ୍ତ୍ରୀ ଭୁଲ୍ ସ୍ୱୀକାର ନ କରିବା ପର୍ଯ୍ୟନ୍ତ କ୍ଷମା କରାଯିବ ନାହିଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଦିଲ୍ଲୀ ଚଲୋ ଆନ୍ଦୋଳନ ପାଇଁ ପଞ୍ଜାବ କୃଷକମାନେ ଦାୟୀ। ରାଜ୍ୟ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା ବୋଲି ହରିୟାଣା ମୁଖ୍ୟମନ୍ତ୍ରୀ କହିଛନ୍ତି। ଆନ୍ଦୋଳନ ପଛରେ ରାଜନୈତିକ ଦଳଙ୍କ ସମ୍ପୃକ୍ତି ଥିବା ସେ ଅଭିଯୋଗ କରିଛନ୍ତି।


ଦିଲ୍ଲୀର ସିଙ୍ଘୁ ସୀମାରେ ଆନ୍ଦୋଳନରତ କୃଷକ।

### ତୃତୀୟ ଦିନରେ ଆନ୍ଦୋଳନ

ହଜାର ହଜାର କୃଷକ ଦିଲ୍ଲୀ ସୀମାର ବିଭିନ୍ନ ଅଞ୍ଚଳରେ ଅଟକି ରହିଥିବାବେଳେ ସେମାନଙ୍କ ଆନ୍ଦୋଳନ ତୃତୀୟ ରାତ୍ରିରେ ପହଞ୍ଚିଛି। ବିଭିନ୍ନ ରାଜ୍ୟରୁ କୃଷକମାନେ ସେମାନଙ୍କ ସହ ସାମିଲ ହେଉଛନ୍ତି। ଦିଲ୍ଲୀର ବୁରାରୀ ମଇଦାନରେ ସମବେତ ହୋଇଥିବା କୃଷକମାନେ ନୂଆ କୃଷି ଆଇନ ବିରୋଧରେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଦୁଇଦିନର ଉତ୍ତେଜନା ପରେ ଶନିବାର ଆନ୍ଦୋଳନ ସ୍ଥଳ ଶାନ୍ତିପୂର୍ଣ୍ଣ ଥିଲା। ବିକ୍ଷୋଭକାରୀ ଚାଷୀମାନେ କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ସ୍ଲୋଗାନ ଦେବା ସହ ଗୀତ ଗାଇଥିଲେ। ପଞ୍ଜାବର ୩୦ଟି କୃଷକ ସଂଗଠନ ସହ ବିଭିନ୍ନ ରାଜ୍ୟରୁ ଅନେକ ସଂଗଠନ ସାମିଲ ହୋଇଥିବାରୁ ସେମାନେ ଭିନ୍ନ ଭିନ୍ନ ଦାବି କରୁଛନ୍ତି। ଅଧିକାଂଶ କୃଷକ ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ ଓ ରାଜସ୍ଥାନରୁ ଆସିଛନ୍ତି। ସିଙ୍ଘୁ ଓ ଟିକ୍ରି ସୀମାରେ ହଜାର ହଜାର ଶ୍ରମିକ ତିନିଦିନ ହେଲା ଅଟକି ରହିଛନ୍ତି। ସେମାନଙ୍କୁ ବୁରାରିର ସନ୍ଥ ନିରଙ୍କରି ମଇଦାନକୁ ଯିବା ଲାଗି କୁହାଯାଇଥିଲେ ହେଁ ସେମାନେ ଯାଉନାହାନ୍ତି।

### ଆଲୋଚନା ପାଇଁ ଅମିତ୍ ଶାହାଙ୍କ ଆହ୍ୱାନ

ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବା କୃଷକମାନଙ୍କୁ ଆଲୋଚନା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆହ୍ୱାନ ଦେଇଛନ୍ତି। ସେମାନଙ୍କ ସମସ୍ତ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା ଲାଗି କେନ୍ଦ୍ର ପ୍ରସ୍ତୁତ ବୋଲି ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି। ଡିସେମ୍ବର ୩ରେ ଆନ୍ଦୋଳନରତ କୃଷକଙ୍କ ସହ ସରକାର ଆଲୋଚନା କରିବେ। ଏହା ପୂର୍ବରୁ ସେମାନେ ଆଲୋଚନା ଚାହିଁଲେ, ସେମାନଙ୍କୁ ସରକାର ଚୂଡ଼ାନ୍ତ କରିଥିବା ସ୍ଥାନକୁ ଯିବାକୁ ପଡ଼ିବ। ତେବେ



ଅଧିକାଂଶ କୃଷକ ସଂଗଠନ ଆନ୍ଦୋଳନ ସ୍ଥଳ ଛାଡ଼ି ଯିବାକୁ ମନା କରିଦେଇଛନ୍ତି। ସେମାନେ ରାଜଧାନୀ ବାହାରେ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି।

### ପାଣିମାଡ଼ ଘଟଣାକୁ ବିରୋଧୀଙ୍କ ନିନ୍ଦା

ଭାରତର ଖାଦ୍ୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା ଥିବା କେନ୍ଦ୍ରର କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକମାନଙ୍କ ଉପରେ ପାଣିମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗକୁ ୮ଟି ବିରୋଧୀ ଦଳ ପକ୍ଷରୁ ନିନ୍ଦା କରାଯାଇଛି। ଆନ୍ଦୋଳନକୁ ଦମନ କରିବା ଲାଗି ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରାଯାଇଥିବା ସେମାନେ କହିଛନ୍ତି। ତିନୋଟି କୃଷି ଆଇନକୁ ବିରୋଧ କରି ଆନ୍ଦୋଳନ ଚଳାଇଥିବା କୃଷକମାନଙ୍କୁ ବିରୋଧୀ ଦଳଗୁଡ଼ିକ ଏକ ମିଳିତ ବିବୃତିରେ ସମର୍ଥନ ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଡିଏମ୍‌କେ ନେତା ଟି.ଆର୍. ବାଲୁ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ଆର୍‌ଜେଡି ଏମ୍‌ପି ମନୋଜ ଝା, ସିପିଆଇ(ଏମ୍‌ଏଲ୍) ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ଏବଂ ଆର୍‌ଏସ୍‌ପି ସାଧାରଣ ସମ୍ପାଦକ ମନୋଜ ଭଟ୍ଟାଚାର୍ଯ୍ୟ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୨୨,୭୭,୩୯୮ | ୧୪,୫୪,୩୨୪ | ୪,୨୯,୯୪,୫୪୧ |
| ଭାରତ | ୯୩,୬୪,୨୪୧ | ୧,୩୬,୪୦୧ | ୮୭,୭୩,୧୦୩ |
| ଓଡ଼ିଶା | ୩,୧୭,୬୮୯ | ୧୭୩୦(+୫୩) | ୩,୧୦,୫୪୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ନ୍ୟାୟ ନ ପାଇ ମା'ପୁଅଙ୍କ ଆତ୍ମାହୁତି ଉଦ୍ୟମ

## ବିଧାନସଭା ନିକଟରେ ତୃତୀୟ ଘଟଣା

- ପୁଅ ହତ୍ୟାକୁ ପୋଲିସ ଚାପି ଦେଇଥିବା ଅଭିଯୋଗ
- ସ୍ପଷ୍ଟୀକରଣ ଦେଲେ ଜଗତ୍‌ସିଂହପୁର ଏସ୍‌ପି




ମା'ପୁଅଙ୍କ ଆତ୍ମାହୁତି ଉଦ୍ୟମ ବେଳେ ପୋଲିସ ଉଠାଇ ନେଉଛି।

ଭୁବନେଶ୍ୱର,(ବ୍ୟୁରୋ)/ଜଗତ୍‌ସିଂହପୁର ଅଫିସ, ୨୮।୧୧

ଶୀତ ଅଧିବେଶନ ଆରମ୍ଭ ହେବା ଦିନରୁ ବିଧାନସଭା ନିକଟରେ ଲଗାତାର ଆତ୍ମାହୁତି ଉଦ୍ୟମ ହେଉଛି। ଶନିବାର ପୁଣି ୨ଜଣ ଆତ୍ମାହୁତି ଉଦ୍ୟମ କରିଛନ୍ତି। ବିଧାନସଭା ପଛପାର୍ଶ୍ୱ ରାସ୍ତାରେ ଜଗତ୍‌ସିଂହପୁର କୁଜଙ୍ଗ ଅଞ୍ଚଳର ମା, ପୁଅ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିବାବେଳେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଉଦ୍ଧାର କରିଛନ୍ତି। ସେମାନେ ହେଲେ ସୁଲୋଚନା ଦାସ ଓ ତାଙ୍କ ପୁଅ ସୁବ୍ରତ। ଇଞ୍ଜିନିୟର ପୁଅ ହତ୍ୟାର ନ୍ୟାୟ ନ ପାଇ ଶେଷରେ ଏପରି ପଦକ୍ଷେପ ନେଇଥିବା ସେମାନ କହିଛନ୍ତି।

ଗତ ୫ଦିନ ଭିତରେ ଏହା ହେଉଛି ତୃତୀୟ ଘଟଣା। ମଙ୍ଗଳବାର ପରୀ ହତ୍ୟା ଘଟଣାରେ ନୟାଗଡ଼ର ଦମ୍ପତି ଓ ସମବାୟ ବ୍ୟାଙ୍କ ଋଣ ଜାଲିଆତିକୁ ନେଇ ଶୁକ୍ରବାର ଠକେଇର ଶିକାର ହୋଇଥିବା ଆଠଗଡ଼ର ତିନିଜଣ ଚାଷୀ ବିଧାନସଭା ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଶନିବାର ଭେଣ୍ଡିଆ ପୁଅକୁ ହରାଇଥିବା ହତଭାଗିନୀ ମା' ମଧ୍ୟ ନ୍ୟାୟ ପାଇବାରୁ ସବୁଠି ନିରାଶ ହେବା ପରେ ଶେଷରେ ବିଧାନସଭା ନିକଟକୁ ଆସି ଜୀବନ ହାରିବାକୁ ଉଦ୍ୟମ କରିଛନ୍ତି। ପୁଅ ହତ୍ୟା ଘଟଣାକୁ ପାଖାପାଖି ଦେଢ଼ବର୍ଷ ହୋଇଥିଲେ ମଧ୍ୟ ମା' ସୁଲୋଚନାଙ୍କ ଆଖିରୁ ଲୁହ ଶୁଖୁ ନାହିଁ। ସେ କହିଛନ୍ତି, ପୋଲିସ ବିଭାଗରେ ଛୋଟ ବଡ଼ ଏମିତି କେହି ବାକି ନାହାନ୍ତି, ଯାହା ପାଦ ତଳେ ସେ ପଡ଼ି ନାହାନ୍ତି। ଏମିତିକି ନ୍ୟାୟ ପାଇବା ଲାଗି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଥିବାବେଳେ ତଡ଼ି ଦିଆଯାଇଥିଲା। କେହି ତାଙ୍କ ଗୁହାରି ଶୁଣି ନ ଥିଲେ। ତେଣୁ ଗୋଟେ ପୁଅ ହରାଇ ସାରିବା ପରେ ମଧ୍ୟ ଜଣେ ମା' ଆଜି ନ୍ୟାୟ ଆଶାରେ ଆଉ ଜଣେ ପୁଅ ସହିତ ଆତ୍ମାହୁତି ଦେବାକୁ ବାଧ୍ୟ ହୋଇଛି। ମୋର ସର୍ବସ୍ୱ ସରିଯାଇଛି, ମୋ ପୁଅକୁ ମାରି ଦେଲେ। ତଥାପି ପୋଲିସ ହତ୍ୟାକାରୀଙ୍କୁ ଘଣ୍ଟ ଘୋଡାଉଛି ବୋଲି ସୁଲୋଚନା କାନ୍ଦି କାନ୍ଦି କହିବା ସହ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ମା'ଙ୍କ ସହ ଆତ୍ମାହୁତି ଉଦ୍ୟମ କରିଥିବା ସୁବ୍ରତ କହିଛନ୍ତି, ମୋ ଭାଇଙ୍କୁ ୧୦ରୁ ୧୨ଜଣ ମିଶି ହତ୍ୟା କରିଛନ୍ତି। ହତ୍ୟାକାରୀଙ୍କ ମଧ୍ୟରେ ଜଣେ ସେନା ଅଧିକାରୀ ଓ ତାଙ୍କ ପୁଅର ସମ୍ପୃକ୍ତି ରହିଥିବାରୁ ଜଗତ୍‌ସିଂହପୁର ଏସ୍‌ପି ଜାଣି ଶୁଣି ମାମଲାଟିକୁ ଚାପି ଦେଇଛନ୍ତି। ଏମିତି କି ପୋଲିସ ଘଟଣାର ତଦନ୍ତ ମଧ୍ୟ କରୁନାହିଁ ବୋଲି ସେ ଗୁରୁତର ଅଭିଯୋଗ ଆଣିଛନ୍ତି।

ସେମାନଙ୍କ ସୂଚନା ଅନୁଯାୟୀ, ୨୦୧୯ ଜୁଲାଇ ୨୦ରେ କେତେଜଣ ଯୁବକ ସୁଲୋଚନାଙ୍କ ପୁଅ ଅମୃତ(୨୪)ଙ୍କୁ ସାଙ୍ଗରେ ଡାକି ନେଇଥିଲେ। କଟକ-ପାରାଦୀପ ରାସ୍ତାର ତିର୍ତ୍ତୋଲ ବାଲିପାଟଣା ନିକଟରେ ଏକ ଟ୍ରକ୍ ସହିତ ଅମୃତଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ଖବରପାଇ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ତାଙ୍କର ମୃତଦେହ ଦେଖିବାକୁ ପାଇଥିଲେ। ବାପା ରମାକାନ୍ତଙ୍କ ଅଭିଯୋଗକ୍ରମେ ତିର୍ତ୍ତୋଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମାତ୍ର ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏହାକୁ ଦୁର୍ଘଟଣା ବୋଲି ଦର୍ଶାଇବାରୁ ପରିବାର ଲୋକେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା।

ତେବେ ଏହି ଘଟଣାକୁ ନେଇ ଜଗତ୍‌ସିଂହପୁର ପୋଲିସ ସ୍ପଷ୍ଟୀକରଣ ରଖିଛି। ଏସ୍‌ପି ପ୍ରକାଶ ଆର୍ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛନ୍ତି, ଘଟଣା ରାତିରେ ଅମୃତ ଓ ତାଙ୍କ ସାଙ୍ଗ ଅରୁଣ ପଟ୍ଟନାୟକ ବାଇକ୍ (ନଂ.ଓଡି୨୧ଜି୭୮୯୮)ରେ ଘରକୁ ଫେରୁଥିବାବେଳେ ଟ୍ରକ୍ ଧକ୍କା ଦେଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅମୃତଙ୍କୁ ମୃତ ଘୋଷଣା କରାଯିବା ସହ ଅରୁଣଙ୍କୁ କଟକ ଏସ୍‌ସିବି ପଠାଇ ଦିଆଯାଇଥିଲା। ସେ ସେଠାରେ ୧୫ଦିନ ଚିକିତ୍ସିତ ହୋଇଥିଲେ। ତେବେ ପ୍ରାଥମିକ ତଦନ୍ତରୁ ଅମୃତଙ୍କ ମୃତ୍ୟୁ ଦୁର୍ଘଟଣାରେ ହୋଇଥିବା ଜଣାପଡ଼ିଥିଲା। ପଞ୍ଚନାମା ସମୟରେ ବାପା ରମାକାନ୍ତ ଦାସ ଓ ଅନ୍ୟତମ ପୁଅ ସୁବ୍ରତ ଉପସ୍ଥିତ ଥିଲେ। ରମାକାନ୍ତଙ୍କ ଲିଖିତ ସ୍ୱୀକାରୋକ୍ତି ଆଧାରରେ କୋର୍ଟରେ ରିପୋର୍ଟ ଦାଖଲ ହୋଇଥିଲା। ଏହାପରେ ରମାକାନ୍ତ ମଧ୍ୟ ଦୁର୍ଘଟଣାଜନିତ ସହାୟତା ପାଇବା ପାଇଁ ତିର୍ତ୍ତୋଲ ତହସିଲ୍‌ଦାରଙ୍କୁ ଅନୁରୋଧ କରିବାରୁ ରେଡ୍‌କ୍ରସ୍‌ରୁ ୧୦ହଜାର ଟଙ୍କାର ସହାୟତା ରାଶି ଦିଆଯାଇଥିଲା। ତେବେ ଘଟଣାର ୭ ମାସ ପରେ ତାଙ୍କ ମା' କୁଜଙ୍ଗ ଜେଏମ୍‌ଏଫ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ହତ୍ୟା ମାମଲା (୫୦/୨୦) ରୁଜୁ କରିଥିଲା। ପୁନଃତଦନ୍ତରୁ ଅମୃତେଶଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ତିର୍ତ୍ତୋଲ ଏସ୍‌ଡିପିଓ, ଜଗତ୍‌ସିଂହପୁର ଓ ପାରାଦୀପ ଏଏସ୍‌ପି ସେମାନଙ୍କ ରିପୋର୍ଟରେ ଦର୍ଶାଇଥିଲେ। ହତ୍ୟାର କିଛି ବି ପ୍ରମାଣ ନ ମିଳିବାରୁ କୁଜଙ୍ଗ କୋର୍ଟରେ ମିଷ୍ଟେକ୍ ଅଫ୍ ଫ୍ୟାକ୍ଟ ଦର୍ଶାଇ ଫାଇନାଲ ରିପୋର୍ଟ ଦାଖଲ କରାଯାଇଥିବା ଏସ୍‌ପି ଉଲ୍ଲେଖ କରିଛନ୍ତି।

# ରାଉରକେଲାର ୬ ୟୁପିଏଚ୍‌ସିକୁ ଆଇଏସ୍‌ଓ ପ୍ରମାଣପତ୍ର

## ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଚଳିତ ବର୍ଷ ସୁନ୍ଦରଗଡ଼ ଜିଲାର ରାଉରକେଲା ମହାନଗର ନିଗମର ୬ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି)କୁ ଆଇଏସ୍‌ଓ ପ୍ରମାଣପତ୍ର ମିଳିଛି। ସେହି ୟୁପିଏଚ୍‌ସିଗୁଡ଼ିକ ହେଲା କୋଏଲ ନଗର, ସେକ୍ଟର-୬, ତିଲକ ନଗର, ଛେଣ୍ଡ କଲୋନୀ, ବାଲୁଘାଟର ୟୁଏଫ୍‌ଡବ୍ଲ୍ୟୁସି ଓ ବାସନ୍ତୀ କଲୋନୀ ନିକଟ ଡିଏଭିଏମ୍‌ଏସି। ଭଲ ପରିଚାଳନା ସହିତ ସାଧାରଣ କ୍ଲିନିକାଲ୍ ସେବା, ସ୍ୱତନ୍ତ୍ର ସେବା, ନିରାମୟ, ପରିବାର ଯୋଜନା, ପ୍ରତିରୋଧକ ବ୍ୟବସ୍ଥା, ପ୍ରସାରଣ ସେବା, ଯୋଗ ଆଦି ପ୍ରଦାନ କ୍ଷେତ୍ରରେ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ମିଳିଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ମହାନଗର ନିଗମକୁ ପ୍ରଶଂସା କରିଛନ୍ତି। କୋଭିଡ୍-୧୯ ଆହ୍ୱାନ ସତ୍ତ୍ୱେ ଏହି ପରିବର୍ତ୍ତନକାରୀ ଉଦ୍ୟମ ତୃଣମୂଳସ୍ତରରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯-୨୦ରେ ଓଡ଼ିଶାର ୪ଟି ୟୁପିଏଚ୍‌ସିକୁ ଏନ୍‌କ୍ୟୁଏସ୍ ପ୍ରମାଣପତ୍ର, ୧୩ ୟୁପିଏଚ୍‌ସିକୁ ଆଇଏସ୍‌ଓ ପ୍ରମାଣପତ୍ର, ୬୬ଟି ୟୁପିଏଚ୍‌ସି ଓ ସିଏଚ୍‌ସିକୁ କାୟାକଳ୍ପ ପୁରସ୍କାର ମିଳିଛି। ଏହା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା 'କାୟାକଳ୍ପ'ର ସର୍ବାଧିକ ସଫଳତା।






# ଏସ୍‌ଆଇଟିର ଖୋଳତାଡ଼ ଆରମ୍ଭ

## ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ସମ୍ପତ୍ତିର ଗୁମର ଖୋଲିବ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ। ଏଥିସହ ଟାଟା ମୋଟର୍ସରେ ଚାକିରି ଦେବା ଆଳରେ ଜାଲ୍ କାଗଜପତ୍ର ବଳରେ ଠକେଇ ମାମଲାରେ ଅଭୟଙ୍କ ପୁଅ ଆକାଶ ମଧ୍ୟ ଗିରଫ ହୋଇ ୧୪ଦିନିଆ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ତେବେ ଯାଞ୍ଚବେଳେ ବହୁ କୋଟିର ବେଆଇନ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ଏଥିସହ ଅଭୟକାନ୍ତ ତାଙ୍କ ଡ୍ରାଇଭର, ସମ୍ପର୍କୀୟ ଓ ଅନ୍ୟମାନଙ୍କ ନାମରେ ମଧ୍ୟ ବେଆଇନ ସମ୍ପତ୍ତି ଠୁଳ କରିଥିବା ଜଣାପଡିଛି। ତେଣୁ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ୨୦ ଜଣିଆ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି। ଶନିବାର ଟିମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ପରବର୍ତ୍ତୀ ପଦକ୍ଷେପ ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେବା ସହ ଖୋଳତାଡ଼ ଆରମ୍ଭ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳର ସବୁ ଦିଗକୁ ନେଇ କିପରି ତଦନ୍ତ କରାଯିବ ସେନେଇ ଆଲୋଚନା ହୋଇଛି।

ଏଣିକି ଆଇଏଫ୍‌ଏସ୍ ଅଫିସର ଓ ତାଙ୍କ ପରିବାର ଖର୍ଚ୍ଚ କରୁଥିବା କୋଟି କୋଟି ଟଙ୍କା କେଉଁଠୁ ଆସୁଥିଲା ତାହାର ଗୁମର ଖୋଲିବ। ସମସ୍ତ ବେଆଇନ ସମ୍ପତ୍ତି ଓ କାରବାରକୁ ଧରିବା ପାଇଁ ଏସ୍‌ଆଇଟି ଟିମ୍ ଅଭୟକାନ୍ତଙ୍କ ସମ୍ପର୍କୀୟ, ସହଯୋଗୀ, ବନ ଅଧିକାରୀ ଓ ବ୍ୟାଙ୍କ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବ। ସେମାନଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିବ। ଏହାସହ ଯେଉଁ ସଂସ୍ଥାଗୁଡିକରୁ ଦାମୀ ଗାଡ଼ି କ୍ରୟ କରାଯାଇଛି, ତାହାର ମଧ୍ୟ ଯାଞ୍ଚ ହେବ। ଏତଦ୍ ବ୍ୟତୀତ ପାଠକ କରିଥିବା ବିଭିନ୍ନ ଜମାରାଶିର ମଧ୍ୟ ଅନୁସନ୍ଧାନ ହେବ। ଗିରଫ ପୂର୍ବରୁ ଜବତ ହୋଇଥିବା ରେକର୍ଡ ଓ ଦଲିଲକୁ ଏସ୍‌ଆଇଟି ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବ। ତେବେ ତଦନ୍ତରେ ସହାୟତା ପାଇଁ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ସାମିଲ କରାଯାଇଛି ବୋଲି ସୂଚନା ମିଳିଛି।

# ଦାଦନ ଖଟି ଯାଇ ୨ ଶ୍ରମିକ ୪ବର୍ଷ ହେଲା ନିଖୋଜ

ବୋରିଗୁମ୍ମା,୨୮।୧୧ (ଡ଼ି.ଏନ.ଏ.)

କୋରାପୁଟ ଜିଲାର ଲୋକେ କାମଧନ୍ଦା ପାଇଁ ବାହାର ରାଜ୍ୟକୁ ଯାଇ ଘରକୁ ଫେରୁ ନାହାନ୍ତି। ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଗୁମୁଡା ଗ୍ରାମର ୨ ଶ୍ରମିକ ୪ବର୍ଷ ହେବ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ଏଯାଏ ଘରକୁ ଫେରିନାହାନ୍ତି। ସେମାନେ କେଉଁଠି କାମ କରୁଛନ୍ତି, କିଭଳି ଅଛନ୍ତି ପରିବାର ଲୋକଙ୍କ ପାଖରେ କିଛି ଖବର ନାହିଁ। ଉଭୟଙ୍କ ଫେରିବା ବାଟକୁ କେବଳ ପରିବାର ଲୋକେ ଚାହିଁ ବସିଛନ୍ତି। ଗୁମୁଡା ଗ୍ରାମର ଶୁକରୁ ମୁଦୁଲି (୬୦) ସୁରେନ୍ଦ୍ର ଧୋବା ଓ ହରିଗୁଡା ଗ୍ରାମର ସୁନା ମୁଦୁଲି ଏବଂ ଅନ୍ୟ ଜଣେ ଶ୍ରମିକ କାମ କରିବାକୁ ହାଇଦ୍ରାବାଦ ଯାଇଥିଲେ। ସେମାନେ ଯିବାର ୩ ମାସ ପରେ ତିନି ଜଣ ଗ୍ରାମକୁ ଫେରି ଆସିଲେ। ମାତ୍ର ଶୁକରୁ ମୁଦୁଲି ଫେରି ନ ଥିଲେ। ଫେରିଥିବା ତିନି ଶ୍ରମିକ ଶୁକରୁ ବସରୁ କେଉଁଆଡେ ଓହ୍ଲାଇ ଚାଲିଗଲେ ବୋଲି ଗ୍ରାମକୁ ଫେରି ସେମାନଙ୍କ ପରିବାର ଲୋକଙ୍କ ନିକଟରେ କହିଥିଲେ। ସେହି ଦିନଠାରୁ ଶୁକରୁ ଗ୍ରାମକୁ ଫେରିନାହାନ୍ତି। ଶୁକରୁଙ୍କ ଦୁଇ ପୁଅ, ସ୍ତ୍ରୀ ସନେଇ ମୁଦୁଲି, ବୁଢୀ ମାଆ ସମସ୍ତେ ତାଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ପୁଅ ନିଳାମ୍ବର ମୁଦୁଲି ବାପା ଦୀର୍ଘଦିନ ହେଲା ନ ଫେରିବାରୁ ବି. ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିଭଳି ଅନ୍ୟ ଜଣେ ଦାଦନ ଶ୍ରମିକ ହେଲେ ଡମ୍ବୁ ଜାନି। ଡମ୍ବୁ ୪ ବର୍ଷ ହେବ ଦାଦନ ଖଟିବାକୁ ଯାଇ ଏପର୍ଯ୍ୟନ୍ତ ଘରକୁ ଫେରି ନ ଥିବା ତାଙ୍କ ସ୍ତ୍ରୀ ମୋତି ଜାନି କହିଛନ୍ତି। ନିଜ ଦୁଇ ପୁଅଙ୍କୁ ଧରି ଦୁଃଖକଷ୍ଟରେ ମୋତି ଚଳୁଛନ୍ତି। ଉଭୟଙ୍କୁ ଫେରାଇ ଆଣିବାକୁ ଶ୍ରମ ବିଭାଗ ପଦକ୍ଷେପ ନେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ,୨୮।୧୧(ଡି.ଏନ୍.ଏ.)

ନରାଜ-ମାର୍ଥାପୁର ଷ୍ଟେଶନର ଲେବଲ କ୍ରସିଂଠାରେ ଶନିବାର ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ବାରଙ୍ଗ ଜିଆର୍‌ପି ପୋଲିସ ଜବତ କରିଛି। ମୃତକ ହେଲେ ବାଙ୍କୀ ଥାନା ଅଧୀନ କୁସପଙ୍ଗୀ ଗ୍ରାମର ସୁଶାନ୍ତ ସ୍ୱାଇଁ। ଏ ନେଇ ପୋଲିସ ଏକ ମାମଲା(ନଂ.୩୪/୨୦) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଶନିବାର ସକାଳ ୮.୧୫ମିନଟରେ ବାରଙ୍ଗପଟରୁ ଆସୁଥିବା ଏକ ମାଲବାହି ଟ୍ରେନ ନରାଜ-ମାର୍ଥାପୁର ରେଳ ଷ୍ଟେଶନ ଲେବଲ କ୍ରସିଂ ନିକଟରେ ଏକ ମୃତଦେହ ପଡ଼ିଥିବା ଦେଖି ଟ୍ରେନ ଚାଳକ ସ୍ଥାନୀୟ ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ। ଖବରପାଇ ବାରଙ୍ଗ ଜିଆରପି ଫାଣ୍ଡି ଅଧିକାରୀ ଗୌରଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛନ୍ତି।







**ଏସ୍‌ଓଜି କମାଣ୍ଡାଣ୍ଟଙ୍କ ମାଲକାନଗିରି ଗସ୍ତ**

ମାଓବାଦୀ ମୁକାବିଲାର ସମୀକ୍ଷା ପାଇଁ ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ ଓ ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ଆର୍‌.କେ. ଶର୍ମା ଶନିବାର ମାଲକାନଗିରି ଜିଲା ଗସ୍ତ କରିଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାରେ ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ ଯବାନଙ୍କ ସାହସିକତାକୁ ପ୍ରଶଂସା କରିଥିଲେ।

**ଆଜିର ମନ୍ତବ୍ୟ**

“କେନ୍ଦ୍ର ସରକାର କେତେ ଟିକା କିଣିବେ ଲିଖିତ ଭାବେ ଜଣାଇନାହାନ୍ତି। ୨୦୨୧ ସୁଦ୍ଧା ୩୦ରୁ ୪୦ କୋଟି କୋଭିଶିଲ୍ଡ ଟିକା ଡୋଜ୍ କିଣାଯାଇପାରେ। –ଆଦର ପୁନାୱାଲା, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସିଇଓ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଆଦିତ୍ୟ
ପରିବାରବର୍ଗ


ଅଙ୍କିତା
ପରିବାରବର୍ଗ


ଜି. ସୌଜନ୍ୟା
ପରିବାରବର୍ଗ


କ୍ରିଷ୍ଣା କୁମାରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାହସିକତା ଦେଖାଇଲେ ସିପାହି

- ବସ୍‌ଯାତ୍ରୀଙ୍କୁ ଆତଙ୍କିତ କରୁଥିଲେ ବନ୍ଧୁକଧାରୀ
- ଅଭିଯୁକ୍ତଠାରୁ ଛଡ଼ାଇ ଆଣିଲେ ପିସ୍ତଲ
- ହିମାଂଶୁଙ୍କ କାର୍ଯ୍ୟକୁ ଡିଜିପିଙ୍କ ପ୍ରଶଂସା


ଡିଜିପିଙ୍କ ସହ ସିପାହୀ ହିମାଂଶୁ ଶେଖର ପାତ୍ର।

**ଢେଙ୍କାନାଳ ଅଫିସ, ୨୮।୧୧**

ଯବାନଙ୍କୁ କେବେ ବିଶ୍ରାମ ନ ଥାଏ। ସୀମାନ୍ତରେ ହେଉ ଅବା ଆଭ୍ୟନ୍ତରୀଣ ଶାନ୍ତିରକ୍ଷା, ଦେଶମାତୃକାର ସେବାରେ ସେମାନେ ଥାଆନ୍ତି ସର୍ବଦା ତତ୍ପର। ସେମାନଙ୍କ ଦାୟିତ୍ୱ କେବଳ କର୍ମକ୍ଷେତ୍ରରେ ସୀମିତ ନ ଥାଏ, ବର୍ଦ୍ଦିରେ ନ ଥିବା ସମୟରେ ବିଧନଜୀବନର ସୁରକ୍ଷା ଲାଗି ଆଗେଇ ଆସିଥାନ୍ତି ସେମାନେ। ଢେଙ୍କାନାଳ ଜିଲା ଭୁବନ ଥାନା ନୀଳକଣ୍ଠପୁର ବାଜି ରାଉତ ସେତୁ ଉପରେ ଗତ ଶୁକ୍ରବାର ଘଟିଥିବା ଏକ ଘଟଣା ଏହାକୁ ପ୍ରମାଣିତ କରିଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟା ୨୦। କଟକରୁ ଯାତ୍ରୀଙ୍କୁ ନେଇ ଭୁବନ ବ୍ଲକ ଜୟପୁର ଅଞ୍ଚଳକୁ ଯାଉଥିଲା ଘରୋଇ ବସ୍ ‘ମଲ୍ଲିକ’। ଏହି ସମୟରେ ବସ୍ ଆଗରେ ଏକ ବାଇକ୍‌ରେ ଯାଉଥିବା ୨ଜଣ ଯୁବକ ଏବଂ ଜଣେ ଯୁବତୀ ହଠାତ୍ ଗାଡ଼ି ଅଟକାଇବା ସହ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ଡ୍ରାଇଭର, କର୍ମଚାରୀ ଏବଂ ଯାତ୍ରୀଙ୍କୁ ଭୟଭୀତ କରାଇଥିଲେ। ବସ୍‌ରେ ଘରକୁ ଛୁଟିରେ ଯାଉଥିବା କେନ୍ଦୁଝର ସେକେଣ୍ଡ ଏସ୍‌ଏସ୍ ବାଟାଲିୟନର ଯବାନ ହିମାଂଶୁ ଶେଖର ପାତ୍ରଙ୍କ ପକ୍ଷେ ଏହା ଅସହ୍ୟ ହେଲା। ସେ ସାହସିକତା ପ୍ରଦର୍ଶନ କରି ବନ୍ଧୁକଧାରୀଙ୍କଠାରୁ ପିସ୍ତଲ ଛଡ଼ାଇ ନେଇଥିଲେ। ଏହାପରେ ୩ ଅଭିଯୁକ୍ତଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ହିମାଂଶୁଙ୍କ ସମ୍ମୁଖୀନ ହୋଇ ନ ପାରି ସେମାନେ ପିସ୍ତଲ ଛାଡ଼ି ଫେରାର ହୋଇଯାଇଥିଲେ। ଯାଞ୍ଚ ବେଳେ ଉକ୍ତ ପିସ୍ତଲଟି ଖେଳନା ବୋଲି ଜଣାପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ହିମାଂଶୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଏଭଳି ସାହସିକ କାର୍ଯ୍ୟ ପାଇଁ ଡିଜିପି ଅଭୟଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ ଡ୍ରାଇଭର ଦୁର୍ଯ୍ୟୋଧନ ସ୍ୱାଇଁ (୪୯)ଙ୍କ ଅଭିଯୋଗକ୍ରମେ ଭୁବନ ଥାନାରେ ନଂ. ୩୪୭/୨୦ରେ ଏକ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଦାୟିତ୍ୱରେ ଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନା କୁହନ୍ତି, ଜବତ କରାଯାଇଥିବା ପିସ୍ତଲଟି ନକଲି। ଏହା ଅସଲି ଭଳି ଦେଖାଯାଉଥିଲା, ଯାହାକୁ ଦେଖି ବସ୍ କର୍ମଚାରୀ ଏବଂ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ସିପାହି ହିମାଂଶୁଙ୍କ ସାହସିକତା ପ୍ରଶଂସନୀୟ। କାମାକ୍ଷାନଗର ଏସ୍‌ଡିପିଓଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢ଼ାଉ ଜାରି ରହିଛି।

## ପେଟ୍ରୋଲ ୧.୧୪, ଡିଜେଲ ...

ବଢି ୭୮.୫୫ ଟଙ୍କାକୁ ଛୁଇଛି। ସେହିପରି ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ପ୍ରମୁଖ ମେଟ୍ରୋ ସହର ଗୁଡିକରେ ପେଟ୍ରୋଲ ଲିଟର ପିଛା ୨୧ ରୁ ୨୪ ପଇସା ବୃଦ୍ଧି ପାଇଥିବା ବେଳେ ଡିଜେଲ ଲିଟର ପିଛା ୨୬ ରୁ ୨୮ ପଇସା ବଢିଥିବା ସୂଚନା ମିଳିଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୨.୧୩ ଟଙ୍କା ଥିବା ବେଳେ ଡିଜେଲ ଦର ୭୨.୧୩ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ୮୫.୧୨ ଟଙ୍କା ଓ ଡିଜେଲ ୭୭.୫୬ ଟଙ୍କା, କୋଲକାତାରେ ପେଟ୍ରୋଲ ୮୩.୬୭ ଟଙ୍କା ଏବଂ ଡିଜେଲ ୭୫.୭୦ ଟଙ୍କା, ମୁମ୍ବାଇରେ ପେଟ୍ରୋଲ ୮୮.୮୧ ଟଙ୍କା ବେଳେ ଡିଜେଲ ୭୮.୬୬ ରହିଛି। କୋଭିଡ୍-୧୯ କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମ୍ ରହିବା ଯୋଗୁ ତୈଳ କମ୍ପାନୀଗୁଡ଼ିକ ମଧ୍ୟ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରି ନ ଥିଲେ । ଦୀର୍ଘ ୨ ମାସ ପରେ ପୁନର୍ବାର ତୈଳଦର ସହ ବିଭିନ୍ନ ପ୍ରକାର ଟ୍ୟାକ୍ସ ବଢ଼ିଥିବାରୁ ତେଲ ଦର ବୃଦ୍ଧି ପାଉଛି ବୋଲି ତୈଳ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ମଧ୍ୟପ୍ରାଚ୍ୟରେ ...

ମୃତ୍ୟୁବେଳେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଥିଲା। ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଶପଥ ଗ୍ରହଣ କରିବା ପୂର୍ବରୁ ଏଭଳି ଘଟଣା ତାଙ୍କର ଇରାନ ସହ ସମ୍ପର୍କ ଯୋଡ଼ିବା ଉଦ୍ୟମକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ବୈଜ୍ଞାନିକଙ୍କୁ ହତ୍ୟା ଇରାନ ପାଇଁ ବଡ଼ ଧରଣର ମନସ୍ତାତ୍ତ୍ୱିକ ଓ ପେସାଦାରି ଝଟ୍‌କା ବୋଲି ଇସ୍ରାଏଲ ସାମ୍ବାଦିକ ତଥା ସେଠାର ଗୋଇନ୍ଦା ସେବାର ବିଶେଷଜ୍ଞ ୟୋସି ମେଲ୍‌ମାନ ଟୁଇଟ୍ କରିଥିବାବେଳେ ଏହାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରିଟୁଇଟ୍ କରିଛନ୍ତି। ଇରାନ ରାଜଧାନୀ ତେହେରାନ୍‌ର ପୂର୍ବରେ ଥିବା ଅବସାର୍ଡ ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ଫଖରିଜାଦେ ଏକ କାର୍‌ରେ ଯାଉଥିବାବେଳେ ଏକ ଟ୍ରକ୍‌କୁ ତାଙ୍କ ନିକଟରେ ବିସ୍ଫୋରଣ କରାଯାଇଥିଲା। କାଠ ବୋଝେଇ ଉକ୍ତ ଟ୍ରକ୍‌ରେ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖାଯାଇଥିଲା। ଫଖରିଜାଦେଙ୍କ କାର୍ ଅଟକିବା କ୍ଷଣି ୫ ଜଣ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇଥିଲେ। ଗୁରୁତର ଥିବା ବୈଜ୍ଞାନିକଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଅଙ୍ଗରକ୍ଷୀମାନେ ଆହତ ହୋଇଛନ୍ତି। ଆକ୍ରମଣ ପାଇଁ କେହି ନିଜକୁ ଦାୟୀ କରି ନ ଥିବାବେଳେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ମହମ୍ମଦ ଜାଭାଦ ଜରିଫ୍ ଇସ୍ରାଏଲ ଆଡକୁ ଆଙ୍ଗୁଠି ଦେଖାଇ ଏହା ରାଷ୍ଟ୍ର ଆତଙ୍କବାଦ କାର୍ଯ୍ୟ ବୋଲି କହିଛନ୍ତି। ଏହି ଭୀରୁ କାର୍ଯ୍ୟ ପଛରେ ଇସ୍ରାଏଲ୍‌ର ଭୂମିକାର ସୂଚନା ମିଳୁଛି ବୋଲି ଜରିଫ୍ ଟୁଇଟ୍ କରିଛନ୍ତି। ଇରାନର ସର୍ବୋଚ୍ଚ ନେତାଙ୍କ ଉପଦେଷ୍ଟା ତଥା ଆସନ୍ତା ବର୍ଷ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ହୋସେନ୍ ଡେହଘାନ୍ ମଧ୍ୟ ଇସ୍ରାଏଲ୍‌କୁ ଦୋଷ ଦେଇଛନ୍ତି। କ୍ଷମତାର ଶେଷ ଦିନରେ ଯୁଦ୍ଧ ଲାଗି ଆମକୁ ଉସୁକାଯାଉଛି ଓ ଚାପ ପକାଯାଉଛି ବୋଲି ସେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଇଙ୍ଗିତ କରି କହିଛନ୍ତି। ଅପରାଧୀମାନଙ୍କୁ ସେମାନଙ୍କ କାର୍ଯ୍ୟ ଲାଗି ଆମେ ଅନୁତପ୍ତ କରାଇବୁ ବୋଲି ହୋସେନ୍ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଇରାନର ଆଣବିକ ବୈଜ୍ଞାନିକ ମାଜିଦ ଶହରିଆରିଙ୍କୁ ହତ୍ୟାର ୧୦ ବର୍ଷ ପୂର୍ତ୍ତି ପୂର୍ବରୁ ଅନ୍ୟ ଜଣେ ବୈଜ୍ଞାନିକଙ୍କୁ ହତ୍ୟା କରାଯାଇଛି। ଏହା ଇସ୍ରାଏଲ ଓ ଆମେରିକାର ଷଡ଼ଯନ୍ତ୍ର ବୋଲି ବିଶ୍ୱାସ କରାଯାଉଛି।

## ପ୍ରତିଶୋଧ ନେବୁ: ଇରାନର ସର୍ବୋଚ୍ଚ ନେତା

ତେହରାନ, ୨୮।୧୧: ଇରାନ ଆଣବିକ ବୈଜ୍ଞାନିକଙ୍କୁ ହତ୍ୟା ଘଟଣାର ପ୍ରତିଶୋଧ ନିଆଯିବ ବୋଲି ଏହାର ସର୍ବୋଚ୍ଚ ନେତା ଆୟାତୋଲା ଅଲି ଖାମେନି କହିଛନ୍ତି। ଆତଙ୍କବାଦୀ ଆକ୍ରମଣ ଢାଞ୍ଚାରେ ହତ୍ୟା କରିବା ଲାଗି ଏହା ଯୋଜନାବଦ୍ଧ ଷଡ଼ଯନ୍ତ୍ର। ଫଖରିଜାଦେ ଦେଶର ଖ୍ୟାତନାମା ଆଣବିକ ଓ ପ୍ରତିରକ୍ଷା ବୈଜ୍ଞାନିକ ଥିଲେ। ଅପରାଧୀ ଓ ଏମାନଙ୍କୁ ଆକ୍ରମଣ ପାଇଁ ଯେଉଁମାନେ ନିର୍ଦ୍ଦେଶ ଦେଇଛନ୍ତି ସେମାନଙ୍କୁ ଦଣ୍ଡ ଦେବା ଇରାନର ପ୍ରଥମ କାର୍ଯ୍ୟ ହେବ ବୋଲି ଖୋମେନି କହିଛନ୍ତି। ଅନ୍ୟପକ୍ଷରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ସୃଷ୍ଟି ଆଶଙ୍କାରେ ଆମେରିକା ସେଠାକୁ ୟୁଏସ୍‌ଏସ୍ ନିମିଜ୍ ଯୁଦ୍ଧଜାହାଜ ପଠାଇବାକୁ ଶନିବାର ଘୋଷଣା କରିଛି। ଇରାନ ରାଷ୍ଟ୍ରପତି ହାସନ ରୁହାନି ମଧ୍ୟ ହତ୍ୟାକାଣ୍ଡ ପାଇଁ ଇସ୍ରାଏଲ୍‌କୁ ଦାୟୀ କରିଛନ୍ତି। ତେବେ ବୈଜ୍ଞାନିକଙ୍କ ମୃତ୍ୟୁ ଆଣବିକ କାର୍ଯ୍ୟକ୍ରମକୁ ବନ୍ଦ କରିପାରିବ ନାହିଁ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଦୀର୍ଘ ସମୟ ଧରି ପାରିବାରିକ ଅସ୍ଥିରତା ଯୋଗୁ କୌଣସି କାମରେ ମନ ଲାଗିବ ନାହିଁ । କର୍ମକ୍ଷେତ୍ରରେ ପୂର୍ବ ଯୋଜନା ଅନୁଯାୟୀ ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ। ଅଫିସ୍ କାମରେ ମିଥ୍ୟା ଅଭିଯୋଗ ଲାଗି ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ସମସ୍ୟାର ସରଳ ସମାଧାନ କରି ଆତ୍ମତୃପ୍ତି ଲାଭ କରିବେ।

**ବୃଷ**
କୌଣସି କ୍ଷେତ୍ରରେ ପ୍ରତିବାଦ କଲେ ଅପଦସ୍ଥ ହେବେ ଓ ବିଫଳତା ଯୋଗୁ ମନସ୍ତାପ କରିବେ। ଦୂରଯାତ୍ରା ସକାଶେ ବ୍ୟବସାୟିକ କ୍ଷେତ୍ର ପାଇଁ ଅସୁବିଧା ହେବ ନାହିଁ। ଆତ୍ମୀୟମାନେ ଅସହଯୋଗ କଲେ ମଧ୍ୟ ସ୍ତ୍ରୀଙ୍କ ସହଯୋଗରୁ ଉପକୃତ ହେବେ। ଇଚ୍ଛା ନ ଥାଇ ପରିସ୍ଥିତିବଶତଃ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**ମିଥୁନ**
ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସମାଧାନ କରିବା ସକାଶେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରନ୍ତି। ଦାୟିତ୍ୱ ବଢ଼ିବାରୁ ମାନସିକ ଚାପ ବଢ଼ିବ। ଆର୍ଥିକ ସ୍ଥିତି ମନ୍ଦ ନ ଥିଲେ ମଧ୍ୟ ପୁରୁଣା ଲୋନ୍ ପରିଶୋଧ ଚିନ୍ତା ମନକୁ ଆକ୍ରାନ୍ତ କରିବ। ସନ୍ତାନଙ୍କ ବିବାହ ସମ୍ପର୍କୀୟ ସମସ୍ୟା ଲାଗି ଆନମନା ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ସମ୍ମାନ, ସଦିଚ୍ଛା ସହ ଗସ୍ତ କାର୍ଯ୍ୟକ୍ରମ ବଢି ପାରେ। ଅନ୍ୟମାନଙ୍କ କଥା ଶୁଣି କୌଣସି କାମ କଲେ ଅସୁବିଧାରେ ପଡିବେ। ଟେନସନ୍ କିଛି ମାତ୍ରାରେ ଲାଗିରହିଲେ ହେଁ ପୁଷ୍ୟା ନକ୍ଷତ୍ରର କିଛି ଅସୁବିଧା ହେବନାହିଁ। ପରିବହନ, ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ସଫଳତା ପାଇବେ।

**ସିଂହ**
ସମ୍ପୂର୍ଣ୍ଣ ଭାବରେ ସମସ୍ୟା ମୁକ୍ତ ନ ହେଲେ ମଧ୍ୟ କେତେକାଂଶରେ ହାଲୁକା ମନେ କରିବେ। କ୍ରୀଡ଼ା, ସଂଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ସାଧାରଣ କଥାରୁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ସୂଚନା ରହିଛି।

**କନ୍ୟା**
ବିଳମ୍ବିତ ସମୟରେ କାର୍ଯ୍ୟ ହାସଲ ହେତୁ ବ୍ୟସ୍ତତା ବୃଦ୍ଧି କରିପାରନ୍ତି। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ଦୂରଯାତ୍ରା ସମ୍ପର୍କରେ ଚିନ୍ତା ବଢିବ କିନ୍ତୁ ବନ୍ଧୁମାନଙ୍କ ଆଶ୍ୱାସନାରୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ତୁଳା**
କୌଣସି ପୁରୁଣା କଥାକୁ ମନେପକାଇ ଭାବବିହ୍ୱଳ ହୋଇପାରନ୍ତି। ଅଭାବ ନ ଥିଲେ ମଧ୍ୟ ପରିସ୍ଥିତିବଶତଃ କୌଣସି ଜିନିଷ ସହଜଲଭ୍ୟ ନ ହୋଇପାରେ। କର୍ମକ୍ଷେତ୍ରରେ ନିଜର କଳାକୌଶଳ ପ୍ରୟୋଗ କରି ଜୟଯୁକ୍ତ ହେବେ। ଯୋଜନାକୁ ବାସ୍ତବ ରୂପ ଦେବାରେ ବନ୍ଧୁମାନଙ୍କ ସହାୟତାରେ ସଫଳ ହେବେ।

**ବିଛା**
କଥା ଓ କାମର ତାଳମେଳ ନ ରହିବା ଆପଣଙ୍କ ସକାଶେ ଦୁଶ୍ଚିନ୍ତାର ମାତ୍ରାକୁ ବଢାଇ ଦେବ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ। କାର୍ଯ୍ୟକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ, ରାଜନୈତିକ ସ୍ଥିତିରେ ସମସ୍ୟା ସମାଧାନ ହୋଇଯିବ । ବନ୍ଧୁ ସାହାଯ୍ୟ ପ୍ରତିଶ୍ରୁତିରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟର ଦୋଷତ୍ରୁଟି ଖୋଜି ବୁଲିଲେ କାର୍ଯ୍ୟହାନୀ ସଙ୍ଗକୁ ଶତ୍ରୁତା ବଢ଼ିଯିବ। କୌଣସି ଜିନିଷର ଅଭାବକୁ କେନ୍ଦ୍ରକରି ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପାରେ। ବ୍ୟବସାୟ ଓ ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ମିଳିବ। ପାରିବାରିକ କୌଣସି ସମସ୍ୟାରେ ସାମିଲ୍ ହୋଇ ଅନ୍ୟମନସ୍କ ରହିପାରନ୍ତି।

**ମକର**
କୌଣସି କାମରେ ବାରମ୍ବାର ପ୍ରତିବନ୍ଧକ ଘଟିବା କାରଣରୁ ଦୁଃଖିତ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ହାତକୁ ନେଇଥିବା କାମ, କଚେରି ମାମଲାରେ ସଫଳତା ମିଳିବ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ଅନ୍ୟମାନେ ପରୋକ୍ଷ ଭାବରେ ତାହା କରାଇ ନ ଦେବାକୁ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କିଛିଟା ସମସ୍ୟା ଆସିବା କାରଣରୁ ମନ ମଧ୍ୟ ଭାରାକ୍ରାନ୍ତ ରହିବ । ଏହା ସଙ୍ଗକୁ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ ।

**ମୀନ**
ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ କରି ନ ପାରିବା କାରଣରୁ ମାନସିକ ସ୍ତରରେ ଗ୍ଲାନି ଅନୁଭବ କରିପାରନ୍ତି। କୌଣସି ଗୋଟିଏ ସମସ୍ୟା ସମାଧାନ କରିବା ବେଳକୁ ଅନ୍ୟ ଏକ ସମସ୍ୟା ଆସିପାରେ। ପାରିବାରିକ ଅଶାନ୍ତି ଥିଲେ ମଧ୍ୟ ସାମୂହିକ କାମରେ ଅନ୍ୟ ପାଇଁ କାମ କରିବାରେ ପଛାଇବେ ନାହିଁ ।

ଆଜି କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ରବିବାର, ଶ୍ରୀମନ୍ଦିରରେ ଲକ୍ଷ୍ମୀନୃସିଂହ ବା ଡାଳକିଆବେଶ, କେଦାରବ୍ରତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ନଭେମ୍ବର ୨୯ ତାରିଖ, ରାଶିନକ୍ଷତ୍ର–କୃତ୍ତିକା/ମେଷ, ଦିବା ଘ.୧୦.୦୦ମି. ଗତେ ବୃଷଚନ୍ଦ୍ର, ମେଷରାଶିର ଘାତଚନ୍ଦ୍ର, ଘ.୧୦.୦୦ମି. ଗତେ ବିଛା ରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୫୧ମି. ଗତେ ଘ.୦୯.୦୨ମି. ମଧ୍ୟେ, ଘ.୧୧.୫୬ମି. ଗତେ ଘ.୦୨.୫୧ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୩୫ମି. ଗତେ ଘ.୦୪.୧୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୩.୪୦ମି. ଗତେ ଘ.୦୫.୦୨ମି. ମଧ୍ୟେ ରାହୁକାଳ।


# classifieds

**Everyday 0674-2580101, 2549302**

## BRIDE WANTED

**For Khandayat 6ft handsome, 32+ B-Tech only son, Presently Centre Head of VEDANTA SKILL DEVELOPMENT CENTRE, ROURKELA. Wanted a Beautiful girl from General Category. Send Bio-data, Photo. Whatsapp No:- 9861035726.** D-19037

Karan Boy, 1986 M-Tech IIT Civil Service Class-1 Officer. 7377203805. D-19085

**Groom settled in Canada. Bengali Kayasha (40), 5’4”, divorcee, Insurance Executive, seeks suitable bride willing to settle in Canada. Caste no bar. Mob: 9007591248.** D-69942

Karan boy 1987 5’7” MSC Serving Bank Manager“Sunasansar”. 9937512659. D-19079

Electrical Engineer ପାଇଁ ଭଦ୍ରକ, ବାଲେଶ୍ୱର ଜିଲ୍ଲାରୁ ଯୋଗ୍ୟ ସୁନ୍ଦର OBC ପାତ୍ରୀ ହୋଇଥିବା ଆବଶ୍ୟକ। 7978037485. D-19083

## GROOM WANTED

Miss Divya Jena, height 5‘6“, DOB 1.1.93, fair complexion, birth time 0.36 AM (after midnight), khandayat, gotra-nagashya, B. Tech from SRM, Chennai & Management from XIMB, Bhubaneswar,working with ICICI Mumbai as Sr Manager, package 19 Lakh, Contact: 8455888912. D-19092

**Age-27 private job କରୁଥିବା କରଣ ଜାତିର ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଆବଶ୍ୟକ। Contact: 7327034058.** D-69459




## SALE

XYLOE-9 & Trekker in good running condition. Contact: 9437307570. D-70115




## SALE

Plot Available@99/ sqft.(Spot Registration And Possession) At-Trahiachuta Asram, 9km from Balakati Bazar, 17km. From Railway Station (Blacktop Roadside. Best Option for quick Return) WhatsApp-9437622363, Call-7653994600 D-69654

4/5 BHK Duplex with Gated Community at Balianta. Construction- 2200@ 70lakhs/ 2600@ 80lakhs. MPlanets: 9938219397/ 9861022055. D-19069

**ସାଇ ବିହାର କଲୋନୀରେ ପିଚୁ ରୋଡ୍‌କୁ ଲାଗି 30’ ରାସ୍ତା ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ରଙ୍ଗବଜାର, BJEM-II ନିକଟରେ 1500sqft. 6,75,000/- ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। 9437522339.** D-70114

1740sft. and 860sft. sthitiban plot at Sampur close to Bharatpur GA Colony for sale. 9861040268. D-69940

**Ready to move 2BHK flat [1stfloor] @25 lakh near Mountlitera ZeeSchool, Kateni, Bhubaneswar for sale.9937162220.** D-19068

6664sqft. land in Pandara Mouza of Bhubaneswar with gharabari Kisam available for sale. Contact- 6371643578, 9437478657. D-19062

**ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166.** D-70113

**ଗୁଡ଼ିଆ ପୋଖରୀ ସାଇ ମନ୍ଦିର ସମ୍ମୁଖରେ NHରୁ 100ମିଟର ଦୂରତାରେ 6500sqft. ସ୍ଥିତିବାନ୍ ପ୍ଲଟ୍ Rs. 1050sqft. re ବିକ୍ରିହେବ। 9439617047, 9778997744.** D-19067

**Plot for immediate sale 3000sft. at Palasuni (Satya Vihar) & 2400sft. BDA plot near Sum Hospital, Bhubaneswar. Buyers contact DEEPAK-9937329999.** D-69941

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

**ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771.** D-70112

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**Ready to move Duplex for sale at DHPL Villa One Kalarahanga. Contact-9937059891** D-18830

Bhubaneswar ସୁନ୍ଦରପଦାରେ 1200sqft. ପ୍ଲଟକୁ 3,60,000/- ଦିଆଯାଉଛି (20 plot available), Lipsa- 9853150290. D-70116

**3BHK and 4BHK duplex houses under construction are sale at Mendhasal NH, just at 47lakh and 52lakh. Also land available inside the project at Rs. 1050 per sqft. Contact AMITA- 7978001726.** D-70035

Ready to move 2BHK Flat near V2 Showroom Patrapada, BBSR. Contact- 9861037729, 9040337729. D-19048

**ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2km ମଧ୍ୟରେ gharabari boundary plot କିଣନ୍ତୁ। 7008492511.** D-69354

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

**Booking open for 3BHK luxurious & premium flat at Surya Nagar, Bhubaneswar, Genuine buyer contact- DEEPAK-9937329999.** D-69939

East facing 2000sqft. plot for sale at Gangotri Nagar, lane-3 brokers excuse, Phone. 7978627900. D-67766

**ପୁରୀ ବାଟମଙ୍ଗଳା ସମ୍ମୁଖ ନୂଆ ବାଇପାସ୍‌ରୋଡ୍ ପାଖରେ 1000sqft. କାଗଜସହ 2Bedroom, 2Bathroom, Drawing cum Dining, Kitchen and Garage ମାତ୍ର 24ଲକ୍ଷ। Installment ସୁବିଧା ଅଛି। Call: 9438109040, 8144658008.** D-19061




2BHK Chintamaniswar, Bhubaneswar, rent- 8500, Mob- 9337712909, 7978008157. D-19065

3BHK ground floor near Kalinga Hospital, Bhubaneswar for Office, residence. 9437091066. D-19058

House at Nayapalli near DAV/Stewart School, family. 9438490107, 8895096862 D-69586

**Fully furnished Office space at Prime location of Bhubaneswar, Owner’s Contact Number- 9861120421.** D-69031

2BR flat, Dining, Drawing, Kitchen, Toilet’s, Balcony, Parking, Family Holders, Rs 11,500/- per month, backside of Ekamra Talkies, Bomikhal, Bhubaneswar, Mobile: 9337349964, 9777868054. D-69458

## LEASE

1.3 acre land on main road near Sisolo chak, Balipatna, dist Khordha for lease. Contact- 9438143108. D-19060




Available hot massage & home service one free for one. 9583808247. D-19057

Swarna SPA newly open positively health benefits with expert therapist. 9556978408. D-70034

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

Refreshing your mind & body with best therapy at Lotus Spa. 8018234866 D-69584

Get refreshment body massage by expert therapist contact for 7205084157. D-70036




Required 30Nos. of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L. Call - 9439856856, 9776001000. D-19084

## ସପ୍ତମ ଜନ୍ମବାର୍ଷିକୀ



**ଅଙ୍କିତା ପ୍ରିୟଦର୍ଶିନୀ ନାୟକ**
ଷଣ୍ଢପୁର, କଳାପାଞ୍ଚଣ, ନିମାପଡ଼ା, ପୁରୀ
ଆଜି ପବିତ୍ର ଜନ୍ମଦିନ ଅବସରରେ ତୋର ଚଲାପଥ ସବୁବେଳେ କୁସୁମିତ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏହାହିଁ ପ୍ରାର୍ଥନା।
–:ଶୁଭେଚ୍ଛା ସହ:–
ବାପା: ହୃଷୀକେଶ, ବୋଉ: ମାମିନି, ଭାଇ: ରାଜା, ଜେଜେ: ବାବୁଲି, ମା’: ବେଲ, ଅଜା, ଆଇ, ଦାଦା, ଖୁଡ଼ୀ, ପିଉସା, ପିଉସୀ ଓ ପରିବାରବର୍ଗ ।
ଧ-୬୯୬୫୩


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଡ୍ୟୁଟି ନ ଥିବା କର୍ମଚାରୀଙ୍କ ମନ୍ଦିର ପ୍ରବେଶ ଅଭିଯୋଗ**

ନାଗାର୍ଜୁନ ବେଶ ଅବସରରେ ପ୍ରଶାସନ ଅଧିକୃତ କରିଥିବା ବ୍ୟକ୍ତି ହିଁ ମନ୍ଦିର ପ୍ରବେଶ ଅନୁମତି ଥିବାବେଳେ ଅନ୍ୟ କେହି ଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏବଂ ଜିଲାପାଳ ବଲୱନ୍ତ ସିଂ କହିଥିଲେ। ଏହାସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଥିଲା। ଏହାସତ୍ତ୍ୱେ ମନ୍ଦିର ଭିତରକୁ ଅଣସେବାୟତ, ଡ୍ୟୁଟି ନ ଥିବା କର୍ମଚାରୀ ଏବଂ ଅଧିକାରୀ ଯାଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଶନିବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଏହାର ତଦନ୍ତ କରାଯିବ। ଯଦି କେହି ଡ୍ୟୁଟି ନ ଥାଇ ମନ୍ଦିର ଭିତରକୁ ଯାଇଥିବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



# ନାଗାର୍ଜୁନ ବେଶର ଚନ୍ଦ୍ର, ସୂର୍ଯ୍ୟ ନେଇଗଲେ

ପୁରୀ ଅଫିସ,୨୮।୧୧


ଶ୍ରୀମନ୍ଦିରରୁ ଜଣେ କର୍ମଚାରୀ ନାଗାର୍ଜୁନ ବେଶର ଚନ୍ଦ୍ରକୁ ନେଇ ଯାଉଛନ୍ତି।

- ବରିଷ୍ଠ ସେବାୟତଙ୍କ ଘରକୁ ଯାଇଥିବା ଅଭିଯୋଗ
- ଦୋଷୀ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ: ମୁଖ୍ୟ ପ୍ରଶାସକ

ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶର ଲାଗିଥିବା ଚନ୍ଦ୍ର, ସୂର୍ଯ୍ୟ ନେଇଯାଇଥିବା ଅଭିଯୋଗ ହୋଇଛି। ବୀର ବେଶରେ ମହାପ୍ରଭୁଙ୍କ ଶ୍ରୀମସ୍ତକର ଉପରି ଭାଗରେ ଶୋଭାବର୍ଦ୍ଧନ କରିଥାଏ ଏହି ଚନ୍ଦ୍ର, ସୂର୍ଯ୍ୟ। ତେବେ ଏହାକୁ ଶନିବାର ସକାଳେ ଶ୍ରୀମନ୍ଦିରର ଜଣେ କର୍ମଚାରୀ ଜଣେ ବରିଷ୍ଠ ସେବାୟତଙ୍କ ଘରେ ନେଇ ଦେଇଥିବା ଜଣାପଡ଼ିଛି। ଏହା ପ୍ରଚାର ହେବା ପରେ ଏହାର ତଦନ୍ତ ଦାୟିତ୍ୱରେ ଥିବା ନୀତି ପ୍ରଶାସକ ଖୋଳତାଡ଼ ଆରମ୍ଭ କରିଛନ୍ତି।

ଶୁକ୍ରବାର ଶ୍ରୀମନ୍ଦିର ରତ୍ନସିଂହାସରେ ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥିଲା। ୧୬ଟି ଆୟୁଧ ସହ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ ବିଶ୍ୱନିୟନ୍ତା। ବେଶ ଓଲାଗି ପରେ ଏହାକୁ ଶ୍ରୀମନ୍ଦିର ପ୍ରଶାସନ ହେପାଜତରେ ରଖିଥିଲା। ଛତିଶା ନିଯୋଗ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ବେଶକୁ ଭକ୍ତଙ୍କ ପାଇଁ ସଂରକ୍ଷିତ କରି ରଖିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଏହାକୁ ସଂଗ୍ରହାଳୟରେ ରଖାଯିବ ଏବଂ ଭକ୍ତମାନେ ଏହାକୁ ଦେଖିପାରିବେ ବୋଲି କୁହାଯାଇଥିଲା। ମାତ୍ର ଶନିବାର ସକାଳେ ଶ୍ରୀନ୍ଦିରର ଜଣେ କର୍ମଚାରୀ ବେଶର ଅଂଶ ଚନ୍ଦ୍ର, ସୂର୍ଯ୍ୟକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା। ସିଂହଦ୍ୱାର ନିକଟରେ ତାଙ୍କୁ ଦେଖିବା ପରେ ଗଣମାଧ୍ୟମ ପ୍ରତିନିଧି ଘେରିଯାଇ ଏହାକୁ କେଉଁଠୁ ଆଣିଲେ, କିଏ ଦେଲା, କୁଆଡେ ନେଇଯାଉଛନ୍ତି ଏମିତି ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଶ୍ରୀମନ୍ଦିର ଗାରଦରୁ ଜଣେ କର୍ମଚାରୀଙ୍କ କହିବା ମୁତାବକ, ସେ ଏହାକୁ ଜଣେ ବରିଷ୍ଠ ସେବାୟତଙ୍କ ଘରକୁ ନେଇଯାଉଥିଲେ। ତେବେ ଗାରଦରେ ଥିବା ବେଶର ଏହି ଆକର୍ଷଣୀୟ ଅଂଶ ଚନ୍ଦ୍ରସୂର୍ଯ୍ୟ କିପରି ବାହାରକୁ ଆସିଲା ତାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ବେଶର ସ୍ୱତ୍ତ୍ୱାଧିକାରୀ ଚକ୍ରକୋଟ ବଳରାମ ଖୁଣ୍ଟିଆ ବେଶର କୌଣସି ଅଂଶ ନେଇନାହାନ୍ତି। ଭକ୍ତଙ୍କ ଦର୍ଶନ ପାଇଁ ସଂରକ୍ଷିତ ହୋଇ ରଖାଯିବାକୁ ନିଷ୍ପତ୍ତି ହୋଇଥିବା ବେଶର ଅଂଶ ବାହାରକୁ ଆସିବା ଶ୍ରୀମନ୍ଦିର ପ୍ରଶାସନର ଅବହେଳାକୁ ପଦାରେ ପକାଇଛି। ତେବେ ଏହି ବେଶ ଅଂଶକୁ ନିଆଯିବା ଠିକ୍ ନୁହେଁ ବୋଲି ଅନ୍ୟ ସେବାୟତମାନେ କହିଛନ୍ତି।

ଅନ୍ୟପକ୍ଷେ ଏହି ଘଟଣା ଜଣାପଡ଼ିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ମନ୍ଦିର ଭିତରକୁ ଯାଇ ଯାଞ୍ଚ କରିଛନ୍ତି। ଚନ୍ଦ୍ର, ସୂର୍ଯ୍ୟ ନାଗାର୍ଜୁନ ବେଶରେ ଲଗାଯାଇଥିଲା ନା ନାହିଁ, ଯଦି ଲଗାଯାଇଥିଲା ବେଶ ଓଲାଗି ପରେ ଏହାକୁ କାଢି କେଉଁଠି ରଖାଯାଇଥିଲା ଏବଂ କିଭଳି ଏହା ବାହାରକୁ ଆସିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ଏହାର ତଦନ୍ତ କରାଯିବ। ଏଥିପାଇଁ ଯଦି କେହି ଦାୟୀ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିରେ ମୁଖ୍ୟତଃ ତିନୋଟି ଜିନିଷ ଉପରେ ଅର୍ଥାତ୍ ବେଶର କ'ଣ ଆସିଥିଲା, କ'ଣ ଗ୍ରହଣ କରିଥିଲୁ ଏବଂ ବେଶ ପରେ କ'ଣ ଆମ ପାଖରେ ଥିଲା ତାହା ମିଳାଇବା ପାଇଁ କମାଣ୍ଡରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନୀତି ପ୍ରଶାସକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

## ଅନୁଗୋଳ କଳାକେନ୍ଦ୍ର ଜିମ୍ ତାଲା ପକାଇବା ମାମଲା

# ଜିଲାପାଳ, ପୌର ନିର୍ବାହୀ ଅଧିକାରୀଙ୍କୁ ନୋଟିସ

କଟକ ଅଫିସ,୨୮।୧୧

ଅନୁଗୋଳ ଜିଲା କଳାକେନ୍ଦ୍ରଠାରେ ଥିବା ଜିମ୍‌କୁ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ତାଲାପକାଇବା ଘଟଣାରେ ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି। ଜେନେରାଲ ୟୁଥ ମାସ୍ ଆସୋସିଏଶନ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ବିଚାରପତି ସାବିତ୍ରୀ ରଥ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିବା ସହ ଜିମ୍ ଖୋଲିବା ନେଇ ଯଦି ଆବେଦନକାରୀଙ୍କ ପକ୍ଷରୁ ଅନୁଗୋଳ ଜିଲାପାଳ ଏବଂ ମ୍ୟୁନିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଏ, ତେବେ ଉକ୍ତ ଆବେଦନର ତ୍ୱରିତ ଶୁଣାଣି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ରେ ହେବ।

ଢେଙ୍କାନାଳ ପୂର୍ବତନ ଏମ୍‌ପିଙ୍କ ସାଂସଦ ପାଣ୍ଠିରୁ ଅନୁଗୋଳ ଜିଲା କଳାକେନ୍ଦ୍ରର ପ୍ରଥମ ମହଲାରେ ଏକ ଜିମ୍ ନିର୍ମାଣ କରାଯାଇଥିଲା। ଗୃହ ନିର୍ମାଣ ପାଇଁ ପ୍ରଥମେ ୧୫ଲକ୍ଷ, ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେବାରୁ ଆଉ ୬ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଶେଷରେ ଜିମ୍ ଉପକରଣ ପାଇଁ ୨୨ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ନିର୍ମାଣ କାର୍ଯ୍ୟ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାଧାନରେ କରାଯାଇଥିଲା। ଗୃହ ନିର୍ମାଣ ଶେଷ ହେବା ପରେ ୩।୯।୨୦୧୮ରେ ସ୍ଥାନୀୟ ଜେନେରାଲ ୟୁଥ ମାସ୍ ଆସୋସିଏଶନକୁ ଅନୁଗୋଳ ମ୍ୟୁନିସିପାଲିଟି ଦ୍ୱାରା ହସ୍ତାନ୍ତର କରାଯାଇଥିଲା। ସେତେବେଳେ ଏନେଇ ଉଭୟ ମ୍ୟୁନିସିପାଲିଟି ଏବଂ ଜେନେରାଲ ୟୁଥ ମାସ୍ ମଧ୍ୟରେ ଏକ ଚୁକ୍ତି ମଧ୍ୟ ସ୍ୱାକ୍ଷର ହୋଇଥିଲା। ଚୁକ୍ତି ଅନୁଯାୟୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଉକ୍ତ ଜିମ୍‌ର କାର୍ଯ୍ୟକାରୀ ଏଜେନ୍ସି ଭାବେ କାମ କରିବେ ଏବଂ ଜେନେରାଲ ୟୁଥ ମାସ୍ ଆସୋସିଏଶନ ଏହାକୁ ବ୍ୟବହାର କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଶାରୀରିକ ବ୍ୟାୟାମ ପ୍ରଶିକ୍ଷଣ ଦେବେ। ସେହି ଅନୁସାରେ ଜିମ୍ ପକ୍ଷରୁ ଲୋକମାନଙ୍କୁ ସେବା ଯୋଗାଇ ଦିଆଯାଉଥିଲା। ହେଲେ ଗତ ୨ତାରିଖରେ ବିନା କୌଣସି ପୂର୍ବ ନୋଟିସ୍‌ରେ ମ୍ୟୁନିସିପାଲର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଉକ୍ତ ଜିମ୍‌କୁ ତାଲା ପକାଇ ଦେବାସହ ସେଠାରେ ଲାଗିଥିବା ଫଳକକୁ ଉପାଡ଼ି ଦେଇଥିଲେ। ଏହାକୁ ଜିମ୍ ପକ୍ଷରୁ ପ୍ରତିବାଦ କରାଯାଇଥିଲେ ସୁଦ୍ଧା ମ୍ୟୁନିସିପାଲ ପ୍ରଶାସନ କିଛି ଶୁଣି ନ ଥିଲେ। ଶେଷରେ ଜେନେରାଲ ୟୁଥ ମାସ୍ ଆସୋସିଏଶନର ସମ୍ପାଦକ ପ୍ରିୟବ୍ରତ ମହାପାତ୍ର ଗତ ୧୭ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ହାଇକୋର୍ଟରେ ଏକ ମାମଲା(ନଂ.୩୧୬୫୨/୨୦୨୦) ରୁଜୁ ହୋଇ ଗତ ୨୫ତାରିଖରେ ଶୁଣାଣି ହୋଇଥିଲା। ଇତିମଧ୍ୟରେ ପୌର ନିର୍ବାହୀ ଅଧିକାରୀ ପଣ୍ଡାଙ୍କ ବଦଳି ହୋଇଯାଇଛି। ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାପାଳ ପୌର କାଉନ୍‌ସିଲର ପ୍ରଶାସକ ଅଛନ୍ତି। ଜେନେରାଲ ୟୁଥ ମାସ୍ ସହ ଠିକ୍‌ଭାବେ ଚୁକ୍ତି ହୋଇ ନ ଥିଲା। ତେଣୁ ଏହା ପୌର କାଉନ୍‌ସିଲରେ ଖାରଜ ହୋଇଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ତଥା ପୌର ଆଇନ ଅନୁସାରେ ଏବେ ଉକ୍ତ ଜିମ୍‌କୁ ଜେନେରାଲ ୟୁଥ ମାସ୍‌ଠାରୁ ଅଣାଯାଇ ପୌର ପ୍ରଶାସନ ଏହାକୁ ଚଳାଉଛି। ହାଇକୋର୍ଟରେ ଏନେଇ ମାମଲା ହୋଇଥିବା ନେଇ ସେ କିଛି ଜାଣି ନାହାନ୍ତି ବୋଲି ପଣ୍ଡା କହିଛନ୍ତି।




# ଯକ୍ଷ୍ମା ନିରାକରଣ: ଓଡ଼ିଶା ଜାତୀୟସ୍ତରରେ ଦ୍ୱିତୀୟ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଯକ୍ଷ୍ମା ନିରାକରଣରେ ଓଡ଼ିଶା ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନରେ ରହିଛି। ଏନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ୨୦୧୮ରେ ଓଡ଼ିଶା ଏ କ୍ଷେତ୍ରରେ ୨୫ ର୍‌ୟାଙ୍କ୍‌ରେ ରହିଥିଲା। ରୋଗ ଚିହ୍ନଟ, ପରୀକ୍ଷଣ ସୁବିଧା ଓ ଚିକିତ୍ସାରେ ବ୍ୟାପକ ପଦକ୍ଷେପ ନିଆଯିବାରୁ ୨୦୨୦ରେ ଯକ୍ଷ୍ମା ନିରାକରଣ ପ୍ରୟାସରେ ଓଡ଼ିଶା ଭାରତରେ ଦ୍ୱିତୀୟ ର୍‌ୟାଙ୍କ୍ ପାଇଛି। ଏଥିସହିତ ରାଜ୍ୟର ୪ଟି ଜିଲା ଦେଶର ସମସ୍ତ ଜିଲା ମଧ୍ୟରେ ଶ୍ରେଷ୍ଠ ୧୦ ଭିତରେ ରହିଛି। ସୋନପୁର ଦ୍ୱିତୀୟ ର୍‌ୟାଙ୍କ୍‌ରେ ଥିବାବେଳେ ଦେବଗଡ଼ ତୃତୀୟ, ଜଗତ୍‌ସିଂହପୁର ପଞ୍ଚମ ଓ ବୌଦ୍ଧ ଷଷ୍ଠ ସ୍ଥାନରେ ରହିଛି। କୋଭିଡ୍‌-୧୯ ମହାମାରୀ ସତ୍ତ୍ୱେ ଏହି ପ୍ରଭାବୀ ପ୍ରଦର୍ଶନ ପାଇଁ ରାଜ୍ୟ ତଥା ଜିଲା ଯକ୍ଷ୍ମା ଦଳ (ଟିବି ଟିମ୍)କୁ ଅଭିନନ୍ଦନ ଜଣାଇଛି ସ୍ୱାସ୍ଥ୍ୟ ବିଭାଗ। ୨୦୨୫ ସୁଦ୍ଧା ରାଜ୍ୟରୁ ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ହଟାଇବାକୁ କେନ୍ଦ୍ର ସରକାରଙ୍କ ଏନ୍‌ଟିଇପି କାର୍ଯ୍ୟକ୍ରମର ଯାହା ଲକ୍ଷ୍ୟ ରହିଛି ତାହାକୁ ହାସଲ କରିବାକୁ ଆଶା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।







# ଚାକିରି କରାଇଦେବା ନାଁରେ ଠକେଇ: ୨ ଗିରଫ

ବିନିକା,୨୮।୧୧(ଡି.ଏନ୍.ଏ.)

ଚାକିରି କରାଇ ଦେବା ନାଁରେ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ୨ଜଣ ଅଭିଯୁକ୍ତଙ୍କୁ ଶନିବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଲଛିପୁର ଫାଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନୂଆପଡା ଜିଲା କୁମନା ଗାଁର ସାମୁଏଲ ନାଗ୍ (୫୦) ଓ ତାଙ୍କ ସହଯୋଗୀ ସୁବର୍ଣ୍ଣପୁର ଜିଲା ଅସୁରମୁଣ୍ଡା ଗାଁର ରାଧାକାନ୍ତ ତାଣ୍ଡି (୩୪)। ଉଭୟ ଅସୁରମୁଣ୍ଡା ଗ୍ରାମର ହିମାଞ୍ଚଳ ମେହେର ନାମକ ଜଣେ ବ୍ୟକ୍ତିଙ୍କୁ ଚାକିରି କରେଇ ଦେବୁ କହି ତାଙ୍କ ପାଖରୁ ପ୍ରଥମ କିସ୍ତିରେ ନଗଦ ୭୫ ହଜାର ଟଙ୍କା ନେଇଥିଲେ। ପୁଣି ଥରେ ଏହି ବାବଦରେ ୭୫ହଜାର ଟଙ୍କା ମାଗିବାରୁ ହିମାଞ୍ଚଳ ଶୁକ୍ରବାର ଲଛିପୁର ଫାଣ୍ଡିରେ ଏନେଇ ଏତଲା ଦେଇଥିଲେ। ଏହି ଘଟଣାରେ ଲଛିପୁର ଫାଣ୍ଡି ଥାନା ଅଧିକାରୀ ସରୋଜ ପାଣିଗ୍ରାହୀ ଓ ତାଙ୍କ ଟିମ୍ ଅସୁରମୁଣ୍ଡା ଗ୍ରାମରେ ଥିବା ସାମୁଏଲ୍ ଓ ରାଧାକାନ୍ତଙ୍କୁ ଗିରଫ କରିଥିଲେ। ଏନେଇ ନଂ-୨୦୯/୨୦ରେ ଏକ ଠକେଇ ମାମଲା ରୁଜୁ ହୋଇଛି।






ହେ ଭାରତର ଅନ୍ତଃପୁରୁଷ ! ଆଉ ନିଜକୁ ରୋଷେଇ ଘରେ ବା ପୂଜା ଘରେ ଲୁଚାଇ ରଖନା ! ଖୋଜ ତୁମର ଅନ୍ତରାତ୍ମାଙ୍କୁ ଏବଂ ସେହି ଭଗବାନଙ୍କୁ ଚାହିଁ ପୁନରୁଦ୍ଧାର କର ତୁମର ସତ୍ୟକାର ବ୍ରାହ୍ମଣତ୍ୱ-କ୍ଷତ୍ରିୟତ୍ୱ ଓ ଶାଶ୍ୱତ ବେଦବାଣୀ । -ଶ୍ରୀଅରବିନ୍ଦ

# ଚରିତ୍ର ବଦଳୁ ନାହିଁ



ଆକାର ପଟେଲ

ଭାରତର ଅର୍ଥବ୍ୟବସ୍ଥା ଆଉ ତିନି ମାସ ପାଇଁ ତଳକୁ ଖସିଲା ବୋଲି ଚଳିତ ସପ୍ତାହରେ ଆମକୁ କୁହାଗଲା । ଅର୍ଥାତ୍ ଗତବର୍ଷ ଏହି ସମୟରେ ଆମେ ସାମଗ୍ରୀ ଓ ସେବାରେ ଯେତିକି ଉତ୍ପାଦନ କରିଥିଲୁ ତା'ଅପେକ୍ଷା ଏବର୍ଷ ଏଥିରେ ପଛାଇଯାଇଛୁ । ଏହା ମଧ୍ୟ ସୂଚାଉଛିକି ଲକ୍ଷ ଲକ୍ଷ ସମ୍ଭବତଃ କୋଟିକୋଟି ପରିବାର ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇ ଯାଇଛନ୍ତି । ପ୍ରଧାନମନ୍ତ୍ରୀ ଦେଶରେ ଲକ୍ଡାଉନ ଲାଗୁ କରିବା ପରେ ଅର୍ଥବ୍ୟବସ୍ଥା ୬ ମାସ ହେବ ହ୍ରାସ ପାଉଚାଲିଛି । ଅର୍ଥନୀତିଜ୍ଞଙ୍କ ମତରେ ଏହା ଦେଶରେ ଏକ ମାନ୍ଦାବସ୍ଥା ସୃଷ୍ଟି କରିଛି । ଆମେ ଜାଣୁ ଗଣମାଧ୍ୟମ ଯୋଗୁ ଆମେମାନେ ମାନ୍ଦାବସ୍ଥାରେ ରହିଛୁ । ସରକାର ଯେଉଁ ତଥ୍ୟ ରଖିଛନ୍ତି ପ୍ରଧାନମନ୍ତ୍ରୀ କି ଅର୍ଥମନ୍ତ୍ରୀ ତାହାକୁ ଲୁଚାଉ କରିନାହାନ୍ତି । ନୀତି ଆୟୋଗ ମୁଖ୍ୟ କହୁଛନ୍ତି ,ଯେଉଁ ସଂଖ୍ୟା ଆଶା କରାଯାଇଥିଲା ତା' ତୁଳନାରେ ତାହା ଏତେ ଖରାପ ନ ଥିଲା । ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କହିଛନ୍ତି ଯେ, ପୂର୍ବରୁ ସେ ଏପ୍ରିଲରୁ ସେପ୍ଟେମ୍ବର ଯାଏ ତ୍ରୈମାସିକର ଅଭିବୃଦ୍ଧି ଆକଳନ କରିଥିଲେ । କିନ୍ତୁ ଏହା ୨୩.୯% ତଳକୁ ଖସିଗଲା । ଅର୍ଥନୈତିକ ସର୍ଭେରେ ସେ ଗ୍ରୋଥ୍ରେଟ୍କୁ ଏକ ଉଚ୍ଚ ଭାବେ ବ୍ୟବହାର କରିଛନ୍ତି । ତୃତୀୟ ତ୍ରୈମାସିକ ଯଥାକ୍ରମେ ଖବର ଭଲ ନାହିଁ । ଅର୍ଥବ୍ୟବସ୍ଥା ହ୍ରାସ ପାଉଥିଲାବେଳେ 'ବ୍ୟାଙ୍କ କ୍ରେଡିଟ୍ ୧ରେ ଥିଲା, କିନ୍ତୁ ସମ୍ପ୍ରତି ଏହା ତା'ଠାରୁ କମ୍ ରହିଛି । କୋର୍ ସେକ୍ଟର (ଷ୍ଟିଲ୍, ସିମେଣ୍ଟ, ବିଦ୍ୟୁତ, କୋଇଲା, ତୈଳ, ରିଫାଇନିଂ ଆଣ୍ଡ ଫର୍ଟିଲାଇଜର) ଅକ୍ଟୋବରରେ ହ୍ରାସ ପାଇଛି । ଯଦି ଆପଣ ଏହା ଜାଣନ୍ତି ନାହିଁ ତେବେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଏବର୍ଷକରେ ଗୁରୁତ୍ୱ କରିନ ଥିବା ଯୋଗୁ ଜାଣିପାରିନାହାନ୍ତି ବୋଲି ଜାଣନ୍ତୁ । ସେମାନେ ଯଦି କିଛି ଛାଡ଼ିଯାଉଛନ୍ତି ତେବେ ତାହା ରହିନି ବୋଲି କୁହାଯାଉଛି ।

ସବୁ ତଥ୍ୟ କର୍ପୋରେଟ ସେକ୍ଟରରୁ ଆସିଛି । ସବୁଠୁ ବେଶି ଭାରତୀୟ କାମ କରୁଥିବା ଅଣସଂଗଠିତ ଏବଂ ସ୍ୱଳ ସେକ୍ଟରରେ କ'ଣ ଘଟୁଛି ସେ ସମ୍ପର୍କରେ ଆମର କିଛି ଧାରଣା ନ ଥିଲା । ଦୁର୍ବଳ ଓ ଗରିବ ଘରେ ରହିଲେ କେବେ ବି କାମ କରିପାରିବେ ନାହିଁ । ସେମାନେ ଆହାର ପାଇଁ ପ୍ରତିଦିନ କଠିନ ପରିଶ୍ରମ କରିବାକୁ ବାଧ୍ୟ । ଆମେ ଜାଣୁ ଯେ, ବିମୁଦ୍ରୀକରଣ ଓ ଜିଏସଟି ଭଳି ଲକ୍ଡାଉନ ସ୍ୱଳ ସେକ୍ଟରରୁ ଗରିବମାନଙ୍କ କାମ ଛଡାଇନେଇ କର୍ପୋରେଟ ସେକ୍ଟରକୁ ଦେଇଛି । ଏହି କାରଣରୁ ଷ୍ଟକ୍ ମାର୍କେଟ ଏବେ ରେକର୍ଡ ସ୍ତରରେ ରହିଛି । ଅପରପକ୍ଷରେ ଆମ ଦେଶର ରାଜଧାନୀ ଚାଷୀ ଆନ୍ଦୋଳନର ସମ୍ମୁଖୀନ ହେଉଛି । ସେମାନଙ୍କ ଜୀବିକାକୁ ପ୍ରଭାବିତ କରୁଥିବା କୃଷି ଆଇନକୁ ପ୍ରତ୍ୟାହାର କରିବା ଦାବୀ ସେମାନେ ଜଣାଉଛନ୍ତି । ସରକାରଙ୍କ ଏଜେଣ୍ଟ କହିଛନ୍ତି ଯେ, ପ୍ରତିବାଦକାରୀମାନେ ଦେଶଦ୍ରୋହୀ ଏବଂ ବିଚ୍ଛିନ୍ନତାବାଦୀ । ଯେଉଁ ବୁଦ୍ଧିଜୀବୀ, ସଂଖ୍ୟାଲଘୁ, କୃଷକ, ଅସନ୍ତୁଷ୍ଟ ବ୍ୟବସାୟୀମାନେ ସରକାରଙ୍କୁ ତ୍ରୁଟି ଧରି ଲୋକଲୋଚନକୁ ଆଣୁଛନ୍ତି ସେମାନଙ୍କ ପାଇଁ ଏଭଳି ବାକ୍ୟ ବ୍ୟବହାର କରାଯାଉଛି । ଲଦାଖ ସୀମାରେ ଚାଇନା ଆମର ଯେଉଁ ଜାଗା ମାଡି ବସିଛି ସେଠାରୁ ପଛକୁ ଫେରିଯିବା ପାଇଁ ମନା କରିଦେଇଛି । ଏଭଳି ପରିସ୍ଥିତିରେ ସେନାକୁ ଶୀତରେ ସେଠାରେ ରହିବାକୁ ପଡିବ । ଯବାନମାନଙ୍କୁ ସ୍ଲିପିଂ ବ୍ୟାଗ ଦିଆଯାଇଥିଲା, କିନ୍ତୁ ଅତିରିକ୍ତ ବରଫାଞ୍ଚଳରେ ରହିବା ପାଇଁ ଏହା ଅନୁପଯୁକ୍ତ । ସରକାର ଏହି ସମସ୍ୟାକୁ ସମାଧାନ କରିବା ଲାଗି ଆଗ୍ରହୀ ନୁହନ୍ତି ଯେଉଁଥିପାଇଁ ଯବାନମାନେ ତାହାକୁ ବ୍ୟବହାର କରିବାକୁ ବାଧ୍ୟ । ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ସେ ତାଙ୍କ ବନ୍ଧୁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ବୋରିସ ଜନସନଙ୍କ ସହ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟ ପ୍ରସଙ୍ଗରେ ବଢ଼ିଆ ଆଲୋଚନା ହୋଇଥିଲା । କିନ୍ତୁ ଭାରତ ସୀମାରୁ ଚାଇନା ସେନା ଫେରିଯିବା ସମ୍ପର୍କରେ ତାଙ୍କ ବନ୍ଧୁ ଜିନ୍ପିଙ୍ଗଙ୍କ ସହ ଆଲୋଚନା କରିବା ପାଇଁ ସେ ଉଚିତ ମନେ କରିନାହାନ୍ତି । ପୁଣିଥରେ ଯଦି ସମସ୍ୟା ବିଷୟରେ ଆଲୋଚନା ହୋଇନାହିଁ ବୁଝିବା ଯେ ସେଭଳି ସମସ୍ୟା ନାହିଁ ।

ଭାରତର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର କାର୍ଯ୍ୟକାରିତାକୁ କୋଭିଡ୍ ପାଇଁ ବନ୍ଦ ରଖାଯାଇଛି ଏବଂ ମହାମାରୀ ଦୂର ହେଲେ ପୁଣି ଏହାକୁ ଲାଗୁ କରାଯିବ । ଯେଉଁଅଣ ମୁସଲମାନମାନେ ଡିସେମ୍ବର ୨୦୧୪ ପୂର୍ବରୁ ଭାରତକୁ ବେଆଇନ ଭାବେ ଆସିଥିଲେ ସେମାନଙ୍କୁ ଭାରତର ନାଗରିକତ୍ୱ ଦେବା ପ୍ରକ୍ରିୟାକୁ କାହିଁକି କୋଭିଡ୍ ପ୍ରଭାବିତ କରିବ ତାହା ବୁଝାପଡୁନାହିଁ । ଏହା ଯୋଗୁ ଅନ୍ୟ କୌଣସି ଆଇନ ତ ଅଟକିଯାଇନାହିଁ । ସେମାନଙ୍କ ବିରୋଧରେ ଏକ ଆକ୍ରମଣାତ୍ମକ ଅଭିଯାନ ଚଳାଇଲା । ଏବେ ଭାରତକୁ ସାମ୍ପ୍ରଦାୟିକ ବିଦ୍ୱେଷ ପଥରୁ ଓହରାଇ ନେବେ କି ନାହିଁ ଅମିତ ଶାହା ଦେଖିବେ ରହିଛନ୍ତି । ଗତ ଦୁଇ ସପ୍ତାହ ଧରି ଆମେରିକାର ସେହି ନେତାମାନଙ୍କ ସହ ଆଲୋଚନା ସେ କହିଛନ୍ତି ଯେଉଁମାନେ ସିଏଏ,ଜାତୀୟ ନାଗରିକ ପଞ୍ଜିକା ଏବଂ କଶ୍ମୀର ଉପରେ ଭାରତର ପଦକ୍ଷେପକୁ ବିରୋଧ କରିଥିଲେ । ସେ ଆଲୋଚନାର ସବିଶେଷ ବିବରଣୀ ଲୁଚାଉ କରାଯାଉଛି । କିନ୍ତୁ କହୁ ନାହାନ୍ତି କାହିଁକି ସେମାନଙ୍କ ସହ ଭାରତ ଏଭଳି ଆଲୋଚନା କରୁଥିଲା ଯେଉଁମାନେ ମୋଦି ସରକାରଙ୍କ ପଦକ୍ଷେପକୁ ପସନ୍ଦ କରୁନଥିଲେ । ସମ୍ଭବତଃ ମୋଦିଙ୍କ ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱକୁ ଆମେରିକୀୟମାନେ ଅସ୍ୱୀକାର କରିବା ଓ ଦୁଇମାସ ମଧ୍ୟରେ ଜଣେ ଡେମୋକ୍ରାଟ୍ ଆମେରିକାର ରାଷ୍ଟ୍ରପତି ହେବାକୁ ଲକ୍ଷ୍ୟ କରି ଏଭଳି ଆଲୋଚନା କରାଯାଇଛି । ମୋଦି ସରକାରରେ ଭାରତ ଭୁଲ୍ ବାଟରେ ଯାଉଛି ଏବଂ ନିଜ ସଂଖ୍ୟାଲଘୁମାନଙ୍କୁ ଧୋକାଦେବା ଓ ଭୟଭୀତ କରିବା ଦ୍ୱାରା ନିଜର କ୍ଷତି କରୁଛି ବୋଲି ଡେମୋକ୍ରାଟିକ ପାର୍ଟି ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଆସିଛି । ଆଲୋଚନା ଡେମୋକ୍ରାଟଙ୍କୁ କେତେ ଶୀଘ୍ର ପ୍ରଭାବିତ କରିପାରୁଛି ତାହା ଦେଖିବା ।

ଏହି ସମୟରେ ଶାସକଦଳର ଚରିତ୍ରରେ କୌଣସି ପରିବର୍ତ୍ତନ ହେଉନାହିଁ । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଅନ୍ୟତ୍ର ଜଣେ ମୁସଲମାନ ପୁରୁଷ ଜଣେ ହିନ୍ଦୁ ମହିଳାକୁ ବିବାହ କଲେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଆଇନ ପାସ୍ କରାଯାଉଛି । ହାଇଦ୍ରାବାଦରେ ସ୍ଥାନୀୟ ନିର୍ବାଚନରେ ଭାଜପା ତା'ନିର୍ବାଚନ ପ୍ରଚାରରେ କହିଛି ଯେ, ମୁସଲମାନଙ୍କୁ ଗୋଟିଏ ଭୋଟ ଦେବା ମାନେ ଦେଶ ବିରୋଧରେ ଭୋଟିଏ ଦେବା । ୧୦ ବର୍ଷ ତଳେ ଏହା ହୁଏତ ଦଙ୍ଗା ସୃଷ୍ଟି କରିଥାନ୍ତା, କିନ୍ତୁ ଏବେ ତାହାକୁ ସାମାନ୍ୟ ଭାବେ ଗ୍ରହଣ କରାଯାଉଛି, କାରଣ ଏହା ସାମ୍ପ୍ରତିକ ପରିସ୍ଥିତିରେ ସାମାନ୍ୟ ହୋଇଯାଇଛି,ଯେଉଁଥିପାଇଁ ଏବେ ଆମ ଦେଶରେ ଏଭଳି ଘଟିଚାଲିଛି ।

Email:aakar.patel@gmail.com

# କୃଷି ଓ ଆତ୍ମନିର୍ଭର ଭାରତ



ବିଚିତ୍ର ବିଶ୍ୱାଳ

କେବେ ଦିନେ କଥା ଥିଲା 'ଚାଷ କାମ ଯାହାର, କେତେ ସୁଖ ତାହାର।' କିନ୍ତୁ ଆଜି ଏହା ସମ୍ପୂର୍ଣ୍ଣ ଓଲଟି ଯାଇଛି। କେହି ଭୁଲ୍‌ରେ ବି ଚାଷକୁ ନିଜ ବୃତ୍ତି ଭାବେ ଆଦରି ନେବାକୁ ଚାହୁଁନାହାନ୍ତି। କାରଣ ଆମ ଦେଶରେ ଚାଷ ତଥା କୃଷି ବ୍ୟବସ୍ଥା ହିଁ ସବୁଠୁ ବେଶି ଅବହେଳିତ। ଯଦିଓ ଆମ ଅର୍ଥ ବ୍ୟବସ୍ଥାର କୃଷି ଏକ ପ୍ରମୁଖ ଆଧାର କିନ୍ତୁ ଅସଲରେ ଦୀର୍ଘ ବର୍ଷ ହେବ କୃଷିକୁ ସମ୍ପୂର୍ଣ୍ଣ ଉପେକ୍ଷିତ କରି ରଖାଯାଇଛି। ଆଜି ଚାଷୀ ଚାଷ ଛାଡ଼ି ସହରରେ ମୂଲିଆ ହେବାକୁ ପସନ୍ଦ କରୁଛି। କୃଷି ମନ୍ତ୍ରାଳୟର ତଥ୍ୟ ଅନୁସାରେ ୧୯୫୧ମସିହାରେ ଅର୍ଥବ୍ୟବସ୍ଥାକୁ କୃଷି କ୍ଷେତ୍ରର ଅବଦାନ ଥିଲା ୫୧ ପ୍ରତିଶତ, କିନ୍ତୁ ୨୦୧୧ ସୁଦ୍ଧା ଆମ ଅର୍ଥବ୍ୟବସ୍ଥାକୁ କୃଷି କ୍ଷେତ୍ରର ଅବଦାନ ହେଉଛି ମାତ୍ର ୧୯ ପ୍ରତିଶତ। ୨୦୧୯-୨୦ ଅର୍ଥନୈତିକ ସର୍ବେକ୍ଷଣର ତଥ୍ୟ ଅନୁସାରେ ଏହି ପ୍ରତିଶତ ଆହୁରି କମି ୧୬.୫ ପ୍ରତିଶତରେ ପହଞ୍ଚିଛି। ୧୯୫୧ରେ କୃଷି କ୍ଷେତ୍ରରେ ୭୦ ପ୍ରତିଶତ ଶ୍ରମ ଶକ୍ତି ନିୟୋଜିତ ଥିବାବେଳେ ସଂପ୍ରତି ଏହା କମି କମି ୪୨.୩୯ ପ୍ରତିଶତରେ ପହଞ୍ଚିଛି। ଯେଉଁ ଶ୍ରମଶକ୍ତି ବି ଏବେ କୃଷି କ୍ଷେତ୍ରରେ ଅଛନ୍ତି, ସେମାନେ ନିଜ ଇଚ୍ଛାନୁସାରେ ନାହାନ୍ତି। ସେମାନଙ୍କ ପାଖରେ ଆଉ କୌଣସି ବେଉସା ନାହିଁ ବୋଲି ସେମାନେ କୃଷି କାମକୁ ଆଦରି ପଡ଼ିରହିଛନ୍ତି। ଗୋଟେ କୃଷିପ୍ରଧାନ ଦେଶ ପାଇଁ ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ।

କୃଷି କ୍ଷେତ୍ରର ଏପରି ନିମ୍ନ ଗତିରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, କୃଷି କ୍ଷେତ୍ରର ବିକାଶ ପାଇଁ ଯାହା କରାଯିବା କଥା ଓ ଯେପରି ଇଚ୍ଛାଶକ୍ତିର ସହିତ କରାଯିବା କଥା ତାହା ଆଦୌ ବି କରାଯାଇନାହିଁ। ସରକାର ପରେ ସରକାର ବଦଳିଛନ୍ତି, କିନ୍ତୁ ସମସ୍ତେ କୃଷି କ୍ଷେତ୍ର ପାଇଁ କେବଳ ଭାଷଣ ଦେଇଛନ୍ତି। ଅସଲ କାମ କେବେ ବି ହୋଇନାହିଁ। ନଚେତ୍ ଆଜି ଗତ ୧୫ ବର୍ଷ ମଧ୍ୟରେ ଆମ ଦେଶର ତିନି ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଆତ୍ମହତ୍ୟା କରି ନ ଥାନ୍ତେ। ଏହା ସ୍ପଷ୍ଟ ଯେ, ବିଗତ ଅନେକ ବର୍ଷ ହେବ ଆମ ସରକାର କୃଷି ଅପେକ୍ଷା ଉଦ୍ୟୋଗ କ୍ଷେତ୍ର ଉପରେ ଅଧିକ ପ୍ରାଧାନ୍ୟ ଦେଇଛନ୍ତି। ଏକ ବିଶ୍ଲେଷଣ ଅନୁସାରେ ୨୦୧୭-୧୮ରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଓ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ମୋଟ୍ ବ୍ୟୟ ୧୪୬୩୮ କୋଟି ଟଙ୍କା ହୋଇଥିବା ବେଳେ ଏହି ସମୟସୀମା ମଧ୍ୟରେ କେବଳ କର୍ପୋରେଟ୍‌ମାନଙ୍କୁ ୨୦୩୯୮୩ କୋଟି ଟଙ୍କାର ଶୁଳ୍କ ରିହାତି ଦିଆଯାଇଛି। ଏଥିରୁ ସରକାରଙ୍କର କୃଷି କ୍ଷେତ୍ର ପ୍ରତି ଥିବା ବୈମାତୃକ ମନୋଭାବର ସ୍ପଷ୍ଟ ସୂଚନା ମିଳୁଛି। ଗତ ବର୍ଷ ଅର୍ଥବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କର୍ପୋରେଟ୍ ଶୁଳ୍କରେ ୧୦ ପ୍ରତିଶତ କମ୍ କରିଥିଲେ, ଯାହାଦ୍ୱାରା କର୍ପୋରେଟ୍‌ମାନଙ୍କୁ ୧.୪୫ ଲକ୍ଷ କୋଟି ଟଙ୍କାର ଲାଭ ମିଳିଥିଲା। ଅନ୍ୟପକ୍ଷରେ ଦେଖିଲେ ୨୦୧୯ରେ ଉଦ୍ୟୋଗ କ୍ଷେତ୍ରରେ ୨୫.୫୮ ପ୍ରତିଶତ ଶ୍ରମଶକ୍ତି ନିୟୋଜିତ ଥିବାବେଳେ, ଏପରି ଦୁଃସ୍ଥିତି ସତ୍ତ୍ୱେ ବି କୃଷି କ୍ଷେତ୍ରରେ ୪୨.୩୯ ପ୍ରତିଶତ ଶ୍ରମଶକ୍ତି ନିୟୋଜିତ ଥିଲେ। ସଂପ୍ରତି କରୋନା ମହାମାରୀ ସମୟରେ ଔଦ୍ୟୋଗିକ କ୍ଷେତ୍ରର ପରିସ୍ଥିତି ଅତ୍ୟନ୍ତ ସଂକଟଜନକ ସ୍ଥିତିରେ ପହଞ୍ଚିଛି। କୋଟି କୋଟି ଲୋକ ନିଯୁକ୍ତି ହରେଇଛନ୍ତି। ଏଥିରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ, ଆମ ଦେଶର ବେକାରି ସମସ୍ୟାର ସମାଧାନ କୃଷି କ୍ଷେତ୍ରର ସୁଧାର ଉପରେ ହିଁ ବହୁଳ ଭାବେ ନିର୍ଭର କରୁଛି।

କୃଷି କ୍ଷେତ୍ରକୁ ଅବହେଳା କରି ଔଦ୍ୟୋଗିକ କ୍ଷେତ୍ରକୁ ପ୍ରାଧାନ୍ୟ ଦେବା କାମ ସ୍ୱାଧୀନତା ସମୟରୁ ହିଁ ଆରମ୍ଭ ହୋଇଛି। ଇଂରେଜମାନେ ଜାଣିଥିଲେ ଯେ, ଭାରତୀୟ କୃଷି ବ୍ୟବସ୍ଥା ଆତ୍ମନିର୍ଭରଶୀଳ ହୋଇଗଲେ, ସେମାନେ ଆଉ ଦୁନିଆ ଉପରେ ରାଜ୍ କରିପାରିବେନି। ତେଣୁ ଯାଉ ଯାଉ ସେମାନେ ଭାରତର କୃଷିକୁ ବରବାଦ୍ କରିବାର କାମ ଆରମ୍ଭ କରିଦେଇଗଲେ, ଯାହାକୁ ଆମ ସ୍ୱାଧୀନ ଦେଶର ସରକାର ମନ ଧ୍ୟାନ ଦେଇ ପାଳନ କଲେ ଓ ତା'ର ପରିଣାମ ଆମ କୃଷି ବ୍ୟବସ୍ଥା ଓ କୃଷକମାନେ ଏବେ ଭୋଗୁଛନ୍ତି। ସ୍ୱାଧୀନତା ପରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଆମର ସମସ୍ତ ଧ୍ୟାନ କେବଳ ଔଦ୍ୟୋଗୀକରଣ ଓ ସହରୀକରଣ ଉପରେ ହିଁ କେନ୍ଦ୍ରିତ ଥିଲା। ପରିଣାମ ସ୍ୱରୂପ କୃଷି ବ୍ୟବସ୍ଥା ପଛକୁ ରହିଗଲା। ଆମ ଦେଶର ଚାଷୀମାନେ ନିଜ ବୁଦ୍ଧି ବଳରେ ଯାହା ବି କରୁଥିଲେ, ତାହା ବି ସରକାରଙ୍କ କୃଷି ନୀତି ଯୋଗୁ ଆହୁରି ଖରାପ ହୋଇଗଲା। ସବୁଜ ବିପ୍ଲବ ନାଁରେ ଆମ ଦେଶର ଆତ୍ମନିର୍ଭର କୃଷି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ବଜାର ନିର୍ଭରଶୀଳ କରିବାର ବ୍ୟବସ୍ଥା ଆରମ୍ଭ କରାଗଲା; ଯାହାର ମଙ୍ଗ ଧରିଲେ ଖୋଦ୍ ସରକାର। ଧୀରେ ଧୀରେ ଆମ ଦେଶର ଚାଷୀମାନଙ୍କ ହାତରୁ ବିହନ ଓ ଜ୍ଞାନ କୌଶଳ ହଜିଯିବାକୁ ଲାଗିଲା। ଚାଷୀ ମାନେ ବଜାର ନ ଗଲେ ଚାଷ କରିବାକୁ ସକ୍ଷମ ହୋଇପାରିଲେ ନାହିଁ। ଆଜିର ପରିସ୍ଥିତିକୁ ଦେଖିଲେ ବୁଝିହେଉଛି ଯେ, ଆମ ଦେଶର ଚାଷ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ କମ୍ପାନୀଙ୍କ ନିୟନ୍ତ୍ରଣରେ। ସବୁଜ ବିପ୍ଲବ ଯୋଗୁ ଆମର ସିନା ଉତ୍ପାଦନରେ ଉନ୍ନତି ଆସିଲା କିନ୍ତୁ ଆମ ଆତ୍ମନିର୍ଭରଶୀଳ ସ୍ୱୟଂସମ୍ପୂର୍ଣ୍ଣ କୃଷି ବ୍ୟବସ୍ଥା ଏକଦମ୍ ଭୁଶୁଡ଼ି ପଡ଼ିଲା। ଆଜି ଚାଷ ଅତ୍ୟନ୍ତ ଖର୍ଚ୍ଚାନ୍ତ କାମ ହୋଇପଡ଼ିଛି। ଚାଷୀକୁ ବିହନଠାରୁ ଆରମ୍ଭ କରି ସବୁକିଛି କିଣିବାକୁ ପଡୁଛି। ନିଜ ଘରର ବିହନ ନାହିଁ, ଗୋବର ଖତ ନାହିଁ। ହଳ ଲଙ୍ଗଳ ନାହିଁ କି ଜମିର ଉର୍ବରତା ବି ନାହିଁ। ଅତ୍ୟଧିକ ପରିମାଣର ରାସାୟନିକ ପ୍ରୟୋଗ ଯୋଗୁ ଜମି ସବୁ ବନ୍ଧ୍ୟା ହୋଇଗଲାଣି। ନଦୀ ଜଳ ଓ ଭୂତଳ ଜଳ ବିଷାକ୍ତ ହୋଇଗଲାଣି। ସବୁ କିଛି କିଣିବାକୁ ପଡୁଥିବାରୁ ଓ ଚାଷରେ ଖର୍ଚ୍ଚ ଅତ୍ୟଧିକ ବଢ଼ିଯାଇଥିବାରୁ ଆଜି ଆମ ଦେଶର ଚାଷୀମାନେ ଋଣଗ୍ରସ୍ତ ହୋଇପଡ଼ିଛନ୍ତି; ଯାହା ସେମାନଙ୍କୁ ଆତ୍ମହତ୍ୟା ଦିଗରେ ବାଟ କଢ଼ାଉଛି। କୃଷି କ୍ଷେତ୍ରରେ ଏହି ସବୁ ପରିବର୍ତ୍ତନର ସବୁଠାରୁ ଅଧିକ ଲାଭ ପାଉଛନ୍ତି କୃଷି କ୍ଷେତ୍ରରେ ଜଡ଼ିତ ଥିବା କମ୍ପାନୀମାନେ। କିନ୍ତୁ ଚାଷୀ ତଳିତଳାନ୍ତ ହୋଇଗଲାଣି। ତଥାପି ସରକାର ଚେତୁନାହାନ୍ତି ଯେ, ଏବେ ବି ବଜାର ନିର୍ଭରଶୀଳ କୃଷି ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଉଛନ୍ତି ଓ ସରକାରଙ୍କ କୃଷି ନୀତି ଚାଷୀ ଅପେକ୍ଷା ଅଧିକ କମ୍ପାନୀ ଉପଯୋଗୀ ବୋଲି ବାରମ୍ବାର ପ୍ରମାଣିତ ହେଉଛି। ବିଶ୍ୱ ବାଣିଜ୍ୟ ସଂଗଠନର ଚୁକ୍ତି ଅନୁସାରେ ଭାରତ କୃଷି କ୍ଷେତ୍ରରୁ ସବ୍‌ସିଡ୍ କମ୍ କରି ଚାଲୁଥିବା ବେଳେ ଅନ୍ୟ ବିକଶିତ ଦେଶମାନେ ନିଜ ଚାଷୀ ମାନଙ୍କୁ ପାଖାପାଖି ନବେ ପ୍ରତିଶତ ସବ୍‌ସିଡ୍ ଦେଉଛନ୍ତି। କିନ୍ତୁ ଆମ ଦେଶର କଥା ଆସିଲେ ସେମାନେ ଆମ ସରକାରଙ୍କୁ ସବ୍‌ସିଡ୍ ହ୍ରାସ କରିବାକୁ ଉପଦେଶ ଦେଉଛନ୍ତି। ଆମ ସରକାର ବି ସୁନା ପିଲା ପରି ତାହା ପାଳନ କରୁଛନ୍ତି।

ଗୋଟିଏ ପଟେ ଆଜି କୃଷି କ୍ଷେତ୍ରରେ ଖର୍ଚ୍ଚ ବହୁତ ବଢ଼ିଥିବା ବେଳେ କୃଷକକୁ ତା'ର ଉତ୍ପାଦନର ଉଚିତ ମୂଲ୍ୟ ମିଳୁନି। ଅନ୍ୟ ସମସ୍ତ ଦ୍ରବ୍ୟର ମୂଲ୍ୟ ଘୋଡ଼ା ଦୌଡ଼ ପରି ବୃଦ୍ଧି ଘଟିଥିବା ବେଳେ କୃଷିଜାତ ଦ୍ରବ୍ୟର ମୂଲ୍ୟ ଗେଣ୍ଡା ଚାଲି ପରି ବଢୁଛି। ଏଥିରେ ଚାଷୀଟିଏ ଆଜିର ମହଙ୍ଗା ସମୟରେ ବଞ୍ଚିବ କିପରି?

ସମୟ ଥିଲା, ଆମ ଦେଶର ଆତ୍ମନିର୍ଭରଶୀଳ କୃଷିକୁ ଅତ୍ୟନ୍ତ ବଡ଼ ତଥା ମହାନ୍ କାମ ଭାବେ ପରିଗଣିତ କରାଯାଉଥିଲା। ଲୋକମାନେ ଚାକିରିକୁ ନିକୃଷ୍ଟ କହି କୃଷି କର୍ମକୁ ଉତ୍କୃଷ୍ଟ ମାନ୍ୟତା ଦେଉଥିଲେ। କିନ୍ତୁ ଆଜି କାହାଣୀ ସମ୍ପୂର୍ଣ୍ଣ ବଦଳି ଯାଇଛି। କୃଷିକୁ ଆଜି ସବୁଠାରୁ ନିକୃଷ୍ଟ କର୍ମ ଭାବେ ଗଣାଯାଉଛି। ଗାଁ ଗହଳିରେ ଆମେ ଦେଖୁଛେ ଯେ, କୃଷି କାମ କରୁଥିବା ଲୋକକୁ କିପରି ହେୟ ଦୃଷ୍ଟିରେ ଦେଖାଯାଉଛି। ଏପରି କି ଅତ୍ୟନ୍ତ ଛୋଟ ବ୍ୟବସାୟ କରୁଥିବା ବା ଅତି ଛୋଟ ଚାକିରି କରିଥିବା ଲୋକକୁ ବି ତା' ଠାରୁ ଉଚ୍ଚ ମାନ୍ୟତା ଦିଆଯାଉଛି।

ଆଜି ଆମେ ଦେଖୁଛେ ଯେ, କରୋନା ମହାମାରୀର ବିପତ୍ତି ସମୟରେ ଅନ୍ୟ ସମସ୍ତ କ୍ଷେତ୍ର ଆଣ୍ଠେଇ ପଡ଼ିଥିବା ବେଳେ, କୃଷି କ୍ଷେତ୍ର ହିଁ ଆଜି ଆମକୁ ସାହା ହୋଇଛି। ଦୀର୍ଘ ଦିନର ଲକ୍‌ଡାଉନ୍ ସମୟରେ ଆମ କୃଷି କ୍ଷେତ୍ର ଓ କୃଷକ ଭାଇମାନେ ହିଁ ଆମ ପେଟକୁ ଦାନା ଯୋଗାଇଛନ୍ତି। ସରକାର ଆଜି ଯେଉଁ ମାଗଣା ଚାଉଳ ଓ ଗହମ ବାଣ୍ଟି ଲୋକମାନଙ୍କ ଜୀବନ ବଞ୍ଚେଇଲେ ବୋଲି ବାହାବା ନେଉଛନ୍ତି ତାହା ତ ଆମ କୃଷି କ୍ଷେତ୍ରରୁ ଓ ଆମ କୃଷକ ଭାଇମାନଙ୍କର ପରିଶ୍ରମରୁ ହିଁ ଆସିଛି। ୨୦୨୦-୨୧ର ପ୍ରଥମ ତିନି ମାସରେ ଜି.ଡି.ପି. ବିଯୁକ୍ତ ୨୪ ପ୍ରତିଶତ ହୋଇଥିବା ବେଳେ, କୃଷି କ୍ଷେତ୍ରରେ ୩.୪ପ୍ରତିଶତ ବୃଦ୍ଧି ଦେଖାଦେଇଛି। ଏହା କୃଷି ତଥା ଚାଷର ପ୍ରାକୃତିକ ଶକ୍ତି ଯେ, ସକଳ ଝଡ଼ଝଞ୍ଜା ଓ ପ୍ରତିକୂଳତା ସତ୍ତ୍ୱେ ବି ତାହା ତିଷ୍ଠି ରହିଛି ଓ କେବଳ ଆମ ଜୀବନ ବଞ୍ଚାଉନି ଆମ ଅର୍ଥନୀତିକୁ ବି କାନ୍ଧ ଦେଉଛି। ଏବେ ସରକାରଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି କୃଷି କ୍ଷେତ୍ର ଉପରେ। କିନ୍ତୁ ଦେଖିବା କଥା ଯେ, ଏତେ ସବୁ ସତ୍ତ୍ୱେ ବି ସରକାରଙ୍କର କ'ଣ କୃଷି କ୍ଷେତ୍ର ଉପରେ ଶୁଭ ଦୃଷ୍ଟି ପଡ଼ିବ! ସରକାର ଆମ ଦେଶର କୃଷକ ଭାଇମାନଙ୍କର ଲାଭ କଥା ଦେଖିବେ ନାଁ କମ୍ପାନୀଙ୍କ ପାଇଁ କୃଷି କ୍ଷେତ୍ରର ବେକ ମୋଡ଼ିଦେବେ!

ଆଜି ଯେତେବେଳେ କୃଷି କ୍ଷେତ୍ରର ବିକାଶ କରିବାର ଓ କୃଷକମାନଙ୍କର ଆୟକୁ ଦୁଇ ଗୁଣ କରିବାର ଭାଷଣ ମରାଯାଉଛି, ସେତେବେଳେ ପ୍ରଥମେ ଦେଖିବା କଥା କୃଷି କ୍ଷେତ୍ରର କିପରି ଢାଞ୍ଚାଗତ ପରିବର୍ତ୍ତନ ଆଣି ହେବ, ଯେପରି ଚାଷୀମାନେ ବଜାର ନିର୍ଭରଶୀଳ ନ ହୋଇ ଆତ୍ମନିର୍ଭରଶୀଳ ହେବେ। ଖୁସିର କଥା ଯେ, ଚଳନ୍ତି ସରକାର ଭାଷଣରେ ପଛେ ହେଉ ଆତ୍ମନିର୍ଭରଶୀଳ ଭାରତର ସ୍ଲୋଗାନ ଦେଇଛନ୍ତି। କିନ୍ତୁ ସରକାର ପ୍ରଥମେ କୃଷି ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ କରାନ୍ତୁ। କାରଣ ପରାଧୀନ ତଥା ବଜାର ନିର୍ଭରଶୀଳ କୃଷି ବ୍ୟବସ୍ଥାକୁ ବଜାୟ ରଖି କେବେ ବି ଭାରତକୁ ଆତ୍ମନିର୍ଭରଶୀଳ କରିହେବ ନାହିଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ-୯୪୩୮୪୬୮୪୭୪

# ଟେକ୍ନୋ ଚିନ୍ତକ

## ବ୍ୟକ୍ତିତ୍ୱ



କ୍ରିସ୍ ଗୋପାଳକ୍ରିଷ୍ଣନ୍

ଉଚ୍ଚଶିକ୍ଷା ଲାଭ କରିବା ପରେ ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରୁ ଅଧିକାଂଶ ଚାକିରି ପଛରେ ଗୋଡ଼ାଇଥାଆନ୍ତି। କିନ୍ତୁ ଏମିତି କେତେକେ ଅଛନ୍ତି, ଯେଉଁମାନେ ଔଦ୍ୟୋଗିକ ବିକାଶ ଦିଗରେ ନିଜକୁ ନିୟୋଜିତ କରନ୍ତି। ନିଜେ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବାରୁ ସେମାନେ ଆଦର୍ଶ ପାଲଟିଥାଆନ୍ତି। ଯୁବାବସ୍ଥାରୁ ଏଭଳି ଲକ୍ଷ୍ୟ ରଖି ଆଗକୁ ବଢ଼ିଥିବା ବ୍ୟକ୍ତି ସେଲିବ୍ରିଟି ସ୍ତରକୁ ଯିବା ଦେଖାଯାଇଛି। ସଦ୍ୟ ଉଦାହରଣ ଦେଖିଲେ ଟେକ୍ନୋ ଉଦ୍ୟୋଗୀ ସେନାପଥି ଗୋପାଳକ୍ରିଷ୍ଣନ୍‌ଙ୍କ ନାମ ଚର୍ଚ୍ଚାକୁ ଆସିଛି। କ୍ରିସ୍ ଗୋପାଳକ୍ରିଷ୍ଣନ୍ ନାମରେ ପରିଚିତ ଏହି ବ୍ୟକ୍ତି ଜୀବନର ପ୍ରତି ପଦକ୍ଷେପରେ ନୂଆ ପିଢ଼ି ପାଇଁ ଅଭିନବତ୍ୱ ଆଣିବାରେ ପ୍ରୟାସ କରିଆସିଛନ୍ତି। ସମ୍ଭବତଃ ତାଙ୍କ କାର୍ଯ୍ୟକୁ ନିରେଖିଲା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କ୍ରିସ୍‌ଙ୍କୁ ରିଜର୍ଭ ବ୍ୟାଙ୍କ ଇନୋଭେଶନ ହବ୍‌ର ଅଧକ୍ଷ ନିଯୁକ୍ତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଆର୍ଥିକ ଜଗତରେ ଅଭିନବ ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରିବା ଦିଗରେ ଏହି ହବ୍ କାର୍ଯ୍ୟ କରିବ। ଏଥିପାଇଁ ଦକ୍ଷ ବ୍ୟାଙ୍କିଙ୍ଗ୍ ସେବା, ଗଭୀର ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଖାଉଟି ସୁରକ୍ଷାକୁ ସୁଦୃଢ଼ କରିବା, ଜରୁରୀ ସମୟରେ ବ୍ୟବସାୟ ଜାରି ରଖିବା ଭଳି ଅନ୍ୟାନ୍ୟ ଅଭିନବ ଚିନ୍ତାଧାରା ସୃଷ୍ଟି କରିବାରେ ହବ୍ ଗୁରୁତ୍ୱ ବହନ କରିବ।

କ୍ରିସ୍ କେରଳର ଥିରୁଭାନନ୍ତପୁରମ୍‌ରେ ୫ ଏପ୍ରିଲ ୧୯୫୫ରେ ଜନ୍ମଗ୍ରହଣ କରିଥିଲେ। ସେଠାକାର ସରକାରୀ ଆଦର୍ଶ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ସେ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ। ପରେ ସେ ଆଇଆଇଟି ମାଡ୍ରାସରୁ ୧୯୭୭ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଏବଂ ସେହିଠାରୁ ୧୯୭୯ରେ କମ୍ପ୍ୟୁଟର ସାଇନ୍ସରେ ଏମ୍‌ଟେକ୍ କରିଥିଲେ। ପଢ଼ା ଶେଷ ହେଉଣୁ ସେହିବର୍ଷ ମୁମ୍ବାଇର ପାଟ୍‌ନୀ କମ୍ପ୍ୟୁଟର ସିଷ୍ଟମ୍‌ରେ ସେ ସଫ୍ଟୱେର ଇଞ୍ଜିନିୟର ଭାବେ ଯୋଗ ଦେଇଥିଲେ। ସଫ୍ଟୱେର କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବା ପରେ ୧୯୮୧ରେ ସେ ଅନ୍ୟ ୬ ଉଦ୍ୟୋଗୀଙ୍କ ସହ ମିଶି ଇନ୍‌ଫୋସିସ୍ ପ୍ରତିଷ୍ଠା କରିଥିଲେ। ସେତେବେଳର ପ୍ରାରମ୍ଭିକ ସମୟରେ କ୍ରିସ୍ ଆମେରିକାର ଉପଭୋକ୍ତା ଉତ୍ପାଦ ଶିଳ୍ପର ଗ୍ରାହକଙ୍କୁ ସୂଚନା ବ୍ୟବସ୍ଥାରେ ସହଯୋଗ କରିବା ଲାଗି କାର୍ଯ୍ୟ କରିଥିଲେ। ସୂଚନା ପହଞ୍ଚାଇବା ପାଇଁ ଆବଶ୍ୟକ ଡିଜାଇନ୍, ତା'ର ବିକାଶ ଓ କାର୍ଯ୍ୟକାରିତା ଦିଗକୁ ଦେଖୁଥିଲେ। ୧୯୮୭ରୁ ୧୯୯୪ ଯାଏ ସେ ଇନ୍‌ଫୋସିସ୍ ଓ ଜର୍ଜିଆର ଆଟଲାଣ୍ଟାସ୍ଥିତ କେଏସ୍‌ଏ ଯୌଥ ଉଦ୍ୟୋଗର ବୈଷୟିକ ବିଭାଗ ମୁଖ୍ୟ ହୋଇଥିଲେ। ୨୦୦୭ରେ ନନ୍ଦନ ନିଲେକାନୀଙ୍କଠାରୁ କ୍ରିସ୍ ଇନ୍‌ଫୋସିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ତଥା ପରିଚାଳନା ନିର୍ଦ୍ଦେଶକ ପଦବୀ ଦାୟିତ୍ୱ ଗ୍ରହଣ କରିଥିଲେ। ୪ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଇନ୍‌ଫୋସିସ୍‌ର ଆୟ ଦ୍ୱିଗୁଣିତ କରି ୬ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇ ଦେଇଥିଲେ। ୨୦୧୧ରେ ସେ ତାଙ୍କ ଦାୟିତ୍ୱ ଇନ୍‌ଫୋସିସ୍‌ର ଅନ୍ୟତମ ସହ-ପ୍ରତିଷ୍ଠାତା ଏସ୍. ଡି. ଶିବୁଲାଲଙ୍କୁ ଅର୍ପଣ କରିଥିଲେ। ଏହା ପରେ କ୍ରିସ୍ ଇନ୍‌ଫୋସିସ୍ ବୋର୍ଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ହୋଇଥିଲେ। ତେବେ ୨୦୧୪ରେ ସେ ଯୁବ ଉଦ୍ୟୋଗୀଙ୍କ ସକାଶେ ଆକ୍ସିଲର ଭେଞ୍ଚର ନାମରେ ଭେଞ୍ଚର କ୍ୟାପିଟାଲ ମଞ୍ଚ ସୃଷ୍ଟି କରିଥିଲେ। ଔଦ୍ୟୋଗିକ ବିକାଶ ଦିଗରେ ନିରନ୍ତର ପ୍ରଚେଷ୍ଟା ତାଙ୍କୁ ବାଙ୍ଗାଲୋରର ନ୍ୟାଶନାଲ ଲ' ସ୍କୁଲ ଅଫ୍ ଇଣ୍ଡିଆ ୟୁନିଭର୍ସିଟିର କନ୍‌ସିଲିଏନ୍ସ-୨୦୧୩ରେ ମୁଖ୍ୟ ବକ୍ତା ହେବାର ସୁଯୋଗ ଦେଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ଛାତ୍ରୀଛାତ୍ରଙ୍କ ବାସ୍ତବ ବୃତ୍ତିଗତ ଜୀବନକୁ ବୁଦ୍ଧିମନ୍ତ କରିବା ନିମନ୍ତେ ଯେଉଁ ପ୍ରେରଣାଦାୟୀ ବକ୍ତବ୍ୟର ଆବଶ୍ୟକତା ରହିଥାଏ ସେହି ଦିଗରେ ସେ ମାର୍ଗଦର୍ଶକ ପାଲଟିପାରିଥିଲେ। କର୍ନାଟକ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବୋର୍ଡ ଫର୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଏଜୁକେଶନ ଷ୍ଟାଣ୍ଡାର୍ଡର ଉପାଧ୍ୟକ୍ଷ ରହିବା ସହ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍‌ନୋଲୋଜି, ବାଙ୍ଗାଲୋରର ଅଧକ୍ଷ ଅଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପଦବୀକୁ ଦେଖିବସିଲେ ୨୦୧୨ରେ କ୍ରିସ୍ ପୁନର୍ଗଠିତ ଜାତିସଂଘର ଗ୍ଲୋବାଲ କମ୍ପାକ୍ଟ ବୋର୍ଡର ସଦସ୍ୟ ଭାବେ ୩ ବର୍ଷ ନିଯୁକ୍ତ ହୋଇଥିଲେ। ଏଥିସହିତ ୫ ଏପ୍ରିଲ ୨୦୧୩ରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ସଭାପତି ମଧ ଥିଲେ।

କ୍ରିସ୍ ଗୋପାଳକ୍ରିଷ୍ଣନ୍‌ଙ୍କ କାର୍ଯ୍ୟ କେବଳ ବୃତ୍ତିଗତ ଜୀବନ ଓ ମାର୍ଗଦର୍ଶନରେ ସୀମିତ ରହିନାହିଁ। ତାଙ୍କ ବ୍ୟକ୍ତିତ୍ୱ ପୂର୍ବରୁ 'ବଦାନ୍ୟ' ଭଳି ବିଶେଷଣ ଲଗାଯାଇପାରିବ। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ(ଆଇଆଇଏସ୍‌ସି)ର ମସ୍ତିଷ୍କ ଗବେଷଣା କେନ୍ଦ୍ର ସକାଶେ ସେ ବ୍ୟକ୍ତିଗତ ଭାବେ ୨୨୫ କୋଟି ଟଙ୍କା ଦାନ କରିଛନ୍ତି। ୧୦୫ ବର୍ଷର ଏହି ସଂସ୍ଥାକୁ ଏକାକୀ ଦାନ କରିଥିବା ପରିମାଣ ସର୍ବାଧିକ ରହିଥିବା ରେକର୍ଡରୁ ଜଣାପଡ଼ିଛି। ଏଥିସହିତ ସେ ଆଇଆଇଏସ୍‌ସିରେ ନ୍ୟୁରୋକମ୍ପ୍ୟୁଟିଂ ଏବଂ ଆଇଆଇଟି ମାଡ୍ରାସ ପାଇଁ ଡାଟା ସାଇନ୍ସରେ ଭିଜିଟିଂ ଚେୟାର ସ୍ଥାପନ କରିବା ନିମନ୍ତେ ଅତିରିକ୍ତ ୬୦ କୋଟି ଟଙ୍କା ଦାନ କରିଛନ୍ତି। ଟେକ୍ନୋଲୋଜି ଦୁନିଆର ବିକାଶ ଓ ନୂତନ ଚିନ୍ତା ପ୍ରସୂତ କରିବାରେ କ୍ରିସ୍‌ଙ୍କ ଅବଦାନ ଲାଗି ତାଙ୍କୁ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନ ମିଳିଛି। ୨୦୧୧ରେ ଭାରତ ସରକାରଙ୍କ ତୃତୀୟ ସର୍ବାଧିକ ନାଗରିକ ସମ୍ମାନ 'ପଦ୍ମଭୂଷଣ'ରେ ତାଙ୍କୁ ସମ୍ମାନିତ କରାଯାଇଛି। ୨୦୧୯ରେ କେରଳ ବିଶ୍ୱବିଦ୍ୟାଳୟ କ୍ରିସ୍‌ଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଛି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ପୋଖରୀ କିମ୍ବା ଗଡ଼ିଆରେ ପଦ୍ମଫୁଲ ଚାଷ କରିବା ସହଜ କିନ୍ତୁ କୁଣ୍ଡରେ ତାହା କରିବା ସହଜ ନୁହେଁ। ହେଲେ କେରଳର ଏର୍ନାକୁଲମ ଜିଲାର ଏଲ୍‌ଡୋସେ ପି.ରାଜୁ କୁଣ୍ଡରେ ପଦ୍ମଫୁଲ ଚାଷ କରି ସେଥିରୁ ରୋଜଗାର କରୁଛନ୍ତି। ସେ କାତାରରେ ଷ୍ଟାଫ ନର୍ସ ଭାବେ ୧୦ ବର୍ଷ ଧରି ଆମ୍ବୁଲାନ୍ସରେ ଜରୁରିକାଳୀନ ସେବା ଯୋଗାଇବା ପରେ ଘରକୁ ଫେରି ଏହି ଚାଷ ଆରମ୍ଭ କରିଛନ୍ତି। ଘର ଅଗଣାରେ ମାର୍ଚ୍ଚମାସରୁ ଚାଷ ଚାଲିଛି। କୁଣ୍ଡରେ ଫୁଟୁଥିବା ପଦ୍ମ ଚାରା ସେ ଥାଇଲାଣ୍ଡ,ୟୁରୋପ ଏବଂ ଆମେରିକାରୁ ଆମଦାନୀ କରିଛନ୍ତି। ଫୁଲ ଫୁଟିବା ପରେ ତାହାକୁ ଫେସ୍‌ବୁକ ପେଜ ଓ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିବା ପରେ ଏହାର ଚାହିଦା ବଢିଯାଇଛି। ସେ ଦେଶର ବିଭିନ୍ନ ସ୍ଥାନକୁ ଫୁଲ, ପଦ୍ମ କନ୍ଦ ଆଦି ସପ୍ଲାଏ କରି ମାସକୁ ୩୦,୦୦୦ ଟଙ୍କା ରୋଜଗାର କରୁଛନ୍ତି। ଦିଲ୍ଲୀ,ମୁମ୍ବାଇ, କୋଲକାତା ଓ ପୁଣେରେ ଏହା ବେଶି ବିକ୍ରି ହେଉଛି। ଏର୍ନାକୁଲମର ପାଖ ଜିଲାଗୁଡ଼ିକରୁ ଲୋକମାନେ ତାଙ୍କଠାରୁ ପଦ୍ମଚାରା ଓ କୁଣ୍ଡ ନେଉଛନ୍ତି। ରାଜୁ ୨୦ ପ୍ରକାର ପଦ୍ମଫୁଲ ଚାଷ କରୁଛନ୍ତି।ତାଙ୍କ ପାଖରେ ୮୫୦ ଟଙ୍କାରୁ ଆରମ୍ଭ କରି ୩୫୦୦ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଗଛ ରହିଛି ବୋଲି କହନ୍ତି ୩୪ ବର୍ଷୀୟ ରାଜୁ।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ନଭେମ୍ବର ୧୯୯୫

- ବୋସନିଆରେ ନାଟୋ ଦପ୍ତର ଖୋଲିବା ନେଇ ଜର୍ମାନୀ ଓ ବ୍ରିଟେନର ପ୍ରତିରକ୍ଷା ମନ୍ତ୍ରୀମାନେ ଏକ ବୈଠକରେ ମିଳିତ ହୋଇ ଘୋଷଣା କରିଛନ୍ତି।
- ପ୍ରବଳ ବିରୋଧ ଓ କକ୍ଷତ୍ୟାଗ ମଧ୍ୟରେ ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗିବା ପାଇଁ ଆଗତ ଓଡ଼ିଶା ବିଦ୍ୟୁତ୍ ସଂସ୍କାର ବିଲ୍ ଗୃହୀତ।

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ।

-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 0 | A | | 9 | D | | | 8 |
| | | | D | | | | 6 | 2 | | | 7 | 4 | E | 0 |
| | | | | 4 | | | | C | 3 | | 2 | | | |
| | | | | | | B | 1 | | | 0 | | 2 | 6 | |
| | | C | | 2 | 7 | | 5 | | 6 | | 8 | | D | 1 |
| | | 9 | | 5 | | 0 | | | | | | | | 4 |
| | | | 0 | C | | | | | 9 | 4 | | D | A | |
| | D | A | | B | | 3 | | | 5 | | C | 9 | | |
| | | 1 | 7 | | 9 | | E | 6 | | | | | | |
| | 7 | E | | | | | 2 | | 0 | A | | | 3 | |
| | A | 4 | 8 | | | | | | | 2 | | C | | |
| | | | 2 | 3 | B | | | | | 8 | | | 5 | |
| | | D | | | | 1 | C | | 4 | 6 | 5 | E | 7 | |
| E | 5 | | | D | | | | B | | | | A | | |
| | | 8 | | | C | | A | | | B | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 9 | 5 | B | 8 | 4 | 0 | E | 3 | A | 7 | 2 | 6 | 1 |
| 5 | B | 8 | 0 | 2 | A | D | 7 | C | 1 | 6 | 9 | 3 | 4 | E |
| 4 | 6 | 7 | C | 3 | E | 5 | 1 | 8 | B | D | 2 | 0 | A | 9 |
| 2 | 3 | 0 | 1 | 7 | 6 | A | 9 | B | C | 4 | E | 8 | 5 | D |
| E | 1 | A | 9 | D | 4 | 2 | 3 | 6 | 8 | 5 | 0 | B | C | 7 |
| B | D | 4 | 3 | 5 | 1 | 7 | 2 | 0 | A | 8 | 6 | 9 | E | C |
| C | 0 | 1 | 8 | 4 | B | 9 | 6 | A | E | 2 | D | 7 | 3 | 5 |
| 9 | 2 | E | 6 | C | 7 | 3 | 4 | D | 5 | 0 | 1 | A | 8 | B |
| A | 5 | 3 | 2 | E | 0 | C | 8 | 1 | 7 | 9 | B | 6 | D | 4 |
| 7 | 8 | 6 | A | 9 | D | B | E | 5 | 4 | 3 | C | 1 | 0 | 2 |
| 1 | 7 | D | 4 | 6 | 3 | 0 | A | 2 | 9 | C | 5 | E | B | 8 |
| 6 | 9 | B | E | 0 | C | 8 | 5 | 7 | D | 1 | A | 4 | 2 | 3 |
| 8 | 4 | 5 | B | 1 | 2 | 6 | D | 9 | 0 | E | 3 | C | 7 | A |
| 0 | A | C | D | 8 | 9 | E | B | 3 | 2 | 7 | 4 | 5 | 1 | 6 |
| 3 | E | 2 | 7 | A | 5 | 1 | C | 4 | 6 | B | 8 | D | 9 | 0 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅପରାଧୀମାନଙ୍କୁ ବହିଷ୍କାର କରାଯାଉ

ମହାଶୟ,

ଆମ ଦେଶର ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ଅଭିଯୁକ୍ତ ସାଂସଦ ଓ ବିଧାୟକ ରୂପେ ନିର୍ବାଚିତ ହୋଇ ଆପରାଧିକ କାର୍ଯ୍ୟକଳାପ ଚାଲୁ ରଖିଛନ୍ତି। ଏହି ରାଜନେତାମାନେ ହେଉଛନ୍ତି ଲୋକମାନଙ୍କର ଭାଗ୍ୟବିଧାତା। ଆମ ଭିତରୁ ଯଦି କେହି ଏଭଳି ନେତାମାନଙ୍କର ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ ଓ ହତ୍ୟାକାଣ୍ଡ ଘଟଣା ଭଳି ସଙ୍ଗିନ ଅପରାଧଗୁଡ଼ିକର ପର୍ଦ୍ଦାଫାଶ କରିବାକୁ ଚାହିଁବ, ତେବେ ଆମକୁ ଘୋର ଦୁର୍ଦ୍ଦଶା ଓ ନିର୍ଯାତନା ସହ୍ୟ କରିବାକୁ ପଡିବ। ଆମର ଅକାଳ ମୃତ୍ୟୁ ବି ହୋଇପାରେ। ଆମ ଘରଲୋକଙ୍କ ଜୀବନ ବି ଯାଇପାରେ। ଏହି ଜଘନ୍ୟ ପିଶାଚମାନେ ଆମର କିଛି ବି କରିପାରନ୍ତି। ଏହି ସର୍ବଗିଳା ଅପରାଧୀମାନଙ୍କର ଖାଦ୍ୟ ହେଉଛି ସରକାରୀ ଯୋଜନା ଅର୍ଥ। ଏମାନଙ୍କ ପାଖରେ ବହୁ କୋଟି ଟଙ୍କାର ଅଚଳାଚଳ ସମ୍ପତ୍ତି। ଏହି ଶକୁନି, ଦୁର୍ଯ୍ୟୋଧନ ଓ ଦୁଃଶାସନ ଚରିତ୍ରର ନେତ୍ରୀନେତାଗଣ ଅପରିଣାମଦର୍ଶୀ ଜନ୍ମାନ୍ଧ ଧୃତରାଷ୍ଟ୍ର ରୂପୀ ଦଳୀୟ ବଡପଣ୍ଡାମାନଙ୍କୁ ମୋହ ଦେଖାଇ ଚୁପ୍ ରଖାଉଛନ୍ତି। ଏଥିପାଇଁ ନିରପରାଧ ପ୍ରଜାମାନଙ୍କ ଉପରେ ଦୁଃଖର ପାହାଡ ଖସିପଡୁଛି। ଏଥିପାଇଁ ଜନନୀ ଗର୍ଭରୁ ଭୂମିଷ୍ଠ ହେଉଥିବା ପ୍ରତ୍ୟେକଟି ନବଜାତକର ମୁଣ୍ଡ ଉପରେ ପ୍ରାୟ ୬୫ ହଜାର ଟଙ୍କାର ଋଣ ବୋଝ ରହୁଛି। ମହାତ୍ମା ଗାନ୍ଧୀଙ୍କ ଦେଶର ରାଜନୀତିରେ ଏଭଳି ଅପରାଧୀମାନଙ୍କର ଆଦୌ ସ୍ଥାନ ନାହିଁ। ସୁତରାଂ, ଆମେ ସମସ୍ତେ ଦଳଗତ ନିର୍ବିଶେଷରେ ଏଭଳି ରାଜନୈତିକ ଅପରାଧୀମାନଙ୍କର ବିନାଶ ପାଇଁ ଦେଶବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ କରିବା ଉଚିତ। ଦଳୀୟ ବଡପଣ୍ଡାମାନେ ମଧ୍ୟ ନିଜ ନିଜ ଦଳରୁ ଅପରାଧୀମାନଙ୍କୁ ତୁରନ୍ତ ବହିଷ୍କାର କରିଦେବା ସହିତ ସେମାନଙ୍କୁ ଆଇନ ହାତରେ ଟେକିଦେବା ଉଚିତ। ଏପରି ନ ହେଲେ ଜନସାଧାରଣ ଆଇନକୁ ହାତକୁ ନେବା ପାଇଁ ବାଧ୍ୟ ହେବେ।

-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୫ରୁ ପଶ୍ଚିମ ଓଡ଼ିଶାରେ ଚାଷୀଙ୍କ ରାସ୍ତାରୋକୋ



ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ସୂଚନା ଦେଉଛନ୍ତି ।

**ସମ୍ବଲପୁର,୨୮।୧୧(ବ୍ୟୁରୋ)**

ସମଗ୍ର ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖା ଦେଇଛି। ଟୋକନ ସମସ୍ୟା ଚାଷୀଙ୍କ ପାଇଁ କାଳ ସାଜିଛି । ଅନ୍ୟପକ୍ଷେ ଏକର ପିଛା ୧୩ ରୁ ୧୯ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରି ନିଷ୍ପତ୍ତି ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି କରିଛି । ଗତ ଏକ ମାସ ହେବ ଚାଷୀମାନେ ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି । ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବାସ୍ତବରେ କୃଷି ଓ ପରିସଂଖ୍ୟାନ ବିଭାଗ କ୍ରପ୍ କଟିଂ ରିପୋର୍ଟକୁ ଆଧାର ନ କରି ମନଇଚ୍ଛା ଧାନ ବିକ୍ରିର ପରିମାଣ ଧାର୍ଯ୍ୟ କରିଛନ୍ତି । ଭୁବନେଶ୍ୱରରେ ବସି ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଲାଗୁ କରିବା ଚାଷୀଙ୍କ ପାଇଁ ସମସ୍ୟା ହୋଇଛି। ଏଥିପାଇଁ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ।

ସେ କହିଛନ୍ତି, ବହୁ ବର୍ଷ ହେବ ଚାଷୀମାନେ ଟୋକନ ବ୍ୟବସ୍ଥାକୁ ବିରୋଧ କରି ଆସିଛନ୍ତି । ହେଲେ ସରକାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ନାମକୁମାତ୍ର ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକ କରାଯାଉଛି। ପୂର୍ବରୁ ଭୁବନେଶ୍ୱରରେ ସବୁ ନିଷ୍ପତ୍ତି ହେଉଛି । ଏଥିପାଇଁ ସ୍ଥାନୀୟ ଜନପ୍ରତିନିଧିମାନେ ବିଧାନସଭାରେ ପ୍ରଶ୍ନ କରି ପାରୁନାହାନ୍ତି । ଜାନୁୟାରୀ ଓ ଫେବୃୟାରୀ ପର୍ଯ୍ୟନ୍ତ ଟୋକନ ଦିଆଯାଇଛି । ଚାଷୀମାନେ ଆଗାମୀ ଚାଷ ପାଇଁ ପ୍ରସ୍ତୁତି କରିବେ ନା ଧାନ ବିକ୍ରି ପାଇଁ ସମୟ ଦେବେ । ଏପରି କି ଚାଷୀଙ୍କ ପାଖରେ ବନ୍ୟପ୍ରାଣୀ ଓ ପ୍ରକୃତି ପ୍ରକୋପରୁ ଫସଲକୁ ରକ୍ଷା କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ । ବହୁଦିନରୁ ଚାଷୀଙ୍କ ମନରେ କୁହୁଳୁଥିବା ଅସନ୍ତୋଷ ଉଗ୍ରରୂପ ନେବ। ଡିସେମ୍ବର ୪ ସୁଦ୍ଧା ସରକାର ଏ ସଂକ୍ରାନ୍ତରେ କୌଣସି ସମାଧାନର ବାଟ ବାହାର ନ କଲେ ଆସନ୍ତା ୫ରୁ ଚାଷୀମାନେ ରାଜରାସ୍ତା ଅବରୋଧ କରିବେ । ଧାନ ବସ୍ତା, ଟ୍ରାକ୍ଟର, ଲଙ୍ଗଳ ସହିତ ବିଭିନ୍ନ ଚାଷ ଉପକରଣ ରାସ୍ତା ଉପରେ ରଖି ଚାଷୀମାନେ ଏହି ଆନ୍ଦୋଳନ କରିବେ। ୨୦୦୧ରେ ବରଗଡ ଜିଲା ବରାଗୁଡାରେ ଚାଷୀମାନେ ଜାତୀୟ ରାଜପଥକୁ ୭୨ ଘଣ୍ଟା ଅବରୋଧ କରିଥିଲେ। ଏହି ଆନ୍ଦୋଳନ ସେହିପରି ହେବ ବୋଲି ପ୍ରଧାନ ଚେତାବନୀ ଦେଇଛନ୍ତି।

ଚାଷୀନେତା ଲିଙ୍ଗରାଜ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର କୃଷି ବିରୋଧୀ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାରଙ୍କ କୃଷି ଆଇନକୁ କଳା ଆଇନ ଭାବେ ଚାଷୀମାନେ ଗ୍ରହଣ କରିଛନ୍ତି। ସମଗ୍ର ଦେଶରେ ଆନ୍ଦୋଳନ ହେଉଛି । ଏହାକୁ ପଶ୍ଚିମ ଓଡ଼ିଶା ଚାଷୀ ସଙ୍ଗଠନ ସମର୍ଥନ କରୁଛୁ । ଏ ନେଇ କେନ୍ଦ୍ର ଚାଷୀ ସଙ୍ଗଠନ ସହ ଆମେ ଯୋଗାଯୋଗରେ ଅଛୁ । ଚାଷୀଙ୍କ ସହ ଆଲୋଚନା କରି ଧାନ ସଂଗ୍ରହରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରାଯାଉ ବୋଲି ସେ ଦାବି କରିଥିଲେ ।

# ଲୁଟ୍ ରୋକିବାକୁ ପୁଣି ଗାଇଡ୍‌ଲାଇନ

**ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଗୃହ ନିର୍ମାଣରେ ବାଲି ସମେତ ଅନ୍ୟାନ୍ୟ ଲଘୁ ଖଣିଜ ଦ୍ରବ୍ୟ ଆବଶ୍ୟକତା ଥିବାବେଳେ ଦିନକୁ ଦିନ ଏସବୁର ଚାହିଦା ବୃଦ୍ଧି ପାଉଛି। ଫଳରେ ବେଆଇନ ବାଲି, ମୋରମ, ପଥର, ମାଙ୍କଡ଼ା ପଥର ଉତ୍ତୋଳନ, ଚାଲାଣ ଓ କାରବାର ମଧ ବଢୁଛି। ଏଥିରେ ସରକାରଙ୍କର ବିପୁଳ ରାଜସ୍ୱ କ୍ଷତି ହେଉଥିବାବେଳେ ଜିଲା ଓ ତହସିଲ ସ୍ତରରେ ଅଧିକାରୀମାନଙ୍କ ସମ୍ପତ୍ତି ବୃଦ୍ଧିପାଉଛି। ସରକାର ବେଆଇନ କାରବାରକୁ ରୋକିବା ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା ପ୍ରସ୍ତୁତ କରୁଥିବାବେଳେ ତାହାକୁ କାର୍ଯ୍ୟକ୍ଷେତ୍ରରେ ଅଧିକାରୀମାନେ ଦଳିମକଚି ଦେଉଛନ୍ତି।**

**ଯାଜପୁର ଅଫିସ,୨୮।୧୧**

**ଲଘୁ ଖଣିଜ ଦ୍ରବ୍ୟ**

- ବାସ୍ତବତାଠାରୁ ଦୂରରେ ଯୋଜନା
- ବିଫଳ ହୋଇଛି ପିଟିଏମ୍ଏମ୍ଇଏ
- କ୍ଷତିରେ ସରକାର, ଲାଭରେ ଅଧିକାରୀ

ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣର ନିବାରଣ ଏବଂ ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରାୟ ଅଢ଼େଇ ବର୍ଷ ତଳେ ପ୍ରିଭେନଶନ ଅଫ୍ ଥେଫ୍ଟ ଅଫ୍ ମାଇନର ମିନେରାଲ୍ସ ଆଣ୍ଡ ଆଭିକ୍ସନ ଆକ୍ଟିଭିଟିଜ୍ (ପିଟିଏମ୍ଏମ୍ଇଏ) ବା 'ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ' ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ତାହା ବିଫଳ ହୋଇଥିବା ସ୍ପଷ୍ଟ ହୋଇଯାଇଛି। କାରଣ ସରକାର ପୁଣି ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିଛନ୍ତି। ଏଥିରେ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହ ବୈଜ୍ଞାନିକ ପଦ୍ଧତିରେ ନଦୀବାଲିର ପରିମାଣ ଓ ଉତ୍ତୋଳନ ଆକଳନ କରିବେ। ଏଥିସହ ନିର୍ଦ୍ଦିଷ୍ଟ ବାଲିଘାଟ ଚିହ୍ନଟ କରି ୨ ମାସ ମଧ୍ୟରେ ରିପୋର୍ଟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଦେବେ ବୋଲି ଗତ ୧୧ ତାରିଖରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଉପରୋକ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସବିଶେଷ ରିପୋର୍ଟ ଦାଖଲ କରିବାକୁ ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ଶୁକ୍ରବାର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୧୧ ତାରିଖରେ ମୁଖ୍ୟ ଶାସନ ସଚିବ ଭିଡିଓ କନଫରେନ୍ସ ଜରିଆରେ ଜଙ୍ଗଲ ଓ ପରିବେଶ, ଜଳସମ୍ପଦ, ଷ୍ଟିଲ ଆଣ୍ଡ ମାଇନ୍ସ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ନିର୍ମାଣ, ବୋର୍ଡ ଅଫ୍ ରେଭିନ୍ୟୁ, ସମସ୍ତ ଆରଡିସି, ଲଘୁଖଣିଜ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଜଳ ସମ୍ପଦ ବିଭାଗ ବାଲିଘାଟ ଚିହ୍ନଟ କରିବ। ସେହିପରି ରାଜସ୍ୱ ବିଭାଗ ବୃହତ୍ ଲଘୁ ଖଣିଜ ଖାଦାନ ଚିହ୍ନଟ ସହ ବିଧି ଅନୁଯାୟୀ ଲିଜ ପ୍ରଦାନ ଓ ନିଷ୍ପତ୍ତିର ଅଗ୍ରଗତି ଉପରେ ସାପ୍ତାହିକ ବୈଠକ ଆୟୋଜନ କରିବ। ଜଙ୍ଗଲ ବିଭାଗ ପରିବେଶ ମଞ୍ଜୁରୀ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ଓ କାରବାର ରୋକିବା ସହ ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇଁ ଏହି ବ୍ୟବସ୍ଥା ହୋଇଥିବାବେଳେ ଏହାର ସଫଳତା ନେଇ ଆଶଙ୍କା ପାଇଛି। କାରଣ ସମାନ ଲକ୍ଷ୍ୟରେ ସରକାର ୨୮।୬।୨୦୧୮ରେ ପିଟିଏମ୍ଏମ୍ଇଏ ଲାଗୁ କରିଥିଲେ। ଏହି ଯୋଜନା ଅନୁଯାୟୀ ୪ଟି ପଦକ୍ଷେପ ଗ୍ରହଣ କରାଯାଇଥିଲା। ବାଲି ଉତ୍ସ ଚିହ୍ନଟ କରିବାକୁ ଜଳ ସମ୍ପଦ ବିଭାଗର ସହନିର୍ବାହୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଓ ସମ୍ପୃକ୍ତ ତହସିଲଦାର ଯୁଗ୍ମ ଭାବେ ପଦକ୍ଷେପ ଗ୍ରହଣ କରିବେ। ବିଭାଗୀୟ ନିର୍ଦ୍ଦେଶନାମା ୧୫୬୪୦/୧୫।୫।୨୦୧୭ ଅନୁଯାୟୀ ଉପଯୁକ୍ତ ଭାବେ ବାଲି ଉତ୍ସର ସୀମାଙ୍କନ କରି ପିଲର ପୋତିବେ। ବେଆଇନ ବାଲି ଖାଦାନ କାରବାର ଉପରେ ଅଙ୍କୁଶ ଲଗାଇବେ।

ସେହିପରି ଆଇନ ଉଲ୍ଲଂଘନକାରୀ ଲିଜଧାରୀଙ୍କ ବିରୋଧରେ ଏମ୍ଏମ୍ଡିଆର ବା ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ ୧୯୫୭ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାଲି ଖାଦାନ ଯୋଗୁ କୌଣସି ନଦୀବନ୍ଧ କ୍ଷତି ହେଉଥିବା ଜଣାପଡ଼ିଲେ ସମ୍ପୃକ୍ତ ଲିଜ୍‌କୁ ରଦ୍ଦ କରାଯିବ। ବେଆଇନ ବାଲି ଖାଦାନରେ ବ୍ୟବହୃତ ଯନ୍ତ୍ରପାତି, ଯାନବାହନ ଆଦିକୁ ରାଜସ୍ୱ ଓ ପୋଲିସ ପ୍ରଶାସନ ଜବତ କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିପାରିବ ବୋଲି ପିଟିଏମ୍ଏମ୍ଇଏ ଯୋଜନାରେ ଦର୍ଶାଯାଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ଗ୍ରହଣ କରାଯାଇପାରେ। ଜିଲାରେ ସମସ୍ତ ଗାଇଡ୍‌ଲାଇନ୍ ଓ ଆଇନକୁ ଚାପି ଦିଆଯାଇ ଯିଏ ଯାହାର କ୍ଷମତା ଅନୁସାରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କରି ଚାଲିଛନ୍ତି। ତେଣୁ ଏଠାରୁ ଅନେକ ପଦାଧିକାରୀଙ୍କ ବଦଳି ନିର୍ଦ୍ଦେଶ ହେବା ପରେ ବି ଯିବାକୁ ପସନ୍ଦ କରନ୍ତି ନାହିଁ। ବେଆଇନ ଭାବେ ଲିଜ୍ ପ୍ରଦାନ କରାଯାଉଥିବାରୁ ଲିଜଧାରୀ ଅନୁମତିଠାରୁ ଢେର ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କରି ଚାଲିଛନ୍ତି। ଯାଜପୁର ଜିଲାର ବରୀ ତହସିଲ ଅଧୀନ ବାଟିଟାଙ୍ଗି ବାଲିଘାଟ ନିଲାମ ବାତିଲ ପାଇଁ ଜିଲାପାଳ କଟକ କେନ୍ଦ୍ରାଞ୍ଚଳ ଆରଡିସିଙ୍କୁ ଚିଠି ଲେଖିବା ସତ୍ତ୍ୱେ ଗତ ଗୁରୁବାର ଏହି ବାଲିଘାଟର ନିଲାମ କରାଯାଇଛି। ସେହିପରି ଦର୍ପଣ, ଦାନଗଦି, ଯାଜପୁର, ବ୍ୟାସନଗର, ଧର୍ମଶାଳା ତହସିଲ ଅଞ୍ଚଳରେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ବାଲି ଉତ୍ସର ଚିହ୍ନଟ କରାଯାଇ ନ ଥିଲେ ମଧ ଲିଜ୍ ପ୍ରଦାନ କରାଯାଇଛି।


# ଜିପ୍ ଧକ୍କାରେ ବାଳକ ମୃତ୍ୟୁକୁ ନେଇ ଉତ୍ତେଜନା

**ସମ୍ବଲପୁର,୨୮।୧୧(ବ୍ୟୁରୋ)**–ଶନିବାର ସମ୍ବଲପୁର ମହିଳା ଥାନା ସମ୍ମୁଖରେ ଏକ ଜିପ୍ ଧକ୍କାରେ ସ୍ଥାନୀୟ ସାହୁ କଲୋନୀର ୭ ବର୍ଷର ବାଳକ ସାହିଲ କୁମାର ସିଂର ମୃତ୍ୟୁ ଘଟିଛି । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । କଲୋନୀବାସୀ ଟାଉନ ଥାନା ଘେରାଉ କରିବା ସହ ଗାଡି ମାଲିକଙ୍କୁ ଗିରଫ ଓ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଦୁର୍ଘଟଣା ଘଟାଇବା ପରେ ଗାଡିଚାଳକ ଭିଏସ୍ଏସ୍ ମାର୍ଗ ଦିଗକୁ ଦ୍ରୁତ ଗତିରେ ଗାଡ଼ି ନେଇ ଫେରାର ହୋଇଯାଇଥିଲେ । ହେଲେ ସ୍ଥାନୀୟ ଲୋକମାନେ ତାଙ୍କୁ ଏକ ହୋଟେଲ ନିକଟରେ କାବୁ କରି ପୋଲିସ ଜିମା ଦେଇଥିଲେ । ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ି(ନଂ.ଓଡି–୧୫–ଇ –୬୬୬୭)କୁ ଜବତ କରିବା ସହ ଗାଡି ଚାଳକଙ୍କୁ ଥାନାରେ ଅଟକ ରଖିଛି ।

ସାହୁ କଲୋନୀର ମଙ୍ଗଲ ଓ ମମତା ସିଂଙ୍କ ପୁଅ ସାହିଲ । ଏହି ଦମ୍ପତି ଜରି ଗୋଟାଇବା ସହ ମଜୁରି କାମ କରି ପରିବାର ପ୍ରତିପୋଷଣ କରନ୍ତି । ଶନିବାର ସକାଳ ପ୍ରାୟ ୯ ଟାରେ ସାହିଲ ଭାଇଙ୍କ ସହ ଲକ୍ଷ୍ମୀ ଟକିଜ୍ ଛକରେ ଥିବା ଜଣେ ସମ୍ପର୍କୀୟଙ୍କ ପରିବା ଦୋକାନକୁ ଆସିଥିଲେ । ଏହି ସମୟରେ ଏକ୍ ଜିପ୍ ଆସି ତାଙ୍କୁ ଧକ୍କା ଦେଇଥିଲା । ସାହିଲ ରାସ୍ତା ଉପରେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ଗାଡି ରୋକିବା ପାଇଁ ଚାଳକଙ୍କୁ କହିଥିଲେ ମଧ୍ୟ ସେ ସାହିଲଙ୍କ ଉପରେ ଗାଡି ଚଢାଇ ଦ୍ରୁତଗତିରେ ଚାଲି ଯାଇଥିଲେ । ସ୍ଥାନୀୟ ଲୋକେ ସାହିଲଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାର ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତକୁ ଆୟତ୍ତ କରିଥିଲା । ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ସହାୟତା ସହ ଗାଡି ମାଲିକ ଆର୍ଥିକ ସହାୟତା ଦେବେ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

ଅନ୍ୟପକ୍ଷେ ଗାଡ଼ି ମାଲିକଙ୍କ ପ୍ରତି ପୋଲିସର ଅନୁକମ୍ପାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ଦୁର୍ଘଟଣା ଘଟାଇଥିବା ଜିପ୍‌ଟି ଜଣେ ଠିକାଦାରଙ୍କ ନାମରେ ଅଛି । ତେଣୁ ପୋଲିସ ଏହି ମାମଲାକୁ ସହଜରେ ସମାଧାନ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଏହି ଘଟଣା ଘଟିବା ପରେ ଟାଉନ ଥାନାରେ କେତେଜଣ ଭାଜପା ନେତା ପହଞ୍ଚି ଥିଲେ । ସେମାନେ ସାହିଲଙ୍କ ପରିବାରକୁ ସମବେଦନା ଜଣାଇ ସହଯୋଗ କରିବେ ବୋଲି ଲୋକମାନେ ଆଶା କରିଥିଲେ । ହେଲେ ସେମାନେ ଥାନା ଭିତରକୁ ଯାଇ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟସ୍ଥି ସାଜିଥିଲେ, ଯାହାକୁ ସହରବାସୀ ସମାଲୋଚନା କରିଛନ୍ତି। ଏ ସମ୍ପର୍କରେ ଟାଉନଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା କହିଛନ୍ତି, ଥାନାରେ ଏକ ମାମଲା(ନଂ.୪୬୭/୨୦) ରୁଜୁ ହୋଇଛି।


























## ବଟି ମାଗିବା ଘଟଣା, ଜଣେ ଗିରଫ

**ପୁରୀ ଅଫିସ:** ହୋଟେଲରେ ପଶି ଭଙ୍ଗାରୁଜା କରିବା ଏବଂ ଦାଦାବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ଗଙ୍ଗାରାମ ନୂଆସାହିର ବିଷ୍ଣୁ ଦାସଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ୨୦୧୮ ସେପ୍ଟେମ୍ବର ୧୯ ରାତିରେ ୧୧ଜଣ ଅଭିଯୁକ୍ତ ବିଭିନ୍ନ ମାରଣାସ୍ତ୍ର ଧରି ନମିତା ଦେବୀଙ୍କ ହୋଟେଲକୁ ପ୍ରବେଶ କରିଥିଲେ। ହୋଟେଲ କର୍ମଚାରୀଙ୍କୁ ଆକ୍ରମଣ କରି ୭୦,୦୦୦ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଥିଲେ। ପରେ ସେମାନେ ୧ଲକ୍ଷ ଟଙ୍କା ବଟି ମାଗିବା ସହ ନ ଦେଲେ ମାରିଦେବାକୁ ଧମକ ଦେଇଥିଲେ ବୋଲି ନମିତା କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ।

# ମାନିଲେ ଭକ୍ତ, ଅମାନିଆ ହେଲେ ସେବାୟତ

**ପୁରୀ ଅଫିସ,୨୮।୧୧**

- ନାଗାର୍ଜୁନ ବେଶ ବେଳେ ସେବାୟତଙ୍କ ଆଚରଣ ଉଲ୍ଲଂଘନ
- କଟକଣା ସତ୍ତ୍ୱେ ମନ୍ଦିର ଭିତରକୁ ଯାଇଥିଲେ ସରକାରୀ କର୍ମଚାରୀ
- ଶ୍ରୀମନ୍ଦିର କର୍ମଚାରୀ ଚନ୍ଦ୍ର, ସୂର୍ଯ୍ୟ ନେଇଗଲେ

ଦୀର୍ଘ ୨୫ ବର୍ଷ ପରେ ପଡ଼ିଥିଲା ଦୁର୍ଲଭ ନାଗାର୍ଜୁନ ବେଶ। ଏହାକୁ ନେଇ ଭକ୍ତ, ସେବାୟତ ସମସ୍ତେ ଉତ୍ସାହିତ ଥିଲେ। ମହାପ୍ରଭୁଙ୍କ ଏହି ଦିବ୍ୟ ବେଶର ଦର୍ଶନ ମନଭରି ଉପଭୋଗ କରିବେ ବୋଲି ଶ୍ରଦ୍ଧାଳୁମାନେ ଭାବନାରେ ଥିଲେ। ହେଲେ ପ୍ରଶାସନିକ ନିଷ୍ପତ୍ତିରେ ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଲା। କରୋନା ମହାମାରୀ ପାଇଁ ମିଳିବନି ଦର୍ଶନ ସୁଯୋଗ। ବିନା ଭକ୍ତରେ ହେବ ମହାପ୍ରଭୁଙ୍କ ଏହି ବୀର ବେଶ। ଛତିଶା ନିଯୋଗ, ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ବେଳେ ଏଥିରେ ମୋହର ମାରିଥିଲା ପ୍ରଶାସନ। ଭକ୍ତଶୂନ୍ୟ ନାଗାର୍ଜୁନ ବେଶର ରୂପରେଖ ପ୍ରସ୍ତୁତ ହେବା ସହ କେତେକ କଟକଣା ବି ଜାରି କରାଗଲା। ପ୍ରଶାସନର ଏହି କଟକଣାକୁ ଭକ୍ତ ମାନିନେଲେ, କିନ୍ତୁ ମାନିଲେନି କେତେକ ସେବାୟତ ଓ କେତେଜଣ କର୍ମଚାରୀ। ଗର୍ଭଗୃହରେ ସେବାୟତଙ୍କ ମଧ୍ୟରେ ବାଦ ବିବାଦ ହେଲା। ପୁଣି ଡ୍ୟୁଟିରେ ନ ଥିବା କର୍ମଚାରୀ ମନ୍ଦିର ଭିତରକୁ ପଶିଥିବା ବେଳେ ନାଗାର୍ଜୁନ ବେଶର ଆକର୍ଷଣୀୟ ଅଂଶ ଚନ୍ଦ୍ର, ସୂର୍ଯ୍ୟଙ୍କୁ ବି ନେଇଯିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି ।

ନାଗାର୍ଜୁନ ବେଶ ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ୨୫ ପ୍ଲାଟୁନ ଫୋର୍ସ ମୁତୟନ ସହ ବିଭାଗୀୟ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଥିଲା। ଏମିତି କି ମରିଚିକୋଟ ଛକଠାରୁ ଟ୍ରାଫିକ କଟକଣା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଥିଲା। ଫଳରେ ଶୁକ୍ରବାର ପତିତପାବନଙ୍କ ଦର୍ଶନ ବି କରିପାରିଲେନି ଭକ୍ତ। ପ୍ରଶାସନର ନିଷ୍ପତ୍ତିକୁ ମାନି ଶ୍ରଦ୍ଧାଳୁମାନେ ଘରେ ରହିଲେ। ଏପରି କି ପୁରୀବାସୀ ବି ସମସ୍ତ କଟକଣାକୁ ମାନିନେଲେ। କିନ୍ତୁ କେତେଜଣ ସେବକ ଓ କର୍ମଚାରୀ ଅମାନିଆ ହୋଇ ନିୟମ ଭାଙ୍ଗିଥିଲେ।

ନାଗାର୍ଜୁନ ବେଶ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ସମସ୍ତଙ୍କ ସମ୍ପୂର୍ଣ୍ଣ ସହମତି ପ୍ରକାଶ ଲୋଡ଼ିଥିଲେ। କିନ୍ତୁ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ଆରମ୍ଭ ବେଳେ ଗର୍ଭଗୃହରେ କେତେଜଣ ସେବାୟତଙ୍କ ଆଚରଣ ଉଲ୍ଲଂଘନ କରିଥିଲେ। ବେଶ ଆରମ୍ଭର କିଛି ସମୟ ପରେ ରତ୍ନସିଂହାସନରେ ଅଧିକ ସିଂହାରୀ ସେବାୟତ ଥିବା ଅଭିଯୋଗ କରିଥିଲେ ଖୁଣ୍ଟିଆ ସେବାୟତ । ଫଳରେ ଏହାକୁ ନେଇ ଦୁଇ ସେବାୟତ ନିଯୋଗ ମଧ୍ୟରେ ବିବାଦ ଉପୁଜିଥିଲା। ଫଳରେ ବନ୍ଦ ରହିଥିଲା ମହାପ୍ରଭୁଙ୍କ ବେଶ ଶୃଙ୍ଗାର। ବାଦବିବାଦ ଏତେ ତୀବ୍ର ଥିଲା ଯେ, ପ୍ରଶାସନିକ ଅଧିକାରୀ ବୁଝାଇଥିଲେ ବି କେହି ବୁଝି ନ ଥିଲେ । ଶେଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ରେକର୍ଡ ଅଫ୍ ରାଇଟ୍ସ ମଗାଯାଇ ପଢାଯାଇଥିଲା। ପରେ ସେମାନଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିବା କୁହାଯାଉଥିଲେ ବି ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶରେ ପ୍ରାୟ ୩ ଘଣ୍ଟା ବିଳମ୍ବ ଘଟିଥିଲା। ସେହିପରି କଟକଣା ସତ୍ତ୍ୱେ ଅନେକ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଏବଂ ଅଧିକାରୀ ମନ୍ଦିର ଭିତରକୁ ଯାଇଥିବା ଅଭିଯୋଗ ବି ଉଠିଛି। ତେବେ ଏଭଳି ଅଭିଯୋଗ ପରେ ଏହାର ଖୋଳତାଡ଼ ଆରମ୍ଭ କରିଛି ପ୍ରଶାସନ । ସେହିପରି ନାଗାର୍ଜୁନ ବେଶର ଆକର୍ଷଣୀୟ ଅଂଶ ଚନ୍ଦ୍ର, ସୂର୍ଯ୍ୟଙ୍କୁ ନେଇଯିବା ପଛରେ ବି ରହିଛି ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ନାଁ। ତେବେ ଏ ସବୁକୁ ଦେଖିଲେ କେତେଜଣ ସେବାୟତ ଓ କର୍ମଚାରୀ ଅମାନିଆ ହୋଇଥିବା ସ୍ପଷ୍ଟ ହୋଇଛି।

## ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ



**ପୁରୀ ଅଫିସ,୨୮।୧୧**

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଶନିବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଛି। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ ହୋଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ସୋଲ, କନା, ବେତ, ଜମୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ସୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ ଖଞ୍ଜାଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୁଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ। ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। କିନ୍ତୁ ଏଥର ଶ୍ରଦ୍ଧାଳୁଙ୍କୁ ଦର୍ଶନ ସୁଯୋଗ ମିଳିନାହିଁ। କରୋନା କଟକଣା ପାଇଁ ଭକ୍ତଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ ନ ଥିବାରୁ କୌଣସି ବେଶ ଦେଖିପାରୁ ନାହାନ୍ତି। ଅନ୍ୟପକ୍ଷେ ରବିବାର କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ବା ଡାଳିକିଆ ବେଶ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ବିଦ୍ୟାଳୟ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ନିରାକାରପୁର,୨୮।୧୧(ଡି.ଏନ୍.ଏ.):** କରୋନା ମହାମାରୀ ଯୋଗୁ ଦୀର୍ଘ ୯ମାସ ହେବ ରାଜ୍ୟରେ ସମସ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ନ ହେବା ପାଇଁ ଅନ୍‌ଲାଇନ ମାଧମରେ ଶିକ୍ଷାଦାନ କରାଯାଉଛି। ଅନ୍ୟପଟେ କେତେକ ବିଦ୍ୟାଳୟ ବନ୍ଦ ରହିଥିବାରୁ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହା ସହ କେତେଜଣ ସ୍କୁଲ ପରିସରରେ କ୍ରିକେଟ ଖେଳୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ସ୍କୁଲରେ ଦେଖିବାକୁ ମିଳିଛି। ଅନ୍ୟପଟେ କେତେଜଣ ସରକାରୀ ଶିକ୍ଷକ ସ୍ଥାନୀୟ ଅଞ୍ଚଳରେ ଟ୍ୟୁଶନ କରୁଥିବା ନେଇ ଅଭିଯୋଗ ହେଉଛି। ଏନେଇ ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ମଲ୍ଲିକ କହିଛନ୍ତି, ସରକାରୀ ଶିକ୍ଷକ ଟ୍ୟୁଶନ କରିପାରିବେ ନାହିଁ। ପ୍ରମାଣ ମିଳିଲେ ସମ୍ପୃକ୍ତ ଶିକ୍ଷକ ଏବଂ ଅସାମାଜିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ପଲ୍ଲିଶ୍ରୀ ମେଳାରେ କରୋନା ସଚେତନତା

**ଖୋର୍ଦ୍ଧା ଅଫିସ,୨୮।୧୧:** ଜିଲା ପ୍ରଶାସନ ଏବଂ ଓରମାସ ମିଳିତ ଆନୁକୂଲ୍ୟରେ ଜୀବିକା ମିଶନ କାର୍ଯ୍ୟାଳୟ ପରିସରରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଛି। ଏଥିରେ ୧୦ଟି ଷ୍ଟଲ୍‌ରେ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ ଅଂଶଗ୍ରହଣ କରିଛନ୍ତି। ଏସ୍‌ଏଚ୍‌ଜି ଗ୍ରୁପ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଆଚାର, ପାମ୍ପଡ, ଘରକରଣା ସାମଗ୍ରୀ ବିକ୍ରି ହେଉଛି। ପୂର୍ବାହ୍ନଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏଠାରେ ଗ୍ରାହକଙ୍କ ଭିଡ଼ ଜମୁଛି। ଏସଏଚ୍‌ଜି ଗ୍ରୁପ ଦ୍ୱାରା ବିଭିନ୍ନ ରଙ୍ଗବେରଙ୍ଗର ମାସ୍କ ଏଠାରେ ଉପଲବ୍ଧ ରହିଛି। ୧୦ଟଙ୍କା ଠାରୁ ୩୦ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ସାଇଜ୍‌ର ମାସ୍କର ଚାହିଦା ରହିଛି। ଶୀତଦିନେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସଚେତନତା ବାର୍ତ୍ତା ଦେବା ସହ ସାନିଟାଇଜ ସୁଲଭ ଦରରେ ବିକ୍ରି କରାଯାଉଛି। ଏଥିସହିତ ମହିଳାଙ୍କ ହ୍ୟାଣ୍ଡ ବ୍ୟାଗ, ପର୍ସ, ସାଜସଜ୍ଜା ଉପକରଣ ଆକର୍ଷଣ ସାଜିଛି।

### ୩ ମାନସିକ ଅନଗ୍ରସର ମହିଳାଙ୍କୁ ସହାୟତା

**ସାକ୍ଷୀଗୋପାଳ,୨୮।୧୧(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ବଳପୁର ପଞ୍ଚାୟତ ବୈଠକରେ ନିଷ୍ପତ୍ତିକ୍ରମେ ଗ୍ରାମର ୩ ଜଣ ମାନସିକ ଅନଗ୍ରସର ମହିଳାଙ୍କୁ ଶନିବାର ସହାୟତା ପ୍ରଦାନ କରାଯାଇଛି। ସେମାନେ ହେଲେ ୩ ନଂ. ୱାର୍ଡରେ ରବି ଭୋଇ, ୮ ନଂ. ୱାର୍ଡର ଡ଼ାଉ ଭୋଇ ଏବଂ ୯ନଂ ୱାର୍ଡର ବିନୋଦିନୀ ଗୋଚ୍ଛାୟତ(୪୫)। ସରପଞ୍ଚ ତ୍ରିନାଥ ମହାପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରକାଶ ଚନ୍ଦ୍ର ନାୟକ, ୱାର୍ଡସଭ୍ୟ ଜୁତିଆ ଭୋଇ, ରବି ସ୍ୱାଇଁ ଓ ବୁଲୁ ନାୟକ ପ୍ରମୁଖ ୩ ମହିଳାଙ୍କୁ ଭେଟି ଟଙ୍କା ଓ ଚାଉଳ ସହାୟତା ଦେଇଥିଲେ।




ପୋଲିସର ପଦକ୍ଷେପ ଏବଂ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ ଜଣାଇ ଶନିବାର ପୁରୀ ଯୁବ ସମାଜ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## 'ଯୁବ ସମାଜ ଦେଶର ସମ୍ବଳ'

**ଖୋର୍ଦ୍ଧା ଅଫିସ,୨୮।୧୧**

ଖୋର୍ଦ୍ଧା ଅହମଦୀୟା ମୁସଲିମ ମସଜିଦଠାରେ ଶନିବାର ଖୋର୍ଦ୍ଧା ଓ ନୟାଗଡ଼ ଅହମଦୀୟା ମୁସଲିମ ଯୁବ ସଙ୍ଗଠନ ପକ୍ଷରୁ ଅହମଦୀୟା ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୋଲେମାନ ଅହମ୍ମଦ ଖାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବ ସମାଜ ସେବା ଓ ସମର୍ପଣ ଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଭୁବନେଶ୍ୱରର ମୌଲାନା ଫଜଲ ହକଖାଁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଯୁବ ସମାଜ ଦେଶର ବଡ଼ ସମ୍ବଳ ବୋଲି କହିଥିଲେ। ମୌଲାନା ରହିମ ଅହମଦ ଖାଁ, ସେକ କାସିମ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

## ବାଳସୁଧାର ଗୃହକୁ ପଠାଇଲା ପୋଲିସ

**ପିପିଲି,୨୮।୧୧(ସ୍ୱ.ପ୍ର.)**

**ନାବାଳକଙ୍କୁ ସାବାଳକ ଦର୍ଶାଇ କୋର୍ଟଚାଲାଣ ମାମଲା**

ପିପିଲି ଥାନାରେ ପୋଲିସ ଜଣେ ନାବାଳକଙ୍କୁ ସାବାଳକ ଦର୍ଶାଇ କୋର୍ଟଚାଲାଣ କରିଥିବା ମାମଲାରେ ଶୁକ୍ରବାର ପୋଲିସ ତାଙ୍କୁ ନିମାପଡା ସବ୍‌ଜେଲରୁ ନେଇ ପୁରୀରେ ଥିବା ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ନେବା ପରେ ବାଳସୁଧାର ଗୃହକୁ ପଠାଇଛି। ଏକ ଆକ୍ରମଣ ଘଟଣାରେ ଉକ୍ତ ନାବାଳକଙ୍କୁ ପୋଲିସ ୧୩ତାରିଖରେ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କ ସହିତ ମିଶାଇ ୧୯ତାରିଖରେ ପିପିଲି କୋର୍ଟକୁ ପଠାଇଥିଲା। ଏହି ନାବାଳକର ପରିବାରକୁ ନ ପଚାରି ପୋଲିସ ସାବାଳକ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ପରେ ଏହା ଜଣାପଡ଼ିବା ପରେ ଏ ନେଇ ଏନ୍‌ଏଚ୍‌ଆର୍‌ସିରେ ଏକ ପିଟିଶନ ହୋଇଥିଲା। ଏହି ଘଟଣା ବିଷୟରେ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ଅଗବତ ହୋଇ ଘଟଣାକୁ ନିନ୍ଦା କରିବା ସହ ଠିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୁଇଦିନ ତଳେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ନିର୍ଦ୍ଦେଶ ଦେବା ପରେ ପୋଲିସ ନାବାଳକଙ୍କ ନେଇ ପୁରୀ ଯାଇଥିଲେ।

## ସରକାରୀ ନଥିପତ୍ରକୁ ଖାଇଗଲାଣି ଉଇ

**ଗୋପ,୨୮।୧୧(ଡି.ଏନ୍.ଏ.)**



ଗୋପ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଥିବା ସରକାରୀ ନଥିପତ୍ରଗୁଡ଼ିକରେ ଉଇ ଖାଇ ନଷ୍ଟ ହେବାରେ ଲାଗିଲାଣି। ଅଧିକାରୀଙ୍କ ଖାମଖିଆଲ ମନୋଭାବ ଓ କେତେଜଣ କର୍ମଚାରୀଙ୍କ ଦାୟିତ୍ୱହୀନତା ଲାଗି ଏଭଳି ହେଉଥିବା ଜଣାପଡ଼ିଛି। ଗୋପ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୬ଟି ବର୍ଗର ୭୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସର୍ଭିସ ବୁକ (ସେବା ପୁସ୍ତିକା), ଜିଆଇଏସ (ସଞ୍ଚୟ ଜମା ଖାତା) ସହ କେତେକ ଜରୁରୀ ନଥିପତ୍ର ରହିଛି। ଏହି ନଥିପତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ କାର୍ଯ୍ୟରେ ଯୋଗଦେବା ସମୟରେ ଯାଞ୍ଚ ପାଇଁ ମଗାଯାଇ ରଖାଯାଇଛି। ଦୀର୍ଘଦିନ ଧରି ଏହିସବୁ କାଗଜପତ୍ର ରହିଥିବାବେଳେ ବିଭାଗୀୟ ଅଧିକାରୀମାନେ ଠିକ୍ ଭାବେ ନ ରଖିବାରୁ ଏପରି ଉଇ ଲଗାଯାଇଛି। ଅନ୍ୟପଟେ ପୂର୍ବରୁ ଅଭିଯୋଗ ରହିଛି ଯେ, ଏହି ବ୍ଲକ ଅଞ୍ଚଳରେ ଶତାଧିକରୁ ଉର୍ଦ୍ଧ୍ୱ ଜାଲ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଏହା ଜଣାପଡ଼ିବା ପରେ ସରକାର ସମସ୍ତ ସ୍କୁଲରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟଗୁଡ଼ିକୁ ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଥିଲେ। ଗୋପ ଅଞ୍ଚଳର ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ମୂଳ ସାର୍ଟିଫିକେଟ ସହ ଆଉ କିଛି ଅରିଜିନାଲ ସାର୍ଟିଫିକେଟ ବିଇଓଙ୍କ ଅଫିସକୁ ଦେଇଥିଲେ। ଏହି ଯାଞ୍ଚକୁ ଦୀର୍ଘଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କ ମୂଳ ସାର୍ଟିଫିକେଟ ନେଇନାହାନ୍ତି। ଫଳରେ ଏହିସବୁ ସାର୍ଟିଫିକେଟ କିମ୍ବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସେବା ପୁସ୍ତିକା, ସଞ୍ଚୟ ଜମା ଖାତାରେ ଉଇ ଲାଗିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହା ଜଣାପଡ଼ିବା ପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ବିଇଓ ଅଫିସ କର୍ମଚାରୀଙ୍କ ଅବହେଳାକୁ ନେଇ ନାନା ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ ଯଦି ଏହା ସତ୍ୟ ହୋଇଥାଏ, ତେବେ ତଦନ୍ତ କରାଯାଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି । ଅପରପକ୍ଷେ ଗୋପ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ମିଶ୍ରଙ୍କୁ ବାରମ୍ବାର ଫୋନ ଲଗାଇଥିଲେ ମଧ ସେ ଉଠାଇ ନ ଥିଲେ।

## ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କୁଶପୁତ୍ତଳିକା ଦାହ

**ପୁରୀ ଅଫିସ,୨୮।୧୧**

ନୟାଗଡ଼ର ଶିଶୁକନ୍ୟା ପରୀ ହତ୍ୟାକାଣ୍ଡର ତାତି ପୁରୀରେ ବି ଦେଖିବାକୁ ମିଳିଛି। ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରାଯାଇଛି। ଶନିବାର ମହିଳା ମୋର୍ଚ୍ଚା କଲେଜ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ନାରାବାଜି କରିଥିଲେ। ପରେ ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ରଙ୍କ ନେତୃତ୍ୱରେ ରବି ଦାସ, ସଞ୍ଜୀବ ମୁଖାର୍ଜୀ, ମମତା ପତି, ଅନିତା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସବିତା ପୃଷ୍ଟି, ଚନ୍ଦ୍ରଲେଖା କର ପ୍ରମୁଖ ସାମିଲ ଥିଲେ।

## ମନ୍ଦିର ଖୋଲିବା ଦାବିରେ ବେଦପାଠ, ଦୀପଦାନ

**ପୁରୀ ଅଫିସ,୨୮।୧୧**

କରୋନା ମହାମାରୀ ପାଇଁ ଦୀର୍ଘ ୮ ମାସରୁ ଊର୍ଦ୍ଧ୍ୱ ହେଲାଣି ରାଜ୍ୟର ବିଭିନ୍ନ ମନ୍ଦିର ଏବଂ ଧର୍ମପୀଠକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ଫଳରେ ଏହାଦ୍ୱାରା ପୂଜକ ଏବଂ ସେବାୟତ ପ୍ରଭାବିତ ହୋଇଛନ୍ତି। କଟକଣା ଭିତରେ ଭକ୍ତଙ୍କ ଲାଗି ମନ୍ଦିର ଖୋଲିବା ନିମନ୍ତେ ଓଡ଼ିଶା ମନ୍ଦିର ସେବାୟତ ସଂଘ ଦାବି କରିଆସୁଛି । ଶନିବାର ମନ୍ଦିର ଖୋଲିବା ଦାବିରେ ସଂଘ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ବେଦପାଠ ଓ ଦୀପଦାନ କରାଯାଇଛି। ଏଥିସହ ସଂଘ ପକ୍ଷରୁ ୫ ଦଫା ଦାବି ମଧ ଉପସ୍ଥାପନ ହୋଇଛି । କଟକଣା ଭିତରେ ମନ୍ଦିର ଖୋଲିବା ସହ ସେବାୟତଙ୍କୁ ୮ମାସର ସହାୟତା ପ୍ରଦାନ, ସେବାୟତଙ୍କ ଜୀବନ ବୀମା, ସେବାୟତଙ୍କୁ ପରିଚୟପତ୍ର ଏବଂ ସେବାୟତଙ୍କୁ ମାସିକ ଭତ୍ତା ପ୍ରଦାନର ବ୍ୟବସ୍ଥା କରିବାକୁ ସଂଘ ଦାବି କରିଛି।



ଶ୍ରୀମନ୍ଦିର ନିକଟରେ ଦୀପଦାନ କରାଯାଉଛି।

## ବନ୍ଦ ପଡ଼ିଛି କ୍ରଶର ୟୁନିଟ, ୩୦ହଜାର ଶ୍ରମିକ ପ୍ରଭାବିତ

**ଖୋର୍ଦ୍ଧା ଅଫିସ,୨୮।୧୧**

କରୋନା ମହାମାରୀ ଯୋଗୁ ଦୀର୍ଘ ୯ମାସ ହେବ କ୍ରଶର ବନ୍ଦ ରହିଛି। ଫଳରେ ଏହି କ୍ରଶର ୟୁନିଟରେ କାମ କରି ପରିବାର ପୋଷଣ କରୁଥିବା ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମଧନ୍ଦା ନ ପାଇ ବହୁ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଖୋର୍ଦ୍ଧା ଅଞ୍ଚଳରେ ଦେଖିବାକୁ ମିଳିଛି। ଖୋର୍ଦ୍ଧାରେ ଥିବା ବିଭିନ୍ନ କ୍ରଶର ୟୁନିଟରେ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରିଥାନ୍ତି। ଏଥିରେ ଗଞ୍ଜାମ, କନ୍ଧମାଳ, ଗଜପତି, କୋରାପୁଟ, କଳାହାଣ୍ଡି, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ଅଞ୍ଚଳର ଶ୍ରମିକ ରହିଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧା ଅଞ୍ଚଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୦ରୁ ଉର୍ଦ୍ଧ୍ୱ ପାହାଡ ରହିଛି। ମୁଣ୍ଡିଆ ପାହାଡରୁ ବେଆଇନ ଭାବେ ଖନନ ଯୋଗୁ ଏସଟିଏଫର ଚଢ଼ାଉ ପରେ ବହୁ ଖଣି ଖାଦାନ ବନ୍ଦ ପଡିଛି। ଫଳରେ କ୍ରସର ମାଲିକମାନେ ଠିକ୍ ଦରରେ କଞ୍ଚାମାଲ ପାଇବାରୁ ବଞ୍ଚିତ ହେଉଛନ୍ତି। କଞ୍ଚାମାଲ ଅଭାବରୁ ବହୁ କ୍ରଶର ବନ୍ଦ ପଡିଛି। ଫଳରେ ବହୁ ଶ୍ରମିକ ମୂଲ ଲାଗିଥିବା ବେଳେ ଅନ୍ୟମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଜଣାପଡ଼ିଛି। ଆଞ୍ଚଳିକ କ୍ରସର ସଂଘ ସମ୍ପାଦକ ପ୍ରକାଶ ସାମନ୍ତରାୟ କହିଛନ୍ତି, ଟାପଙ୍ଗ ଅଞ୍ଚଳରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ କ୍ରଶର ୟୁନିଟ ରହିଛି। ସେଥିରୁ ମାର୍ଚ୍ଚ ୩୧ତାରିଖ ପରଠାରୁ ପ୍ରାୟ ୨ଶହ ୟୁନିଟ ପୁନଃ ପଞ୍ଜୀକରଣ ଲାଇସେନ୍ସ ମିଳିନାହିଁ। ଅନ୍ୟ ୨ଶହ ୟୁନିଟ ଲାଇସେନ୍ସ କାର୍ଯ୍ୟକ୍ଷମ ରହିଛି। ଅନ୍ୟପଟେ ଶ୍ରୀମନ୍ଦିର ପ୍ରଶାସନର ରହିଥିବା ପାହାଡ଼ରୁ ପଥର ଉତ୍ତୋଳନ ଲାଗି ସେପ୍ଟେମ୍ବର ୮ରେ ଜନଶୁଣାଣି ସରିଛି। ତେବେ ପରିବେଶ ମଞ୍ଜୁରୀରେ ବିଳମ୍ବ ହେଉଥିବାରୁ ପଥର ଖନନ ହୋଇପାରୁନାହିଁ। ଏହାକୁ ତ୍ୱରାନ୍ୱିତ ଲାଗି ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ଲାଗି କ୍ରଶର ମାଲିକମାନେ ଦାବି କରିଛନ୍ତି।

# ମନ୍ଦିରରେ ବାଡ଼, ଫିକାପଡ଼ିଲା ବଡ଼ଓଷା



**ଖୋର୍ଦ୍ଧା ଅଫିସ,୨୮।୧୧**

କାର୍ତ୍ତିକ ମାସର ପଞ୍ଚକ ପାଞ୍ଚ ଦିନର ମାହାତ୍ମ୍ୟ ଗୁରୁତ୍ୱପୂର୍ଣ୍ଣ। ଯେଉଁମାନେ ମାସସାରା ବ୍ରତ ପାଳନ କରିପାରନ୍ତି ନାହିଁ, ସେମାନେ ଶେଷ ପାଞ୍ଚ ଦିନ ନିଷ୍ଠାର ସହ ପାଳନ କରିଥାନ୍ତି। କାର୍ତ୍ତିକ ଚତୁର୍ଦ୍ଦଶୀରେ ବଡ଼ଓଷା ପାଳନ କରାଯାଇଥାଏ। ଖୋର୍ଦ୍ଧାସ୍ଥିତ ଧବଳେଶ୍ୱର, ସ୍ୱପ୍ନେଶ୍ୱର, ବାଲୁଙ୍କେଶ୍ୱର, ବାଘମାରୀ ହଟକେଶ୍ୱର ଏବଂ ଗୋଡ଼ାସ୍ଥିତ ଗୋଡା ଲୋକନାଥଙ୍କ ପୀଠରେ ଏହି ଦିନ ଭକ୍ତଙ୍କ ଭିଡ଼ ଜମିଥାଏ। ଚଳିତବର୍ଷ କରୋନା ମହାମାରୀ ଯୋଗୁ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ନେଇ କଟକଣା ରହିଛି। ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ପୀଠରେ ୧୪୪ ଧାରା ଜାରି କରାଯାଇଛି। ଫଳରେ କରୋନା ଠାକୁର ଏବଂ ଭକ୍ତଙ୍କ ମଧ୍ୟରେ ବାଧକ ସାଜିଛି। ଏନେଇ ଭକ୍ତଙ୍କ ମହଲରେ ନିରାଶ ଭାବ ଖେଳିଯାଇଛି। ବହୁ ଶ୍ରଦ୍ଧାଳୁ ଘରେ ମହାଦେବଙ୍କୁ ସ୍ମରଣ କରି ପୂଜାର୍ଚ୍ଚନା କରିଛନ୍ତି। ଖୋର୍ଦ୍ଧାସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଭୋର ୩ଟାରେ ମନ୍ଦିର ପହଡ଼ ଖୋଲାଯାଇଥିଲା। ୪ଟାରେ ବାଳଭୋଗ ପରେ ସମସ୍ତ ଦେବନୀତି ସମ୍ପନ୍ନ ହୋଇଥିଲା। ରାତିରେ ମହାଦୀପ ଉଠିଥିଲା। ବିନା ଭକ୍ତରେ କେବଳ ସେବାୟତଙ୍କ ଉପସ୍ଥିତିରେ ସମସ୍ତ ନୀତି ସମାପନ ହୋଇଥିଲା।

### ଏମାନେ କ'ଣ କୁହନ୍ତି

ବଡ଼ଓଷାରେ ଧବଳେଶ୍ୱରଙ୍କ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ମାନସିକଧାରୀମାନେ ବଡଓଷାରେ ଗଜ ହାଣ୍ଡିଭୋଗ, ଚୁଡ଼ାଘଷା ଭୋଗ ଲାଗି କରିଥାନ୍ତି। ଅଟକାଳି ଭୋଗରେ ଏକ ମହତ୍ତ୍ୱ ରହିଛି। କରୋନା କଟକଣା ଯୋଗୁ ଅଟକାଳି ଭୋଗ ବନ୍ଦ ରହିଛି। ମନ୍ଦିର ଟ୍ରଷ୍ଟି ପକ୍ଷରୁ କେବଳ ରିତିନୀତି ଚାଲୁଛି । କୌଣସି ଲୋକଙ୍କୁ ମନ୍ଦିର ଭିତରକୁ ଛଡାଯାଉନାହିଁ।

**– ରିତେଶ ସାହୁ, ମନ୍ଦିର ପରିଚାଳନା ସଭ୍ୟ**

ବଡ଼ଓଷା ସମୟରେ ବହୁ ଦୂରାନ୍ତରୁ ଭକ୍ତ ଧବଳେଶ୍ୱରଙ୍କ ପୀଠକୁ ଆସିଥାନ୍ତି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ କରୋନା ବାଧକ ସାଜିଛି। କେବଳ ମନ୍ଦିରରେ ନୀତିକାନ୍ତି ଚାଲିଛି। ଏଥିପାଇଁ କେବଳ ପାଳିଆ, ସେବାୟତ ଓ ପୂଜକ ୩ ଜଣଙ୍କୁ ଅନୁମତି ମିଳିଛି। ଶ୍ରଦ୍ଧାଳୁଙ୍କ ମନ୍ଦିର ଆସିବା ଉପରେ କଟକଣା କରାଯାଇଛି।

**–ଲୋକନାଥ ପଣ୍ଡା, ପୂଜକ**

କରୋନା କଟକଣା ଲାଗି ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ବଡଓଷା ସମୟରେ ଭକ୍ତଙ୍କ ଭିଡ଼ ଜମିଥାଏ। ମାନସିକଧାରୀମାନେ ମହାଦେବଙ୍କ ନିକଟରେ ମାନସିକ ଭୋଗ କରି ଆତ୍ମତୃପ୍ତି ଲାଭ କରିଥାନ୍ତି। ଚଳିତବର୍ଷ ସବୁ ବନ୍ଦ ରହିଛି। କେବଳ ନୀତିକାନ୍ତି ଅନୁଯାୟୀ ମହାଦେବଙ୍କ ପୂଜାର୍ଚ୍ଚନା ହୋଇଛି। ଭକ୍ତଙ୍କ କୋଳାହଳ ମଧ୍ୟରେ ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। କରୋନା ଯୋଗୁ ସବୁ ଫିକା ପଡଛି।

**–ଆଶିଷ ରଣା,ସେବାୟତ**

ବଡ଼ଓଷାରେ ମହାଦେବଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ମିଳିଥାଏ। ଚଳିତବର୍ଷ କରୋନା ଯୋଗୁ ଦର୍ଶନରୁ ବଞ୍ଚିତ ହେବାକୁ ପଡିଲା। କିଛି ବର୍ଷ ହେବ, ଏହି ସମୟରେ ଭୋରରୁ ଉଠି ସ୍ନାନ ପରେ ମହାଦେବଙ୍କ ଦର୍ଶନ କରିଥାଏ। ତେବେ ଚଳିତବର୍ଷ କେବଳ ବାହାରୁ ମହାଦେବଙ୍କ ଦର୍ଶନ କରି ଫେରିଥିଲି।

**–ମମତାଞ୍ଜି ପଟ୍ଟନାୟକ, ଶ୍ରଦ୍ଧାଳୁ**

ବଡଓଷାରେ ବାବା ଧବଳେଶ୍ୱରଙ୍କ ଦର୍ଶନ ଲାଗି ପରିବାର ସହିତ ଆସିଥିଲୁ। ପ୍ରଶାସନ ପକ୍ଷରୁ ଏଠାରେ କଟକଣା ରହିଥିବାରୁ ମନ୍ଦିର ଯାଇପାରିଲୁ ନାହିଁ। ଠାକୁରଙ୍କ ଭୋଗ ଲାଗି ଉଦ୍ଦେଶ୍ୟରେ ମନ୍ଦିର ବାହାରେ ନଡିଆ ଭାଙ୍ଗିଥିଲୁ।

**–ଅନସୂୟା ଶ୍ରୀଚନ୍ଦନ, ଶ୍ରଦ୍ଧାଳୁ**

## ୨ ବଖରା ଜଳିଗଲା

ଚୌଦ୍ୱାର, (ଡି.ଏନ.ଏ.): ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ଚୌଦ୍ୱାର ଥାନା ଅନ୍ତର୍ଗତ କମଙ୍ଗ ଗ୍ରାମର ପ୍ରସନ୍ନ କୁମାର ଦାସଙ୍କ ୨ ବଖରା ଜଳିଯାଇଛି। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚିବାବେଳକୁ ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ପ୍ରସନ୍ନଙ୍କ ଘରେ ରୋଷେଇ ହେଉଥିବାବେଳେ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ପ୍ରସନ୍ନ ଗରିବ ଲୋକ ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ସଂକ୍ଷେପରେ

## ୧୩ ବାଇକ୍ ଜବତ: ୨ ଗିରଫ

କଟକ ସଦର,୨୮।୧୧(ଡି.ଏନ୍.ଏ.): ବାଇକ୍ ଚୋରି ଅଭିଯୋଗରେ କଟକ ସଦର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବାଣପୁର ଗ୍ରାମର ପ୍ରକାଶ ପଢ଼ିହାରୀ(୨୪) ଓ ଗଞ୍ଜାମ ଜିଲା ତାରସିଂ ଥାନା ପୋଚଲୁଣ୍ଡି ଗ୍ରାମର ଦୟାନିଧି ନାୟକ(୧୮)। ସେମାନଙ୍କଠାରୁ ୧୩ଟି ବାଇକ୍ ଓ ୮ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୬୨୨/୨୦) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଭୁବନେଶ୍ୱର, ନଖରା ଓ ଭଞ୍ଜନଗର ଅଞ୍ଚଳରୁ ଅଭିଯୁକ୍ତ ଦ୍ୱୟ ଲଗାତର ବାଇକ୍ ଚୋରି କରୁଥିଲେ। ଗତ ୨୭ ତାରିଖ ସନ୍ଧ୍ୟାରେ ପୋଲିସ ବାଲିକୁଦା ଛକରେ ଗାଡି ଯାଞ୍ଚ କରୁଥିଲା। ସେହି ସମୟରେ ଅଭିଯୁକ୍ତ ଦ୍ୱୟ ସ୍କୁଟିରେ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଧରାପଡିଥିଲେ। ବ୍ୟବହୃତ ସ୍କୁଟିରେ ଯେଉଁ ନମ୍ବର ଲେଖାଥିଲା, ତାହା ଏକ ବାଇକ୍ ନମ୍ବର ବୋଲି ଜଣାପଡିବା ପରେ ପୋଲିସ ପଚରାଉଚରା କରିଥିଲା। ପରେ ସମସ୍ତ ବାଇକ୍ ଦୟାନିଧିଙ୍କ ଘରୁ ଜବତ କରାଯାଇଥିଲା। ପ୍ରକାଶଙ୍କ ନାଁରେ ଚାଉଳିଆଗଞ୍ଜ ଓ ସଦର ଥାନାରେ ୭ଟି ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ନକଲି ମସଲା, ଘିଅ କାରଖାନା ଠାବ

କଟକ ଅଫିସ,୨୮।୧୧

ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଦୁଇଟି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନାରେ ଶନିବାର ପୋଲିସ ଚଢାଉ କରିଥିଲା। ଉଭୟ ସ୍ଥାନରୁ ବିପୁଳ ପରିମାଣର ସାମଗ୍ରୀ ପୋଲିସ ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଭଦିମୂଳ ଅଞ୍ଚଳରେ ଏକ ମସଲା ତିଆରି କାରଖାନା ରହିଛି। ହେଲେ କିଛି ମାସ ହେବ ସେହି କାରଖାନାର ଲାଇସେନ୍ସ ଅବଧି ଶେଷ ହୋଇଯାଇଛି। ପରବର୍ତ୍ତୀ ସମୟରେ ଲାଇସେନ୍ସ ନବୀକରଣ କରା ନ ଯାଇ କାରଖାନା ଚାଲୁରହିଥିଲା। ଖବରପାଇ ଶନିବାର ଚାଉଳିଆଗଞ୍ଜ ପୋଲିସ ଓ ସିଏମ୍‌ସି ମିଳିତ ଭାବେ ଚଢାଉ କରିଥିଲା। ସେଠାରେ ତିଆରି ହେଉଥିବା ମସଲାରେ ବିଭିନ୍ନ ପ୍ରକାର କେମିକାଲ ମିଶାଯାଉଥିବା ନେଇ ଯାଞ୍ଚବେଳେ ଜଣାପଡିଥିଲା। ଏପରିକି ମସଲାର ପ୍ୟାକିଂରେ ଉତ୍ପାଦନ ଓ ଏକ୍ସପାରୀ ତାରିଖ ମଧ୍ୟ ଉଲ୍ଲେଖ ନାହିଁ। ମସଲା ପ୍ୟାକେଟରେ ବିଭିନ୍ନ କମ୍ପାନୀର ଲୋଗା ଲଗାଯାଇ ତାହାକୁ ବଜାରରେ ବିକ୍ରି କରାଯାଉଥିଲା।

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ: ୨ ଅଟକ



ଜବତ ନକଲି ସାମଗ୍ରୀ । ନକଲି ଘିଅ କାରଖାନାରେ ପୋଲିସ ଯାଞ୍ଚ କରୁଛି।

ଉକ୍ତ କାରଖାନାରୁ ପ୍ରାୟ ୫ କୁଇଣ୍ଟାଲ ଅପମିଶ୍ରଣ ମସଲା ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଆକଳନ କରିଛି। ଏହାପରେ ପୋଲିସ ଉକ୍ତ କାରଖାନାକୁ ସିଲ୍ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଛି।

ସେହିପରି ଅପରାହ୍ନରେ ନୂଆବଜାର ଅଞ୍ଚଳରେ ଏକ ଅପମିଶ୍ରିତ ଘିଅ ପ୍ରସ୍ତୁତ କାରଖାନାକୁ ପୋଲିସ ଠାବ କରିଥିଲା। ସେଠାରେ ଚଢାଉବେଳେ ଲକ୍ଷାଧିକ ଟଙ୍କାର ଘିଅ ଓ ରାଶୀତେଲ ଜବତ ହୋଇଥିଲା। ଯାଞ୍ଚବେଳେ ଏହି ଘିଅ ଓ ରାଶୀ ତେଲ ଅପମିଶ୍ରିତ ବୋଲି ଜଣାପଡିଥିଲା। ଉକ୍ତ କାରଖାନାରେ ବିଭିନ୍ନ ପ୍ରକାର କେମିକାଲ ମିଶାଇ ଅପମିଶ୍ରିତ ଘିଅ ପ୍ରସ୍ତୁତ କରି ବଜାରରେ ବିକ୍ରି କରାଯାଉଥିଲା। ଫଳରେ ଘିଅରେ ମିଶାଯାଉଥିବା ବିପୁଳ ପରିମାଣର କେମିକାଲ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ ସହରର ବିଭିନ୍ନ ଅଞ୍ଚଳରୁ ଏକାଧିକ ନକଲି କାରଖାନା ଠାବ ହୋଇଛି। ଯେଉଁଠାରେ ଭେଜାଲ ଖାଇବା ତେଲ, ଘିଅ, ମସଲା ଆଦି ତିଆରି ହେଉଥିଲା। ପୋଲିସ ଚଢଉ କରି ଏହି ସବୁ ନକଲି କାରଖାନାକୁ ସିଲ୍ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରୁଛି। ଏହାସତ୍ତ୍ୱେ ଅପମିଶ୍ରଣକାରୀଙ୍କ ଉପରେ କୌଣସି ପ୍ରଭାବ ପଡୁନି।

# ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ ନରସିଂହ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)



କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଶନିବାର ଏକ ଦୈନିକ ଇଂଲିଶ ଖବର କାଗଜ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ଶୁକ୍ରବାର ମିଶ୍ର, ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଏବଂ ସରକାରୀ ଦଳ ପକ୍ଷରୁ ଅତନୁ ସବ୍ୟସାଚୀ ନାୟକ ଏବଂ ପ୍ରତାପ ଦେବ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସରକାରୀ ଦଳ କିମ୍ବା ବିରୋଧୀ ଦଳ ନେତା ଏସ୍‌ଆଇଟି ଦାବି କରି ନ ଥିଲେ। କେବଳ ସେ ହିଁ ଏସ୍‌ଆଇଟି ତଦନ୍ତ ଦାବି କରିଥିଲେ। ହେଲେ ଏସ୍‌ଆଇଟି ତଦନ୍ତ କଥା ସେ କହିଥିବା ନେଇ ଉକ୍ତ ଖବରକାଗଜରେ କିଛି ଲେଖାଯାଇନି। କିଛି ନାଁ ଦେଇ କିଛି ନାଁ ଛଡ଼ାଯିବା ଦ୍ୱାରା ଜନସାଧାରଣଙ୍କ ନିକଟରେ ବିଭ୍ରାନ୍ତିକର ତଥ୍ୟ ପହଞ୍ଚିଛି। ତେଣୁ ସେ ଉକ୍ତ ଖବର କାଗଜର ରିପୋର୍ଟର, ପ୍ରକାଶକ ଏବଂ ସମ୍ପାଦକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଥିବା କହିଥିଲେ। ତେବେ ଏନେଇ ତର୍ଜମା ପରେ ଅବଗତ କରାଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ।

# ମଙ୍ଗଳାଯୋଡ଼ିରେ ବିରଳ ନର୍ଦ୍ଦର୍ନ ଶୋଭେଲର ପକ୍ଷୀ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ମଙ୍ଗଳାଯୋଡ଼ିରେ ଅତି ବିରଳ ରଙ୍ଗର ନର୍ଦ୍ଦର୍ନ ଶୋଭେଲର (northern shoveler) ପକ୍ଷୀ ଠାବ ହୋଇଛି। ଏହି ପକ୍ଷୀଟିକୁ ମଙ୍ଗଳାଯୋଡ଼ିର ବାର୍ଡ ଗାଇଡ୍ ମଧୁ ବେହେରା ଚିହ୍ନଟ କରିଛନ୍ତି। ସାଧାରଣ ଭାବରେ ଏହା ଏକ ମଧ୍ୟମ ଧରଣର ବତକ ଏବଂ ଏହାର ଥଣ୍ଟ ବଡ଼ ଏବଂ ଚାମଚ ଆକାରର ହୋଇଥାଏ।



ସାଧାରଣତଃ ଏହି ପ୍ରଜାତିର ମାଈ ପକ୍ଷୀଙ୍କର ମୁଣ୍ଡ ଓ ଶରୀର ବାଦାମୀ ଏବଂ ଥଣ୍ଟ କମଳା ରଙ୍ଗର। କିନ୍ତୁ ଠାବ ହୋଇଥିବା ପକ୍ଷୀର ଥଣ୍ଟ କମଳା ରଙ୍ଗର ହେବା ସହ ମୁଣ୍ଡ ସମ୍ପୂର୍ଣ୍ଣ ଧଳା ରଙ୍ଗର ହୋଇଛି। ବେକ ପାଖରେ ବାଦାମୀ ବଦଳରେ ମାଟିଆ ରଙ୍ଗର ଧାର ଦେଖାଯାଉଛି। ସେହିପରି ଏକ ମାଈ ନର୍ଦ୍ଦର୍ନ ଶୋଭେଲରର ଶରୀରର ଅଧିକାଂଶ ଅଂଶରେ ଧଳା ରଙ୍ଗର ପର ରହିଥିବାବେଳେ କିଛି ଅଂଶରେ ସାଧାରଣ ରଙ୍ଗର ପର ମଧ୍ୟ ରହିଛି। ଏହି ବିରଳ ପକ୍ଷୀଟିର ଫୋଟୋକୁ ଦେଖି ପକ୍ଷୀ ବିଶେଷଜ୍ଞ ଶକ୍ତି ନନ୍ଦ କହିଛନ୍ତି, ପକ୍ଷୀମାନଙ୍କ ରଙ୍ଗରେ ପରିବର୍ତ୍ତନ ବିଭିନ୍ନ ମ୍ୟୁଟେଶନ ଯୋଗୁ ହୋଇଥାଏ। କମଳା ରଙ୍ଗର ଥଣ୍ଟ ଓ ପାଦ, ଧଳା ଓ ସାଧାରଣ ରଙ୍ଗର ପର ମିଶିକରି ଥିବାରୁ ଏହା 'ପ୍ରୋଗ୍ରେସିଭ ଗ୍ରେୟିଙ୍ଗ' ମ୍ୟୁଟେଶନ ହେବାର ଅଧିକ ସମ୍ଭାବନା ରହିଛି। ଏଥିଯୋଗୁ ଚଢ଼େଇର ରଙ୍ଗ ସମୟକ୍ରମେ ଧଳା ହୋଇଥାଏ। ଜନ୍ମରୁ ସାଧାରଣ ରଙ୍ଗର ପକ୍ଷୀଟିଏ ପ୍ରୋଗ୍ରେସିଭ୍ ଗ୍ରେୟିଙ୍ଗ ଯୋଗୁ ପ୍ରାପ୍ତ ବୟସ୍କ ହେଲାବେଳକୁ ଧଳା ରଙ୍ଗରେ ପରିବର୍ତ୍ତନ ହୋଇଥାଏ। ଏହିଭଳି ମ୍ୟୁଟେଶନ ଭାରତରେ ୨ୟ ଘଟଣା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ପୂର୍ବରୁ ୧୯୭୫ରେ ଦିଲ୍ଲୀ ଚିଡ଼ିଆଖାନାରେ ପ୍ରଥମ କରି ଏକ ଆଲ୍‌ବିନୋ ନର୍ଦ୍ଦର୍ନ ଶୋଭେଲର ଠାବ ହୋଇଥିଲା। କିନ୍ତୁ ୨୦୧୬ରେ ତାହାକୁ ସଂଶୋଧନ କରି ବୈଜ୍ଞାନିକମାନେ ଲିୟୁସିଷ୍ଟିକ ବୋଲି ମତ ଦେଇଥିଲେ। ନର୍ଦ୍ଦର୍ନ ଶୋଭେଲର ପକ୍ଷୀଙ୍କ କ୍ଷେତ୍ରରେ ଏହିଭଳି ମ୍ୟୁଟେଶନ ଅତ୍ୟନ୍ତ ବିରଳ। ଆଗରୁ ସାରା ପୃଥିବୀରେ ଖୁବ୍ କମ୍ ସ୍ଥାନରେ ଏହି ବିରଳ ରଙ୍ଗର ମ୍ୟୁଟେଶନ ଦେଖାଯାଇଛି ବୋଲି ସେ କହିଛନ୍ତି। ଏହି ବିରଳ ପକ୍ଷୀଟିକୁ ଦେଖିବା ସହ ଫଟୋ ଉଠେଇବା ପାଇଁ ଅଧିକ ସଂଖ୍ୟାରେ ପକ୍ଷୀପ୍ରେମୀ ଓ ପର୍ଯ୍ୟଟକମାନେ ମଙ୍ଗଳାଯୋଡ଼ିକୁ ଆସିବେ ବୋଲି ମଧୁ ଆଶାବ୍ୟକ୍ତ କରିଛନ୍ତି।

# ଫଳ, ପରିବାରେ ସବ୍ୟସାଚୀ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

କୋଭିଡ୍-୧୯ ମହାମାରୀ ସମୟରେ ଶତାଧିକ ଓଡ଼ିଶାବାସୀଙ୍କୁ ବିପଦରୁ ଉଦ୍ଧାର କରିଥିବା ଅଭିନେତା ସବ୍ୟସାଚୀ ମିଶ୍ର କେବଳ ଓଡ଼ିଶାରେ ନୁହେଁ, ଓଡ଼ିଶା ବାହାରେ ମଧ୍ୟ 'ରିୟଲ୍ ହିରୋ'ର ଆଖ୍ୟା ପାଇଛନ୍ତି। ଝାଡ଼ଖଣ୍ଡର ଏକ ହୋଟେଲରେ ଦେଶବ୍ୟାପୀ କରୋନା ଯୋଦ୍ଧାଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏକ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିବାବେଳେ ସେଥିରେ ଓଲିଉଡ୍ ନାୟକ ସବ୍ୟସାଚୀଙ୍କ ମହତ୍ କାମକୁ ସମ୍ମାନ ଜଣାଇ ପନିପରିବା ଏବଂ ଫଳରେ ତାଙ୍କର ଚିତ୍ର ଅଙ୍କାଯାଇଥିଲା। ତରଭୁଜ, କଖାରୁ ଆଦିକୁ ଖୋଦେଇ କରି ସବ୍ୟସାଚୀଙ୍କ ପ୍ରତିକୃତି କରାଯାଇଥିଲା। ଏହାସହିତ ଦରଦୀ ବନ୍ଧୁ, ଓଡ଼ିଆ ପୁଅ, ରିୟଲ୍ ହିରୋର ଆଖ୍ୟା ମଧ୍ୟ ଦିଆଯାଇଛି। ଓଡ଼ିଶାର ସୁପରଷ୍ଟାର ଭାବେ ସମସ୍ତେ ସବ୍ୟସାଚୀଙ୍କୁ ଜାଣିଛନ୍ତି। ବିଶ୍ୱବ୍ୟାପୀ କରୋନା ସମୟରେ ଅନେକ ଲୋକଙ୍କୁ ସେ ସହଯୋଗର ହାତ ବଢାଇଥିଲେ। ଝାଡ଼ଖଣ୍ଡର ଲୋକେ ମଧ୍ୟ ତାଙ୍କ ବିଷୟରେ ଜାଣିବା ପାଇଁ ଏଭଳି ପ୍ରୟାସ କରାଯାଇଥିବା ହୋଟେଲ ମ୍ୟାନେଜର ମମତା ଶର୍ମା କହିଛନ୍ତି। ଏନେଇ ସବ୍ୟସାଚୀ ମଧ୍ୟ ତାଙ୍କର ଖୁସି ବ୍ୟକ୍ତ କରିଛନ୍ତି। ହୋଟେଲର ସମସ୍ତ ସେଫ୍ ଏବଂ ମ୍ୟାନେଜ୍‌ମେଣ୍ଟଙ୍କୁ ଧନ୍ୟବାଦ ଜଣାଇବା ସହ ନିଆରାଢଙ୍ଗରେ ସମ୍ମାନିତ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି।




ଝାଡ଼ଖଣ୍ଡର ଏକ ହୋଟେଲରେ ଅନୁଷ୍ଠିତ କଳା ପ୍ରଦର୍ଶନୀରେ ଜଣେ ଶିଳ୍ପୀ ପରିବାରରେ ତିଆରି କରିଥିବା ସବ୍ୟସାଚୀଙ୍କ କଳାକୃତି।

# 'ମହିମା ଧର୍ମ' ଓଡ଼ିଶାର ନିଜସ୍ୱ ଧର୍ମ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ମହିମା ଧର୍ମ ହେଉଛି ସୃଷ୍ଟିର ଆଦିଧର୍ମ। ବିଶ୍ୱ ଦରବାରର ଧର୍ମ। ବ୍ରହ୍ମାଣ୍ଡରେ ଯେତେବେଳେ ଅତ୍ୟଧିକ ପାପର ଭାର ବଢ଼ି ଚାଲିଲା, ସେତେବେଳେ ପୃଥିବୀ ଦେବୀ ସହ୍ୟ କରି ନ ପାରି ଶୂନ୍ୟବ୍ରହ୍ମ ଅଲେଖ ମହିମାଙ୍କୁ ପ୍ରାର୍ଥନା କଲେ। ବ୍ରହ୍ମାଣ୍ଡର ପାପଭାର ଖଣ୍ଡନ ନିମନ୍ତେ ମର୍ତ୍ତ୍ୟମଣ୍ଡଳରେ ମହିମା ଗୋସାଇଁଙ୍କ ଜନ୍ମ ହୋଇଥିଲା ବୋଲି ମହିମା ଗାଦିର ବାବା ରଘୁନାଥ ଦାସ କହିଛନ୍ତି। ଓଡ଼ିଶା ରାଜ୍ୟ ଅଭିଲେଖାଗାର ପକ୍ଷରୁ ଅନୁଷ୍ଠିତ ୪୭ତମ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଦାସ କହିଥିଲେ, ମହିମା ଧର୍ମ ହେଉଛି ଓଡିଶାର ନିଜସ୍ୱ ଧର୍ମ। ମହିମା ଗୋସାଇଁ ପ୍ରଥମେ ଧରାପୃଷ୍ଠରେ ଆବିର୍ଭାବ ହେବା ସମୟରେ ହିମାଳୟଠାରେ ୧୨ବର୍ଷ ତପସ୍ୟା ପରେ ବିଭିନ୍ନ ସ୍ଥାନ ଭ୍ରମଣ କରି ପୁରୀ, ଧଉଳିଗିରି, ଉଦୟଗିରି ଏବଂ ଶେଷରେ ଢେଙ୍କାନାଳର ତପୋବନ କପିଳାସ ଠାରେ ନିଜର ଗାଦି ସ୍ଥାପନ କରିଥିବା ସେ କହିଥିଲେ।

ମୁଖ୍ୟ ଅତିଥିଭାବେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ଜାତିବାଦ୍‌ର ସଂକୀର୍ଣ୍ଣତା, ବ୍ରାହ୍ମଣବାଦ୍‌ର ଶୋଷଣ, ସାମାଜିକ ବୈଷମ୍ୟ, ନିର୍ଯାତନା, ପିତୁଳାପୂଜା ବା ମୂର୍ତ୍ତି ଉପାସନା ଇତ୍ୟାଦିର ବିରୋଧରେ ଦୃଢ ସ୍ୱର ଉତ୍ତୋଳନ କରିବା ସହିତ ମାନବିକତା, ନୈତିକତା ତଥା ସମାଜ ସେବାର ମନ୍ତ୍ର ଗାନ କରି ମହିମା ଧର୍ମ ସୃଷ୍ଟି ହୋଇଥିଲା। ମହିମା ଧର୍ମ ଓଡ଼ିଶାର ସାଂସ୍କୃତିକ ବିଭବର ଏକ ଅଙ୍ଗ ହୋଇ ରହିଛି। ଓଡ଼ିଆଙ୍କ ସାଂସ୍କୃତିକ ଅଭ୍ୟୁଦୟର ଇତିହାସରେ ମହିମାଧର୍ମର ପ୍ରଭାବ ପ୍ରତିଷ୍ଠା ଏକ ବିଶେଷ ଅଧ୍ୟାୟ ଭାବରେ ବିବେଚିତ ହେବ ବୋଲି ସେଠୀ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ସଭାପତିତ୍ୱ ଓ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ ।

# ସ୍ୱାମୀ ମୃତ୍ୟୁର ୨୪ ଘଣ୍ଟାରେ ସ୍ତ୍ରୀଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା ଅଫିସ,୨୮।୧୧:

ଖୋର୍ଦ୍ଧା ଗୁରୁଜଙ୍ଗ ଦେଓ୍ୱାନ ସାହିର ସୌମ୍ୟରଞ୍ଜନ ସାହୁଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ତରତୁଆ ନିକଟ କାଜୁ ଜଙ୍ଗଲରୁ ମିଳିଥିଲା। ଏହାର ୨୪ଘଣ୍ଟା ନ ପୁରୁଣୁ ଶନିବାର ମୁକୁନ୍ଦପ୍ରସାଦସ୍ଥିତ ସମ୍ପର୍କୀୟଙ୍କ ଘରୁ ପୋଲିସ ତାଙ୍କ ସ୍ତ୍ରୀ ରଶ୍ମିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାରିବାରିକ ଅଶାନ୍ତିରୁ ରଶ୍ମିତା ଆତ୍ମହତ୍ୟା କରିଥିବା ନେଇ ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ପ୍ରକାଶ ଯେ, ଗତ କିଛିମାସ ପୂର୍ବେ ଉଭୟଙ୍କ ବିବାହ ହୋଇଥିଲା। ସୌମ୍ୟରଞ୍ଜନ ଆତ୍ମହତ୍ୟା କରିବା ପରେ ପରିବାର ଲୋକେ ରଶ୍ମିତାଙ୍କୁ ମୁକୁନ୍ଦପ୍ରସାଦସ୍ଥିତ ମାମୁ ଘରେ ଛାଡିଦେଇଥିଲେ। ଶନିବାର ଘର ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ।


## ପ୍ରଗତି ପଥେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର

**କେନ୍ଦୁଝର ନିୟନ୍ତ୍ରିତ ବଜାର କମିଟି କୃଷକର ବନ୍ଧୁ ଓ ଜନସାଧାରଣଙ୍କ ସେବାରେ। ଏହାର ସଠିକ୍ ରୂପାୟନ ନିୟନ୍ତ୍ରିତ ବଜାର କମିଟିର ନୈତିକ କର୍ତ୍ତବ୍ୟ। ଚାଷୀ, ବ୍ୟବସାୟୀ ଓ ସାଧାରଣ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଦିଚ୍ଛା ଆମ୍ଭର କାମ୍ୟ।**

**ଆମର ଆଭିମୁଖ୍ୟ:** ୧. କମିଟି ଦ୍ୱାରା ପରିଚାଳିତ ସାପ୍ତାହିକ ହାଟ (ବଜାର ପ୍ରାଙ୍ଗଣ) ଗୁଡ଼ିକରେ କୃଷିଜାତ ପଦାର୍ଥର ବିକ୍ରୟ ପାଇଁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା। ୨. କୃଷକର କୃଷିଜାତ ଦ୍ରବ୍ୟର ସଠିକ୍ ଓଜନ ଓ ଉଚିତ୍ ମୂଲ୍ୟ ପ୍ରାପ୍ୟରେ ସହାୟକ ହେବା। ୩. ଚାଷୀ ଓ ଖାଉଟିମାନଙ୍କୁ ଶୋଷଣ ଓ ଉତ୍ପୀଡ଼ନରୁ ରକ୍ଷା କରିବା। ୪. କୃଷକ, ବ୍ୟବସାୟୀ ଓ ଖାଉଟିମାନଙ୍କ ସୁରକ୍ଷା ନିମନ୍ତେ ସାହାଯ୍ୟ ଓ ସେବା କରିବା। ୫. ଚାଷୀର ବଳକା କୃଷିଜାତ ଦ୍ରବ୍ୟ ଗୋଦାମ ଘରେ ଓ ଶୀତଳ ଭଣ୍ଡାରରେ ନିରାପଦରେ ରଖିବାର ବ୍ୟବସ୍ଥା କରିବା। ୬. ଚାଷୀଙ୍କଠାରୁ ବଜାର ପ୍ରାଙ୍ଗଣ/ଲ୍ୟାମ୍ପସ୍/ଧାନ କ୍ରୟ କେନ୍ଦ୍ରମାନଙ୍କରେ ସରକାରୀ ଦରରେ ସିଧାସଳଖ ଧାନ କ୍ରୟ ପାଇଁ ଭିତ୍ତିଭୂମିର ସୁବ୍ୟବସ୍ଥା କରିବା।


**ଭବିଷ୍ୟତ ଯୋଜନା:** ୧. କେନ୍ଦୁଝର ସହର ମଧ୍ୟରେ ପ୍ରତିଷ୍ଠିତ କୃଷକ ବଜାରର ପୂର୍ଣ୍ଣ କାର୍ଯ୍ୟକ୍ଷମ ନିମନ୍ତେ ପ୍ରଚେଷ୍ଟା। ୨. ଡେଙ୍କିକୋଟ (ଟିକିରା) ବଜାର ପ୍ରାଙ୍ଗଣଠାରେ ଏକ ଆଦର୍ଶ ମଣ୍ଡି ପ୍ରତିଷ୍ଠାର ପରିକଳ୍ପନା। ୩. ହରିଚନ୍ଦନପୁରଠାରେ ନୂତନ ବିପଣନ ସୌଧ (Market Complex) ପ୍ରତିଷ୍ଠା ପାଇଁ ପରିକଳ୍ପନା। ୪. ତୁରୁମୁଙ୍ଗାଠାରେ ନୂତନ ବିପଣନ ସୌଧ (Market Complex) ପ୍ରତିଷ୍ଠା ପାଇଁ ପରିକଳ୍ପନା। ୫. ଜଗମୋହନପୁରଠାରେ ଆମ୍ବ ଚାଷୀମାନଙ୍କ ପାଇଁ ଏକ ଆମ୍ବ ବଜାର ପ୍ରତିଷ୍ଠା ସହିତ ତାହାର ପ୍ରକ୍ରିୟାକରଣ ପ୍ରକଳ୍ପର ପରିକଳ୍ପନା। ୬. ଚାଷୀମାନଙ୍କ ଉତ୍ପାଦିତ ଶସ୍ୟର ସଠିକ୍ ବିପଣନ ନିମନ୍ତେ ପଞ୍ଚାୟତସ୍ତରୀୟ, ବ୍ଲକ ସ୍ତରୀୟ ଓ ଉପଖଣ୍ଡସ୍ତରୀୟ କୃଷକ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା ପାଇଁ ପରିକଳ୍ପନା।

ଶ୍ରୀ ନିହାର ରଞ୍ଜନ ମିଶ୍ର, ICS
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର

ଶ୍ରୀ ରାମଚନ୍ଦ୍ର କିସ୍କୁ, OAS-GR.A (SB)
ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର


# ୪୦୦ ବର୍ଷ ପରେ ବୃହସ୍ପତି ଓ ଶନିର ମହାମିଳନ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)




ଆସନ୍ତା ଡିସେମ୍ବର ୨୧ ସନ୍ଧ୍ୟା ଆକାଶରେ ବୃହସ୍ପତି ଓ ଶନି ଗ୍ରହ ପରସ୍ପରର ଖୁବ୍ ନିକଟରେ ଦେଖାଯିବେ। ପ୍ରାୟ ୪୦୦ବର୍ଷ ପରେ ଏହି ମହାମିଳନ ହେବ। ତେଣୁ ଏହାଏକ ଅତ୍ୟନ୍ତ ବିରଳ ଘଟଣା ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ବୃହସ୍ପତି ଓ ଶନିର ଏପରି ମହାମିଳନ (୦.୧ଡିଗ୍ରୀରୁ କମ୍) ୧୬୨୩ ଜୁଲାଇ ୧୬ରେ ଦିଗ୍‌ବଳୟର ୧୩ ଡିଗ୍ରୀ ଉପରେ ଦେଖାଯାଇଥିଲା। ଯାହା ସବୁ ଜାଗାରେ ଦେଖିବା ସମ୍ଭବ ହୋଇ ନ ଥିବ। ତେଣୁ ଶେଷଥର ପାଇଁ ୧୬୨୬ ମାର୍ଚ୍ଚ ୪ରେ ଘଟିଥିବା ମହାମିଳନକୁ ଦେଖିବା ସହଜ ଥିଲା। ବର୍ତ୍ତମାନ ଗ୍ରହ ଦୁଇଟି ସୂର୍ଯ୍ୟାସ୍ତ ପରେ ଉତ୍ତର-ପଶ୍ଚିମ ଦିଗ୍‌ବଳୟର ଅଳ୍ପ ଉପରେ ଖାଲି ଆଖିରେ ଖୁବ୍ ସୁନ୍ଦର ଭାବେ ଦେଖାଯାଉଛି। ଆସନ୍ତା ତିନି ସପ୍ତାହ ଧରି ପ୍ରତିଦିନ ଏହି ଦୁଇଟି ଗ୍ରହ ମଧ୍ୟରେ ଥିବା ଦୂରତା କମିବ ଓ ଖୁବ୍ ପାଖାପାଖି ଦେଖାଯିବେ। ଡିସେମ୍ବର ୨୧ରେ ସୂର୍ଯ୍ୟାସ୍ତର ଏକଘଣ୍ଟା ପରେ ପଶ୍ଚିମ ଦିଗବଳୟ ଉପରେ ଏକତ୍ର ଦେଖାଯିବେ। ସେମାନଙ୍କ ଭିତରେ ଦୂରତା ମାତ୍ର ୦.୧ ଡିଗ୍ରୀ ରହିବ। ଭାରତ ତଥା ଓଡ଼ିଶାର ସବୁ ସ୍ଥାନରୁ ଏହାକୁ ଖାଲି ଆଖିରେ ଦେଖିହେବ। ଛୋଟ ଦୂରବୀକ୍ଷଣରେ ଏକ ସମୟରେ ବୃହସ୍ପତି ଓ ତା'ର ୪ ଉପଗ୍ରହ ଏବଂ ଶନି ଓ ତା'ର ଏକ ଉପଗ୍ରହ ଦେଖିହେବ। ଏଭଳି ବୃହସ୍ପତି ଓ ଶନି ଆମ ଜୀବନକାଳରେ ଥରେ ଏକାଠି ହେବେ, ତେଣୁ ଏପରି ସୁଯୋଗ ହାତଛଡ଼ା କରନ୍ତୁ ନାହିଁ ବୋଲି ଡ. ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।


## SPOT ADMISSION (SUIIT): 2020-21

### SAMBALPUR UNIVERSITY INSTITUTE OF INFORMATION TECHNOLOGY

A Constituent and Autonomous Institution of Sambalpur University

Advt. No.: 713/SUIIT — Date: 28.11.2020

| Sl. No. | Programme Name | Date |
|---|---|---|
| 1. | • B. Tech (Spot Admission for Vacant Seats in CSE/ECE/EEE ): (Admission for OJEE allotted B.Tech seats are being conducted during 28.11.2020 to 02.12.2020. Vacant seats after regular admission for B.Tech CSE/ECE/EEE will be conducted after that on 04.12.2020). | 04.12.2020 |
| 2. | • Master in Computer Application(for SC & ST Student only) | 03.12.2020 |
| 3. | • M. Sc Electronics(General and SC & ST)<br>• M.Sc Computer Sc. (General and SC & ST) | 03.12.2020 |
| 4. | • M. Tech Computer Sc. and Engg. (General and SC & ST)<br>• M.Tech Communication System Engg. (General and SC & ST) | 03.12.2020 |

**INSTRUCTIONS**

Interested candidates should report to the Administrative Officer, SUIIT within 10AM to 12Noon (Positively) .There will be an entrance examination of one hour duration for MCA/M.Sc and M.Tech students at 12.30 P.M. for all programmes following COVID-19 guidelines.Selection will be done on same day, as per rule.

**FOR DETAIL INFORMATION, ELIGIBILITY CRITERIA**
**Visit: www.suiit.ac.in**

Contact: Dr. S. Jena, HOD, CSE&A - 8247679467, Dr. N. K. Barpanda, HOD, EL - 9438074077, Mrs. S. Kar, HOD, ECE- 9439657668, Dr. A.Panda, HOD, EEE - 7381111459

E-mail: admin.office@suiit.ac.in — Sd./- Director, SUIIT



## OFFICE OF THE PARADEEP MUNICIPALITY, PARADEEP

No. 5825 — Dt. 27.11.2020

### QUOTATION CALL NOTICE

The Executive Officer, Paradeep Municipality on behalf of Paradeep Municipality, Dist.- Jagatsinghpur invites sealed quotations from the interested Firm/Agency for Wall Painting on Swachh Surveskhan - 2021 inside the Paradep Municipality Area, Paradeep. The prescribed quotation schedule (DTCN) can be downloaded from Paradeep Municipality website **www.paradeepmunicipality.org** from **10.00 A.M. Date: 27.11.2020 to Date: 03.12.2020 upto 05.00 P.M.** on payment of **Rs.500.00** (Rupees five hundred) only (non-refundable) in shape of Cash/ Bank Draft/Bankers Cheque drawn in favour of the Executive Officer, Paraddep Municipality payable at Paraddep from any Nationalized Bank.

The quotation paper along with all documents shall be received in the Office of the Executive Officer, Paradeep Municipality through by person on or before **Date: 04.12.2020 upto 01.00 P.M.** The quotation will be opened **Date: 04.12.2020 at 03.30 P.M.** in presence of the quotationer or their authorized representatives. The quotation received beyond the schedule date and time will not be considered at all.

The undersigned has the rights to accept, cancel or reject any or all the quotations without assigning any reason thereof.

**Sd./- Executive Officer**
**Paradeep Municipality**

## ସଂକ୍ଷେପରେ

### ବ୍ରହ୍ମପୁର ଡାକ୍ତର ସମ୍ମାନିତ

ଆର୍‌ଏସ୍‌ଏସ୍‌ଡିଆଇ ବାର୍ଷିକ ସମ୍ମିଳନୀ



**ବ୍ରହ୍ମପୁର ଅଫିସ୍,୨୮।୧୧:** କରୋନା ମହାମାରୀ ସମୟରେ ମଧୁମେହ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଥିବାରୁ ବ୍ରହ୍ମପୁରର ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନୀଲ କୁମାର କୋଟା ସମ୍ମାନିତ ହୋଇଛନ୍ତି। ମଧୁମେହ ସମ୍ବନ୍ଧୀୟ ଗବେଷଣାତ୍ମକ ଜାତୀୟ ସଂସ୍ଥା ରିସର୍ଚ୍ଚ ସୋସାଇଟି ଫର୍ ଷ୍ଟଡ଼ି ଅଫ୍ ଡ଼ାଇବେଟିସ୍ ଇନ୍ ଇଣ୍ଡିଆ (ଆର୍‌ଏସ୍‌ଏସ୍‌ଡ଼ିଆଇ) ପକ୍ଷରୁ ଆୟୋଜିତ ୪୮ତମ ବାର୍ଷିକ ସମ୍ମିଳନୀରେ ତାଙ୍କୁ ସମ୍ମାନିତ କରାଯାଇଛି। ଅନ୍‌ଲାଇନ୍‌ରେ ହୋଇଥିବା ଏହି ସମ୍ମିଳନୀରେ ପ୍ରାୟ ୧୫ହଜାର ଡାକ୍ତର ଅଂଶଗ୍ରହଣ କରିଥିଲେ। ଡା. କୋଟା କିଡ୍‌ନୀ ସମସ୍ୟା ଥିବା ଡାଇବେଟିସ୍ ରୋଗୀଙ୍କର ଚିକିତ୍ସାରେ ବ୍ୟବହୃତ ହେଉଥିବା ଔଷଧ ସମ୍ପର୍କରେ ନିଜ ମତ ରଖି ଓଡ଼ିଶାରୁ ଜଣେ ମାତ୍ର ଡାକ୍ତର ଭାବେ ଏହି ସମ୍ମାନ ପାଇଛନ୍ତି। ଆର୍‌ଏସ୍‌ଏସ୍‌ଡ଼ିଆଇର ଜାତୀୟ ସଭାପତି ଡା.ବଂଶୀ ସାହୁ ସମ୍ମିଳନୀରେ ସଭାପତିତ୍ୱ କରିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ଡା.ଜିତେନ୍ଦ୍ର ସିଂ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ।

# ସରକାର ଦୁର୍ନୀତିକୁ ଘଣ୍ଟ ଘୋଡ଼ାଉଛନ୍ତି: ନରସିଂହ

**ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବି ଆଲୋଚନା**

- ଅତିରିକ୍ତ ବ୍ୟୟ ଅଟକଳ ୨୨୫୨.୮୪ କୋଟି
- ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରୁଛନ୍ତି ମୁଖ୍ୟମନ୍ତ୍ରୀ: ଶାସକ
- ଗିଲୋଟିନ୍‌ରେ ପାରିତ ହେଲା ସମସ୍ତ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୨୨୫୨.୮୪ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ୨୨୪୧.୩୪ କୋଟି ଟଙ୍କା କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ପାଇଁ ଧାର୍ଯ୍ୟ ହୋଇଥିବାବେଳେ ପ୍ରଶାସନିକ ଖର୍ଚ୍ଚ ବାବଦରେ ୧୧.୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

ଶନିବାର ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅନୁପସ୍ଥିତିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ସାମଗ୍ରିକ ବ୍ୟୟ ଅଟକଳ ୧୮,୧୦୫.୮୪ କୋଟି ରଖାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଏବଂ ବିଜୁ ପକ୍କା ଘର ଯୋଜନା ଅଧୀନ ୬,୮୯,୯୯୦ ପକ୍କାଘର ନିର୍ମାଣ ନିମନ୍ତେ ୩,୯୬୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୨,୧୫,୦୦୦ ଗୃହ ନିର୍ମାଣ ଶେଷ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟଲକ୍ଷ୍ୟ ପୂରଣ ନିମନ୍ତେ ୧୫୧୪ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତାବିତ ହୋଇଛି।

୨୦୨୦-୨୧ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଇଁ ୧୫୦୦ କୋଟି ଟଙ୍କା ଓ ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍‌ଆର୍‌ଏଲ୍‌ଏମ୍) ସକାଶେ ୭୮୧.୫୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅତିରିକ୍ତ ବଜେଟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ୭୦୦ କୋଟି ଟଙ୍କା ଏବଂ ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା -ଏନ୍‌ଆରଏଲ୍‌ଏମ୍ ପାଇଁ ୮.୯୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଖର୍ଚ୍ଚ ଦାବି ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସରକାରଙ୍କୁ କଡ଼ାଭାଷାରେ ସମାଲୋଚନା କରିଥିଲେ। ସେ କହିଥିଲେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ଦେବା କଥା। ସରକାର କ୍ଷମତା ହସ୍ତାନ୍ତର କରିବା ପାଇଁ କୌଣସି ବ୍ୟବସ୍ଥା ନ କରି କେବଳ କାର୍ଯ୍ୟକାରୀ ଏଜେନ୍ସି କରି ରଖିଛନ୍ତି। ଦୁର୍ନୀତିକୁ ଘଣ୍ଟ ଘୋଡାଯାଉଛି। ବଲାଙ୍ଗୀର ଜିଲାରେ ଅଧିକାଂଶ ସ୍ଥାନକୁ ପାଇପ୍ ପାଣି ନାହିଁ। ସରକାର ସମସ୍ତଙ୍କୁ ପିଇବା ପାଣି ଯୋଗାଉଥିବା କହି ବାହୁସ୍ଫୋଟ ମାରୁଛନ୍ତି। ଓଭର ହେଡ୍ ଟାଙ୍କିକୁ ପାଣି ଯାଉନି। ଲୋକମାନଙ୍କୁ ପିଇବା ପାଣି ମିଳୁନି। ସରକାର ପାନୀୟ ଜଳ ଯୋଗାଇବାରେ ଫେଲ୍ ମାରିଛନ୍ତି କହି ସେ ଖର୍ଚ୍ଚ ଦାବିକୁ ବିରୋଧ କରିଥିଲେ। କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀ ମଧ୍ୟ ଖର୍ଚ୍ଚ ଦାବିକୁ ବିରୋଧ କରିଥିଲେ।

ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବିକୁ ସମର୍ଥନ କରି ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ପଞ୍ଚାୟତିରାଜ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ନେଇ ଦେଖିଥିବା ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ପୂରଣ କରୁଛନ୍ତି। କୋଭିଡ୍ ପରିଚାଳନାରେ ପଞ୍ଚାୟତିରାଜ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡାଇ, ସୁଧୀର ସାମଲ, ଲତିକା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ସରକାରଙ୍କ ଗୁଣଗାନ କରିବା ସହ ଖର୍ଚ୍ଚ ଦାବି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ହଟଗୋଳ ମଧ୍ୟରେ ବାଚସ୍ପତି ସମସ୍ତ ବିଭାଗର ଖର୍ଚ୍ଚ ଦାବିକୁ ଗିଲୋଟିନ୍‌ରେ ପାରିତ କରାଇଥିଲେ। ରବିବାର ବିଧାନସଭାରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଅନୁମୋଦନ ହେବ।

# ୨୭୮ ଏମ୍‌ଏସ୍‌ଏମ୍‌ଇକୁ ମିଳିଛି ୨୫.୪୭ କୋଟି ଆର୍ଥିକ ପ୍ରୋତ୍ସାହନ

**କୋଭିଡ୍-୧୯: ସରକାରୀ ସହାୟତା**


ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷରେ ୩୬୧ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ୩୪.୫୨ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯାଇଛି। କୋଭିଡ୍-୧୯ ସମୟରେ ୨୦୨୦ ନଭେମ୍ବର ଶେଷ ସୁଦ୍ଧା ୨୭୮ ଉଦ୍ୟୋଗକୁ ୨୫.୪୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୧୯ ଏପ୍ରିଲଠାରୁ ବର୍ତ୍ତମାନ ସୁଦ୍ଧା ସମୁଦାୟ ୬୩୯ ଉଦ୍ୟୋଗକୁ ୬୯.୯୯ କୋଟି ଟଙ୍କାର ପ୍ରତ୍ୟକ୍ଷ ପ୍ରୋତ୍ସାହନ ଦିଆଯାଇଛି। ଏହି ଉଦ୍ୟୋଗଗୁଡ଼ିକ ମଧ୍ୟରେ ଫ୍ଲାଏଆଶ୍ ଇଟା, ଅଣ୍ଡା ରଖିବା କାଗଜ ଟ୍ରେ, ପ୍ୟାକିଂ କାଗଜ ପ୍ରସ୍ତୁତି, ପ୍ଲାଷ୍ଟିକ୍ ଉତ୍ପାଦ, କାଜୁ ପ୍ରକ୍ରିୟାକରଣ, ଧାନ କୁଣ୍ଡା ତେଲ, ସିମେଣ୍ଟଜାତ ପଦାର୍ଥ, ଚିଙ୍ଗୁଡି ପ୍ରକ୍ରିୟାକରଣ, ଧାନକଳ, କୋଲ୍-ଚେନ୍‌ଗାଡି, ମସଲା ପ୍ରସ୍ତୁତି, ନୁଡୁଲ୍, ପିଭିସି ପାଇପ୍ ଆଦି ଅନ୍ତର୍ଭୁକ୍ତ। ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ ବୈଠକରୁ ଏହା ଜଣାପଡିଛି। ଖାଦ୍ୟ ଓ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କ୍ଷେତ୍ରରେ ଅଧିକରୁ ଅଧିକ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ନର୍ଦ୍ଦେଶ ଦେଇଛନ୍ତି।

୨୦୧୯ ଏପ୍ରିଲ୍‌ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ପାଇଥିବା ଉଦ୍ୟୋଗ ସଂଖ୍ୟା ୬୩୯କୁ ବୃଦ୍ଧି ପାଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ରିହାତି ମଞ୍ଜୁର ନିମନ୍ତେ ନୂତନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ତଦନୁଯାୟୀ ଯାଜପୁର ପାଣିକୋଇଲିଠାରେ ୫.୨୬ କୋଟି ଟଙ୍କା ପୁଞ୍ଜିନିବେଶରେ ପ୍ରତିଷ୍ଠିତ କୃପାଲୁ ସଲ୍‌ଭେଣ୍ଟ ତୈଳ ଉଦ୍ୟୋଗ ଏବଂ ବରଗଡ଼ ଅତାବିରାଠାରେ ୪.୮୭ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠିତ ଶ୍ରୀରାମ ତୈଳ ଉଦ୍ୟୋଗ ପାଇଁ ଯଥାକ୍ରମେ ୧.୭୩ କୋଟି ଏବଂ ୧.୨୧ କୋଟି ଟଙ୍କାର ପୁଞ୍ଜିନିବେଶ ରିହାତି ପ୍ରସ୍ତାବକୁ ମୁଖ୍ୟ ଶାସନ ସଚିବ ନୀତିଗତ ଅନୁମୋଦନ ଦେଇଥିଲେ। ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନରେ ପୂର୍ଣ୍ଣ ସ୍ୱଚ୍ଛ, ସହଯୋଗୀ ଓ ସୁଗମ କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ମୁଖ୍ୟଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମୀଣ ଉଦ୍ୟୋଗୀଙ୍କ ସମ୍ପର୍କରେ ରହି ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବା ପାଇଁ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ନିର୍ଦ୍ଦେଶକ ରେଘୁ ଜି. ଏବଂ ଅତିରିକ୍ତ ନିର୍ଦ୍ଦେଶକ ସରୋଜ ହୋତାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।










































**୧୦୩ ଏକର ଜମିର ଗଞ୍ଜେଇ ଚାଷ ନଷ୍ଟ**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ପୋଲିସ ଶନିବାର ବ୍ୟାପକ ଅଞ୍ଚଳରେ ଚାଷ ହୋଇଥିବା ଗଞ୍ଜେଇ ଗଛ ନଷ୍ଟ କରିଛି। ବୌଦ୍ଧ ଏସପି ଭି. ରଘୁନାଥ ରାଓଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମନମୁଣ୍ଡା ରେଞ୍ଜ ଦପଲା ପଞ୍ଚାୟତ ଶିମିଳିକଟା ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ କରିଥିଲା। ଜଙ୍ଗଲ ଓ ପାହାଡ ପାଦ ଦେଶରେ ପ୍ରାୟ ୧୦୩.୭୩ ଏକର ପରିମିତ ଜାଗାରେ ଚାଷ ହୋଇଥିଲା। ଗଛଗୁଡ଼ିକୁ କାଟିବା ପରେ କିରୋସିନ ଢାଳି ନିଆଁରେ ପୋଡି ନଷ୍ଟ କରାଯାଇଥିଲା। ନଷ୍ଟ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ୧୭ ଲକ୍ଷ, ୮୩ ହଜାର ହେବ ବୋଲି ପୋଲିସ ଆକଳନ କରିଛି।

## ହାଇଦ୍ରାବାଦ ପୌର ନିର୍ବାଚନ ପ୍ରଚାରରେ ଭାଜପାର କେନ୍ଦ୍ରୀୟ ନେତା

**ହାଇଦ୍ରାବାଦ, ୨୮।୧୧:** ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ (ଜିଏଚ୍‌ଏମ୍‌ସି) ନିର୍ବାଚନ ପାଇଁ ଭାଜପାର ଷ୍ଟାର ପ୍ରଚାରକ ତାଲିକାରେ ସାମିଲ ହୋଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର, ଭାଜପା ଯୁବମୋର୍ଚ୍ଚା ମୁଖ୍ୟ ତେଜସ୍ୱୀ ସୂର୍ଯ୍ୟ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି ପ୍ରମୁଖ। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାରରେ ଆସୁ ନ ଥିଲେ ମଧ ଭାରତ ବାୟୋଟେକ୍ ପରିଦର୍ଶନରେ ଶନିବାର ଉକ୍ତ ସହରକୁ ଆସିଥିଲେ। କୌଣସି ପୌର ନିର୍ବାଚନ ପ୍ରଚାରରେ ଏତେ ସଂଖ୍ୟାରେ କେନ୍ଦ୍ରୀୟ ନେତା ସାମିଲ ହେବା ପ୍ରଥମ ଘଟଣା। ୨୦୨୩ ତେଲଙ୍ଗାନା ବିଧାନସଭା ନିର୍ବାଚନ ଲାଗି ଜିଏଚ୍‌ଏମ୍‌ସି ନିର୍ବାଚନକୁ ଭାଜପା ନେତାମାନେ ସେମିଫାଇନାଲ ଭାବେ ଦେଖୁଥିବାରୁ ଯେକୌଣସି ପ୍ରକାରେ ଏହାକୁ ଜିତିବା ଲାଗି ଦଳ ଯୋଜନା କରିଛି। ହାଇଦ୍ରାବାଦକୁ ଭାଗ୍ୟନଗରରେ ପରିବର୍ତ୍ତନ କରିବା ଲାଗି ସେ ଏଠାକୁ ଆସିଥିବା ଶନିବାର ଯୋଗୀ ଆଦିତ୍ୟନାଥ ଏକ ସଭାରେ ଯୋଗଦେଇ କହିଛନ୍ତି। ଅନ୍ୟପକ୍ଷରେ ସହରରେ ବିଭେଦକାରୀ ଶକ୍ତି ପ୍ରବେଶ ଲାଗି ଉଦ୍ୟମ ଚଳାଇଛି ବୋଲି ଟିଆର୍‌ଏସ୍ ନେତା ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ କହିବା ସହ ସେମାନଙ୍କୁ ବିରୋଧ କରିବା ଲାଗି ହାଇଦ୍ରାବାଦ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

# ଗଞ୍ଜେଇ ଚାଲାଣରେ ସ୍ଲିପର ସେଲ୍

ଓଁକାର ମିଶ୍ର
ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

- ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିପାରୁନି ପୋଲିସ
- ଅର୍ଥ ଲୋଭରେ ବାହାକ ସାଜୁଛନ୍ତି ମହିଳା, ନାବାଳକ
- ମାସକରେ ଷ୍ଟେଶନରୁ ଧରାପଡ଼ିଲାଣି ୭୦ ଲକ୍ଷର ଗଞ୍ଜେଇ

ରାଜ୍ୟରେ ବର୍ତ୍ତମାନ ଅନ୍ତର୍ଜାତୀୟ ଡ୍ରଗ୍ସ ର୍‍ୟାକେଟ ସକ୍ରିୟ ରହିଛି। ପୋଲିସ ଯେତେ ନୂଆ ରଣନୀତି ଆପଣାଇଲେ ମଧ ଚୋରା ଚାଲାଣକୁ ବନ୍ଦ କରିପାରୁନି। ବ୍ରାଉନସୁଗାର ପରେ ଗଞ୍ଜେଇ ଚାଲାଣ ରୋକିବା ପାଇଁ କିଛିଦିନ ହେବ କମିଶନରେଟ୍ ପୋଲିସ, କ୍ରାଇମବ୍ରାଞ୍ଚ ଓ ଆର୍‌ପିଏଫ୍ ତତ୍ପରତା ପ୍ରକାଶ କରିଛି। କଡ଼ା ନଜର ରଖିବା ସହ ଯାଞ୍ଚ ଓ ଚଢ଼ାଉକୁ କଡ଼ାକଡ଼ି କରିଛି। ହେଲେ ସ୍ଲିପର ସେଲ୍‌ରେ ର୍‍ୟାକେଟ ଚାଲୁଥିବାରୁ ନିଶା ମାଫିଆଙ୍କ ପାଖରେ ପହଞ୍ଚିପାରୁନି। ମାଷ୍ଟରମାଇଣ୍ଡ ସୁରକ୍ଷିତ ସ୍ଥାନରେ ରହି ଆତଙ୍କବାଦୀ ଓ ଅଣ୍ଡରୱାର୍ଲ୍ଡ ଡନ୍‌ଙ୍କ ଭଳି ପୂରା ର୍‍ୟାକେଟକୁ କଣ୍ଟ୍ରୋଲ କରୁଥିବାରୁ ଓଡ଼ିଶା ପ୍ରତି ଡ୍ରଗ୍ସ ବିପଦ ମାଡ଼ି ଆସୁଥିବା ଆଶଙ୍କା କରାଯାଉଛି।

ସ୍ଲିପର ସେଲ୍ ହେଉଛି ର୍‍ୟାକେଟର ଏକ ଗୋଷ୍ଠୀ, ଯେଉଁମାନେ କେବଳ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରନ୍ତି। ଏମାନଙ୍କୁ ସାଧାରଣତଃ ଏଜେଣ୍ଟ ବା ବାହକ ବୋଲି କୁହାଯାଇଥାଏ। ପୂର୍ବରୁ ଗଞ୍ଜେଇ ଚୋରା ଚାଲାଣରେ ପୁରୁଷମାନେ ସମ୍ପୃକ୍ତ ରହୁଥିବାବେଳେ ଏବେ ଅଧିକାଂଶ ମହିଳା ଓ ନାବାଳକ ଧରାପଡୁଛନ୍ତି। ଏମାନଙ୍କୁ ଜଣା ନ ଥାଏ କିଏ ତାଙ୍କ ମାଲିକ, କାହାପାଇଁ ସେମାନେ କାମ କରୁଛନ୍ତି। କେବଳ ଟଙ୍କା ବଦଳରେ ସେମାନେ ମାଲ୍ ଗୋଟିଏ ସ୍ଥାନରୁ ନେଇ ଠିକଣା ସ୍ଥାନରେ ପହଞ୍ଚାଇଥାନ୍ତି। ଅଜଣା ବ୍ୟକ୍ତି କିମ୍ବା ଫୋନ୍ ମାଧ୍ୟମରେ ଏସବୁ କିଛି ଡିଲ୍ ହୋଇଥାଏ। ଇତିମଧ୍ୟରେ ଚାଲାଣବେଳେ ଧରାପଡି ବହୁ ଏଜେଣ୍ଟ ବା ବାହକ ଗିରଫ ହୋଇଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନରେ ମାସକ ମଧ୍ୟରେ ୭ ଚୋରା ଚାଲାଣକୁ ରୋକିଛି ଆର୍‌ପିଏଫ୍ ଓ ଜିଆର୍‌ପି। ଷ୍ଟେଶନର ଅଲ୍‌ଟ୍ରା ସୋନିକ୍ ବ୍ୟାଗେଜ୍ ସ୍କାନର ୭୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୫୫୦ କେଜି ଗଞ୍ଜେଇ ଧରିଛି। ମହିଳା ଓ ନାବାଳକଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ତେବେ ପଚରାଉଚରାବେଳେ ଜଣେ ଅଭିଯୁକ୍ତ କହିଥିଲେ, ମାଲ୍ ପହଞ୍ଚାଇବା ପାଇଁ ୫୦ ହଜାର ଟଙ୍କାର ଡିଲ୍ ହୋଇଥିଲା। କିଛି ଅଗ୍ରିମ ଦିଆଯାଇଥିଲା। ତେବେ ତାଙ୍କ ସହ ଏହି ଡିଲ୍ କରିଥିବା ବ୍ୟକ୍ତି ଓ ଗଞ୍ଜେଇ ଧରାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଥିଲେ। ସେହିପରି ଅନ୍ୟଜଣେ ଅଭିଯୁକ୍ତ କହିଥିଲେ, କେଜି ପିଛା ୧ ହଜାର ଟଙ୍କାରେ ଠିକଣା ସ୍ଥାନରେ ଗଞ୍ଜେଇ ପହଞ୍ଚାଇଥାନ୍ତି। ହେଲେ ର୍‍ୟାକେଟର ମାଷ୍ଟରମାଇଣ୍ଡ ଓ ଅନ୍ୟମାନଙ୍କ ସମ୍ପର୍କରେ ସେ କିଛି ଜାଣିନାହାନ୍ତି।



### ଚୋରା ଚାଲାଣର ରଣକୌଶଳ

ଗଞ୍ଜେଇ ର୍‍ୟାକେଟର ତଦନ୍ତ କରୁଥିବା ଜଣେ ଅଧିକାରୀଙ୍କ କହିବା ମୁତାବକ, ମାଫିଆମାନେ ଏମିତି ପ୍ୟାକ୍ କରୁଛନ୍ତି ଯେ ବେଳେବେଳେ ସ୍କାନିଂ ସମୟରେ ଡ୍ରଗ୍ସ ଧରାପଡୁନି।ଅନେକେମଧଅଜାଣାରେଖସିଯାଉଛନ୍ତି।ବସ୍ତା କିମ୍ବା ବ୍ୟାଗ୍‌ରେ ଗଞ୍ଜେଇ ରଖି ଅଭିନବ ଉପାୟରେ ଟ୍ରେନ୍‌ରେ ପାର୍ସଲ କରାଯାଉଛି। ଚାଲାଣକାରୀମାନେ ଦାମୀ ପୋଷାକ ପିନ୍ଧି ହାତରେ ଟ୍ରଲି ବ୍ୟାଗ୍‌ରେ ଗଞ୍ଜେଇ ନେଉଥିବାବେଳେ ଧରାପଡ଼ିଛନ୍ତି। ପର୍ଯ୍ୟଟକ ପରିଚୟରେ ଯାତ୍ରା କରୁଥିବା ଲୋକଙ୍କ ବ୍ୟାଗ୍‌ରୁ ଗଞ୍ଜେଇ ମିଳିଛି। ଅଧିକାଂଶ ଗଞ୍ଜେଇ କୋରାପୁଟ୍‌ରୁ ହିଁ ଆସୁଛି। ବସ୍ ଯୋଗେ ଏଜେଣ୍ଟ ଭୁବନେଶ୍ୱରରେ ପହଞ୍ଚୁଛନ୍ତି। ପୂର୍ବରୁ ବୁକ୍ ହୋଇଥିବା ହୋଟେଲ୍‌ରେ ରହି ଏଠାରୁ ଟ୍ରେନ୍ ଓ ବସ୍‌ରେ ବାହାର ରାଜ୍ୟକୁ ଗଞ୍ଜେଇ ନେଇଯାଉଛନ୍ତି। ପୋଲିସ ଟାର୍ଗେଟ କଲେ ମାଫିଆମାନେ ସେମାନଙ୍କ ରଣକୌଶଳ ବଦଳାଉଛନ୍ତି। କୋରିଅରରେ ମଧ କାଜୁ ବା ଅନ୍ୟ ଖାଦ୍ୟ ସାମଗ୍ରୀ ନାଁରେ ଗଞ୍ଜେଇ ଚାଲାଣ କରୁଥିବା ନଜିର ରହିଛି।

**ଏମାନେ କ'ଣ କୁହନ୍ତି...**


**'ଷ୍ଟେଶନ ଭିତରକୁ ନିଶାଦ୍ରବ୍ୟ ପୂରାଇ ଦେବୁନି'**



"ଟ୍ରେନ୍‌ରେ ଗଞ୍ଜେଇ ଓ ଅନ୍ୟ ନିଶାଦ୍ରବ୍ୟ ଚୋରା ଚାଲାଣ ଉପରେ ଜିଆର୍‌ପି ଓ ଆର୍‌ପିଏଫ୍ ତୀକ୍ଷ୍ଣ ନଜର ରଖିଛି। କୌଣସି ଯାତ୍ରୀଙ୍କ ଉପରେ ସନ୍ଦେହ ହେଲେ ତୁରନ୍ତ ଯାଞ୍ଚ କରାଯାଉଛି। ଭୁବନେଶ୍ୱର ରେଳ ଷ୍ଟେଶନ ସିକ୍ୟୁରିଟି ପ୍ଲାନିଂରେ ପରିବର୍ତ୍ତନ କରାଯାଇ ଯାଞ୍ଚକୁ ପୂର୍ବ ଅପେକ୍ଷା ଅଧିକ କଡ଼ାକଡ଼ି କରାଯାଇଛି। କୌଣସି ପ୍ରକାର ନିଶାଦ୍ରବ୍ୟ ଷ୍ଟେଶନ ଭିତରକୁ ପ୍ରବେଶ କରାଇ ଦିଆଯିବ ନାହିଁ।

-କାଳୁ ସେଠୀ, ଆର୍‌ପିଏଫ୍ ଥାନା ଅଧିକାରୀ, ଭୁବନେଶ୍ୱର

**'ପ୍ରତିଦିନ ଶହଶହ ବସ୍ ଯାଞ୍ଚ ସମ୍ଭବ ନୁହେଁ'**



"ରାଜ୍ୟ ଓ ବାହାରୁ ପ୍ରତିଦିନ ଶହଶହ ବସ୍ ଯିବାଆସିବା କରୁଛି। ସବୁ ଯାତ୍ରୀଙ୍କୁ ଯାଞ୍ଚ କରିବା ସମ୍ଭବ ନୁହେଁ। ଏଥିରେ ସାଧାରଣ ଯାତ୍ରୀ ଅଧିକ ପ୍ରଭାବିତ ହେବେ। ଯେଉଁମାନଙ୍କ ଉପରେ ସନ୍ଦେହ ହେଉଛି କିମ୍ବା ଏନେଇ ସୂଚନା ମିଳୁଛି, ଯାଞ୍ଚ କରୁଛୁ। ବସ୍‌ଷ୍ଟାଣ୍ଡ ପାଖାପାଖି ଅଞ୍ଚଳରେ ପାଟ୍ରୋଲିଂ କଡାକଡି କରାଯାଉଛି। ଗଞ୍ଜେଇ ଚୋରାଚାଲାଣ ପ୍ରତି ଆମେ ସତର୍କ ଅଛୁ।

-ଉମାଶଙ୍କର ଦାଶ, ଡିସିପି, ଭୁବନେଶ୍ୱର

# ନକଲି ନୋଟ୍ ର୍‍ୟାକେଟ୍ ଠାବ: ୩ ଗିରଫ

ଲଖନପୁର,୨୮।୧୧(ଡି.ଏନ୍.ଏ.)

**ନକଲି ୯୬ ହଜାର ଟଙ୍କା, କଲର ପ୍ରିଣ୍ଟର ଜବତ**




ପୋଲିସ ଜବତ କରିଥିବା ନକଲି ନୋଟ୍ ଓ ଗିରଫ ୩ ଅଭିଯୁକ୍ତ।

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ପୋଲିସ ନକଲି ନୋଟ୍ ଛାପୁ ଥିବା ଏକ ର୍‍ୟାକେଟ୍‌ର ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ଝାରସୁଗୁଡ଼ା କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଧୀନ ବାମରାର ମହମ୍ମଦ ଇର୍‌ଫାନ୍(୨୪), ମହମ୍ମଦ ଇସ୍ତିଫାକ୍ ଆନସରୀ(୩୨) ଓ ବନହରପାଲି ଥାନା ଅଧୀନ ଖଡାମ ଛକ ନିକଟରେ ରହୁଥିବା ମହମ୍ମଦ ଆଜମଲ୍(୨୦)। ସେମାନଙ୍କ ନିକଟରୁ ପୋଲିସ ୯୬ ହଜାର ୩ଶହ ନକଲି ଟଙ୍କା, ନୋଟ୍ ଛାପା କଲର ପ୍ରିଣ୍ଟର, ଛାପା ସାମଗ୍ରୀ, ଏକ ବାଇକ୍(ନଂ.ଓଡି ୨୩ ଜି ୫୪୨୧) ଜବତ କରିଛି। ଜବତ ନକଲି ନୋଟ୍ ମଧ୍ୟରେ ରହିଛି ୯୧୮ଟି ଶହେ ଟଙ୍କିଆ ଓ ୯ଟି ୫ଶହ ଟଙ୍କିଆ ନୋଟ୍। ଏନେଇ ବନ୍ଧବାହାଲ ସ୍ୱାଧୀନ କମ୍ପ୍ଲେକ୍ସ ନିକଟ ପେଟ୍ରୋଲ ପମ୍ପ ମାଲିକ ବୀରେନ୍ଦ୍ର ସିଂହଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ଥାନାରେ ଏକ ମାମଲା(ନଂ. ୧୮୭/୨୦) ରୁଜୁ ହୋଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ଏସ୍‌ପି ରାହୁଲ ପିଆରଙ୍କ ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟା ୭ଟାରେ ମହମ୍ମଦ ଆଜମଲ୍ ସ୍ୱାଧୀନ କମ୍ପ୍ଲେକ୍ସ ନିକଟ ପେଟ୍ରୋଲ ପମ୍ପରେ ନିଜ ଗାଡ଼ିରେ ତେଲ ପକାଇ ୨ଟି ଶହେ ଟଙ୍କିଆ ନୋଟ୍ ଦେଇଥିଲେ। ଏହି ଟଙ୍କା ନକଲି ଥିବା ସନ୍ଦେହ କରି କର୍ମଚାରୀ ଜଣକ ତୁରନ୍ତ ମାଲିକଙ୍କୁ ଫୋନ୍‌ରେ ଜଣାଇଥିଲେ। ଏନେଇ ପମ୍ପ ମାଲିକ ପୋଲିସକୁ ଅବଗତ କରିଥିଲେ। ପମ୍ପ କର୍ମଚାରୀମାନେ ଆଜମଲ୍‌ଙ୍କ ବାଇକ୍‌ରୁ ଚାବି ବାହାର କରି ତାଙ୍କୁ ସେଠାରେ ଅଟକାଇ ରଖିଥିଲେ। ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର ଓ ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ଜେରା କରିବା ପରେ ପୋଲିସ ତାଙ୍କ ପାଖରୁ ନକଲି ନୋଟ୍ ଜବତ କରିଥିଲେ। ତା'ପରେ ପୋଲିସ୍ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କଲାପରେ ଏହାର ଚେର ସମ୍ବଲପୁର ଜିଲା ବାମରା ଅଞ୍ଚଳକୁ ଲମ୍ବିଥିବା ଜାଣିବାକୁ ପାଇଥିଲା। ସେଦିନ ରାତିରେ ବ୍ରଜରାଜନଗର ଏସ୍‌ଡିପିଓ ଦିଲ୍ଲୀପ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ମେହେରଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଆଜମଲ୍‌ଙ୍କୁ ଧରି ବାମରାରେ ପହଞ୍ଚି ସେଠାରେ ଚଢାଉ କରିଥିଲା। ଚଢାଉ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଇରଫାନ୍ ଓ ଆନସାରୀଙ୍କୁ ସେଠାରୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ନୋଟ୍ ଛାପା ପ୍ରିଣ୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

# କରୋନା କାଳରେ ବଢ଼ିଛି ମହିଳା ହିଂସା

ନ୍ୟୁୟର୍କ,୨୮।୧୧



କରୋନା କାଳରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ମହିଳାମାନେ ଲକ୍‌ଡାଉନ୍ ବେଳେ ଘରୋଇ ହିଂସାର ଶିକାର ହେଉଥିବାବେଳେ ଅନେକ ସ୍ଥାନରେ ଯୁଦ୍ଧ ଓ ବିପର୍ଯ୍ୟୟକୁ ସାମ୍ନା କରି ବିସ୍ଥାପିତ ମଧ ହୋଇଛନ୍ତି। ଏହାକୁ 'ଶ୍ୟାଡୋ ପାଣ୍ଡେମିକ୍' ବା ଛାୟା ମହାମାରୀ କୁହାଯାଉଛି। ଏହାର ମୁକାବିଲା ପାଇଁ ଜାତିସଂଘ ପକ୍ଷରୁ ୨୫ ନିୟୁତ ଡଲାର ଜରୁରୀ ପାଣ୍ଠି ଯୋଗାଇ ଦିଆଯାଇଛି। ଏଥିରୁ ଅନ୍ୟୂନ ୩୦% ଅର୍ଥ କୋଭିଡ୍-୧୯ ମହାମାରୀ ସମୟରେ ଦୁରବସ୍ଥା ଦେଇ ଗତି କରୁଥିବା ତଥା ମହିଳାଙ୍କ ନେତୃତ୍ୱାଧୀନ ତୃଣମୂଳ ସ୍ତରର ସଙ୍ଗଠନକୁ ଦିଆଯିବ।

ସୂଚନାନୁଯାୟୀ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ) ଏବଂ ଲିଙ୍ଗଗତ ସମାନତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ୟୁଏନ୍ ୱିମେନ୍ ମଧ୍ୟରେ ୨୫ ନିୟୁତ ଡଲାରକୁ ଭାଗକରି ଦିଆଯିବ। ଏହାର ୩୦% ଅର୍ଥ ମହିଳାଙ୍କ ଦ୍ୱାରା ପରିଚାଳିତ ସଂସ୍ଥାଗୁଡ଼ିକୁ ପ୍ରଦାନ କରାଯିବ, ଯେଉଁ ସଙ୍ଗଠନଗୁଡ଼ିକ ହିଂସା ଏଡ଼ାଇବା ସହ ପୀଡ଼ିତାମାନଙ୍କୁ ସ୍ୱାସ୍ଥ୍ୟଗତ, ଆଇନଗତ, ପରିବାର ନିୟୋଜନ, ମାନସିକ ସ୍ୱାସ୍ଥ୍ୟ ସେବା ଓ କାଉନ୍ସେଲିଂ ସହାୟତା ଦେଇଥାନ୍ତି। ଜାତିସଂଘର ମାନବୀୟ ସହାୟତା ମୁଖ୍ୟ ମାର୍କ ଲୋକକ୍ ବୁଧବାର ଏହି ଘୋଷଣା କରିଛନ୍ତି। ଲିଙ୍ଗଗତ ସମାନତା ଓ ମହିଳାଙ୍କ ଅଧିକାରକୁ ସମର୍ଥନ କରିବା ଲାଗି ପାଣ୍ଠି ଯୋଗାଣକାରୀମାନଙ୍କୁ ମାର୍କ ଆହ୍ୱାନ ଦେଇଛନ୍ତି। ତାଙ୍କ ମତରେ ମାନବୀୟ ପରିବେଶରେ ମହିଳା ଓ ଝିଅମାନଙ୍କ ଆବଶ୍ୟକତାକୁ ଅଣଦେଖା କରାଯାଇଛି। କୋଭିଡ୍-୧୯ ମହାମାରୀ ଲିଙ୍ଗଗତ ଅସମାନତା ବୃଦ୍ଧିକୁ ଆହୁରି ବ୍ୟାପକ କରିଛି। ଏହାସହ ଏହି ଅସମାନତା ଦୂର ପାଇଁ ନିଆଯାଇଥିବା ସୀମିତ ଉଦ୍ୟମକୁ ସଙ୍କୁଚିତ ମଧ କରିଛି।

ନିକଟରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ କରୋନା ମହାମାରୀ ସମୟରେ ଅଧିକାଂଶ ଦେଶରେ ମହିଳା ଓ ଝିଅମାନଙ୍କୁ ସୁରକ୍ଷା ଦିଆଯାଇ ପାରିନାହିଁ। ଲିଙ୍ଗଗତ ହିଂସା ବୃଦ୍ଧି ପାଇଛି। ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିଯୁକ୍ତି ଉପରେ ୧.୮% ଗୁଣ ବିପଦ ବଢ଼ିଛି। ୨୦୬ ଦେଶ ଓ ଭୂଖଣ୍ଡରେ ମହିଳା ବିରୋଧୀ ହିଂସା ରୋକିବା, ପାରିଶ୍ରମିକ ପାଇ ନ ଥିବା କର୍ମୀଙ୍କୁ ସମର୍ଥନ ଓ ମହିଳାଙ୍କ ଆର୍ଥିକ ନିରାପତ୍ତାକୁ ସୁଦୃଢ଼ କରିବା ପାଇଁ ସରକାରମାନେ କିପରି ପଦକ୍ଷେପ ନେଇଛନ୍ତି ସେନେଇ ଅନୁଧ୍ୟାନ କରାଯାଇଥିଲା। ଏହି କ୍ଷେତ୍ରଗୁଡ଼ିକରେ ମହିଳାଙ୍କ ପାଇଁ ୪୨ ଦେଶରେ କୌଣସି ପ୍ରକାର ନୀତି ନିର୍ଦ୍ଧାରଣ କରାଯାଇ ନାହିଁ। ତିନୋଟି ଯାକ ବର୍ଗରେ ମାତ୍ର ୨୫ଟି ଦେଶ କେତେକ ପଦକ୍ଷେପ ନେଇଛନ୍ତି। ଲିଙ୍ଗଗତ ହିଂସା ମାମଲାର ସମାଧାନ ପାଇଁ ହେଲ୍ପଲାଇନ୍ ଜାରି ଓ ଆଶ୍ରୟସ୍ଥଳ ନିର୍ମାଣ କରିବା ଭଳି ପଦକ୍ଷେପ ୧୩୫ ଦେଶରେ ନିଆଯାଇଛି। ସେହିପରି ସ୍କୁଲଗୁଡ଼ିକ ବନ୍ଦ ହୋଇଯିବା ଏବଂ ବୟସ୍କ ବ୍ୟକ୍ତିମାନେ ନିଃସଙ୍ଗ ଜୀବନ ବିତାଇବା ଫଳରେ ମହିଳାମାନଙ୍କ ଉପରେ ଯତ୍ନର ବୋଝ ବଢ଼ିଯାଇଛି। ଏହି ବୋଝକୁ ହାଲୁକା କରିବା ପାଇଁ ମାତ୍ର ୬୧ ଦେଶ ତତ୍ପରତା ଦେଖାଇଛନ୍ତି।

## ଲିଙ୍ଗଗତ ସମାନତା ୨୫ ବର୍ଷ ପଛକୁ ଠେଲି ହୋଇଯିବ

ନ୍ୟୁୟର୍କ,୨୮।୧୧

କରୋନା ଭାଇରସ୍ ମହାମାରୀ ବିଶ୍ୱରେ ଲିଙ୍ଗଗତ ସମାନତାକୁ ୨୫ ବର୍ଷ ପଛକୁ ଟାଣିନେବ ବୋଲି ୟୁଏନ୍ ୱିମେନ୍ ପକ୍ଷରୁ ଜାରି ନୂଆ ବୈଶ୍ୱିକ ତଥ୍ୟରୁ ଜଣାପଡ଼ିଛି। ଏକ ରିପୋର୍ଟରେ ୟୁଏନ୍ ୱିମେନ୍ ଜାଣିବାକୁ ପାଇଛି ଯେ, କୋଭିଡ୍-୧୯ ସମୟରେ ମହିଳାମାନେ ଅଧିକ ଦୈନନ୍ଦିନ ଗୃହକାର୍ଯ୍ୟ କରୁଛନ୍ତି। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକୁ ନେଇ କରାଯାଇଥିବା ୩୮ଟି ଜାତୀୟ ସର୍ଭେରୁ ଏହି ବିଷୟ ସାମ୍ନାକୁ ଆସିଛି।

କରୋନା ଆସିବା ପୂର୍ବରୁ ମହିଳାମାନେ ଯତ୍ନ ଓ ଦୈନନ୍ଦିନ କାର୍ଯ୍ୟ ପାଇଁ ସେମାନଙ୍କ ପ୍ରାପ୍ୟ ପାଉ ନ ଥିବାବେଳେ ଏବେ ଏହି ସମସ୍ୟା ଆହୁରି ବଢ଼ିବାରେ ଲାଗିଛି। ମହାମାରୀ ପୂର୍ବରୁ ମହିଳାମାନେ ସାରା ବିଶ୍ୱରେ ଦିନକୁ ୧୬ ବିଲିୟନ ଘଣ୍ଟାର ପ୍ରାୟ ତିନିଚତୁର୍ଥାଂଶ ସମୟ ବିନା ପାରିଶ୍ରମିକରେ କାର୍ଯ୍ୟ କରିଥିଲେ। ଜାତିସଂଘର ରିପୋର୍ଟ ଅନୁସାରେ ମହାମାରୀ ଆସିବା ପରଠାରୁ ୩୮ ଦେଶର ମହିଳା ଘରୋଇ କାମରେ ଅଧିକ ସମୟ ଅତିବାହିତ କରୁଛନ୍ତି। ଏନେଇ ୟୁଏନ୍ ୱିମେନ୍ କାର୍ଯ୍ୟନିର୍ବାହୀ ଉପନିର୍ଦ୍ଦେଶିକା ଅନିତା ଭାଟିଆ କହିଛନ୍ତି, ଯଦି ମହାମାରୀ ପୂର୍ବରୁ ପୁରୁଷଙ୍କ ତୁଳନାରେ ମହିଳାମାନେ ୩ ଗୁଣ ଅଧିକ କାମ କରୁଥିଲେ ତେବେ ବର୍ତ୍ତମାନ ଏହା ଅନ୍ୟୂନ ଦୁଇଗୁଣ ବଢ଼ିଛି।

ଲିଙ୍ଗଗତ ଅସମାନତା ଦୂର କରିବା ପାଇଁ ଆମେ ୨୫ ବର୍ଷ ଧରି ଯେଉଁ ପରିଶ୍ରମ କରିଛୁ ତାହା ଗୋଟିଏ ବର୍ଷରେ ବେକାର ହୋଇଯିବ। ରିପୋର୍ଟରେ ଦର୍ଶାଯାଇଛି ଯେ, କରୋନା ଯୋଗୁ ଜାରି କଟକଣା ଓ ଲକ୍‌ଡାଉନ୍ କାରଣରୁ ବହୁସଂଖ୍ୟକ ମହିଳାଙ୍କ ଘରୋଇ କାର୍ଯ୍ୟ ବୃଦ୍ଧି ପାଇଛି। ଅନ୍ୟପକ୍ଷେ କର୍ମକ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଜୀବିକା ହରାଇଛନ୍ତି।

## ସ୍ୱାଭାବିକ ହୋଇପାରୁନି ...

ବିଧାୟକମାନେ ଗୃହରେ ତୁମ୍ବିତୋଫାନ କରିଥିଲେ। ହୋହଲ୍ଲା ସହ ନାରାବାଜି ଓ ବ୍ୟାନର ପ୍ରଦର୍ଶନ କରି ବାଚସ୍ପତିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ି ମାଇକ ଟାଣିଥିଲେ। ଏପଟେ ଭାଜପା ବିଧାୟକଙ୍କ ଟଣାଓଟରାରେ ବାଚସ୍ପତିଙ୍କ ପୋଡିୟମ ଆଗରେ ଲାଗିଥିବା ଗ୍ଲାସ୍ ସିଲ୍‌ଡ ମଧ ତଳକୁ ଗଳି ପଡ଼ିଥିଲା। ବାଚସ୍ପତି ଏକାଧିକ ବାର ଗୃହ ମୁଲତବୀ କରିଥିବାବେଳେ ପୂର୍ବାହ୍ନ ଓ ଅପରାହ୍ନ ଅଧିବେଶନରେ ସମ୍ପୂର୍ଣ୍ଣ ଅଚଳାବସ୍ଥା ଜାରି ରହିଥିଲା।

ଶନିବାର ପୂର୍ବାହ୍ନ ୧୦ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ହୋହଲ୍ଲା ଭିତରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପରୀ ଘଟଣାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ବକ୍ତବ୍ୟ ରଖିବାକୁ ବାଚସ୍ପତି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ କହିଥିଲେ ମଧ ସେ ତା'ର ଉତ୍ତର ଦେଇ ନ ଥିଲେ। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଗୃହରେ ଯେଉଁ ବିବୃତି ଦେଇଛନ୍ତି ତାହାକୁ ନେଇ ସାଧାରଣରେ ସନ୍ଦେହ ରହିଥିବାରୁ ସରକାର ଏ ସଂକ୍ରାନ୍ତରେ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ନରସିଂହ କହିଥିଲେ। ଭାଜପାକୁ ଆକ୍ଷେପ କରି ନରସିଂହ କହିଥିଲେ, ଭାଜପା ଦଳର ଜିଦ୍ ଯୋଗୁ ଗୋଟିଏ ବିଷୟରେ ବିଧାନସଭା ସୀମିତ ରହିଗଲାଣି। ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚଦାବି ସମ୍ପର୍କରେ ଆଲୋଚନା ହୋଇପାରୁ ନାହିଁ। ଭାଜପା ସଦସ୍ୟ ଗୃହରେ ହଟ୍ଟଗୋଳ ଜାରି ରଖିଛନ୍ତି। ବାଚସ୍ପତି ସୁରକ୍ଷା ଦେବାକୁ ମିଶ୍ର କହିଥିଲେ। ସେହିଭଳି କଂଗ୍ରେସକୁ ଆକ୍ଷେପ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ, ନୟାଗଡ଼ ଘଟଣାରେ ଏସ୍‌ଆଇଟି ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରି ନ ଥିଲାବେଳେ କଂଗ୍ରେସ ଦଳ କିଭଳି ରାଜି ହୋଇଗଲା ତାହା ଆଶ୍ଚର୍ଯ୍ୟ କରିଛି। କେତେ ଲୋକ ମଲେ, କେତେ ଲୋକଙ୍କ ଆଖି ତଡ଼ାଯିବା ଓ ହାଜତରେ ମୃତ୍ୟୁ ଘଟଣା ପରେ ସରକାର ଚେତିବେ ବୋଲି ସେ ପ୍ରଶ୍ନ କରିଥିଲେ। ଏସ୍‌ଆଇଟି ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ରୋକ୍‌ଠୋକ୍ ଉତ୍ତର ରଖିବାକୁ ସେ ଦାବି କରିଥିଲେ।

ବିଜେଡି ବିଧାୟକ ପ୍ରତାପ ଦେବ ଗୃହରେ ଅଚଳାବସ୍ଥା ପାଇଁ ଭାଜପାକୁ ଦାୟୀ କରିଥିଲେ। ବିରୋଧୀ ଦଳ ରୀତିମତ ଡ୍ରାମା କରୁଛନ୍ତି। ପରୀ ଘଟଣାର ଭାଜପା ସିବିଆଇ ତଦନ୍ତ ପାଇଁ ଦାବି କରୁଛି। ହେଲେ କୁନ୍ଧୁଲି ଓ ଇତିଶ୍ରୀ ଘଟଣାରେ ସିବିଆଇ କି ତଦନ୍ତ କଲା ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ। ବିରୋଧୀ ଦଳ ଗୃହର ମୂଲ୍ୟବାନ୍ ସମୟ ଓ ସରକାରୀ ଅର୍ଥ ନଷ୍ଟ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରୁନି। ଗଣମାଧ୍ୟମରେ ଶସ୍ତା ପ୍ରଚାର ଓ ଖବରକାଗଜର ପ୍ରଥମ ପୃଷ୍ଠାରେ ରହିବାକୁ ବିରୋଧୀ ପକ୍ଷରୁ ଏଭଳି ନାଟକ କରାଯାଉଛି ବୋଲି ପ୍ରତାପ ଦେବ କହିଥିଲେ। ଏପଟେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଦେଇଥିବା ବିବୃତି ଉପରେ ସ୍ପଷ୍ଟୀକରଣ ରଖିଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ଏସ୍‌ଆଇଟି ତଦନ୍ତ ନେଇ ଗୃହ ବିଭାଗର ବିଜ୍ଞପ୍ତି ସମ୍ପର୍କରେ ସେ ସ୍ପଷ୍ଟ କରିଥିଲେ। ତେବେ ଏହି ସମୟରେ ଭାଜପା ବିଧାୟକମାନେ ହାତରେ ବ୍ୟାନର ଧରି ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ହଟ୍ଟଗୋଳ ଜାରି ରଖିଥିଲେ। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ପରେ ବି ହଟ୍ଟଗୋଳ ଜାରି ରହିବାରୁ ପୂର୍ବାହ୍ନ ୧୦ଟା ୫୨ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ଏପଟେ ଅପରାହ୍ନ ଅଧିବେଶନ ଆରମ୍ଭ ହେବାମାତ୍ରେ ପୁଣିଥରେ ଭାଜପା ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ଏହା ମଧ୍ୟରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ପରୀ ହତ୍ୟା ଘଟଣାରେ ଏସ୍‌ଆଇଟି ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ବିବୃତି ଦେଇସାରିଛନ୍ତି। ଗୃହକାର୍ଯ୍ୟରେ ସହଯୋଗ କରିବା ପାଇଁ ସମସ୍ତ ବିଧାୟକଙ୍କୁ ମଧ ଅନୁରୋଧ କରିଛନ୍ତି। ତଥାପି ଭାଜପା ସଦସ୍ୟ ହଟ୍ଟଗୋଳ ଜାରି ରଖିଛନ୍ତି। କେନ୍ଦ୍ରରେ ଭାଜପା ସରକାର ଅଛି। ସଂସଦରେ କଂଗ୍ରେସ ସଦସ୍ୟ ହଟ୍ଟଗୋଳ କଲେ ସେମାନଙ୍କୁ ନିଲମ୍ବିତ କରାଯାଏ। ହଟ୍ଟଗୋଳ ଯୋଗୁ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାନସଭାରେ ଆଲୋଚନା ହୋଇପାରୁନି। କେନ୍ଦ୍ରର ଚାଷୀ ବିରୋଧୀ ଆଇନ ଉପରେ ଆଲୋଚନାକୁ ଭୟ କରି ଭାଜପା ଗୃହରେ ଏଭଳି ବିରୋଧ ଜାରି ରଖିଛି। ଦିଲ୍ଲୀରେ ବିଜେଡି-ଭାଜପା କୋଳାକୋଳି ଏବଂ ଏଠି କଳି ଚାଲୁଛି ବୋଲି ବାହିନୀପତି କହିଥିଲେ। ସମସ୍ତ ସଦସ୍ୟ ଆସନକୁ ଆସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବାକୁ ସେ ଅନୁରୋଧ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

ଅପରାହ୍ନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ବେଳେ କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀ ଏହାକୁ ବିରୋଧ କରି ବକ୍ତବ୍ୟ ରଖୁଥିବାବେଳେ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଚଢ଼ି ମାଇକ ଭାଙ୍ଗିଦେଇଥିଲେ। ଅଚଳାବସ୍ଥା ଦେଖାଦେବାରୁ ବାଚସ୍ପତି ଗୃହକୁ ୩ଟା ୧୭ରୁ ୩୦ ମିନିଟ ପାଇଁ ମୁଲତବୀ ରଖିଥିଲେ। ଏହାପରେ ପୁନର୍ବାର ବାଚସ୍ପତି ଆସନକୁ ଆସିବା ମାତ୍ରେ ଭାଜପାର ହଟ୍ଟଗୋଳ ଆରମ୍ଭ ହୋଇଥିଲା। ତେବେ ଏହା ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନା କରାଯାଇଥିଲା। ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ କହୁଥିବାବେଳେ ଭାଜପା ସଦସ୍ୟ ହଟ୍ଟଗୋଳ କରିବାରୁ ପୁନର୍ବାର ଅପରାହ୍ନ ୪ଟା ୭ରୁ ୪ଟା ୨୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା।

## ୭୫% ଉପସ୍ଥାନରେ ...

ଏଥିସହିତ ଜରୁରୀ ସେବା ଯୋଗାଉଥିବା ସରକାରୀ କାର୍ଯ୍ୟାଳୟଗୁଡିକ ୧୦୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ। ଡିସେମ୍ବର ମାସ ପାଇଁ ଅଫିସ ପରିଚାଳନା ନେଇ ମଧ ଗାଇଡ୍‌ଲାଇନ ଜାରି କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ସମେତ ପୋଲିସ, ଅଗ୍ନିଶମ, ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ, ପୌର ସଂସ୍ଥାଗୁଡିକର ସମସ୍ତ କର୍ମଚାରୀ କାର୍ଯ୍ୟ କରିବାକୁ କୁହାଯାଇଛି। ବିଧାନସଭା ଅଧିବେଶନ ସହ ଜଡିତ ବିଭାଗଗୁଡିକର ଅଧିକାରୀ କାର୍ଯ୍ୟାଳୟକୁ ଆସିବାକୁ କୁହାଯାଇଛି। ତେବେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ପୂର୍ବଭଳି ପ୍ରତ୍ୟେକ ଶନିବାର ବନ୍ଦ ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଯେଉଁ କର୍ମଚାରୀଙ୍କୁ ଭିପିଏନ୍ ପ୍ରଦାନ କରାଯାଇଛି ଯଦି ସେମାନଙ୍କୁ ରୋଷ୍ଟର ଡ୍ୟୁଟି ଦିଆଯାଇ ନାହିଁ ତେବେ ସେମାନେ ଘରେ ରହି କାର୍ଯ୍ୟ କରିବେ । ତେବେ ସେହି କର୍ମଚାରୀମାନେ ମୁଖ୍ୟାଳୟ ବାହାରକୁ ଯାଇ ପାରିବେ ନାହିଁ। ଟେଲିଫୋନରେ ଯୋଗାଯୋଗ ରହିବା ସହ ନୋଟିସ ପାଇବା କ୍ଷଣି ତୁରନ୍ତ କାର୍ଯ୍ୟାଳୟରେ ଯୋଗ ଦେବାକୁ କୁହାଯାଇଛି। ଏଥିସହିତ ପ୍ରତ୍ୟେକ ବିଭାଗ କୋଭିଡ୍-୧୯ ସତର୍କତା ଅବଲମ୍ବନ କରିବା ସହ କର୍ମଚାରୀମାନେ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଯଦି କୌଣସି କର୍ମଚାରୀ କୋଭିଡ୍ ସଂକ୍ରମିତ ହୁଅନ୍ତି ତେବେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡ୍‌ଲାଇନ ଅନୁସରଣ କରିବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

## ୪୫ ସ୍ଥାନରେ ସିବିଆଇ...

ରହୁଥିବା ମାଝି ଓ ତାଙ୍କ ସହଯୋଗୀଙ୍କ ଘର ଓ ଅଫିସ୍ ଉପରେ ସିବିଆଇ ଚଢ଼ାଉ କରିଛି। ଅନୁରୂପ ଭାବେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ବିହାରରେ ମଧ ସିବିଆଇ ଚଢ଼ାଉ ଜାରି ରହିଛି। ପଶ୍ଚିମବଙ୍ଗର ଆସାନ୍‌ସୋଲ, ଦୁର୍ଗାପୁର, ରାଣୀଗଞ୍ଜ, ବିଷ୍ଣୁପୁରରେ ଚଢ଼ାଉ କରାଯାଇଛି। ଇସିଏଲ୍‌ର କୁନୁଷ୍ଟୋରିଆ ଏବଂ କାଜୋରିଆ କୋଇଲା ଖଣିରୁ ବେଆଇନ ଖନନ କରାଯିବା ନେଇ ସଂସ୍ଥା ପକ୍ଷରୁ ମାମଲା ରୁଜୁ ହୋଇଛି। ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାରେ ମାଝି ଖୋଲାଖୋଲି ଭାବେ କୋଇଲା ଖଣି ଖନନ କରୁଥିବା ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କୋଲକାତା ଗସ୍ତବେଳେ ଏହି ପ୍ରସଙ୍ଗ ଉଠାଇଥିଲେ। କୋଇଲା ର୍‍ୟାକେଟ ପାଣ୍ଠି ରାଜନୈତିକ ଦଳକୁ ଯାଉଥିବା ମଧ ଅଭିଯୋଗ କରାଯାଇଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ସଂସ୍ଥାର ଚଢ଼ାଉକୁ ନେଇ ଟିଏମ୍‌ସି ପ୍ରତିବାଦ କରିଛି।

**ସାନ ଭାଇଙ୍କ ଆକ୍ରମଣରେ ବଡ଼ ମୃତ**


ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମରେ ଶନିବାର ସାନଭାଇଙ୍କ କାଠଫାଳିଆ ମାଡ଼ରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେତାରସିଂ ଗୁଡ଼ି ସାହିର ସୂର୍ଯ୍ୟ ଭୂୟାଁ ଓରଫ ବୁଲୁ। ପୋଲିସ ହତ୍ୟାକାରୀ ସାନ ଭାଇ ଟୁଲୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ରାଜ୍ୟରେ ୫,୪୫୭ କରୋନା ରୋଗୀ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ରାଜ୍ୟରେ ଏଯାବତ୍ ୫୮,୧୯,୫୮୪ କରୋନା ନମୁନା ପରୀକ୍ଷା ହୋଇ ସାରିଲାଣି। ଏଥିମଧ୍ୟରୁ ୫.୪୬% ପଜିଟିଭ୍ ବାହାରିଛି। ଶେଷ ୨୪ଘଣ୍ଟାରେ ୪୨,୦୧୪ ନମୁନା ପରୀକ୍ଷା ହୋଇଥିବା ବେଳେ ୨୮ ଜିଲାରୁ ୫୫୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗଜପତି ଓ କନ୍ଧମାଳରୁ କୌଣସି ନୂଆ ଆକ୍ରାନ୍ତ ବାହାରିନାହାନ୍ତି। ଅନୁଗୋଳ ଜିଲାରେ ସର୍ବାଧିକ ୫୩ଜଣ ରହିଥିବାବେଳେ ବାକି ୨୭ ଜିଲାରେ ୫୦ରୁ କମ୍ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ୧୧ ଜିଲାରେ ୧୦ରୁ କମ୍ ନୂଆ ପଜିଟିଭ୍ ବାହାରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୧୭,୮୯ରେ ପହଞ୍ଚିଛି। ଅପରପକ୍ଷେ ଆଉ ୧୨ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୪ଜଣ ରହିଥିବାବେଳେ ଖୋର୍ଦ୍ଧାରୁ ୩, ଅନୁଗୋଳରୁ ୨, ବାଲେଶ୍ୱର, ଢେଙ୍କାନାଳ ଓ ଯାଜପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନା ମୃତ୍ୟୁ ସଂଖ୍ୟା ୧,୭୩୦କୁ ବୃଦ୍ଧି ପାଇଛି। ସେପଟେ ଶନିବାର ୮୦୨ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟ ସଂଖ୍ୟା ୩,୧୦,୫୪୯ ଛୁଇଁଛି। ରାଜ୍ୟରେ ବର୍ତ୍ତମାନ ୫,୪୫୭ ସକ୍ରିୟ ରୋଗୀ ରହିଛନ୍ତି। ତେବେ ସୁନ୍ଦରଗଡ଼ରେ ସର୍ବାଧିକ ୪୬୮ଜଣ ସକ୍ରିୟ ରୋଗୀ ଥିବାବେଳେ ଏହା ପଛକୁ କଟକରେ ୪୩୬, ଖୋର୍ଦ୍ଧାରେ ୪୩୦ ଜଣ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

**ଆଉ ୫୫୦ ଚିହ୍ନଟ, ୧୨ ମୃତ**



# ନାବାଳିକାଙ୍କୁ ବଳାତ୍କାର, ବିକ୍ରି ଯୋଜନା

ନାକଟିଦେଉଳ, ୨୮।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ତଥା କିସିଣ୍ଡା ଥାନା ଅନ୍ତର୍ଗତ ଉପରମୁଣ୍ଡା ଗ୍ରାମରେ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଏବଂ ବିକ୍ରି କରିଦେବା ପାଇଁ ଯୋଜନା କରାଯାଇଥିଲା। ତେବେ ସମ୍ପୃକ୍ତା ନାବାଳିକା ନିଜ ପ୍ରେମିକ କବ୍ଜାରୁ ଖସି ଆସି କିସିଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି।

ରେଢାଖୋଲ ଥାନା ଶାମପୁର ଗ୍ରାମର ବସନ୍ତ ସାହୁ(୩୫) ଗତ କିଛିମାସ ହେଲା କିସିଣ୍ଡା ଥାନା ଉପରମୁଣ୍ଡା ଗ୍ରାମର ଜଣେ ୧୭ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ମୋବାଇଲ ଫୋନ ମାଧ୍ୟମରେ ସମ୍ପର୍କ ବଢାଇଥିଲେ। ବସନ୍ତଙ୍କ କଥାରେ ବିଶ୍ୱାସ କରି ନାବାଳିକା ତାଙ୍କ ପ୍ରେମରେ ପଡ଼ିଯାଇଥିଲେ। ଗତ ୨୫ ତାରିଖରେ ବସନ୍ତ ଏହି ନାବାଳିକାକୁ ବିବାହ କରିବାକୁ କହି ଉପରମୁଣ୍ଡା ଗ୍ରାମରୁ ନେଇ ଆସିଥିଲେ। ସେଦିନ ରାତିରେ ବସନ୍ତ ସମ୍ପୃକ୍ତା ନାବାଳିକାଙ୍କୁ ରେଢାଖୋଲର ଏକ ସ୍ଥାନରେ ରଖି ବଳାତ୍କାର କରିଥିଲେ। ୨୬ତାରିଖ ରାତିରେ ବି ବସନ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏପରି କି ତାଙ୍କୁ ଅନ୍ୟତ୍ର ବିକ୍ରି କରିବା ପାଇଁ ବସନ୍ତ ମୋବାଇଲରେ କାହା ସହ କଥାବାର୍ତ୍ତା କରୁଥିବା ନାବାଳିକା ଜଣଙ୍କ ଶୁଣି ନେଇଥିଲେ। ୨୭ତାରିଖ ଦିନ ବସନ୍ତ ନାବାଳିକାଙ୍କୁ ଉକ୍ତ ଘରେ ବାହାର ପଟୁ ତାଲା ପକାଇ କୁଆଡେ ଯାଇ ଆଉ ଫେରି ନ ଥିଲେ। ପୀଡ଼ିତା କୌଣସି ମତେ ପଡୋଶୀଙ୍କୁ ସବୁକଥା କହିଥିଲେ। ସ୍ଥାନୀୟ ଲୋକେ ନାବାଳିକାଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ସେମାନେ ରେଢାଖୋଲ ଆସି ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ପୀଡିତାଙ୍କ ଘର କିସିଣ୍ଡା ଥାନା ଅଞ୍ଚଳରେ ହୋଇଥିବାରୁ ସେଠାରେ ଅଭିଯୋଗ କରିବାକୁ ରେଢାଖୋଲ ପୋଲିସ ପରାମର୍ଶ ଦେଇଥିଲା। ଶନିବାର ପୀଡ଼ିତା କିସିଣ୍ଡା ଥାନାକୁ ଆସି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଦଫା ୩୬୩, ୩୬୬ ଏ, ୩୪୨, ୩୭୬(୨) ଏବଂ ନବାଳିକା ଯୌନ ଶୋଷଣ ପ୍ରତିରୋଧ ଆଇନରେ ଏକ ମାମଲା (ନଂ. ୬୭/୨୦)ରୁଜୁ ହୋଇଛି। ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରେ ପୀଡିତାଙ୍କ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ବସନ୍ତ ସାହୁଙ୍କୁ ରେଢାଖୋଲ ଥାନା ଲୁହାପଙ୍କ ଅଞ୍ଚଳରୁ ଠାବ କରାଯାଇଥିବା ଥାନା ଅଧିକାରୀ ଚିରଞ୍ଜୀବ ନାଏକ କହିଛନ୍ତି।

# ବିଜୁ ଯୁବ ଜନତା ଦଳର ୪ ସାଙ୍ଗଠନିକ ଜିଲା କମିଟି ଘୋଷଣା

ଭୁବନେଶ୍ୱର,୨୮।୧୧(ବ୍ୟୁରୋ): ବିଜୁ ଯୁବ ଜନତା ଦଳର କନ୍ଧମାଳ, ମାଲକାନଗିରି, ସୁବର୍ଣ୍ଣପୁର ଓ କୋରାପୁଟ ସାଂଗଠନିକ ଜିଲା ପାଇଁ ନୂଆ କମିଟି ଘୋଷଣା କରାଯାଇଅଛି । ସଙ୍ଗଠନକୁ କ୍ରିୟାଶୀଳ ଓ ସୁସଙ୍ଗଠିତ କରିବା ଲାଗି ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ତଥା ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ ଏବଂ ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ଅନୁମୋଦନ କ୍ରମେ ପ୍ରତ୍ୟେକ ଜିଲା କମିଟିରେ ୫ ଉପସଭାପତି, ୫ ସାଧାରଣ ସମ୍ପାଦକ, ୨୦ ସମ୍ପାଦକ ଏବଂ ଜଣେ ଲେଖାଏ ଆଇଟି କୋଅର୍ଡିନେଟରଙ୍କ ନାମ ଘୋଷଣା କରାଯାଇଅଛି । ୪ ଜିଲାର ସମସ୍ତ ବ୍ଲକ୍, ପୌରପାଳିକା ଏବଂ ଏନ୍ଏସି ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଅଛି। ବିଜୁ ଯୁବ ଜନତା ଦଳର ୩୫ଟି ସାଙ୍ଗଠନିକ ଜିଲା ମଧ୍ୟରୁ ୧୧ଟି ଜିଲାର ଜିଲା କମିଟି ଗଠନ ହୋଇସାରିଛି। ଆଗାମୀ ଦିନରେ ବାକିଥିବା ସମସ୍ତ ସାଙ୍ଗଠନିକ ଜିଲାର ଜିଲା ସ୍ତରରୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ସମସ୍ତ କମିଟି ଘୋଷଣା କରାଯିବ । ଶନିବାର ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଆଶିଷ ମିଶ୍ର ଏ ନେଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଇଲେକ୍ଟ୍ରିକ୍ ବୟ ଜ୍ୟୋତିରଞ୍ଜନ

ମାନସ ବିଶ୍ୱାଳ

ବାଲେଶ୍ୱର ଅଫିସ,୨୮।୧୧



ଏଲ୍ଇଡି ବଲ୍ବ ତିଆରିରେ ବ୍ୟସ୍ତ ଜ୍ୟୋତିରଞ୍ଜନ ।

ଇଲେକ୍ଟ୍ରୋନିକ ସାମଗ୍ରୀ ପ୍ରସ୍ତୁତରେ ବିଶ୍ୱ ଦରବାରରେ ଚାଇନା ସବୁବେଳେ ଆଗରେ କିନ୍ତୁ ଭାରତ କାହିଁକି ନୁହେଁ। ଏହାକୁ ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ବାଲେଶ୍ୱର ଜିଲା ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ମାଧପୁର ଗ୍ରାମର ଜ୍ୟୋତିରଞ୍ଜନ ପଣ୍ଡିତ (୧୭)। ବୟସ କମ୍ ହେଲେ ମଧ୍ୟ ଚିନ୍ତାଧାରା ତାଙ୍କର ଉଚ୍ଚକୋଟୀର। ତାଙ୍କ ଶୋଇବା ଘରେ ରହିଛି ସୋଲ୍ଡିଂ ମେଶିନ୍ ଠାରୁ ଆରମ୍ଭ କରି ବିଭିନ୍ନ ଇଲେକ୍ଟ୍ରି ଯନ୍ତ୍ରାଂଶ। ଭିନ୍ନ ଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ତିଆରି କରି ସେ ସାଜିଛନ୍ତି ଇଲେକ୍ଟ୍ରିକ୍ ବୟ। ଖାଲି ସେ ସାମଗ୍ରୀ ତିଆରି କରନ୍ତି ନାହିଁ, ଏହାକୁ ଶସ୍ତାରେ ବିକ୍ରି କରି ସ୍ଥାନୀୟ ଲୋକଙ୍କୁ ସହାୟତା କରିବା ସହ ରୋଜଗାର ମଧ୍ୟ କରିପାରୁଛନ୍ତି। ତୁଳସୀ ଓ ହରି ନାରାୟଣ ପଣ୍ଡିତଙ୍କ ପୁଅ ଜ୍ୟୋତିରଞ୍ଜନ। ମା' ଜଣେ ଗୃହିଣୀ ଓ ବାପା ଚାଷ କାମ କରି ପରିବାର ଚଳାଇଥାନ୍ତି। ଅଭାବୀ ପରିବାର ହୋଇଥିବାରୁ ପୁଅର ପାଠପଢ଼ା ସହ ଆବଶ୍ୟକ ବହିଖାତା କିଣିବାରେ ହରିନାରାୟଣ ସକ୍ଷମ ହୋଇପାରନ୍ତି ନାହିଁ। ଜ୍ୟୋତିରଞ୍ଜନ ପିଲାଟି ଦିନରୁ ବିଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଉପରେ ଆଗ୍ରହ ରଖିବା ସହ ପ୍ରସ୍ତୁତ ପ୍ରଣାଳୀ ଉପରେ ନଜର ପକାଇଥାନ୍ତି। ମାଟ୍ରିକ ପାସ୍ ହେବା ପରେ ଜ୍ୟୋତିରଞ୍ଜନ ପ୍ରଥମେ ଟର୍ଚ୍ଚ ଲାଇଟ୍ ମରାମତି କରିବା ଆରମ୍ଭ କରିଥିଲେ। ସେଥିରୁ ସେ କିଛି ଟଙ୍କା ରୋଜଗାର କରିଥିଲେ। ସେହି ଅର୍ଥରେ ସେ ଏଲ୍ଇଡି ବଲ୍ବ ପ୍ରସ୍ତୁତ ପାଇଁ ସାମଗ୍ରୀ କିଣିଥିଲେ। ବିଭିନ୍ନ ପ୍ରକାର ଏଲ୍ଇଡି ବଲ୍ବ ପ୍ରସ୍ତୁତ କରି ଅଳ୍ପ ଦାମ୍ରେ ବିକ୍ରି କରିବା ଆରମ୍ଭ କରିଥିଲେ। ଯେତେବେଳେ ମାର୍କେଟ୍ରେ ଗୋଟିଏ ଏଲ୍ଇଡି ବଲ୍ବର ମୂଲ୍ୟ ୪୫୦ଟଙ୍କା, ସେ ଉକ୍ତ ବଲ୍ବକୁ ୧୫୦ଟଙ୍କାରେ ବିକ୍ରି କରି ବେଶ୍ କିଛି ଟଙ୍କା ଲାଭବାନ୍ ହେଉଥିଲେ। ଏଥିସହିତ ପାୱାର ବ୍ୟାଙ୍କ୍, ଇନ୍ଭର୍ଟର୍, ଡ୍ରୋନ୍ ମଧ୍ୟ ପ୍ରସ୍ତୁତ କରିସାରିଛନ୍ତି। ଅନ୍ୟପକ୍ଷରେ ଅଣ୍ଡାରୁ କୁକୁଡ଼ା ଛିଆଁ ଫୁଟାଇବା ମେଶିନ୍ ପ୍ରସ୍ତୁତ କରି ସ୍ଥାନୀୟ କୁକୁଡ଼ା ଚାଷୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାର ସମସ୍ତ କୃଷକଙ୍କ ଉନ୍ନତି କାମନା କରୁଛି।



କୈଳାସ ଚନ୍ଦ୍ର ସ୍ୱାଇଁ
ମାଲକାନଗିରି

ବରଗଡ଼ ଜିଲ୍ଲା ବିଜେପୁର ସେବା ସମବାୟ ସମିତି ପକ୍ଷରୁ ଖୋଲିଥିବା କେଉଁଟିପାଲି, ଜାରିଂ, ବୁଡାପାଲି ମଣ୍ଡିରେ ଖରିଫ ଫସଲର ଧାନ ଓ ମାଣ୍ଡିଆ ବିକ୍ରି କରିବାର ସୁଯୋଗ ନେବାକୁ ଚାଷୀଭାଇମାନଙ୍କୁ ଅନୁରୋଧ କରୁଛୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଛୁ।

| ଶ୍ରୀ ମଧୁ ମେହେର | ଶ୍ରୀ ନିର୍ମଳ ଜେନା |
| --- | --- |
| ପ୍ରଶାସକ | ଭାରପ୍ରାପ୍ତ ସମ୍ପାଦକ |



ଧରିତ୍ରୀର ସ୍ୱନକ୍ଷତ୍ର ତଥା ପବିତ୍ର ପୁଣ୍ୟତୋୟା କାର୍ତ୍ତିକ, ମାର୍ଗଶିର ମାସ ଦ୍ୱୟର ଶୁଭଲଗ୍ନରେ ବରଗଡ଼ ଜିଲ୍ଲା ବିଜେପୁର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି ପାଇଁ ମାଁ ସମଲେଶ୍ୱରୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି।

ଶ୍ରୀ ଦିଲ୍ଲୀପ କୁମାର ପଣ୍ଡା
ସଂଯୋଜକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ, ବରଗଡ଼, ଝାରସୁଗୁଡା ଜିଲ୍ଲା ଓ ବିଜେପୁର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଏମ. ଶ୍ରୀଗିଡା ସେବା ସମବାୟ ସମିତି ପକ୍ଷରୁ ଖୋଲିଥିବା ଏମ.ଶ୍ରୀଗିଡା ଓ କେଉଁଟିପାଲି ମାର୍କେଟୟାର୍ଡରେ ଖରିଫ ଫସଲର ଧାନ ଓ ମାଣ୍ଡିଆ ବିକ୍ରି କରିବାର ସୁଯୋଗ ନେବାକୁ ଚାଷୀଭାଇମାନଙ୍କୁ ଅନୁରୋଧ କରୁଛୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛୁ।

| ଶ୍ରୀ ସୁବ୍ରତ ମେହେର | ଶ୍ରୀ ନିର୍ମଳ ଜେନା |
| --- | --- |
| ପ୍ରଶାସକ | ସମ୍ପାଦକ |




PROP : SRIJAY KUMAR MOHAPATRA (SIJU)
BIBISARAI, JAJPUR TOWN
CONTACT : 06728-222519
MOB : 9090699019/9776299019

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ ମୁକୁନ୍ଦ ପାତ୍ର ଡିଗ୍ରୀ ଓ ଜୁନିୟର କଲେଜର ଅଧକ୍ଷ ଓ ସହକର୍ମୀ

କନ୍ତପଡ଼ା, ଜେନାପୁର
ଧର୍ମଶାଳା, ଯାଜପୁର



କବିତା ବିଶ୍ୱାଳ
+୩ ଅଧକ୍ଷା



ହେମନ୍ତ କୁମାର ଦାସ
+୨ ଅଧକ୍ଷ



ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ତଥା ପବିତ୍ର ପୁଣ୍ୟତୋୟା କାର୍ତ୍ତିକ ଓ ମାର୍ଗଶିର ମାସର ଶୁଭଲଗ୍ନରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଏମ.ଶ୍ରୀଗିଡା ଗ୍ରାମପଞ୍ଚାୟତର ଜନସାଧାରଣଙ୍କ ସୁଖ, ସମୃଦ୍ଧି, ଉନ୍ନତି ପାଇଁ ଠାକୁରଙ୍କ ନିକଟରେ ବିନମ୍ର ନିବେଦନ କରୁଛୁ।

| ଶ୍ରୀ ସୌକିଲାଲ ଜେନା | ଶ୍ରୀ ମୌସମ ପଧାନ |
| --- | --- |
| ସରପଞ୍ଚ | କାର୍ଯ୍ୟନିର୍ବାହୀ ଅଧିକାରୀ |




ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାରେ ଉତ୍ତପ୍ତ ଜଳବାୟୁ ଏବଂ ମୃତ୍ତିକା କ୍ଷୟ ରୋକିବା ପାଇଁ ମାଟିଇଟା ବଦଳରେ ସିମେଣ୍ଟ ଇଟା ବ୍ୟବହାର କରିବା ପାଇଁ ଅନୁରୋଧ। ଏହା ଦ୍ୱାରା ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକାଯାଇପାରିବ।





ସାବିତ୍ରୀ ଫ୍ଲାଏ ଆସ୍ ବ୍ରିକ୍ସ
ମାଲକାନଗିରି

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସାଇପାଲି ସେବା ସମବାୟ ସମିତି ପକ୍ଷରୁ ଖୋଲିଥିବା ସାଇପାଲି, ବଡବ୍ରାହ୍ମଣୀ ମାର୍କେଟ ୟାର୍ଡରେ ଖରିଫ ଫସଲର ଧାନ ଓ ମାଣ୍ଡିଆ ବିକ୍ରି କରିବାର ସୁଯୋଗ ନେବାକୁ ଚାଷୀଭାଇମାନଙ୍କୁ ଅନୁରୋଧ କରୁଛୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛୁ।

| ଶ୍ରୀ ସୁବ୍ରତ ମେହେର | ଶ୍ରୀ କୃପାସିନ୍ଧୁ ସାହୁ |
| --- | --- |
| ପ୍ରଶାସକ | ଭାରପ୍ରାପ୍ତ ସମ୍ପାଦକ |

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡା ସେବା ସମବାୟ ସମିତି ପକ୍ଷରୁ ଖୋଲିଥିବା ଅର୍ଡା, ଲାଉମୁଣ୍ଡା ମାର୍କେଟ ୟାର୍ଡରେ ଖରିଫ ଫସଲର ଧାନ ବିକ୍ରି କରିବାର ସୁଯୋଗ ନେବାକୁ ଚାଷୀଭାଇମାନଙ୍କୁ ଅନୁରୋଧ କରୁଛୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛୁ।

| ଶ୍ରୀ ସୁବ୍ରତ ମେହେର | ଶ୍ରୀ ଧନଞ୍ଜୟ ପଧାନ |
| --- | --- |
| ପ୍ରଶାସକ | ସମ୍ପାଦକ |

ଚାଇଲ୍ଡ ଲାଇନ୍ ମାଲକାନଗିରି, ପରିବର୍ତ୍ତନ

ବାଲ୍ୟବିବାହକୁ ଆଇନ୍‌ଗତ ନିଷେଧ କରାଯାଇଛି। ଏହା ଏକ ସାମାଜିକ କୁସଂସ୍କାର ଅଟେ। ପୁଅକୁ (୨୧) ଓ ଝିଅକୁ (୧୮) ବର୍ଷ ହେବା ପରେ ବିବାହ ଦେଇ ମାଲକାନଗିରି ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଉଛି।

CHILD LINE 1098 NIGHT & DAY



Parivartan

ନିତ୍ୟାନନ୍ଦ ପ୍ରଧାନ
ନିର୍ଦ୍ଦେଶକ, ଚାଇଲ୍ଡ ଲାଇନ୍, ମାଲକାନଗିରି

KANDHAMAL halad AROMATIC TURMERIC

KASAM
(Kandhamal Apex Spices Association for Marketing)
(ISO 22000:2005 HACCP CERTIFIED)
Organic Certificate from CONTROLUNION
Netaji Subash Bose Road, Phulbani
Kandhamal - 762001, ODISHA
Ph.: 06842-253022/255206
E-mail: orissakasam@rediffmail.com
kasam.organic@gmail.com
Visit us at: www.kasamorganic.com

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ବଡବାଉଁଶେନ ସେବା ସମବାୟ ସମିତି ପକ୍ଷରୁ ଖୋଲିଥିବା ଅର୍ଡା, ଖରମୁଣ୍ଡା ମାର୍କେଟ ୟାର୍ଡରେ ଖରିଫ ଫସଲର ଧାନ ଓ ମାଣ୍ଡିଆ ବିକ୍ରି କରିବାର ସୁଯୋଗ ନେବାକୁ ଚାଷୀଭାଇମାନଙ୍କୁ ଅନୁରୋଧ କରୁଛୁ। ସମସ୍ତ ଚାଷୀଭାଇମାନଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛୁ।

| ଶ୍ରୀ ସୁବ୍ରତ ମେହେର | ଶ୍ରୀ କୃପାସିନ୍ଧୁ ସାହୁ |
| --- | --- |
| ପ୍ରଶାସକ | ସମ୍ପାଦକ |

# ଟ୍ରାଭେଲ କମ୍ପାନୀ କକ୍ସ ଆଣ୍ଡ କିଙ୍ଗ୍ସ ଦେବାଳିଆ

ଭୁବନେଶ୍ୱର,୨୮।୧୧: ଦେଶର ଅଗ୍ରଣୀ ଟ୍ରାଭେଲ ଆଣ୍ଡ ଟୁର୍ସ କମ୍ପାନୀ କକ୍ସ ଆଣ୍ଡ କିଙ୍ଗ୍ସର ପ୍ରମୋଟର ପିଟର କେରକରଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଏକାଧିକ ବ୍ୟାଙ୍କରୁ ୫,୫୦୦ କୋଟି ଟଙ୍କାର ଋଣ ଘୋଟାଲା ଓ ମନି ଲଣ୍ଡରିଂ ମାମଲାରେ ପିଟରଙ୍କୁ ଇଡି ଗିରଫ କରିଥିବା ସୂଚନା ମିଳିଛି। ଏହି ଋଣ ଘୋଟାଲାରେ ସବୁଠୁ ଅଧିକ ୨୨୬୭ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ବାକି ପଡିଥିବା ଜଣାପଡ଼ିଛି। ଏହି ଟ୍ରାଭେଲ୍ କମ୍ପାନୀ ବର୍ତ୍ତମାନ ସମୟରେ ଦେବାଳିଆ ହୋଇଯାଇଛି। ଅକ୍ଟୋବର ୨୦୧୯ରେ କମ୍ପାନୀକୁ ବ୍ୟାଙ୍କ୍ରପ୍ସୀ କୋର୍ଟକୁ ପଠାଯାଇଥିଲା। ଏହି କମ୍ପାନୀର ପ୍ରତିଷ୍ଠାତା କେରକର ଓ ତାଙ୍କ ପରିବାରବର୍ଗଙ୍କୁ ଚଳିତ ମାସ ସିବିଆଇ କକ୍ସ ଆଣ୍ଡ କିଙ୍ଗ୍ସର ସହଯୋଗୀ କମ୍ପାନୀ ଇଜିଗୋ ଆଣ୍ଡ ଟୁର୍ସ ଲିମିଟେଡ୍ ବିରୋଧରେ ମଧ ମାମଲା ରୁଜୁ କରିଥିଲା। ୟେସ୍ ବ୍ୟାଙ୍କରେ ୯୦୦ କୋଟିରୁ ଅଧିକ ଋଣ ଘୋଟାଲାକୁ ନେଇ ମାମଲା ରୁଜୁ କରିଥିଲା ସିବିଆଇ। ଘଟଣାର ବ୍ୟାପକ ଯାଞ୍ଚ ବେଳେ ଇଡି ଜାଣିବାକୁ ପାଇଥିଲା ଯେ କକ୍ସ ଆଣ୍ଡ କିଙ୍ଗ୍ସ ଜାଲ୍ ଗ୍ରାହକଙ୍କ ନାଁ ବ୍ୟବହାର କରି ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ ନେଇଥିଲା। କମ୍ପାନୀ ପରବର୍ତ୍ତୀ ସମୟରେ ଏହି ଟଙ୍କା ପରିଶୋଧ କରିପାରି ନ ଥିଲା। ମାର୍ଚ୍ଚ ୮ରେ ଇଡି ୟେସ୍ ବ୍ୟାଙ୍କର ପୂର୍ବତନ ଅଧକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ରାଣା କପୁରଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ସବିଆଇ ମଧ କମ୍ପାନୀର ବରିଷ୍ଠ ଅଧିକାରୀ ଅଜିତ ପିଟର କେରକର, ଉର୍ଶିଳା କେରକର, ନିଲୁ ସିଂହ, ଅରୂପ ସେନ, ମନୀଷ ଅମରା ପୁରକର, ପ୍ରେସି ପଟେଲ ଓ କାର୍ତ୍ତିକ ଭେଙ୍କଟରମଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ବୋଲି ଜଣାପଡ଼ିଛି।

# ‘ଘରୋଇକରଣ ପରେ ବି ସବସିଡି ମିଳିବ’

ଭୁବନେଶ୍ୱର,୨୮।୧୧

ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍)ରେ ସରକାର ନିଜର ଅଂଶଧନ ବିକ୍ରି କରିବାକୁ ଯାଉଛନ୍ତି। ଏଭଳି ସ୍ଥିତିରେ ଦେଶର ୭ କୋଟିରୁ ଊର୍ଦ୍ଧ୍ୱ ଏଲ୍‌ପିଜି ବ୍ୟବହାର କରୁଥିବା ଗ୍ରାହକଙ୍କ ମନରେ ସବ୍‌ସିଡିକୁ ନେଇ ନାନା ପ୍ରଶ୍ନ ଉଠିଛି। ଏହାକୁ ନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ହେଲେ ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସବିଶେଷ ସୂଚନା ଦେଇ କହିଛନ୍ତି, ବିପିସିଏଲ୍‌ର ଘରୋଇକରଣ ପରେ ମଧ ସମସ୍ତ ଉପଭୋକ୍ତାଙ୍କୁ ଗ୍ୟାସ୍ ସବ୍‌ସିଡି ପୂର୍ବପରି ମିଳିବ। ଦେଶର ପ୍ରମୁଖ ତୈଳ ବିତରଣ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ଉପଭୋକ୍ତାଙ୍କୁ ସବ୍‌ସିଡିରେ ଗ୍ୟାସ୍ ଯୋଗାଇ ଦେଇଥାନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ପ୍ରଧାନ କହିଥିଲେ, ସମସ୍ତ ଭେରିଫାଏଡ୍ ଗ୍ରାହକଙ୍କୁ ଡିଜିଟାଲ ତରିକାରେ ଏଲ୍‌ପିଜି ସବ୍‌ସିଡି ଗ୍ୟାସ୍ ଯୋଗାଇ ଦିଆଯାଇଥାଏ। ଯେହେତୁ କମ୍ପାନୀଗୁଡିକ ଉପଭୋକ୍ତାମାନଙ୍କୁ ସିଧାସଳଖ ଗ୍ୟାସ୍ ଯୋଗାଇ ଦିଆଯାଇଥାନ୍ତି, ସେଥିପାଇଁ ସର୍ଭିସିଂ କମ୍ପାନୀ ସରକାରୀ ବା ଘରୋଇ କ୍ଷେତ୍ର ଭିତରେ ବାଛବିଚାର କରନ୍ତି ନାହିଁ। ଏହି ସେବା ଯୋଗାଣ ପରେ ମଧ ବିପିସିଏଲ୍‌ର ଉପଭୋକ୍ତାଙ୍କ ପାଇଁ ଏଲ୍‌ପିଜି ସବ୍‌ସିଡି ପୂର୍ବ ଭଳି ବଳବତ୍ତର ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ବିପିସିଏଲ୍ ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଏବଂ ଆସାମ ଭଳି ରାଜ୍ୟରେ ବିଭିନ୍ନ ୟୁନିଟ୍‌ରୁ ପ୍ରତିବର୍ଷ ୩୮.୩ ମିଲିୟନ ଟନ ଉତ୍ପାଦନ କ୍ଷମତା ସହ ୪ଟି ରିଫାଇନେରି ସଞ୍ଚାଳନ କରୁଛି। ଫଳରେ ଭାରତର ସମୁଦାୟ ୨୪୯.୮ ମିଲିୟନ ଟନ ଶୋଧନ କ୍ଷମତାର ଏହା ୧୫.୩ ପ୍ରତିଶତ ଅଟେ। ସରକାର ବିପିସିଏଲ୍‌ରେ ପରିଚାଳନା ନିୟନ୍ତ୍ରଣ ସହ ନିଜର ୫୩% ଅଂଶଧନ ବିକ୍ରି କରୁଛନ୍ତି। ଏହାଦ୍ୱାରା କମ୍ପାନୀର ନୂଆ ମାଲିକଙ୍କୁ ଭାରତର ତୈଳ ଶୋଧନ କ୍ଷମତାର ୧୫.୩୩% ପାଇବାକୁ ଥିବାବେଳେ ଇନ୍ଧନ ବିପଣନର ୨୨% ଅଂଶ ରହିବ। ବର୍ତ୍ତମାନ ସାରା ଦେଶରେ ବିପିସିଏଲ୍‌ର ୧୭,୩୫୫ ପେଟ୍ରୋଲପମ୍ପ, ୬,୧୫୯ ଏଲ୍‌ପିଜି ବିତରକ ଏଜେନ୍ସି ଓ ୨୫୬ ବିମାନ ଇନ୍ଧନ ଷ୍ଟେଶନରୁ ୬୧ଟିର ମାଲିକାନାରେ ରହିଛି। କେନ୍ଦ୍ର ସରକାର ଗୋଟିଏ ବର୍ଷରେ ପ୍ରତି ଘରକୁ ୧୪.୨ କିଲୋର ୧୨ଟି ଗ୍ୟାସ୍ ସିଲିଣ୍ଡର ସବ୍‌ସିଡି ଦରରେ ଦେଇଥାନ୍ତି। ଏହି ସବ୍‌ସିଡି ସିଧା ଉପଭୋକ୍ତାଙ୍କ ବ୍ୟାଙ୍କ ଖାତାକୁ ଯାଇଥାଏ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଟିକା ନେବା ପରେ ଚିକିତ୍ସାଳୟ ଯିବା ଦରକାର ନାହିଁ

ଭୁବନେଶ୍ୱର,୨୮।୧୧


ଅଦାର ପୁନାୱାଲା

ସାରା ଦେଶରେ କୋଭିଡ୍-୧୯ର ଭୟ ବର୍ତ୍ତମାନ ମଧ ସମସ୍ତଙ୍କୁ ଚକିତ କରି ରଖିଛି। ଏହି ମହାମାରୀକୁ ରୋକିବା ପାଇଁ ଟିକାର ଆବଶ୍ୟକତା ରହିଛି। ହେଲେ ଟିକା ନେବା ପରେ ଆଉ ଚିକିତ୍ସାଳୟ ଯିବା ଠିକ୍ ନୁହେଁ। ଏହି ଭୟାନକ ସଂକ୍ରମଣ କେତେବେଳେ ଯେ ଜଣଙ୍କଠାରୁ ଅନ୍ୟ ଜଣଙ୍କ ପାଖକୁ ଯାଏ ତାହା କହିହେବ ନାହିଁ। ଟିକା ନେଇସାରିବା ପରେ ଏହା ଆଉ ସଂକ୍ରମିତ ହେବନାହିଁ। ଏପରିକି ଟିକା ନେବା ପରେ ହସ୍ପିଟାଲ ଯିବାର ଆବଶ୍ୟକତା ନାହିଁ। କରୋନା ଟିକା ପ୍ରସ୍ତୁତ କରୁଥିବା ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଅଦାର ପୁନାୱାଲା ଏ ନେଇ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏ ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ଟିକାର ନାମ କୋଭିଶିଲ୍ଡ ରହିଛି। ଏହି ଟିକା ନେବା ପରେ ମୃତ୍ୟୁ ହାର ମଧ କମିବ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ସେହିଭଳି ହସ୍ପିଟାଲ ଯିବା ସଂଖ୍ୟା ଶୂନ ପ୍ରତିଶତ ହେବା ସମ୍ଭାବନା ରହିଛି। ସେହିପରି ଭାଇରସ୍‌ର ପ୍ରଭାବ ୬୦% କମିବ। କୋଭିଶିଲ୍ଡର ପରୀକ୍ଷା ହେବା ବେଳେ ଏହିସବୁ ପରିଣାମ ଆସିଛି ବୋଲି କମ୍ପାନୀର ସିଇଓ ସୂଚନା ଦେଇଛନ୍ତି। ଉକ୍ତ ଟିକା ସହ ଜଡିତ ସମସ୍ତ ସୂଚନା ଭାରତର ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଛି। ଟିକା ପ୍ରସ୍ତୁତିକୁ ନେଇ ମଧ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିବା ସୂଚନା ମିଳିଛି। ଶନିବାର ମୋଦି ସେରମ୍ ଲାବରେଟୋରି ପରିଦର୍ଶନକରି ଆସିବା ପରେ ପୁନାୱାଲା ଏହା କହିଛନ୍ତି। ପୁନାୱାଲା ଆହୁରି କହିଛନ୍ତି, ସରକାର କେତେ ଡୋଜ କିଣିବେ ଏପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି। ୨୦୨୧ ଜୁଲାଇ ସୁଦ୍ଧା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୩୦୦ ରୁ ୪୦୦ ନିୟୁତ ଡୋଜ୍ ଅର୍ଡର କରିବା ନେଇ ବିଚାର କରୁଥିବା ଜଣାପଡିଛି।

# ଫେବୃୟାରୀ ୨୮ ଯାଏ ଇପିଏଫ୍ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨୮।୧୧

କରୋନା ମହାମାରୀ ଯୋଗୁ ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଓ ସଂକ୍ରମଣର ଭୟାବହତାକୁ ଆଖି ଆଗରେ ରଖାଯାଇ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ) ପକ୍ଷରୁ ଜୀବନ ପ୍ରମାଣପତ୍ର ଦାଖଲ କରିବାର ଅନ୍ତିମ ତାରିଖକୁ ୨୮ ଫେବୃୟାରୀ ୨୦୨୧ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି । ବର୍ତ୍ତମାନ ପେନସନ ଭୋଗୀମାନେ ବର୍ଷର ୩୦ ନଭେମ୍ବର ସୁଦ୍ଧା ଯେକୌଣସି ସମୟରେ ଜୀବନ ପ୍ରମାଣପତ୍ର ଦାଖଲ କରିବାର ସୁବିଧା ପାଇପାରୁଛନ୍ତି, ଯାହାକ ଜାରି କରାଯିବାର ୧ବର୍ଷର ଅବଧି ପର୍ଯ୍ୟନ୍ତ ବୈଧ ରହିବ ।

# ୧ରୁ ବଦଳିବ ପିଏନ୍‌ବି ଏଟିଏମ୍ ନିୟମ

ଭୁବନେଶ୍ୱର,୨୬।୧୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଡିସେମ୍ବର ୧ରୁ ଏହାର ଏଟିଏମ୍‌ରୁ ଟଙ୍କା ଉଠାଣ ପ୍ରକ୍ରିୟାରେ ବଡ଼ ଧରଣର ପରିବର୍ତ୍ତନ କରିବାକୁ ଯାଉଛି । ନିଜର ଗ୍ରାହକମାନଙ୍କୁ ଉନ୍ନତ ସେବା ଓ ସୁବିଧା ସହ ବିଭିନ୍ନ ପ୍ରକାର ଠକେଇରୁ ସୁରକ୍ଷା ଦେବା ପାଇଁ ବ୍ୟାଙ୍କ ଏହି ପଦକ୍ଷେପ ଗ୍ରହଣ କରିଛି । ବ୍ୟାଙ୍କ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ପ୍ରେରଣ କରିବା ପରେ ଗ୍ରାହକଙ୍କର ଟଙ୍କା ଉଠାଣ ପ୍ରକ୍ରିୟା ଆରମ୍ଭ ହେବ। ଏହି ନୂତନ ବ୍ୟବସ୍ଥା ବଳରେ ନିଜର ଧନ ଓ ଜୀବନ ସୁରକ୍ଷା ହୋଇପାରିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଟିଏମ୍‌ରୁ ଟଙ୍କା ଉଠାଣ ସମୟରେ ଗ୍ରାହକଙ୍କୁ ବ୍ୟାଙ୍କରେ ପଞ୍ଜୀକୃତ କରିଥିବା ମୋବାଇଲ ନମ୍ବରରେ ଆସୁଥିବା ଓଟିପି ଦେବାକୁ ପଡିବ। ଏହି ନିୟମ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଉଠାଣ ଉପରେ ଲାଗୁ ହେବ। ଏ ନେଇ ବ୍ୟାଙ୍କ ପକ୍ଷରୁ ଶନିବାର ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି।

# ଆଦାନୀର ଅଷ୍ଟ୍ରେଲିଆ ପ୍ରକଳ୍ପକୁ ଋଣ ନ ଦେବା ଲାଗି ଏସ୍‌ବିଆଇକୁ ଚେତାବନୀ

ଭୁବନେଶ୍ୱର,୨୮।୧୧




ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଅଷ୍ଟ୍ରେଲିଆରେ ଆଦାନୀର କାର୍ମାଇକେଲ କୋଇଲା ଖଣି ପ୍ରକଳ୍ପକୁ ଯଦି ୫ହଜାର କୋଟି ଟଙ୍କାର ଋଣ ଦିଏ, ତେବେ ଫ୍ରାନ୍ସର ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ‘ଆମୁଣ୍ଡି’ ଉକ୍ତ ବ୍ୟାଙ୍କରେ ଥିବା ଗ୍ରୀନବଣ୍ଡକୁ ପ୍ରତ୍ୟାହାର କରିନେବ ବୋଲି ଚେତାବନୀ ଦେଇଛି । ଇନଷ୍ଟିଚ୍ୟୁଶନାଲ କର୍ପୋରେଟ କ୍ଲାଏଣ୍ଟସ ଡିଭିଜନ ଆଣ୍ଡ ଇଏସଜିର ନିର୍ଦ୍ଦେଶକ ଜିନ୍ ଜ୍ୟାକ୍ସ ବାରବେରିଜ କହିଛନ୍ତି ଯେ, ଉକ୍ତ ପ୍ରକଳ୍ପକୁ ଏସବିଆଇ ଋଣ ଦେବା ଉଚିତ ନୁହେଁ। ଏହା ବ୍ୟାଙ୍କ ଉପରେ ଛାଡି ଦିଆଯାଇଛି । କିନ୍ତୁ ଆମେ ସ୍ପଷ୍ଟ କରୁଛୁ ଯେ ଯଦି ଏସବିଆଇ ସେହି ପ୍ରକଳ୍ପକୁ ଋଣ ଯୋଗାଣ କରେ ତାହେଲେ ଆମେ ଅଂଶଧନ ପ୍ରତ୍ୟାହାର କରିନେବୁ । ଖଣି କାର୍ଯ୍ୟ ପାଇଁ ଋଣ ଦିଆଯିବା ଏସବିଆଇ ଗ୍ରୀନ ଫଣ୍ଡର କାର୍ଯ୍ୟକଳାପର ସମ୍ପୂର୍ଣ୍ଣ ବିରୋଧାଭାସ କରୁଛି ବୋଲି ସେ କହିଛନ୍ତି । ଏଣୁ ଏସବିଆଇର ଉତ୍ତରକୁ ଆମେ ଅପେକ୍ଷା କରିଛୁ।

ସାରା ବିଶ୍ୱରେ ଏବେ ଜଳବାୟୁ ପରିବର୍ତ୍ତନ ବିରୋଧରେ ପଦକ୍ଷେପ ନିଆଯାଉଛି । ଆଦାନୀ କାର୍ମାଇକେଲ ପ୍ରକଳ୍ପରୁ ଅଙ୍ଗାରକାମ୍ଳ ନିର୍ଗମନ ଆଶଙ୍କା ଥିବାରୁ ଜଳବାୟୁ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରୁଥିବା କର୍ମୀମାନେ ଏହାକୁ ବିରୋଧ କରୁଛନ୍ତି । ପୂର୍ବରୁ ମଧ ପରିବେଶବିତ୍‌ମାନେ ଉକ୍ତ ଖଣିରୁ ବିଷାକ୍ତ ଗ୍ୟାସ୍ ବାହାରୁଥିବା ନେଇ ଚେତାବନୀ ଦେଇ ସାରିଛନ୍ତି।


ଆମୁଣ୍ଡି ହେଉଛି ୟୁରୋପର ସବୁଠାରୁ ବୃହତ୍ତ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ, ଯାହା ବିଶ୍ୱରେ ଶ୍ରେଷ୍ଠ ୧୦ ମଧରେ ସ୍ଥାନ ପାଇଛି । ଏହାର ସମ୍ପତ୍ତିର ମୂଲ୍ୟ ୧ହଜାର ୬୫୦ ବିଲିୟନ ୟୁରୋ। ଆମୁଣ୍ଡିର ନିବେଶ ନୀତିରେ ଦାୟିତ୍ୱବାନ ପୁଞ୍ଜିନିବେଶକୁ ଗୁରୁତ୍ୱ ଦିଆଯାଇଥାଏ । ୨୦୧୦ରେ ଏହା ଗଠିତ ହେବା ପରେ ସାମାଜିକ ଓ ପରିବେଶଗତ ଦାୟିତ୍ୱବୋଧତାକୁ ଗୁରୁତ୍ୱ ଦେଇଆସିଛି । ଆମୁଣ୍ଡି ହେଉଛି ଦାୟିତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ନୀତିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ।


## ଖେଳ ଖବର

# ସିରିଜ ବଞ୍ଚାଇବା ଲକ୍ଷ୍ୟରେ ଭାରତ

ସିଡ୍‌ନୀ,୨୮।୧୧(ପି.ଟି.)

## ଦ୍ୱିତୀୟ ଦିନିକିଆ ଆଜି


ଆରୋନ ଫିଞ୍ଚ୍


ବିରାଟ କୋହଲି

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ଭେନ୍ୟୁ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ**
**ପ୍ରସାରଣ: ସୋନୀ ନେଟ୍‌ୱର୍କ**

ଦ୍ୱିତୀୟ ଦିନିକିଆରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ରବିବାର ପରସ୍ପରକୁ ଭେଟିବେ। ପୁଣି ଥରେ ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ମ୍ୟାଚ୍ ଖେଳାଯିବ। ପ୍ରଥମ ଦିନିକିଆରେ ୬୬ ରନରେ ପରାସ୍ତ ହୋଇଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇ ସିରିଜ ବଞ୍ଚାଇବାକୁ ପ୍ରୟାସ କରିବ। ଫଳରେ ଭ୍ରମଣକାରୀ ଦଳ ପାଇଁ କର ବା ମର ସ୍ଥିତି ସୃଷ୍ଟି ହୋଇଛି। ତେବେ ସୀମିତ ସମ୍ବଳରେ ପୁଣି ସଂଘବଦ୍ଧ ହୋଇ ଖେଳିବା ଓ ଅଷ୍ଟ୍ରେଲିଆକୁ ତା’ର ଘରୋଇ ମାଟିରେ ହରାଇବା ନେଇ ଭାରତ ପାଖରେ ଏକାଧିକ ଚ୍ୟାଲେଞ୍ଜ ରହିଛି।

ବୃହତ୍ ବ୍ୟବଧାନରେ ହାରିବାକୁ ନେଇ ସେତେଟା ସମାଲୋଚନା କରାଯାଇ ନ ପାରେ। ତେବେ ଯେଉଁ ଭଳି ଢଙ୍ଗରେ ଘରୋଇ ଦଳ ଭାରତର ଦୁର୍ବଳତାକୁ ପଦାରେ ପକାଇଲା ତାହାକୁ ଅଣଦେଖା କରାଯାଇ ନ ପାରେ। ଜଣେ କ୍ୱାଲିଟି ଅଲରାଉଣ୍ଡରଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। ଏହା ଅଧିନାୟକ ବିରାଟ କୋହଲି ଓ କୋଚ୍ ରବି ଶାସ୍ତ୍ରୀଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି। ହାର୍ଦ୍ଦିକ ପାଣ୍ଡ୍ୟା ୭୬ ବଲରୁ ୯୦ ରନ ସଂଗ୍ରହ କରି ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ପ୍ରଦର୍ଶନର ପୁନରାବୃତ୍ତି କରିଥିଲେ। ତେବେ ତାଙ୍କ ଏହି ପ୍ରୟାସ ବିଜୟ ପାଇଁ ଆଦୌ ଯଥେଷ୍ଟ ନ ଥିଲା। ପୁଣି ପାଣ୍ଡ୍ୟା ବର୍ତ୍ତମାନ ବୋଲିଂ କରିବାକୁ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି। ସେ ଆଗାମୀ ୨୦ ବିଶ୍ୱକପ୍‌ରେ ବୋଲିଂ କରିପାରନ୍ତି। ତେଣୁ ବ୍ୟାକ୍‌ଅପ୍ ଅଲରାଉଣ୍ଡର ବିନା ଭାରତ ପ୍ଲାନ- ବି ବଦଳରେ ତା’ର ପ୍ଲାନ-ଏ’କୁ ନେଇ ପଡିଆକୁ ଓହ୍ଲାଇବ।

ଅପରପକ୍ଷରେ ଅଷ୍ଟ୍ରେଲିଆର ଟପ୍ ଥ୍ରୀ ଅଧିନାୟକ ଆରୋନ ଫିଞ୍ଚ୍, ଡେଭିଡ୍ ୱାର୍ନର ଓ ଷ୍ଟିଭ ସ୍ମିଥ୍ ଆଶାନୁରୂପ ପ୍ରଦର୍ଶନ କରିଥିଲେ। ଯଶପ୍ରୀତ ବୁମ୍‌ରା ଓ ଅନ୍ୟ ଭାରତୀୟ ବୋଲରମାନେ ବିଫଳ ହୋଇଥିଲେ। ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିବା ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ଓ ନବଦୀପ ସଇନି ଅନ୍‌ଫିଟ୍ ଘୋଷିତ ନ ହେଲା ପର୍ଯ୍ୟନ୍ତ ଭାରତୀୟ ଦଳରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆଶା କରାଯାଉଛି। ଏହି ଦୁଇ ବୋଲର ମିଳିତ ଭାବେ ୨୦ ଓଭରରେ ୧୭୨ ରନ ବ୍ୟୟ କରିଛନ୍ତି। ବୋଲିଂ କରିବା ପରେ ଚହଲ ଆହତ ହୋଇଛନ୍ତି। ସଇନି ମଧ ଆହତ ହୋଇଛନ୍ତି। ବିକଳ୍ପ ବୋଲର ଭାବେ ଟି. ନଟରାଜନଙ୍କୁ ଦଳରେ ସାମିଲ କରାଯାଇଛି। ଯଦି ଚହଲ ଓ ସଇନି ବାଦ୍ ପଡନ୍ତ ତା’ହେଲେ ବ୍ୟାଟିଂ କରିବାର ଦକ୍ଷତା ରଖୁଥିବା ଶାର୍ଦ୍ଦୁଳ ଠାକୁର ଓ କୁଲଦୀପ ଯାଦବ ଦଳରେ ସ୍ଥାନ ପାଇପାରନ୍ତି। ସେହିପରି ପ୍ରଥମ ମ୍ୟାଚ୍‌ରେ ଆହତ ହୋଇଥିବା ମାର୍କସ ଷ୍ଟୋଇନିସ୍‌ଙ୍କ ବଦଳରେ ପ୍ରତିଭାସମ୍ପନ୍ନ ଯୁବ ଅଲରାଉଣ୍ଡର କାମେରନ ଗ୍ରୀନ୍‌ଙ୍କୁ ଦଳରେ ପଦାର୍ପଣ କରିବାର ସୁଯୋଗ ଦିଆଯାଇପାରେ।

୫ ବୋଲରଙ୍କୁ ନେଇ ଖେଳିବାର ମାନସିକତା ଭାରତକୁ ସମସ୍ୟାରେ ପକାଇ ଆସୁଛି। ଟପ୍ ଅର୍ଡରର କେତେଜଣ ବ୍ୟାଟ୍ସମ୍ୟାନ ଶଟ୍ ଚୟନରେ ସାଂଘାତିକ ଭୁଲ କରିଛନ୍ତି। ଶ୍ରେୟାସ ଆୟାରଙ୍କ ଶଟ୍ ଚୟନ ସବୁଠାରୁ ଖରାପ ଥିଲା। ସେହିପରି ଓପନର ମୟଙ୍କ ଅଗ୍ରୱାଲ ଓ କୋହଲି ମଧ ସମାନ ତ୍ରୁଟି କରି ସମସ୍ତଙ୍କୁ ନିରାଶ କରିଥିଲେ। ବ୍ୟାଟିଂରେ ଆମେ ସୁଧାର ଆଣିବାକୁ ପ୍ରୟାସ କରିବୁ ବୋଲି କୋହଲି ଅବଶ୍ୟ ମ୍ୟାଚ୍ ପରେ କହିଛନ୍ତି। ଏ ନେଇ ଦଳ ମଧରେ ଗଠନମୂଳକ ଆଲୋଚନା ହୋଇଛି। ଜଣେ ଷଷ୍ଠ ବୋଲରଙ୍କ ଅନୁପସ୍ଥିତି ବୁମ୍‌ରାଙ୍କ ଉପରେ ପ୍ରବଳ ଚାପ ପକାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ୍, ଲୋକେଶ ରାହୁଲ (ଉପଅଧିନାୟକ ଓ ଉଇକେଟକିପର), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର ଓ ଟି. ନଟରାଜନ।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ୍, ମାର୍ନସ ଲାବୁସେନ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ୍, ଆଲେକ୍ସ କାରେ (ଉଇକେଟ କିପର), ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ଆଡାମ ଜାମ୍ପା, ଜୋଶ ହାଜେଲଉଡ, ସିନ ଆବୋଟ, ଆଷ୍ଟନ ଅଗର, କାମେରନ ଗ୍ରୀନ, ମୋଇସେସ୍ ହେନେରିକ୍ସ, ଆଣ୍ଡ୍ରୁ ଟାଏ, ଡାନିଏଲ୍ ସାମ୍ସ ଓ ମାଥ୍ୟୁ ୱେଡ୍ (ଉଇକେଟକିପର)।

# ଇଂଲଣ୍ଡ ୫ ଉଇକେଟରେ ବିଜୟୀ

କେପ୍ ଟାଉନ,୨୮।୧୧(ଏପି)


ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ଜନି ବେୟାରଷ୍ଟୋ

ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କ ଧୂଆଁଧାର ବ୍ୟାଟିଂ ବଳରେ ୫ ଉଇକେଟରେ ବିଜୟ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୯.୨ ଓଭରରେ ୫ ଉଇକେଟ ହରାଇ ୧୮୩ ରନକରି ବିଜୟ ହାସଲ କରିଛି। ଏଥିସହ ଇଂଲଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୪୮ ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୪ ଛକା ସହ ଅପରାଜିତ ୮୬ ରନକରି ଇଂଲଣ୍ଡ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେୟାରଷ୍ଟୋ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୦ ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ୩୪ ରନରେ ୩ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜାସନ ରଏ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ସେହିପରି ଜୋଶ ବଟଲର ୭ ଓ ଡେଭିଡ ମଲାନ ୧୯ ରନକରି ପ୍ୟାଭିଲିୟନ ଫେରିଥିଲେ। ବେୟାରଷ୍ଟୋଙ୍କୁ ବାଦ୍ ଦେଲେ ବେନ୍ ଷ୍ଟୋକ୍ସ ୩୭, ଅଧିନାୟକ ଇଅନ ମୋର୍ଗାନ୍ ୧୨ ରନ ସଂଗ୍ରହ କରିଥିଲେ। ସାମ କୁରାନ ୭ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକ ତରଫରୁ ଜର୍ଜ ଲିଣ୍ଡେ ଓ ଲୁନ୍‌ଗି ଏନ୍‌ଗିଡି ୨ଟି ଲେଖାଏ, ତାବ୍ରେଜ ସାମସି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଫାଫ୍ ଡୁପ୍ଲେସି ସର୍ବାଧିକ ୫୮ (୪୦ ବଲ, ୪ ଚୌକା, ୨ ଛକା), ରାସି ଭାନ ଡେର ଡୁସେନ ୩୭, ଅଧିନାୟକ କ୍ୱିଣ୍ଟନ ଡିକକ୍ ୩୦, ହେନରିଚ କ୍ଲାସେନ ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ସାମ କୁରାନ ୩, ଜୋଫ୍ରା ଆର୍ଚର, ଟମ୍ କୁରାନ ଓ କ୍ରିସ୍ ଜୋର୍ଡାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରଥିଲେ।

**ସଂକ୍ଷିପ୍ତ ସ୍କୋର:**
ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୭୯/୬ (ଡୁପ୍ଲେସି- ୫୮, ଡୁସେନ- ୩୭, ଡିକକ- ୩୦, କ୍ଲାସେନ-୨୦, ସାମ କୁରାନ- ୩/୨୮)।
ଇଂଲଣ୍ଡ ୧୯.୨ ଓଭରରେ ୧୮୩/୫ (ବେୟାରଷ୍ଟୋ- ୮୬*, ଷ୍ଟୋକ୍ସ- ୩୭, ମଲାନ- ୧୯, ମୋର୍ଗାନ- ୧୨, ଲିଣ୍ଡେ- ୨/୨୦, ଏନ୍‌ଗିଡି- ୨/୩୧)।

# ଜାତୀୟ ରେସ୍‌ଲିଂ ଚାମ୍ପିୟନଶିପ୍ ଘୁଞ୍ଚିଲା

**ନୂଆଦିଲ୍ଲୀ, ୨୮।୧୧ (ପି.ଟି.):** କୋଭିଡ୍ ଯୋଗୁ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଏଫ୍‌ଆଇ) ଆସନ୍ତା ମାସରେ ହେବାକୁ ଥିବା ଜାତୀୟ ଚାମ୍ପିୟନଶିପ୍‌କୁ ଜାନୁୟାରୀ ୨୦୨୧କୁ ଘୁଞ୍ଚାଇ ଦେଇଛି। ବର୍ତ୍ତମାନର ପରିସ୍ଥିତିକୁ ନଜରରେ ରଖି ଚାମ୍ପିୟନଶିପ୍‌କୁ ଜାନୁୟାରୀ ଶେଷ ଭାଗକୁ ଘୁଞ୍ଚାଇ ଦିଆଯାଇଥିବା ଡବ୍ଲ୍ୟୁଏଫ୍‌ଆଇ ସହକାରୀ ସମ୍ପାଦକ ବିନୋଦ ତୋମାର କହିଛନ୍ତି। ଅର୍ଥାତ ଆସନ୍ତା ବର୍ଷ ଦୁଇଟି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ।

# ମହିଳା ବିଗ୍ ବାସ୍ ଲିଗ୍: ସିଡ୍‌ନୀ ଥଣ୍ଡରକୁ ଦ୍ୱିତୀୟ ଟାଇଟଲ୍

**ସିଡନୀ,୨୮।୧୧:** ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ଟି୨୦ ପ୍ରତିଯୋଗିତା ବିଗ୍‌ବାସ୍‌ଲିଗ୍‌ରେ ସିଡ୍‌ନୀ ଥଣ୍ଡର ଏଥର ଚାମ୍ପିୟନ ହୋଇଛି। ଶନିବାର ସ୍ଥାନୀୟ ନର୍ଥ ସିଡ୍‌ନୀ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସିଡ୍‌ନୀ ଥଣ୍ଡର ୭ ଉଇକେଟରେ ମେଲବୋର୍ନ ଷ୍ଟାର୍ସକୁ ପରାସ୍ତ କରି ଦ୍ୱିତୀୟ ଥର ପାଇଁ ଟାଇଟଲ ହାସଲ କରିଛି। ଦକ୍ଷିଣ ଆଫ୍ରିକା ବୋଲର ଶବନୀମ ଇସ୍‌ମାଇଲ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଟସ୍ ଜିତି ମେଲବୋର୍ନ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲା। ଜବାବରେ ସିଡ୍‌ନୀ ଥଣ୍ଡର ୧୩.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଡ୍‌ନୀ ତରଫରୁ ହିଦର ନାଇଟ ୨୬ ଓ ଅଧିନାୟିକା ରାଚେଲ ହେନ୍ସ ୨୧ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧରେ ରାଚଲେ ଟ୍ରେନ୍‌ମ୍ୟାନ ୨୩, ଟାମି ବିୟୁମାଉଣ୍ଟ ୧୬ ରନ୍ ସଂଗ୍ରହ କରିଥିଲେ। ବୋଲିଂରେ ମେଲବୋର୍ନ ତରଫରୁ ନାଟଲି ସ୍କିଭର, ଆଲାନା କିଙ୍ଗ୍, ଟେସ୍ ଫ୍ଲିଣ୍ଟଫ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ମେଲବୋର୍ନ ତରଫରୁ କାଥେରାଇନ ବ୍ରଣ୍ଟ ସର୍ବାଧିକ ଅପରାଜିତ ୨୨, ଅନାବେଲ ସଦରଲାଣ୍ଡ ୨୦, ନାଟାଲି ସ୍କିଭର ୧୧, ଅଧିନାୟିକା ମେଗ୍ ଲାନିଂ ୧୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ସିଡ୍‌ନୀ ତରଫରୁ ଇସ୍‌ମାଇଲ ଓ ସାମି ଜୋ ଜନସନ ୨ଟି ଲେଖାଏ, ସାମନ୍ଥା ବେଟ୍ସ, ହାନା ଡାର୍ଲିଂଟନ, ଲାଉରେନ ସ୍ମିଥ୍ ଓ ହିଦର ନାଇଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମହିଳା ବିଗ୍ ବାସ୍ ଲିଗ୍ ଟ୍ରଫି ସହ ଚାମ୍ପିୟନ୍ ସିଡ୍‌ନୀ ଥଣ୍ଡର ଦଳ।



ନିଶାସେବନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ହେଲେ ଚାଇନାର ଜଣେ ବ୍ୟକ୍ତି ଅଜବ ଯୁକ୍ତି କରିଛନ୍ତି। ଜେଙ୍ଗ କେମିନ ନିକଟରେ ନିଜର ୧୦୦ତମ ଜନ୍ମଦିନ ପାଳନ କରିଥିଲେ। ଏହି ସମୟରେ ସେ ଏକ ସାକ୍ଷାତକାରରେ ନିଜର ସୁସ୍ଥ ଜୀବନ ତଥା ଦୀର୍ଘାୟୁର କାରଣ ନିଶା ସେବନ ବୋଲି କହିଥିଲେ। ସେ ପ୍ରତ୍ୟେହ ୧ ପ୍ୟାକେଟ ସିଗାରେଟ ଟାଣିଥାନ୍ତି। ହେଲେ ଏଯାବତ୍ ନିଶାସେବନ ଖରାପ କିମ୍ବା ଭଲ ସେ ଜାଣିପାରି ନ ଥିବା କୁହନ୍ତି।

# ଆମାଜନ ରହସ୍ୟ 'ଥର୍ମାଲ ରିଭର'

**ବିଶ୍ୱ ବ୍ରହ୍ମାଣ୍ଡରେ ଅଦ୍ୟାବଧି ସନ୍ଧାନ ମିଳିଥିବା ଗ୍ରହ, ଉପଗ୍ରହ ମଧ୍ୟରୁ ପୃଥିବୀକୁ ବାଦ୍‌ଦେଲେ ଅନ୍ୟ କେଉଁଠି ଜୀବନର ସତ୍ତା ମିଳିନି। କୋଟି କୋଟି ବର୍ଷ ଧରି ଚାଲିଥିବା କ୍ରମବିବର୍ତ୍ତନର ଫଳ ଆଜିର ଆଧୁନିକ ମଣିଷ। ହେଲେ ଏବେ ବି ସବୁଜଗ୍ରହରେ ପ୍ରକୃତିର ଅନେକ ରହସ୍ୟ ଆଗରେ ମନୁଷ୍ୟର ଶକ୍ତି ଓ ସାମର୍ଥ୍ୟ ନିଷ୍ପ୍ରଭ ଲାଗେ। ୨୦୧୧ରେ ପେରୁ ସୀମାନ୍ତରେ ଆବିଷ୍କୃତ 'ଥର୍ମାଲ ରିଭର' ବା ବଏଲିଂ ନଦୀ ଏହାର ଏକ ଉଦାହରଣ।**



**ଲିମା:** ପୃଥିବୀର ଏକ ଅବୁଝା ରହସ୍ୟ ଆମାଜନ ଜଙ୍ଗଲ। ହଜାର ହଜାର ଏକର ଜମିରେ ପରିବ୍ୟାପ୍ତ ଏହି ଘଞ୍ଚ ଜଙ୍ଗଲର ଅନେକ ଅଂଶ ଆଜି ବି ଅପହଞ୍ଚ ହୋଇ ରହିଛି। ୯ ଦେଶର ସୀମା ସହିତ ଜଡ଼ିତ ବିଶାଳ ଆମାଜନ ନଦୀ ଅବବାହିକାରେ ହଜାର ହଜାର ପ୍ରଜାତିର ବନ୍ୟଜୀବ, ଗଛଲତାରେ ପରିପୂର୍ଣ୍ଣ। ଏଥିରୁ ଏହାର ବିଶାଳତା ସହଜରେ ଅନୁମେୟ।

ଆମାଜନ ଜଙ୍ଗଲର ଏକ ଅଂଶ ପେରୁ ସୀମାନ୍ତ ସହିତ ଲାଗିରହିଛି। ଏଠାରେ ପ୍ରବାହିତ ଏକ ନଦୀ ୨୪ ଘଣ୍ଟା ଟକମକ ହୋଇ ଫୁଟୁଥିବା ଦେଖାଯାଏ। ଏହାକୁ ପୃଥିବୀର ସବୁଠାରୁ ବଡ଼ ବଏଲିଂ ରିଭର ବା ଥର୍ମାଲ ନଦୀର ମାନ୍ୟତା ମିଳିଛି। ତେବେ ନଦୀର ଏପରି ଅସ୍ୱାଭାବିକ ପ୍ରକୃତିର କାରଣ କ'ଣ ହୋଇପାରେ ଏବଂ କାହିଁକି ନଦୀର ପାଣି ଏପରି ଫୁଟୁଛି ତାହା ଏବେ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଭୂବୈଜ୍ଞାନିକ ଆଣ୍ଡ୍ରେ ରୁଜୋ ୨୦୧୧ରେ ଏହି ରହସ୍ୟମୟ ନଦୀକୁ ପ୍ରଥମେ ଠାବ କରିଥିଲେ। ଏହି ଥର୍ମାଲ ନଦୀକୁ ସ୍ଥାନୀୟ ଭାଷାରେ 'ମାୟାନତୁୟାକୁ' କୁହାଯାଏ। ପିଲାଦିନରୁ ନିଜ ଜେଜେବାପାଙ୍କ ଠାରୁ ଆଣ୍ଡ୍ରେ ଏଭଳି ଥର୍ମାଲ ନଦୀ ବିଷୟରେ ବହୁ କାହାଣୀ ଶୁଣିଥିଲେ। ବୈଜ୍ଞାନିକ ଚିନ୍ତାଧାରାକୁ ବିଶ୍ୱାସ କରୁଥିବା ଆଣ୍ଡ୍ରେଙ୍କ ବିଶ୍ୱାସ ଥିଲା, ଲୋକକଥାରେ ରହିଥିବା ଏହି ନଦୀର ଅସ୍ତିତ୍ୱ ବାସ୍ତବରେ ନିଶ୍ଚିତ ଭାବେ ଥିବ। ଜେଜେବାପାଙ୍କ ଏହି କାହାଣୀ ତାଙ୍କୁ 'ମାୟାନତୁୟାକୁ'ର ଆବିଷ୍କାର ଲାଗି ପ୍ରେରିତ କରିଥିଲା। ତେବେ ଏଥିଲାଗି ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଭୂ-ବୈଜ୍ଞାନିକ ହେବା ପରେ ଆଣ୍ଡ୍ରେ ଏ ବିଷୟରେ ତନ୍ନତନ୍ନ କରି ପରୀକ୍ଷାନିରୀକ୍ଷା କରିବାରେ ଲାଗିପଡ଼ିଲେ। ଏଥିଲାଗି ସେ ଖଣିଖାଦାନରେ ପରୀକ୍ଷାନୀରିକ୍ଷା କରିଥିଲେ। ସରକାର, ଗ୍ୟାସ୍ କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କରି ବହୁ ତଥ୍ୟ ସଂଗ୍ରହ କରିଥିଲେ। ହେଲେ କାହାରି ମତ ତାଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ସବୁଆଡୁ ନାସ୍ତିବାଣୀ ଶୁଣିବା ପରେ ସେ ନିଜେ ଏହାକୁ ଖୋଜିବା ଲାଗି ଅଭିଯାନ ଆରମ୍ଭ କରିଥିଲେ। ତେବେ ଏଥିପୂର୍ବରୁ ବୈଜ୍ଞାନିକମାନେ ତାଙ୍କୁ ସତର୍କ କରାଇଥିଲେ। ଜୀବନ୍ତ ଆଗ୍ନେୟଗିରିଠାରୁ ଦୂରରେ ଥିବାରୁ ସମ୍ଭବତଃ ଆମାଜନ ଜଙ୍ଗଲରେ ଏଭଳି 'ଥର୍ମାଲ ନଦୀ' ମିଳିବା ଅସମ୍ଭବ ବୋଲି ସେମାନେ ମତଦେଇଥିଲେ। ତଥାପି ନିଜର ଅନୁସନ୍ଧିତ୍ସୁ ମନୋଭାବ ନେଇ ଆଣ୍ଡ୍ରେ ଏପରି ନଦୀ ଖୋଜିବାକୁ ବାହାରିଥିଲେ। ସେତେବେଳେ ସେ ଟେକ୍ସାସ ବିଶ୍ୱବିଦ୍ୟାଳୟରେ ପି.ଏଚ୍.ଡି. କରୁଥିଲେ।

ଶେଷରେ ଆଣ୍ଡ୍ରେଙ୍କୁ ସଫଳତା ମିଳିଥିଲା। ପେରୁ ସୀମାନ୍ତରେ ତାଙ୍କର ଦୃଷ୍ଟିଗୋଚର ହୋଇଥିଲା ଫୁଟନ୍ତା ନଦୀ। ଏହି ନଦୀ ହାରାହାରି ୪ ମାଇଲ ଦୀର୍ଘ ଥିଲା। ଏହାର କୂଳରେ ବସବାସ କରୁଥିବା 'ଆଶାନିଙ୍କା' ଜନଜାତି ଲାଗି ଏହା ଥିଲା 'ପବିତ୍ର ନଦୀ'। ଏକ ସାକ୍ଷାତକାରରେ ଆଣ୍ଡ୍ରେ କହିଛନ୍ତି, ଏହି ନଦୀର ଜଳ ଅତ୍ୟନ୍ତ ଗରମ। ହାରାହାରି ତାପମାତ୍ରା ୮୦ ଡିଗ୍ରୀ। ଏଥିରେ ଆଙ୍ଗୁଠି ବୁଡ଼ାଇଲେ କେଇ ସେକେଣ୍ଡ ମଧ୍ୟରେ ସିଝିଯିବ। ଉତ୍ତପ୍ତ ନଦୀଜଳରେ ବୁଡ଼ି ଅନେକ ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଥିବା ସେ ନିଜ ଆଖିରେ ଦେଖିଛନ୍ତି। 'ମାୟାନତୁୟାକୁ'ର ଆବିଷ୍କାର ସମ୍ପର୍କିତ ଅନୁଭୂତିକୁ ସେ 'ଦି ବଏଲିଂ ରିଭର: ଆଡଭେଞ୍ଚର ଆଣ୍ଡ ଡିସ୍‌କଭରି ଇନ୍ ଦି ଆମାଜନ' ନାମକ ପୁସ୍ତକରେ ସ୍ଥାନିତ କରିଛନ୍ତି। ଏହି ନଦୀର ପୂର୍ବତନ ନାମ 'ଶାନାୟ-ଟିମ୍ପିଶକା'। ଏହାର ଅର୍ଥ ସୂର୍ଯ୍ୟ କିରଣରେ ଫୁଟୁଥିବା ପାଣି। ଏହି ନଦୀର ଇତିହାସ ଜାଣିବା ଲାଗି ଏକ ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଅଧିକ ତଥ୍ୟ ହାସଲ କରିବାକୁ ସମ୍ପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଜନଜାତିଙ୍କୁ ଏଥିରେ ଯୋଡ଼ାଯାଇଛି। ପର୍ଯ୍ୟଟକଙ୍କୁ ନଦୀରେ କୌଣସି ସାମଗ୍ରୀ ଫିଙ୍ଗିବା କିମ୍ବା କ୍ଷତି ପହଞ୍ଚାଇବାକୁ ବାରଣ କରାଯାଉଛି ବୋଲି ଆଣ୍ଡ୍ରେ ସୂଚନା ଦେଇଛନ୍ତି।

ଜୀବନ୍ତ ଆଗ୍ନେୟଗିରି ନିକଟବର୍ତ୍ତୀ ନଦୀର ପାଣି ଉତ୍ତପ୍ତ ହେବା ସ୍ୱାଭାବିକ କଥା। କିନ୍ତୁ 'ମାୟାନତୁୟାକୁ'ଠାରୁ ନିକଟତମ ଆଗ୍ନେୟଗିରିର ଦୂରତା ପାଖାପାଖି ୭୦୦ କି.ମି.। ତଥାପି ଏହାର ପାଣି ଉତ୍ତପ୍ତ ହେବା ଭୂତତ୍ତ୍ୱବିତ୍‌ଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଭୂପୃଷ୍ଠ ଅଭ୍ୟନ୍ତରରେ ରାସାୟନିକ ପ୍ରତିକ୍ରିୟା ଯୋଗୁ ଏହା ହେଉଥିବା ଅନୁମାନ କରାଯାଉଛି। ତେବେ ଏଯାଏ ଏହା ସ୍ପଷ୍ଟ ପ୍ରମାଣିତ ହୋଇପାରିନାହିଁ।

# 'ସୀତା' ଭୂମିକାରେ କ୍ରିତି




**ଚେନ୍ନାଇ:** ସାଉଥ୍‌ର ଅପକମିଂ ବିଗ୍ ବଜେଟ ଫିଲ୍ମ 'ଆଦିପୁରୁଷ'ରେ ପ୍ରଭାସ୍‌ଙ୍କ ଅପୋଜିଟରେ ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ନଜର ଆସିବେ। ଫିଲ୍ମ ମେକର୍ସମାନେ ଏନେଇ ତାଙ୍କ ନାଁରେ ମୋହର ମାରିଛନ୍ତି। ସେଥିପାଇଁ କ୍ରିତି ଏକ୍ସାଇଟେଡ୍। ଭିନ୍ନ ଭିନ୍ନ କ୍ୟାରେକ୍ଟର କରିବା ତାଙ୍କର ଇଚ୍ଛା। ଏହି ଫିଲ୍ମ ମିଳିଥିବାରୁ ସେ ବେଶ୍ ଖୁସି ଅଛନ୍ତି ବୋଲି ନିଜ ଇନ୍‌ଷ୍ଟାରେ ଫ୍ୟାନ୍‌ମାନଙ୍କୁ ଶେୟାର କରି ଜଣାଇଛନ୍ତି। ଏହି ଫିଲ୍ମରେ ପ୍ରଭାସ୍ ରାମ ହେବେ ଏବଂ କ୍ରିତି ସୀତା ଭୂମିକାରେ ନଜର ଆସିବେ। ସେହପରି ରାବଣ ଭୂମିକାରେ ବଲିଉଡ୍ ଅଭିନେତା ସୈଫ୍ ଅଲି ଖାନ୍‌ଙ୍କୁ ଦେଖିବାକୁ ମିଳିବ। ପୂର୍ବରୁ ଏହି ଫିଲ୍ମରେ ପ୍ରଭାସଙ୍କ ସୀତା କିଏ ହେବ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଅନୁଷ୍କା ଶର୍ମା, ଅନୁଷ୍କା ସେଟ୍ଟି ଏବଂ କିର୍ତ୍ତି ସୁରେଶଙ୍କ ସମେତ ସାଉଥ୍ ଓ ବଲିଉଡ୍‌ର ଅନେକ ଅଭିନେତ୍ରୀଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଥିଲା। ପରେ କିନ୍ତୁ ମେକର୍ସମାନେ କ୍ରିତିଙ୍କ ନାଁ ଉପରେ ମୋହର ମାରିଥିଲେ। ଶାନ୍ତ ଏବଂ ନରମ ସ୍ୱଭାବର ସୀତା ଭୂମିକା ପାଇଁ କ୍ରିତି ହିଁ ଫିଟ୍ ବାଲି ମେକର୍ସମାନେ କହିଥିଲେ। ଲକ୍‌ଡାଉନ ଭିତରେ ଗତ ଅଗଷ୍ଟ ମାସରେ ପ୍ରଭାସ ତାଙ୍କ ଅପକମିଂ ଫିଲ୍ମ 'ଆଦିପୁରୁଷ'ର ପୋଷ୍ଟର ରିଲିଜ କରିଥିଲେ। ଫିଲ୍ମଟି ରାମାୟଣ ଉପରେ ଆଧାରିତ ହେବ ବୋଲି ସେ ଏଥିରେ ଖୁଲାସା କରିଥିଲେ। ଆସନ୍ତା ବର୍ଷ ଜାନୁୟାରୀରୁ ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ଫିଲ୍ମର ଶୁଟିଂ ଆରମ୍ଭ ହେବ। ଓମ୍ ରାଉତଙ୍କ ନିର୍ଦ୍ଦେଶନା ଓ ଭୂଷଣ କୁମାର, କୃଷ୍ଣା କୁମାର, ରାଜେଶ ନାଏର ଏବଂ ପ୍ରସାଦ ତୁଷାର ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ଆସନ୍ତା ୨୦୨୨ ମସିହାରେ ଫିଲ୍ମଟି ରିଲିଜ ହେବ ବୋଲି ସୂଚନା ମିଳିଛି।

# ବିଶ୍ୱର ସବୁଠୁ ମହଙ୍ଗା ପରିବା



## 'ହପ୍ ସୁଟ୍‌ସ' କିଲୋ ୮୨ ହଜାର ଟଙ୍କା

**ନୂଆଦିଲ୍ଲୀ:** ଏମିତି ଏକ ପରିବା ଅଛି , ଯାହାର କିଲୋଗ୍ରାମ୍ ପିଛା ମୂଲ୍ୟ ୮୨ ହଜାର। ଏଭଳି ଏକ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ କି! କିନ୍ତୁ ଏମିତି ବି ପରିବା ମିଳୁଛି। ଆଉ ଏହି ଭିନ୍ନ ଧରଣର ପରିବା ହେଉଛି 'ହପ୍ ସୁଟ୍‌ସ'। ଏକ କିଲୋ ପରିବା ଦାମ୍ ୮୨ ହଜାର ଟଙ୍କା। ଏତେ ଟଙ୍କାରେ ପରିବା କିଣିବା ସାଧାରଣ ଲୋକଙ୍କ ପାଇଁ ଆଦୌ ସମ୍ଭବ ନୁହେଁ। ଅବଶ୍ୟ ଧନୀ ଶ୍ରେଣୀର ଲୋକେ ବି ଏତେ ଦାମୀ ପରିବା କିଣିବା ପୂର୍ବରୁ ଅନେକ ଥର ଭାବିବେ। ଖାଲି ଏହି ପରିବା ଦାମ୍ ଅଧିକ ନୁହେଁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଏହି ପରିବା ଯେମିତି ମୂଲ୍ୟବାନ୍ ସେମିତି ଏହାର ଫୁଲ ବି ମୂଲ୍ୟବାନ୍। 'ହପ୍ ସୁଟ୍‌ସ' ନାଁରେ ପରିବା ମିଳୁଥିବାବେଳେ ଫୁଲର ନାଁ ରହିଛି 'ହପ୍ କୋନ୍‌ସ'। ତେବେ ଏହି ପରିବାର ଦାମ୍ ଏତେ ଅଧିକ କାହିଁକି ଏବଂ ଏହାକୁ କିପରି ବ୍ୟବହାର କରାଯାଏ ? ଏଭଳି ପ୍ରଶ୍ନ ସମସ୍ତଙ୍କ ମନକୁ ନିଶ୍ଚୟ ଆସୁଥିବ। ତେବେ ଏହାର କାରଣ ଏହି ପରିବା ଓ ଫୁଲ ହେଉଛି ଔଷଧୀୟ ଗୁଣର ଭଣ୍ଡାର ଏବଂ ଏହାକୁ ବିଭିନ୍ନ ପ୍ରକାରେ ବ୍ୟବହାର କରାଯାଏ। ହପ୍ କନ୍‌ସକୁ ବିଭିନ୍ନ ପ୍ରକାରର ବିୟର ତିଆରି କରିବା ପାଇଁ ବ୍ୟବହାର କରାଯାଏ। ସେହିଭଳି 'ହପ୍ ସୁଟ୍‌ସ'ରେ ବି ବହୁ ଔଷଧୀୟ ଗୁଣ ରହିଛି। ଏହାକୁ ବିଭିନ୍ନ ପ୍ରକାରର ଆଣ୍ଟି ବାୟୋଟିକ୍ ଔଷଧ ତିଆରି କରିବାରେ ବ୍ୟବହାର କରାଯାଏ। ଦାନ୍ତ ଦରଜ ଠାରୁ ଆରମ୍ଭ କରି ଟିବି ଭଳି ମାରାତ୍ମକ ରୋଗ ପାଇଁ ମଧ୍ୟ ଏହି ପରିବାକୁ ଔଷଧ ରୂପେ ବ୍ୟବହାର କରାଯାଇଥାଏ। ଏହି ପରିବାକୁ ତରକାରୀ କରିବା ସହିତ ଏହାକୁ ଖାଲି ଖାଇହୁଏ ଏବଂ ସାଲାଡରେ ମଧ୍ୟ ବ୍ୟବହାର କରିହେବ। ଏହାର ଆଚାର ବି ତିଆରି କରାଯାଇଥାଏ। ଜଣାଯାଏ ଯେ, ଏଭଳି ପରିବାକୁ ପ୍ରଥମେ ଜର୍ମାନୀରେ ଚାଷ କରାଯାଉଥିଲା। କିନ୍ତୁ ଏବେ ଧୀରେ ଧୀରେ ସବୁ ଅଞ୍ଚଳରେ ଚାଷ କରାଯାଉଛି।

# ଦେଶରେ ଶାଗୁଣାଙ୍କ ପ୍ରଥମ ରେଡିଓ ଟ୍ୟାଗିଂ


**ପାନ୍ନା(ମଧ୍ୟପ୍ରଦେଶ):** ମଧ୍ୟପ୍ରଦେଶର ପାନ୍ନା ବ୍ୟାଘ୍ର ଅଭୟାରଣ୍ୟ କେବଳ ବାଘ ପାଇଁ ନୁହେଁ ବରଂ ଶାଗୁଣାଙ୍କ ପାଇଁ ମଧ୍ୟ ବିଶ୍ୱ ପ୍ରସିଦ୍ଧ। ଶାଗୁଣାମାନଙ୍କୁ ପରିବେଶର ସଫେଇ କର୍ମୀ ବୋଲି କୁହାଯାଇଥାଏ। ପରିବେଶ ସୁରକ୍ଷାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏମାନଙ୍କ ବିଷୟରେ ଅଧିକ ଅଧ୍ୟୟନ ତଥା ଗବେଷଣା କରିବା ଉଦ୍ଦେଶ୍ୟରେ ଶାଗୁଣାଙ୍କ ରେଡିଓ ଟ୍ୟାଗିଂ କରାଯାଉଛି। ତେବେ ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ରେଡିଓ ଟ୍ୟାଗିଂ କରାଯାଉଥିବାବେଳେ ଶାଗୁଣାଙ୍କ ରେଡିଓ ଟ୍ୟାଗିଂ ଭାରତରେ ପ୍ରଥମ। ଶାଗୁଣାଙ୍କ ସଂଖ୍ୟା କମୁଥିବାରୁ ସେମାନଙ୍କ ସୁରକ୍ଷା ନିମନ୍ତେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଏହି ସାଟେଲାଇଟ୍ ରେଡିଓ ଟ୍ୟାଗିଂ ନିମନ୍ତେ ପଦକ୍ଷେପ ନିଆଯାଇଛି। ଏଥିରେ ଶାଗୁଣାଙ୍କ ଶରୀରରେ ଏକ ଯନ୍ତ୍ର ଖଞ୍ଜାଯାଇଥାଏ। ଏହାଦ୍ୱାରା ସେମାନଙ୍କ ଗତିବିଧି ଉପରେ ନଜର ରଖିବା ସହଜ ହୋଇଥାଏ। ପାନ୍ନା ଅଭୟାରଣ୍ୟରେ ଶାଗୁଣାଙ୍କ ରେଡିଓ ଟ୍ୟାଗିଂ ଆରମ୍ଭ ହୋଇଛି। ଏଥିରେ ୫ ସ୍ଥାନୀୟ ପ୍ରଜାତି ଏବଂ ୩ ପ୍ରବାସୀ ଶାଗୁଣା ସାମିଲ ଅଛନ୍ତି। ପାନ୍ନା ଅଭୟାରଣ୍ୟରେ ୭ ପ୍ରଜାତିର ଶାଗୁଣାଙ୍କ ରେଡିଓ ଟ୍ୟାଗିଂ କରାଯାଉଛି। ଏଥିନିମନ୍ତେ ଏଠାରେ ଥିବା ଘାସ ପଡ଼ିଆରେ ଏମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପିଞ୍ଜରା ତିଆରି କରାଯାଇଛି। ପାନ୍ନା ବ୍ୟାଘ୍ର ଅଭୟାରଣ୍ୟରେ ସର୍ବାଧିକ ଶାଗୁଣା ରହିଛନ୍ତି। ତେଣୁ ସାଟେଲାଇଟ୍ ରେଡିଓ ଟ୍ୟାଗିଂ ନିମନ୍ତେ ଏହାକୁ ଉପଯୁକ୍ତ ସ୍ଥାନ ରୂପେ ଚୟନ କରାଯାଇଛି। ଏଥିନିମନ୍ତେ ସରକାରଙ୍କ ନିକଟରୁ ଅନୁମତି ମଧ୍ୟ ନିଆଯାଇଥିବା ପାନ୍ନା ଅଭୟାରଣ୍ୟ କର୍ତ୍ତୃପକ୍ଷ କହିଛନ୍ତି।



# ୨୦୨୫ରୁ ମହାକାଶ ସଫେଇ

## ପଠାଯିବ ସ୍ୱତନ୍ତ୍ର ଉପଗ୍ରହ

**ବେର୍ନ:** ମହାକାଶରେ ଧୀରେଧୀରେ ଆବର୍ଜନା ବଢ଼ିବାରେ ଲାଗିଛି। ବିଭିନ୍ନ ଦେଶର ମହାକାଶ ଯୋଜନା ଅନ୍ତର୍ଗତ ପଠାଯାଉଥିବା ଉପଗ୍ରହ ଏବଂ ଅନ୍ୟ ସର୍ଭେଲାନ୍ସ ପଦାର୍ଥ ଅକାମୀ ହେବା ପରେ ଏଠାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଫଳରେ ନୂଆ ମହାକାଶ ଗବେଷଣା କ୍ଷେତ୍ରରେ ଅଗାମୀ ଦିନରେ ବାଧା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ତେଣୁ ସୁଇଜରଲାଣ୍ଡର କ୍ଲିୟରସ୍ପେସ୍ ନାମକ ଏକ କମ୍ପାନୀ ମହାକାଶ ସଫେଇ କାର୍ଯ୍ୟ କରିବା ଲାଗି ଅଣ୍ଟା ଭିଡ଼ିଛି। କମ୍ପାନୀର ଏଭଳି କାର୍ଯ୍ୟକୁ ୟୁରୋପୀୟ ସ୍ପେଶ୍ ଏଜେନ୍ସି ପକ୍ଷରୁ ସମର୍ଥନ କରାଯାଇଛି। ସଫେଇ କାର୍ଯ୍ୟ ୨୦୨୫ରୁ ଆରମ୍ଭ ହେବ। ଏଥିପାଇଁ ଏକ ସ୍ୱତନ୍ତ୍ର ଉପଗ୍ରହ ମହାକାଶକୁ ପଠାଯିବ। ଏହି ସଫେଇ ଅଭିଯାନ ପାଇଁ ୮.୬ କୋଟି ୟୁରୋ ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ୟୁରୋପୀୟ ସ୍ପେସ୍ ଏଜେନ୍ସିର ମହାନିର୍ଦ୍ଦେଶକ ୟାନ୍ ୱ୍ୱେନର ଗତ ଡିସେମ୍ବରରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ଇତିମଧ୍ୟରେ ଗୋଟିଏ ବର୍ଷ ବିତିବାକୁ ଯାଉଛି। କ୍ଲିୟରସ୍ପେସ୍ ପକ୍ଷରୁ ଛଡ଼ା ଯିବାକୁ ଥିବା ଉପଗ୍ରହ ମହାକାଶରେ ଭାସି ବୁଲୁଥିବା ଅଦରକାରୀ ପଦାର୍ଥକୁ ସଂଗ୍ରହ କରି ଠୁଳ କରିବା ସହିତ ଏହାକୁ ଟାଣି ପୃଥିବୀର ବାୟୁମଣ୍ଡଳ ଭିତରକୁ ଆଣିବ। ଏସବୁ ପଦାର୍ଥ ପ୍ରବଳ ବେଗରେ ଭୂପୃଷ୍ଠ ମୁହାଁ ହେବ। ବାୟୁମଣ୍ଡଳରେ ଘର୍ଷଣ ଯୋଗୁ ଉତ୍ପନ୍ନ ହେଉଥିବା ତାପମାତ୍ରାରେ ଏସବୁ ଆଧାବାଟରେ ଜଳି ପାଉଁଶ ହୋଇଯିବ। କ୍ଲିୟରସ୍ପେସ୍‌ର ପ୍ରଥମ ମିଶନରେ ୧୧୨ କିଲୋଗ୍ରାମ୍ ଅବାର୍ଜନା ସଫା କରାଯିବ ବୋଲି କୁହାଯାଉଛି।





CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡ଼ା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
08763569043

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଜ୍ୟୋତ୍ସ୍ନା
ଇଞ୍ଜୋଳ, ହାଟଡିହୀ, କେନ୍ଦୁଝର
ଆବିର୍ଭାବ: ୨୧।୦୭।୧୯୭୪
ତିରୋଧାନ: ୨୯।୧୧।୨୦୧୮
"ଖୋଜୁଛ କି ମତେ ! ଛାଡ଼ି ଯାଇଥିବା ଚୁଡ଼ିରେ, ବାନ୍ଧବନ୍ଦ ଶାଢୀରେ, ଧୂଳି ଜମୁଥିବା ଫଟୋରେ ଅଥବା ଖାଲି ପଡ଼ିଥିବା ଖଟରେ। ଉଦାସ ଅଛ କି ? ଛାଡ଼ି ଯାଇଥିବା କାମ ପୂରା କରିବା ଚିନ୍ତାରେ, ଅଥବା ମନକଥା କାହାକୁ କହି ନ ପାରିବା କୁଣ୍ଠାରେ। ଦେଖିବ ଆସ ମୋତେ ; ଶରତ ସକାଳ କାକରେ, ପାଚିଲା ଫସଲ କ୍ଷେତରେ, କଅଁଳ ଶିଶୁର ଓଠରେ ଆଉ ପକ୍ଷୀ ଗାଉଥିବା ଗୀତରେ"।
*ତୁମ ଅଭୁଲା ସ୍ମୃତିରେ*
ନିଃସଙ୍ଗ ସାଥୀ, ପୁତ୍ର ଓ ସମସ୍ତ ପରିବାରବର୍ଗ ।
ଧ-୧୯୦୭୮

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଖଦାଳ ପ୍ରଧାନ
ଛେଦାଭୂମି, ଭଞ୍ଜନଗର
ଆବିର୍ଭାବ: ୧୯୨୮
ତିରୋଧାନ: ୧୮।୧୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ: ପ୍ରଦ୍ୟୁମ୍ନ, ପ୍ରତାପ, ଲକ୍ଷ୍ମୀ ନାରାୟଣ, ବିଷ୍ଣୁ ଚରଣ, ପରିବାର ଓ ବନ୍ଧୁବର୍ଗ ।
ଧ-୧୯୦୮୨

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁକଦେବ ବେହେରା
ଗିରାଙ୍ଗ, ନାଲ୍‌କୋ ନଗର, ଅନୁଗୋଳ
ଆବିର୍ଭାବ: ୨୧।୧୧।୧୯୨୯
ତିରୋଧାନ: ୧୯।୧୧।୨୦୨୦
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।
-:ଶ୍ରଦ୍ଧାଞ୍ଜଳି:-
ବଡ଼ପୁଅ: ପ୍ରତାପ ବେହେରା, ସାନପୁଅ: ପ୍ରଦୀପ ଓ ଝିଅ ନାତି, ନାତୁଣୀ ଓ ଶୋକସନ୍ତପ୍ତ ବେହେରା ପରିବାର ।
ଧ-୧୯୦୮୬

# ଯୁବପିଢ଼ି ଓ ନ୍ୟାଚୁରୋପାଥି




-ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ

**ନ୍ୟାଚୁରୋପାଥି, ଏଭଳି ଏକ ପ୍ରାଚୀନ ପ୍ରାକୃତିକ ଚିକିତ୍ସା ପଦ୍ଧତି ଯେଉଁଥିରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ ଏବଂ ଏହା ମଣିଷ ଶରୀର ପାଇଁ ଅମୃତ ତୁଲ୍ୟ ଉପକାରୀ। ଯେଉଁଥିଲାଗି ସୁସ୍ଥ ରହିବା ଅନ୍ତରାଳରେ ବର୍ତ୍ତମାନ ଅଧିକାଂଶ ବିଶେଷ କରି ଯୁବପିଢ଼ି ଏହାକୁ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବାକୁ ଆଗେଇ ଆସୁଥିବା ଦେଖିବାକୁ ମିଳୁଛି...**

ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ପ୍ରାକୃତିକ ଚିକିତ୍ସା ପଦ୍ଧତି ବା ନ୍ୟାଚୁରୋପାଥି ମଣିଷ ଶରୀର ପାଇଁ ଅମୃତ ତୁଲ୍ୟ ଉପକାରୀ ହୋଇଥିବା ବେଳେ ପାଶ୍ଚାତ୍ୟ ଦେଶର ଚାଲିଚଳନକୁ ଅନୁକରଣ କରିବା ତଥା ଆଧୁନିକତାର ଚାକଚକ୍ୟକୁ ଗ୍ରହଣ କରିବା ନିଶାରେ ଅଧିକାଂଶ ଏହାକୁ ଅଣଦେଖା କରି ବିଭିନ୍ନ ରାସାୟନିକ ସାମଗ୍ରୀ ଦ୍ୱାରା ପ୍ରସ୍ତୁତ ଭିନ୍ନ ଭିନ୍ନ ଉପାଦାନ ଆପଣାଉଛନ୍ତି; ଯାହାର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହେଉଛି।

ବର୍ତ୍ତମାନ ଦେଶରେ କରୋନା ଭୂତାଣୁ (କୋଭିଡ୍ -୧୯)ର ପ୍ରଭାବ ଦ୍ୱାରା ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଉକ୍ତ ଭୂତାଣୁର ପ୍ରତିରୋଧ ପାଇଁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଦ୍ୱାରା ହିଁ କରୋନା ଭୂତାଣୁକୁ ପ୍ରତିରୋଧ କରାଯାଇ ପାରିବ ବୋଲି ଚିକିତ୍ସାବିତମାନେ ମତ ଦେଇଛନ୍ତି।



ଏପରି ସ୍ଥଳେ ନ୍ୟାଚୁରୋପାଥିକୁ ଆପଣେଇ ଶରୀରରେ ବିଭିନ୍ନ ରୋଗର ଉପଶମ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ଶରୀରକୁ ସୁସ୍ଥ ଓ ଦୀର୍ଘାୟୁ ରଖିବା ନିମନ୍ତେ ଆଜିର ଯୁବପିଢ଼ି ଆଗେଇ ଆସିବା ଆବଶ୍ୟକତା ରହିଛି।

ନ୍ୟାଚୁରୋପାଥି କହିଲେ ସାଧାରଣତଃ ପ୍ରକୃତି ଦତ୍ତ ପ୍ରାକୃତିକ ଉପାୟ ଦ୍ୱାରା ଶରୀରକୁ ରୋଗ ମୁକ୍ତ ନିମନ୍ତେ କରାଯାଉଥିବା ପଦ୍ଧତିକୁ ବୁଝାଇଥାଏ। ଏହି ଚିକିତ୍ସା ସହଜ, ସରଳ ତଥା ସୁଲଭ ଅଟେ। ଶରୀର ସୁସ୍ଥ ରହିବା ହିଁ ପ୍ରାକୃତିକ ଅବସ୍ଥା। ଶରୀରରେ ରୋଗ ହେବା ପରେ ଔଷଧ ସେବନ କରି ରୋଗକୁ ନିୟନ୍ତ୍ରଣ କରିବା ଅପେକ୍ଷା ଶରୀରରେ ନ୍ୟାଚୁରୋପାଥିରେ ରୋଗ ସୃଷ୍ଟି ନ ହେବା ସର୍ବୋତ୍ତମ। ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ପ୍ରାକୃତିକ ଚିକିତ୍ସା ପ୍ରଣାଳୀକୁ ଶରୀରରେ ଉପଯୋଗ କରିବା ଆବଶ୍ୟକ।

**ମାଟି ଚିକିତ୍ସା:** ବର୍ତ୍ତମାନ ସୌନ୍ଦର୍ଯ୍ୟ ବୃଦ୍ଧିଲାଗି ଯୁବପିଢ଼ି ବ୍ୟୁଟିପାର୍ଲର ଯାଇ ବିଭିନ୍ନ ପ୍ରକାରର ରାସାୟନିକ ଯୁକ୍ତ ପ୍ରଲେପ ମୁହଁ ଏବଂ ଶରୀରରେ ଲଗାଉଛନ୍ତି, ଯାହାଦ୍ୱାରା ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜୁଥିବାର ନଜିର ରହିଛି। ଏମିତିରେ ନ୍ୟାଚୁରୋପାଥିର ମାଟି ଚିକିତ୍ସା ବା ମଡ୍ ଥେରାପୀ ଶରୀର ପାଇଁ ବେଶ୍ ଉପକାରୀ। ଏଥିପାଇଁ ପରିଷ୍କାର ସ୍ଥାନରୁ ଏକରୁ ଦେଢ଼ ଫୁଟ ତଳୁ ଖୋଳାଯାଇଥିବା ମାଟି ଆଣି ସେଥିରେ ପାଣିରେ ମିଶାଇ ସର୍ବ ଶରୀରରେ (ଆଖିକୁ ଛାଡି) ଲେପ ଦେଇ ୨୦ରୁ ୩୦ମିନିଟ ପରେ ପରିଷ୍କାର ଜଳରେ ସ୍ନାନ କରିବାକୁ ହୋଇଥାଏ। ଏହାଦ୍ୱାରା ବିଭିନ୍ନ ପ୍ରକାର ଚର୍ମ ରୋଗ ଦୂର ହେବା ସହ ଚର୍ମ ଚିକ୍କଣ, ମୁଲାୟମ ଓ ସ୍ୱାଭାବିକ ହୋଇଥାଏ। ମୁଣ୍ଡରେ ମାଟି ଲେପ ଦେଇ ସ୍ନାନ ପରେ କେଶ ସୁନ୍ଦର ଓ ମଜଭୁତ୍ ହୋଇଥାଏ।

**ବାୟୁ ଚିକିତ୍ସା:** ଶାସ୍ତ୍ର ଅନୁଯାୟୀ ଯୋଗାସନ, ପ୍ରାଣାୟାମ ଆଦିକୁ ବାୟୁ ଚିକିତ୍ସା କୁହାଯାଏ। ତେବେ ଫିଟ୍‌ନେସ୍ ପାଇଁ ଅନେକେ ଏହାକୁ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରି ଉପକୃତ ହେଉଥିବା ଦେଖିବାକୁ ମିଳୁଛି।

**ସୂର୍ଯ୍ୟ କିରଣ ଚିକିତ୍ସା:** ନ୍ୟାଚୁରୋପାଥିରେ ସୂର୍ଯ୍ୟ କିରଣ ଚିକିତ୍ସାର ବିଶେଷ ମହତ୍ୱ ରହିଛି। ସର୍ବାଙ୍ଗ ଶରୀରରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ବିଭିନ୍ନ ଚର୍ମ ରୋଗ ଦୂର ହୋଇ ଭିଟାମିନ -ଡ' ମିଳିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।


**ଜଳ ଚିକିତ୍ସା ବା ହାଇଡ୍ରୋଥେରାପି:** ଶରୀର ପାଇଁ ଜଳ ହିଁ ଜୀବନ। ଶୁଦ୍ଧ ଜଳ ଓ ମୁଖ୍ୟତଃ ଅଳ୍ପ ଉଷୁମ ପାଣି ପିଇବା ଶରୀର ପାଇଁ ବେଶ୍ ଉପକାରୀ। ବର୍ତ୍ତମାନ ଅନେକେ ବିଭିନ୍ନ କୋଲ୍ଡ୍‌ଡ୍ରିଙ୍କସ୍, ସଫ୍ଟଡ୍ରିଙ୍କ୍ସ ପିଉଛନ୍ତି; ଯାହା କି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ନିମନ୍ତ୍ରଣ କରୁଛୁ। ତେଣୁ ଏହା ବଦଳରେ ପ୍ରତିଦିନ ଆବଶ୍ୟକ ପରିମାଣରେ ପାଣି ପିଇବା ଦ୍ୱାରା ଜୀର୍ଣ୍ଣ ଶକ୍ତି ବଢ଼ିବା, ମୋଟାପଣ କମିବା, ଶରୀରରୁ ଦୂଷିତ ପଦାର୍ଥ ନିର୍ଗତ ହେବା ସହ ଶରୀର ସୁସ୍ଥ ରହିଥାଏ।

**ଜଳର ବାଷ୍ପ ଚିକିତ୍ସା :-** ପାଣିକୁ ଗରମ କରି ବାହାରୁ ଥିବା ବାଷ୍ପକୁ ସର୍ବ ଶରୀରରେ ଲଗାଇବାକୁ 'ବାଷ୍ପ ସ୍ନାନ(ଷ୍ଟିମ ବାଥ)'କୁହାଯାଏ। ଏହାଦ୍ୱାରା ଶରୀରର ଲୋମ କୂପ ଖୋଲି ଯାଇ ଶରୀରର ବିଷାକ୍ତ ପଦାର୍ଥ ନିର୍ଗତ ହୋଇ ମୋଟାପଣ, ରକ୍ତ ଚାପ, ମଧୁମେହ, ଚର୍ମରୋଗ, ଅଜୀର୍ଣ୍ଣ, ସ୍ନାୟବିକ ଦୁର୍ବଳତା ଭଳି ବିଭିନ୍ନ ରୋଗ ଦୂର ହୋଇଥାଏ।

**ଉପବାସ:-** ପେଟରୋଗ ପାଇଁ 'ଉପବାସ'କୁ ଏକ ଚିକିତ୍ସା ରୂପେ ଗଣନା କରାଯାଇଛି। ଅର୍ଦ୍ଧ ଉପବାସ, ଏକାହାର, ଫଳ ଉପବାସ, ଦୁଗ୍ଧ ଉପବାସ, ପୂର୍ଣ୍ଣ ଉପବାସ ଆଦି ମନୁଷ୍ୟର ଅବସ୍ଥା ଅନୁସାରେ କରାଯାଇ ଥାଏ; ଯଦ୍ଦ୍ୱାରା ଆମବାତ, ସନ୍ଧିବାତ, ମୋଟାପଣ, ଜୀର୍ଣ୍ଣ ଶକ୍ତି ବୃଦ୍ଧି ସହ ବିଭିନ୍ନ ଚର୍ମ ରୋଗ ଉପଶମ ହୋଇଥାଏ। ତେବେ ଫାଷ୍ଟଫୁଡ୍, ଜଙ୍କଫୁଡ୍ ଭଳି ଅସନ୍ତୁଳିତ ଖାଦ୍ୟାଭ୍ୟାସ ଲାଗି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ଯୁବପିଢ଼ି ଏହି ଉପବାସ ବା ଫାଷ୍ଟିଙ୍ଗ୍ ଥେରାପି ଆପଣେଇଲେ ଉପକୃତ ହୋଇପାରିବେ।

**ପଞ୍ଚକର୍ମ ଚିକିତ୍ସା:** ଏଥିରେ ସ୍ନେହନ, ଶ୍ୱେଦନ, ବମନ, ବିରେଚନ, ନଶ୍ୟ କର୍ମ ଆଦି ପଞ୍ଚକର୍ମର ଚିକିତ୍ସା କରାଯାଇଥାଏ। ଚିକିତ୍ସକଙ୍କ ପରାମର୍ଶ ନେଇ ବିଭିନ୍ନ ତୈଳକୁ ଶରୀରରେ ପ୍ରଲେପ କରିବା ପଦ୍ଧତି ବା ସ୍ନେହନ, ବିଭିନ୍ନ ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ଶରୀରରୁ ଶ୍ୱେଦ ବା ଝାଳ ନିର୍ଗତ ପ୍ରଣାଳୀ ବା ଶ୍ୱେଦନ, ପେଟରୁ ବିଭିନ୍ନ ଦୂଷିତ ପଦାର୍ଥ ବାହାର କରିବା ଲାଗି ବିଭିନ୍ନ ଉପାୟରେ ବାନ୍ତି କରାଇବା ପଦ୍ଧତି ବା ବମନ, ବିଭିନ୍ନ ଆୟୁର୍ବେଦ ଔଷଧ ସେବନ କରି ବିରେଚନ କରାଇବା (ଝାଡା କରାଇବା) ଦ୍ୱାରା ପେଟରେ ସଞ୍ଚିତ ଦୂଷିତ ପଦାର୍ଥ ପଦାକୁ ନିର୍ଗତ କରିବା ଏବଂ ଗାଈ ଘିଅ କିମ୍ବା ସୋରିଷ ତେଲକୁ ନାକରେ ୧-୨ ଟୋପା ପକାଇ ଶୋଷଣ କରିବାକୁ ନଶ୍ୟ କର୍ମ କରିବା ଦ୍ୱାରା ବିଭିନ୍ନ ରୋଗ ଦୂର ହେବାରେ ସାହାଯ୍ୟ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।









କେବଳ ଏତିକି ନୁହେଁ, ପ୍ରାକୃତିକ ଚିକିତ୍ସା ବିଜ୍ଞାନ ବା ନ୍ୟାଚୁରୋପାଥି ମତରେ ସାତ୍ତ୍ୱିକ ଭୋଜନ ସର୍ବୋତ୍ତମ। ତେବେ ସୁସ୍ଥ ଏବଂ ଦୀର୍ଘ ଜୀବନ ଲାଗି ଆଜିର ଯୁବପିଢ଼ି ନ୍ୟାଚୁରୋପାଥିକୁ ଆପଣେଇ ନେବା ଆବଶ୍ୟକ।

*-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର*

## ଜାଣନ୍ତୁ ଦୁନିଆ

# ବିପଦପୂର୍ଣ୍ଣ ଏୟାରପୋର୍ଟ



**ଏୟାର ଟ୍ରାଭେଲ୍ କରିବା ବେଳେ ହେଉ କିମ୍ବା ଅନ୍ୟ ସମୟରେ ଆପଣ ବିଭିନ୍ନ ସୁନ୍ଦର ସୁନ୍ଦର ଏୟାରପୋର୍ଟ ଦେଖିଥିବେ ନିଶ୍ଚୟ। ହେଲେ ଜାଣନ୍ତି କି ପୃଥିବୀରେ ଏମିତି ବି କେତୋଟି ଏୟାରପୋର୍ଟ ରହିଛି, ଯେଉଁଠାରେ ଏରୋପ୍ଲେନ୍ ଟେକ୍‌ଅପ୍ କିମ୍ବା ଲ୍ୟାଣ୍ଡ କରିବା ସମୟରେ ଏକ୍ସପର୍ଟ ପାଇଲଟ୍ ବି ଡରି ଯାଆନ୍ତି। ଆସନ୍ତୁ ଜାଣିବା ଏଭଳି ବିପଦପୂର୍ଣ୍ଣ ଏୟାରପୋର୍ଟ ସମ୍ପର୍କରେ...**

**ତେନ୍‌ଜିଙ୍ଗ୍-ହିଲାରୀ ଏୟାରପୋର୍ଟ:** ୫୨୭ ମିଟର ଲମ୍ବା ରନ୍‌ୱେଯୁକ୍ତ ଏହି ଏୟାରପୋର୍ଟଟି ରହିଛି ନେପାଳର ଲୁକଲା ସହରରେ; ଯେଉଁଥିପାଇଁ ଏହା ଲୁକ୍‌ଲା ଏୟାରପୋର୍ଟ ନାମରେ ମଧ୍ୟ ପରିଚିତ। ତେବେ ଏହାକୁ ପୃଥିବୀର ସବୁଠୁ ଭୟଙ୍କର ଏୟାରପୋର୍ଟ କୁହାଯିବାର କାରଣ ହେଉଛି, ଏହାର ଉତ୍ତର ଭାଗରେ ହିମାଳୟର ଶିଖର ଥିବା ବେଳେ ଦକ୍ଷିଣରେ ରହିଛି ୬୦୦ ମିଟର ଗଭୀର ଘାଇ। ତେଣୁ ଏଠାରେ କେବଳ ଛୋଟ ବିମାନ ଏବଂ ହେଲିକପ୍ଟର ଉଡ଼ାଣ ପାଇଁ ଅନୁମତି ରହିଛି।

**ବାରା ଏୟାରପୋର୍ଟ:** ସ୍କଟଲାଣ୍ଡର ବାରାସ୍ଥିତ ହର୍ବିଡ଼ିନ୍ ଆଇସ୍‌ଲାଣ୍ଡରେ ଥିବା ବାରା ଏୟାରପୋର୍ଟ ହେଉଛି ପୃଥିବୀର ଏକମାତ୍ର ବେଳାଭୂମି ଏୟାରପୋର୍ଟ। ଏଠାରେ ଏରୋପ୍ଲେନ୍ ଲାଣ୍ଡ କରିବା ଅବା ଟେକ୍‌ଅପ୍‌ର ଦୃଶ୍ୟ ଦେଖିବା ଯେତିକି ସୁନ୍ଦର ଏବଂ ରୋମାଞ୍ଚକର, ପାଇଲଟ୍‌ଙ୍କ ଲାଗି ଏସବୁ କରିବା ତା'ଠାରୁ ବେଶି ବିପଦପୂର୍ଣ୍ଣ। କାରଣ ଏହାର ରନ୍‌ୱେ ସମୁଦ୍ର କୂଳରେ ଥିବାରୁ ଜୁଆର ଆସିବା ସମୟରେ ଏହା ବୁଡ଼ିଯାଇଥାଏ। ତା'ଛଡ଼ା ଏହି ସମୁଦ୍ରରେ ଅନେକ ସମୟରେ ଝଡ଼ତୋଫାନ ମଧ୍ୟ ହେଉଥିବାରୁ ଏସବୁକୁ ଆଖିଆଗରେ ରଖି ଏରୋପ୍ଲେନ୍ ଉଡ଼ାଣର ଟାଇମ୍ ସେଟ୍ କରାଯାଇଛି।

**ଭେଲାନା ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ:** ଏହା ହେଉଛି ପୃଥିବୀର ଏକମାତ୍ର ଆଲକାତରାରେ ନିର୍ମିତ ଏୟାରପୋର୍ଟ। ମାଳଦ୍ୱୀପର ମାଲେସ୍ଥିତ ହୁଲହୁଲେ ଆଇସ୍‌ଲାଣ୍ଡରେ ସମୁଦ୍ର ମଝିରେ ଥିବା ଏହି ଏୟାରପୋର୍ଟଟି ତଟରୁ ମାତ୍ର ଦୁଇ ମିଟର ଉଚ୍ଚରେ ଅବସ୍ଥିତ ଥିବାରୁ ପାଇଲଟ୍‌ଙ୍କ ଲାଗି ଏଠାରେ ଲ୍ୟାଣ୍ଡ୍ କିମ୍ବା ଟେକ୍‌ଅପ୍ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। କାରଣ ସେମାନଙ୍କ ସାମାନ୍ୟ ଭୁଲ୍ ନିଜ ସହିତ ସମସ୍ତ ଯାତ୍ରୀଙ୍କ ଲାଗି ମୃତ୍ୟୁର କାରଣ ସାଜିପାରେ।



## ଏ ସପ୍ତାହର ପ୍ରଶ୍ନ

୧- ପ୍ରଥମ ସେଲ୍ଫ- ଟେଷ୍ଟିଂ କରୋନା ଭାଇରସ୍ କିଟ୍ ବ୍ୟବହାର ଲାଗି ....... ଦେଶରେ ମଞ୍ଜୁରୀ ମିଳିଛି ?
୨- 'ପଥେର ପାଞ୍ଚାଲୀ' ଉପନ୍ୟାସ.............ଙ୍କ ଆତ୍ମଜୀବନୀ ?
୩- ................ କମ୍ପିଟିଶନ୍‌କୁ ଲିଗ୍ ମ୍ୟାଗ୍ନସ୍ କୁହାଯାଏ ?
୪- ପିମ୍ପୁଡ଼ି କାମୁଡ଼ିଲେ.............. ନିର୍ଗତ ହୋଇଥାଏ ?
୫- ମିଲ୍କ ଟ୍ରେ ପ୍ରଥମ ଥର .......... ମସିହାରେ ପ୍ରସ୍ତୁତ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ୯୦୦ କୋଟି
୨ ନଭେମ୍ବର ୧୨ତାରିଖ
୩ ସୁକୁମାର ସେନ୍
୪ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ
୫ ୧୯୮୪

## ଉତ୍ତରଦାତା



ପ୍ରଭଞ୍ଜନ ପଲାଇ
କଟକ



ବିନୋଦ ବେହେରା
କଟକ



ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଉଚ୍ଚତମ ପ୍ରତିମୂର୍ତ୍ତି



୧- ଷ୍ଟାଚ୍ୟୁ ଅଫ୍ ୟୁନିଟି, ଭାରତ...... ୨୪୦ ମି.
୨- ସ୍ପ୍ରିଙ୍ଗ୍ ଟେମ୍ପଲ୍ ବୁଦ୍ଧ, ଚାଇନା..... ୨୦୮ ମି.
୩- ଲେକ୍ୟୁନ୍ ସେକ୍ୟା, ମ୍ୟାନ୍‌ମାର.. ୧୨୯.୨ ମି.
୪- ଉଶିକୁ ଡାଇବୁସୁ, ଜାପାନ...... ୧୨୦ ମି.
୫- ସେଣ୍ଡାଇ ଡାଇକ୍ୟାନନ୍, ଜାପାନ...... ୧୦୦ ମି.
୬- କ୍ୟାନ୍‌ଶୌ କ୍ୟାନ୍ୟାନ୍ ଗ୍ୱାନିନ୍ ଅଫ୍ ଓ୍ୱିଶାନ୍, ଚାଇନା.................... ୯୯ ମି.
୭- ଗ୍ରେଟ୍ ବୁଦ୍ଧ ଅଫ୍ ଥାଇଲାଣ୍ଡ........................................ ୯୨ ମି.
୮- ଡାଇ କ୍ୟାନନ୍ ଅଫ୍ କିଟା ନୋ ମିଆକୋ ପାର୍କ, ଜାପାନ............... ୮୮ ମି.
୯- ରୋଡ଼ିନା- ମାଟ୍' ଜୋଭ୍ୟୋଟ୍, ରୁଷିଆ............................... ୮୫ ମି.
୧୦- ଆଓ୍ୱାଜି କ୍ୟାନନ୍, ଜାପାନ........................................ ୮୦ ମି.

## କଲେଜ ବେଳର ଅନୁଭୂତି

# ବରଡ଼ା ପତର ପରି ଥରୁଥିଲି...



**ଡ. ଗୋଲକ ଚନ୍ଦ୍ର ମହାନ୍ତି**
(ପ୍ରାଧ୍ୟାପକ, ପ୍ରାଣୀ ବିଜ୍ଞାନ ବିଭାଗ, ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, ଅଡ଼ଶପୁର, କଟକ)

ଦୀର୍ଘ ୩୩ ବର୍ଷର ଅଧ୍ୟାପନା ଜୀବନ ସରି ଅବସର ସମୟ ଆସି ପହଞ୍ଚିଗଲାଣି। ଇତିମଧ୍ୟରେ ଅନେକ ଅନୁଭୂତି ସାଉଁଟିଛି। ହେଲେ ନିଜେ ଛାତ୍ର ଥିବା ସମୟର କେତେକ ଘଟଣା ଏବେ ବି ମାନସପଟରେ ଅଭୁଲା ସ୍ମୃତିହୋଇ ରହିଛି। ସେମିତି ଏକ ଘଟଣା ମନେ ପଡୁଛି। ୧୯୭୯ ମସିହା କଥା। ସେତେବେଳେ ମୁଁ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଯୁକ୍ତ ତିନି ବିଜ୍ଞାନ ପଢୁଥିଲି। ରାତି ପାହିଲେ ଗଣେଶ ପୂଜା, ସେଥିପାଇଁ ଡିପାର୍ଟମେଣ୍ଟ ଭିତରେ ଜୋର୍‌ସୋର ଚାଲିଥିଲା ସାଜସଜ୍ଜା। ଯେହେତୁ ଆମେ ଫାଇନାଲ୍ ଇୟର ପିଲା ସେଥିପାଇଁ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଥିଲା ଆମ ମୁଣ୍ଡ ଉପରେ। ଆମ ବ୍ୟାଚ୍‌ରେ ୧୬ ଜଣଙ୍କ ମଧ୍ୟରୁ ୬ ଜଣ ଝିଅ ଏବଂ ୧୦ ଜଣ ଥିଲୁ ପୁଅ। ତେଣୁ ରାତିରେ ଡିପାର୍ଟମେଣ୍ଟରେ ଆମେ ପୁଅମାନେ ରହି ପୂଜା ପ୍ରସ୍ତୁତି କରୁଥିଲୁ। ଅନ୍ୟ ଡିପାର୍ଟମେଣ୍ଟ ତୁଳନାରେ ଆମର ସାଜସଜ୍ଜା ସବୁଠୁ ସୁନ୍ଦର କରିବାର ନିଶା ଥିଲା। ସକାଳେ ଯେପରି ଫୁଲ ସରି ନ ଯାଏ ତେଣୁ ମୋତେ ଡିପାର୍ଟମେଣ୍ଟ ଭିତରେ ଏକା ଜଗାଇଦେଇ ରାତିରୁ ହିଁ ଫୁଲ ତୋଳିବାକୁ ବାହାରିଗଲେ ସାଙ୍ଗମାନେ। ମୁଁ ବସି ରଙ୍ଗିନ କାଗଜରେ ଝାଲେରି କାଟୁଥାଏ, ହଠାତ୍ ଆଖିପଡ଼ିଲା କାନ୍ଥରେ ଡେରା ହୋଇଥିବା ସ୍କେଲିଟନ୍ ଉପରେ। ଯଦିଓ ମୁଁ ସାହସୀ ଥିଲି, ହେଲେ କେଜାଣି କାହିଁକି ଲୋମ ଟାଙ୍କୁରି ଉଠିଲା। ମନକୁ ବୁଝାଇବାକୁ ସମୟ ମିଳିବା ଆଗରୁ ହଠାତ୍ କରେଣ୍ଟ ଚାଲିଗଲା। ସେତେବେଳେ ଆଉ ମୋବାଇଲ୍ ଫୋନ୍ ନ ଥିଲା ଯେ ହଠାତ୍ ଫ୍ଲାସ୍ ଲାଇଟ୍ ଅନ୍ କରିଦେବି ଅବା ସାଙ୍ଗମାନଙ୍କୁ କଲ୍ କରି ଡାକିଦେବି। ତଥାପି ନ ଡରି ପାଖରେ ଥିବା କ୍ୟାଣ୍ଡେଲ ଜଳାଇ ନିଜ କାମରେ ଲାଗି ପଡ଼ିଲି। ହେଲେ ମନ ଆଉ ମାନୁ ନ ଥିଲା, ବାରମ୍ବାର ଆଖି ସେଇ ଆଡ଼କୁ ହିଁ ଯାଉଥିଲା। ହଠାତ୍ କେମିତି ଏକ ଅଜବ ଚୁଁ ଚୁଁ ଶବ୍ଦ ଶୁଭିଲା, ଧୀରେ ଧୀରେ ଭୟ ବଢ଼ିବାରେ ଲାଗିଲା। କ'ଣ ହେଉଛି ଭାବି ଅପଲକ ନୟନରେ ଏଣେ ତେଣେ ଚାହୁଁଥିବା ବେଳେ ଗାତ ଭିତରୁ ମୂଷାଟିଏ ବାହାରି ଦୌଡ଼ିଯିବାରୁ କାନ୍ଥରେ ଡେରା ହୋଇଥିବା ସ୍କେଲିଟନ୍‌ଟି ସିଧା ପଡ଼ିଲା ମୋ ଉପରେ। ଦେହରେ ଆଉ ଜୀବନ ନ ଥିଲା। ଗୋଟାପଣେ ବରଡ଼ା ପତର ଭଳି ଥରୁଥିଲି। ସାଙ୍ଗଟିଏ ଫୁଲ ତୋଳି ଆସି ପିଠିରେ ହାତ ମାରିବାରୁ ଭୂ... ଭୂ... ହୋଇ ଚିତ୍କାର ଆରମ୍ଭ କରି ଦେଲି। ଭୂତବୋଲି ଗୋଟେ ଶବ୍ଦ ଅଛି ବୋଲି ବୋଧେ ଭୟରେ ଭୁଲିଯାଇଥିଲି। କ'ଣ ହେଲା, କାହିଁ ଚିତ୍କାର କରୁଛୁ ବୋଲି ସେମାନେ ପଚାରିବାରୁ ମୁଁ ଟିକେ ଟିକେ ପୂର୍ବ ସ୍ଥିତିକୁ ଫେରିଲି। ସେତେବେଳେ ନିଜକୁ କଲେଜ ବାରଣ୍ଡାରେ ଆବିଷ୍କାର କରି ଆଶ୍ଚର୍ଯ୍ୟ ହୋଇଗଲି। କେତେବେଳେ ଯେ ଡିପାର୍ଟମେଣ୍ଟରୁ ବାହାରି ସେଠାରେ ପହଞ୍ଚିଗଲି ସେକଥା ବି ଜାଣିନି। ଯଦିଓ ସାଙ୍ଗମାନଙ୍କୁ ଏକାଠି ଦେଖିବା ପରେ ଡର ଦୂରେଇଗଲା ଏବଂ ସମସ୍ତେ ମିଶି ପରଦିନ ଧୁମ୍‌ଧାମ୍‌ରେ ପୂଜା କଲୁ, ତଥାପି ପଢା ସରିବା ଯାଏ ଦିନରେ ବି ଡିପାର୍ଟମେଣ୍ଟ ଭିତରକୁ ଏକା ଯିବାକୁ ସାହସ ହେଉ ନ ଥିଲା। ସତ କହିବାକୁ ଗଲେ, ଏବେ ବି ସେଦିନର ସେହି ଘଟଣା ମନେପଡ଼ିଗଲେ ଯେତିକି ଡର ନ ଲାଗେ ତା'ଠାରୁ ଅଧିକ ହସ ଲାଗେ।

- ପୌର୍ଣ୍ଣମାସୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ନଭେମ୍ବର ୨୯/୨୦୨୦ Sunday, November 29/ 2020

# ବେଙ୍ଗାଲୁରୁ-ହାଇଦ୍ରାବାଦ୍ ମ୍ୟାଚ ଡ୍ର’

ଫାଟୋର୍ଡା,୨୮।୧୧(ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ବେଙ୍ଗାଲୁରୁ ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଛି। ଗୋଆର ଫାଟୋର୍ଡା ଷ୍ଟାଡିୟମରେ ଖେଳଯାଇଥିବା ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ନିର୍ଦ୍ଧାରିତ ସମୟ ଓ ୪ ମିନିଟ୍‌ର ଇଞ୍ଜୁରି ଟାଇମ୍ ପରେ ରେଫରି ଫାଇନାଲ ହ୍ୱିସିଲ ମାରିଥିଲେ। କିନ୍ତୁ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ହାଇଦ୍ରାବାଦ୍ ଆଗରେ ରହିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ଉଭୟ ଦଳକୁ ଏକାଧିକ ସୁଯୋଗ ମିଳିଥିଲେ ମଧ୍ୟ ଗୋଲ ଶୂନ୍ୟ ଭାବେ ମ୍ୟାଚ୍ ଶେଷ ହୋଇଥିଲା। ଏଥିସହ ହାଇଦ୍ରାବାଦ ୨ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଗୋଟିଏ ଡ୍ର ସହ ୪ ପଏଣ୍ଟ ପାଇ ତାଲିକାର ତୃତୀୟ

## ଇଣ୍ଡିଆନ ସୁପର ଲିଗ୍

ସ୍ଥାନରେ ରହିଛି। ଅନ୍ୟପଟେ ବେଙ୍ଗାଲୁରୁ ୨ଟି ମ୍ୟାଚ୍ ଖେଳି ୨ଟି ଡ୍ର ସହ ୨ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି।

ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ହାଇଦ୍ରାବାଦ୍ ଗୋଟିଏ ପଏଣ୍ଟ ପାଇଥିବାରୁ ସନ୍ତୁଷ୍ଟ ହୋଇ ନ ଥିବ। ବେଙ୍ଗାଲୁରୁ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଗୋଲପୋଷ୍ଟକୁ ହାଇଦ୍ରାବାଦ ଖେଳାଳି ୭ଟି ଶଟ୍ ମାରିଥିବା ବେଳେ ବେଙ୍ଗାଲୁରୁ ଖେଳାଳି ମାତ୍ର ଗୋଟିଏ ଶଟ୍ ମାରିଥିଲେ। ପୂର୍ବତନ ଚାମ୍ପିୟନ ବେଙ୍ଗାଲୁରୁର ଖେଳ ଆଶାନୁରୂପ ହୋଇ ପାରି ନ ଥିଲା। ଗତ ମ୍ୟାଚ୍‌ରେ ହାଇଦ୍ରାବାଦ୍ ୧-୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପଟେ ଗତ ରବିବାର ବେଙ୍ଗାଲୁରୁ ଓ ଗୋଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ହାଇଦ୍ରାବାଦ ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ବୁଧବାର ଜାମଶେଦପୁରକୁ ଭେଟିବ। ସେହିପରି ବେଙ୍ଗାଲୁରୁ ଡିସେମ୍ବର ୪ ତାରିଖ ଶୁକ୍ରବାର ଚେନ୍ନାଇନ ଏଫ୍‌ସିକୁ ଭେଟିବ।



ବେଙ୍ଗାଲୁରୁ ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବୋଲିଂରେ ଷଷ୍ଠ ବିକଳ୍ପ ଜରୁରୀ

ଭିଭିଏସ୍ ଲକ୍ଷ୍ମଣ

ସିଡ୍‌ନୀରେ ଭାରତ ତା’ର ଅଷ୍ଟ୍ରେଲିଆ ଗସ୍ତ ପରାଜୟରେ ଆରମ୍ଭ କରିଛି। ପ୍ରଶଂସକ ଏଥିରେ ନିଶ୍ଚିତ ଭାବେ ନିରାଶ ହୋଇଥିବେ। ଆଗାମୀ ୩ ବର୍ଷରେ ୩ଟି ବିଶ୍ୱକପ୍ ଖେଳାଯିବାକୁ ଯାଉଛି। ତେଣୁ ଭାରତର ପ୍ରଦର୍ଶନରେ କେତୋଟି ବିଭାଗ ଉପରେ ଆଲୋଚନା ଖୁବ୍‌ଶୀଘ୍ର ହେବା ଆବଶ୍ୟକ।

୩୭୫ ରନର ଟାର୍ଗେଟ୍ ଧାର୍ଯ୍ୟ ହେବା ପୂର୍ବରୁ ଭାରତୀୟ ଖେଳାଳିମାନେ କ୍ୟାଚ ନେବାରେ ଓ ଭଲ ଫିଲ୍ଡିଂ କରିବାରେ ବିଫଳ ହୋଇଥିଲେ। ଭାରତ ଆଗରେ କଷ୍ଟକର ଚ୍ୟାଲେଞ୍ଜ ରହିଥିଲା। ଆରମ୍ଭରୁ ଭାରତ ବେଶ୍ କେତୋଟି ମୂଲ୍ୟବାନ ଉଇକେଟମାନ ହରାଥିଲା। ପ୍ରଥମ ୧୫ ଓଭରରେ ଭାରତର ୬ ନମ୍ବର ବ୍ୟାଟ୍ସମ୍ୟାନ ବ୍ୟାଟିଂ କରିବାକୁ ଆସିଥିଲେ। ଏହା ନିଶ୍ଚିତ ଭାବେ ଶୁଭ ସୂଚନା ନୁହେଁ। ନୂଆ ଭୂମିକାରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ହିସାବରେ ହାର୍ଦ୍ଦିକ ପାଣ୍ଡ୍ୟା ନିଜର ପରିପକ୍ୱତା ପ୍ରଦର୍ଶନ କରିଛନ୍ତି। ଓପନର ଶିଖର ଧାୱନଙ୍କ ସହ ସେ ଭଲ ପାର୍ଟନରଶିପ୍ ସ୍ଥାପନ କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଆହୁରି କିଛି ସମୟ ଧରି କ୍ରିଜ୍‌ରେ ତିଷ୍ଠି ରହିଥିଲେ ଭାରତ ପାଇଁ ଚମତ୍କାର ହୋଇଥାନ୍ତା। କିନ୍ତୁ ଯୁବ ସ୍ପିନର ଆଡାମ ଜାମ୍ପାଙ୍କ ଦ୍ୱାରା ଧାୱନ ଆଉଟ ହେବା ପରେ ଏହି ଆଶା ମଉଳି ଯାଇଥିଲା।

ଅଧିନାୟକ ଆରୋନ ଫିଞ୍ଚ୍ ଟସ୍ ଜିତିବା ପରେ ଅଷ୍ଟ୍ରେଲିଆର ଅଧା କାର୍ଯ୍ୟ ହୋଇଯାଇଥିଲା। ଦମ୍‌ଦାର ଶତକ ହାସଲ ସହ ଫିଞ୍ଚ୍ ଆଗରେ ଦଳର ନେତୃତ୍ୱ ନେଇଥିଲେ। ଡେଭିଡ୍ ୱାର୍ନରଙ୍କ ସହ ଭଲ ବ୍ୟାଟିଂ କରିଥିଲେ ଓ ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ଆରମ୍ଭରୁ ସାମାନ୍ୟ ସଂଘର୍ଷ କରିଥିଲେ ମଧ୍ୟ ଷ୍ଟିଭ୍ ସ୍ମିଥ୍ ନିଜ ଦକ୍ଷତା ଅନୁସାରେ ବ୍ୟାଟିଂ କରି ଶତକ ହାସଲ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ ଓ ପୁଣି ଥରେ ନିଜକୁ ଜଣେ ମହାନ୍ ବ୍ୟାଟ୍ସମ୍ୟାନ ଭାବେ ପ୍ରମାଣିତ କରିଥିଲେ। ଏହାପରେ ଧୂଆଁଧାର ବ୍ୟାଟିଂ କରି ଗ୍ଲେନ୍ ମ୍ୟାକ୍ସୱେଲ ଦଳର ସ୍କୋରକୁ ଆଗକୁ ବଢାଇଥିଲେ।

ଏକ ଅଜଣା ଭୟ ଭାରତକୁ ନକାରାତ୍ମକ ଭାବେ ପ୍ରଭାବିତ କରିଥିଲେ। ରବୀନ୍ଦ୍ର ଜାଡେଜାଙ୍କୁ ବାଦ୍‌ଦେଲେ ଭାରତୀୟ ଦଳରେ ପୋଖତ ବ୍ୟାଟ୍ସମ୍ୟାନ କିମ୍ବା ପୋଖତ ବୋଲର ରହିଥାନ୍ତି। ଫଳରେ ଅଧିନାୟକ ବିରାଟ କୋହଲିଙ୍କ ହାତ ବନ୍ଧା ହୋଇଯାଇଥିଲା। ଆଗକୁ ଭାରତୀୟ ଦଳରେ ଜଣେ ଷଷ୍ଠ ବୋଲରଙ୍କ ବିକଳ୍ପ ରଖିବା ଉଚିତ ହେବ। ଯଦି ଆବଶ୍ୟକ ହୁଏ ତେବେ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦିଆଯିବା ଉଚିତ ହେବ। ଦଳରେ ଅତିରିକ୍ତ ବୋଲିଂ ରିସୋର୍ସ ରହିବା ନିହାତି ଜରୁରୀ। କିନ୍ତୁ ବର୍ତ୍ତମାନ ଭାରତ ପାଖରେ ସେ ବିକଳ୍ପ ନାହିଁ ବୋଲି କହିଲେ ଭୁଲ୍ ହେବ ନାହିଁ।

SEAGRAM’S
ROYAL STAG
PACKAGED DRINKING WATER

ଅତିରିକ୍ତ ଅଲରାଉଣ୍ଡର ଭାବେ ୫ଟି ନାମ ବିଚାରକୁ ଆସୁଛି। ହାର୍ଦ୍ଦିକ ବର୍ତ୍ତମାନ ବୋଲିଂ କରୁନାହାନ୍ତି। ୩ଜଣ ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ଓ କ୍ରୁନାଲ ପାଣ୍ଡ୍ୟାଙ୍କ ସମେତ ଦୁଇ ମିଡିୟମ ପେସର ବିଜୟ ଶଙ୍କର ଓ ଶିବମ୍ ଦୁବେଙ୍କ ଉପରେ ଭରସା କରିହେବ। ଏମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଦଳରେ ସାମିଲ କରାଯାଇପାରେ। ସୁଯୋଗ ଦିଆଗଲେ ଏମାନେ ଅଭିଜ୍ଞତା ହାସଲ କରିବେ ଓ ଭବିଷ୍ୟତରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ହାର୍ଦ୍ଦିକ ପୁଣି ଥରେ ବୋଲିଂ ଆରମ୍ଭ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। ଷଷ୍ଠ ବୋଲର ପାଇଁ ଭାରତ ନିକଟରେ ଏକ ବ୍ୟାକ୍ ଅପ୍ ଚଏସ ରହିବା ଆବଶ୍ୟକ। ନ ହେଲେ ସମସ୍ୟାରେ ସୁଧାର ହେବନି ଓ ଭାରତକୁ ବିଜୟୀ ହେବା ପାଇଁ ଏକାଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

-(ଗେମ୍‌ପ୍ଲାନ)

# ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି



ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସି ଦଳ।

**ଭାସ୍କୋ,୨୮।୧୧(ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ସପ୍ତମ ସଂସ୍କରଣରେ ଓଡ଼ିଶା ଏଫ୍ ଓ ଜାମ୍‌ଶେଦପୁର ଏଫ୍‌ସି ପରାଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସ୍ଥାନୀୟ ତିଳକ ମଇଦାନରେ ଏହି ଦୁଇ ଦଳ ସେମାନଙ୍କର ଦ୍ୱିତୀୟ ମ୍ୟାଚ୍‌ରେ ରବିବାର ପରସ୍ପରକୁ ଭେଟିବେ। ଏହି ମୁକାବିଲାରେ ଉଭୟ ଦଳ ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିଛନ୍ତି। ଫଳରେ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ନଭେମ୍ବର ୨୩ ତାରିଖରେ ଓଡ଼ିଶା ତା’ର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ଏଫ୍‌ସିଠାରୁ ୧-୦ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ଜାମସେଦପୁର ୧-୨ ଗୋଲରେ ଏହାର ଗୋଟିଏ ଦିନ ପରେ ଚେନ୍ନାଇନ୍ ଏଫ୍‌ସିଠାରୁ ପରାସ୍ତ ହୋଇଥିଲା। ନୂଆ କୋଚିଂ ଷ୍ଟାଫ୍ ଓ ଦଳ ସହ ଏହି ଦୁଇ ଦଳ ପଡିଆକୁ ଏଥର ଓହ୍ଲାଇଛନ୍ତି। ଡିଫେନ୍ସରେ ଓଡ଼ିଶା ତା’ର ସମସ୍ୟା ନେଇ ଚିନ୍ତିତ ଅଛି। ଦଳର ତ୍ରୁଟିକୁ ଆମେ ଚିହ୍ନଟ କରିଛୁ ଓ ଏଥିରେ ସୁଧାର ଆଣିବୁ ବୋଲି ଓଡ଼ିଶା କୋଚ୍ ଷ୍ଟୁଆର୍ଟ ବକ୍ସଟର କହିଛନ୍ତି। ଦଳର ସନ୍ତୁଳନରେ କିଛିଟା ତ୍ରୁଟି ଥିଲା। ଅପରପକ୍ଷରେ ଦଳରେ କେତେଜଣ ଖେଳାଳି ଆହତ ହୋଇଥିବାରୁ ଜାମ୍‌ଶେଦପୁର କୋଚ୍ ଓୱେନ କୋଏଲ ଚିନ୍ତିତ ଅଛନ୍ତି। ଡିଫେଣ୍ଡର ପିଟର ହାର୍ଟଲି ଓ ନରେନ୍ଦର ଗାହଲଟ ଆହତ ହୋଇଛନ୍ତି। ରବିବାର

## ଆଇଏସ୍ଏଲ୍

ଏହି ଦୁଇ ଜଣ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଟୁର୍ନାମେଣ୍ଟ ଆଗକୁ ବଢିଲେ ଦଳର ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ଗତ ସଂସ୍କରଣ ତୁଳନାର ଜାମେଶେଦ୍‌ପୁର ଦଳରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ଉଭୟ ଦଳ ବିଜୟ ଲକ୍ଷ୍ୟରେ ପଡିଆକୁ ଓହ୍ଲାଇବେ। ଫଳରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ଆମେରିକାରେ ଏକ ମାସ ଟ୍ରେନିଂ ନେବେ ବଜରଙ୍ଗ

**ନୂଆଦିଲ୍ଲୀ, ୨୮।୧୧ (ପି.ଟି.):** ରେସ୍‌ଲର ବଜରଙ୍ଗ ପୁନିଆ ଆମେରିକାରେ ଏକ ମାସ ଧରି ଟ୍ରେନିଂ କ୍ୟାମ୍ପରେ ଯୋଗଦେବେ। ମିଶନ ଅଲିମ୍ପିକ ସେଲ୍ ଦ୍ୱାରା ତାଙ୍କର ଏହି ଯୋଜନା ମଞ୍ଜୁର ଲାଭ କରିଛି। ଟୋକିଓ ଅଲିମ୍ପିକ୍ସରେ ବଜରଙ୍ଗ ଭାରତ ପାଇଁ ପଦକ ଜିତିବେ ବୋଲି ଆଶା ରହିଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଦ୍ୱାରା ମିଶନ ଅଲିମ୍ପିକ ସେଲ୍ ଗଠିତ। ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରୁ କେଉଁ ଆଥ୍‌ଲେଟମାନେ ଆର୍ଥିକ ସହାୟତା ପାଇବେ ତାହା ଏହା ସ୍ଥିର କରିଥାଏ। ମିଶିଗାନସ୍ଥିତ କ୍ଲିଫ୍ କିନ୍ ରେସ୍‌ଲିଂ କ୍ଲବଠାରେ ଡିସେମ୍ବର ୪ରୁ ଜାନୁୟାରୀ ୩ ପର୍ଯ୍ୟନ୍ତ କ୍ୟାମ୍ପ ଅନୁଷ୍ଠିତ ହେବ। ଏବାବଦରେ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କରୋନା ଭାଇରସ୍ ଲକ୍‌ଡାଉନ୍ ଉଠିବା ପରେ ବଜରଙ୍ଗ ସୋନେପତସ୍ଥିତ ସାଇ ସେଣ୍ଟରେ ଟ୍ରେନିଂ ନେଇଛନ୍ତି। କୋଚ୍ ଏମଜାରିଅସ୍ ବେଣ୍ଟିନ୍‌ଡିସ୍ ଏବଂ ଫିଜିଓ ଧନଞ୍ଜୟଙ୍କ ସହ ଆମେରିକା ଗସ୍ତ କରିବେ। ସେଠାରେ ମୁଖ୍ୟ କୋଚ୍ ସର୍ଗେଇ ବେଲୋଗ୍ଲାଜୋଭ୍‌ଙ୍କ ଅଧୀନରେ ଅନ୍ୟ ଟପ୍ ଅନ୍ତର୍ଜାତୀୟ ରେସ୍‌ଲରମାନଙ୍କ ସହ ସେ ତାଲିମ ନେବେ। ବେଲୋଗ୍ଲାଜୋଭ୍ ହେଉଛନ୍ତି ଦୁଇଥର ଅଲିମ୍ପିକ ଚାମ୍ପିୟନ।। ବଜରଙ୍ଗ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ଟୋକିଓ ଅଲିମ୍ପିକ୍ସ ପାଇଁ କୋଟା ହାସଲ କରିସାରିଛନ୍ତି। ୬୫କେଜି ଶ୍ରେଣୀରେ ବିଶ୍ୱର ୨ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ରେସ୍‌ଲର ଡିସେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ସର୍ବିୟାର ବେଲ୍‌ଗ୍ରେଡ୍‌ରେ ହେବାକୁଥିବା ବ୍ୟକ୍ତିଗତ ବିଶ୍ୱକପ୍‌ରେ ଅଂଶଗ୍ରହଣ ନ କରି ଆମେରିକାରେ ଟ୍ରେନିଂ ନେବାକୁ ପସନ୍ଦ କରିଥିଲେ।



ବଜରଙ୍ଗ ପୁନିଆ

# ସ୍ଲୋ ଓଭର ରେଟ୍ ପାଇଁ ଭାରତକୁ ଜରିମାନା

**ଦୁବାଇ, ୨୮।୧୧ (ପି.ଟି.):** ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ଭାରତୀୟ କ୍ରିକେଟ ଦଳକୁ ମ୍ୟାଚ ଫି’ର ୨୦ ପ୍ରତିଶତ ଜରିମାନା କରାଯାଇଛି। ୬୬ରନରେ ପରାଜିତ ଏହି ମ୍ୟାଚରେ ଭାରତ ସେମାନଙ୍କର ୫୦ ଓଭର ବୋଲିଂ ଶେଷ କରିବା ଲାଗି ୪ ଘଣ୍ଟା ୬ ମିନିଟ୍ ସମୟ ନେଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଭାରତ ଗୋଟିଏ ଓଭର ପଛୁଆ ରହିଯାଇଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣବିଧିର ଧାରା ୨.୨୨ର ଉଲ୍ଲଂଘନ ହୋଇଥିଲା। ଆଇସିସି ମ୍ୟାଚ ରେଫରି ଡେଭିଡ୍ ବୁନ୍ ଭାରତୀୟ ଦଳକୁ ଦଣ୍ଡିତ କରିଥିଲେ। ଅଧିନାୟକ ବିରାଟ କୋହଲି ଦଣ୍ଡକୁ ଗ୍ରହଣ କରିନେଇଥିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଅନ୍ ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ସାମ୍ ନୋଗାଜସ୍କି, ଟିଭି ଅମ୍ପାୟର ପଲ୍ ରିଫେଲ ଏବଂ ଚତୁର୍ଥ ଅମ୍ପାୟର ଜେରାର୍ଡ ଆବୁଡ୍ ଭାରତ ବିରୋଧରେ ରିପୋର୍ଟ କରିଥିଲେ। ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ରବିବାର ସିଡ୍‌ନୀଠାରେ ଖେଳାଯିବ।



ବିରାଟ କୋହଲି ଓ ମହମ୍ମଦ ସାମି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ**

ପୁରୁଣା ଭୁବନେଶ୍ୱର: ବିଏମ୍‌ସିର ୬୨ନଂ. ୱାର୍ଡ଼ରେ ଶନିବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପୁରୁଣା ଏୟାରପୋର୍ଟ ଠାରୁ ଭୀମପୁର ୟୁ.ପି. ସ୍କୁଲ, ପୋଖରୀପୁଟ କୋକିଳା ରିସୋର୍ଟଠାରୁ ମୁଖ୍ୟ ନାଳ, ପୋଖରୀପୁଟ ଗ୍ରାମ, ଅନନ୍ତ ବିହାର, ଗୋପାଳକୃଷ୍ଣ ନଗର, ଭକ୍ତମଧୁ ନଗର, ଗଣ୍ଡମୁଣ୍ଡା ଲେକ ଭ୍ୟାଲି ଆଦି ଅଞ୍ଚଳର ଡ୍ରେନଗୁଡ଼ିକ ପାଇଁ ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଅଶ୍ୱିନୀ ସୁନ୍ଦରାୟ, ସୁଜିତ୍ ସ୍ୱାଇଁ, ପ୍ରତାପ ସାହୁ, ଶ୍ରୀଧର ବେହେରା, ବୀରେନ ନାୟକ, ତ୍ରିନାଥ ଭୂୟାଁ, ନିର୍ମଳ ଶେଖର ମହାନ୍ତି, ନନ୍ଦ କିଶୋର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରି ମୋବାଇଲ୍ ଜବତ:୨ ଗିରଫ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ): ମୋବାଇଲ ଚୋରି ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ଶନିବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ନାଗେଶ୍ୱର ବସ୍ତିର ମିଟୁ ସାହୁ ଏବଂ ଜିଜିପି କଲୋନୀ, ଚମ୍ପକ ବିହାର ଅଞ୍ଚଳରେ ରହୁଥିବା ରାଜେଶ କୁମାର ମହାନ୍ତି। ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି, ସତ୍ୟ ବିହାର ପ୍ଲଟ ନଂ.୧୧୭୦ରେ ରହୁଥିବା ଦେବିଦତ୍ତ ଦେବାଶିଷଙ୍କ ଘରୁ ଗତ ମେ' ୨୦ ତାରିଖ ରାତିରେ ମୋବାଇଲ୍ ଚୋରି ହୋଇଥିଲା। ଏ ନେଇ ଦେବାଶିଷ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ଆମ ପୋଲିସ ସମିତି ବୈଠକ

କଣ୍ଟାପଡା/ସାଲେପୁର, ୨୮।୧୧(ଡି.ଏନ.ଏ.): ଓଲଟପୁର ଥାନା ପରିସରରେ ଆମ ପୋଲିସ ସମିତି ପକ୍ଷରୁ ଏକ ବୈଠକ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଓଲଟପୁର ଥାନାଧିକାରୀ ଚିନ୍ମୟୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକ ବାମନ ଚରଣ ନାୟକ, ବ୍ରଜ ପ୍ରଧାନ, ସୁନାକର ସାହୁ, ରାମଚନ୍ଦ୍ର ମହଲ, ସରୋଜିନୀ ଆଚାର୍ଯ୍ୟ, ଖବରଦାତା ବିଷ୍ଣୁ ନାୟକ, ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗଦେଇ ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ଅନୁରୋଧ କରିଥିଲେ। ଏଥିରେ ସାଧାରଣ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି ପୋଲିସ ପକ୍ଷରୁ ଅନୁରୋଧ କରାଯାଇଥିଲା। କଟକ ସଦର ଉପଖଣ୍ଡ ଅଧିକାରୀ ସୁବାସ ପଣ୍ଡା ଯୋଗଦେଇଥିଲେ। ସେହିପରି ସାଲେପୁର ଆଦର୍ଶ ଥାନା ପରିସରରେ ସାଲେପୁର ଆଇଆଇସି ବିଜୟ କୁମାର ବିଶିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଟ୍ରାଫିକ୍ ସମସ୍ୟା ଓ ସାଲେପୁର ସାପ୍ତାହିକ ହାଟର ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏସ୍‌ଡିପିଓ ରଣଜିତ୍ ପୃଷ୍ଟି, ପଞ୍ଚାୟତ ସମିତି ଅଧ୍ୟକ୍ଷ ରବୀନ୍ଦ୍ରନାଥ କର, ସରପଞ୍ଚ ରଣଜିତ୍ ଦାସ ଓ ସମିତିସଭ୍ୟ ବିଭୂତିଭୂଷଣ ଦାଶଙ୍କ ସମେତ ଦୁଇ ବ୍ଲକର ବହୁ ଲୋକ ପ୍ରତିନିଧି ଯୋଗଦେଇଥିଲେ।

# ଅନଭିଜ୍ଞ କାମ କରୁଥିଲେ: ପେସୋ

**ପେଟ୍ରୋଲ୍ ପମ୍ପ ବିସ୍ଫୋରଣ ମାମଲା**



ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ରାଜଭବନ ନିକଟ ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାକୁ ଇତିମଧ୍ୟରେ ଦେଢ଼ମାସରୁ ଊର୍ଦ୍ଧ୍ୱ ବିତିଲାଣି। ଏହି ଘଟଣାରେ ବିଭିନ୍ନ ସଂସ୍ଥା ତଦନ୍ତ କରୁଥିଲେ ସୁଦ୍ଧା କେଉଁ କାରଣରୁ ବିସ୍ଫୋରଣ ହେଲା, ସେନେଇ କେହି ସ୍ପଷ୍ଟଭାବେ କହିପାରୁ ନାହାନ୍ତି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏକାଧିକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ ସେଫ୍ଟି ଅର୍ଗାନାଇଜେଶନ(ପେସୋ) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବିସ୍ଫୋରଣରେ ଆହତ ସୁପରଭାଇଜର ରିପୁଦମନ ଶ୍ରୀବାସ୍ତବ ଏବଂ ମୃତକ ସୀମାଞ୍ଚଳ ପରିଡ଼ା ମେଣ୍ଟେନାନ୍ସ(ରକ୍ଷଣାବେକ୍ଷଣ) କାର୍ଯ୍ୟ ପାଇଁ ଅନ୍‌ଫିଟ ଥିଲେ। ସୀମାଞ୍ଚଳଙ୍କୁ ଟେଷ୍ଟିଂ ଏବଂ ମେଣ୍ଟେନାନ୍ସ କାର୍ଯ୍ୟର ସୁପରଭାଇଜ୍ କରିବାକୁ ନିଯୁକ୍ତି ଦିଆଯାଇଥିଲା। ଉକ୍ତ ପେଟ୍ରୋଲ୍ ପମ୍ପର ମେଣ୍ଟେନାନ୍ସ ଏବଂ ଟେଷ୍ଟିଂ ଦାୟିତ୍ୱ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍) କର୍ତ୍ତୃପକ୍ଷ ଫରିଦାବାଦ୍‌ସ୍ଥିତ ସୌରଶକ୍ତି ଭେସେଲ୍‌କୁ ଦେଇଥିଲେ। ସୌରଶକ୍ତି ଭେସେଲ ସୀମାଞ୍ଚଳଙ୍କୁ ନିଯୁକ୍ତି ଦେଇଥିଲା। ପେଟ୍ରୋଲିୟମ ଆକ୍ଟ-୧୯୮୪ ଅନୁଯାୟୀ ଯେଉଁ ବ୍ୟକ୍ତିଙ୍କ ଏହି କାର୍ଯ୍ୟ ପାଇଁ ସର୍ବନିମ୍ନ ୧୦ବର୍ଷର ଅଭିଜ୍ଞତା ଥିବ ଏବଂ ତାଙ୍କୁ ନାଗପୁରସ୍ଥିତ ପେସୋ କର୍ତ୍ତୃପକ୍ଷ ଉପଯୁକ୍ତ ସ୍ୱୀକୃତି ଦେଇଥିବେ, ସେହିମାନେ ହିଁ ଟେଷ୍ଟିଂ ଓ ମେଣ୍ଟେନାନ୍ସ କାର୍ଯ୍ୟର ସୁପରଭାଇଜ୍ କରିପାରିବେ। ସେହିପରି ମାଟିତଳେ ଥିବା ଖାଲି ଟ୍ୟାଙ୍କରରେ ନିମ୍ନ ମାନର ଏବଂ ପୁରୁଣା ସାମଗ୍ରୀ ବ୍ୟବହାର ହେଉଥିବା ପ୍ରାଥମିକ ତଦନ୍ତ ବେଳେ ଜଣାପଡ଼ିଥିଲା। ଅନ୍ୟପକ୍ଷେ ଟ୍ୟାଙ୍କର ମୋଟେଇ ଅନୁମୋଦିତ ମାତ୍ରାଠାରୁ କମ୍ ଥିବା ଆଇଓସିଏଲ୍ କର୍ତ୍ତୃପକ୍ଷ ତଦନ୍ତ ସମୟରେ ଜାଣିବାକୁ ପାଇଛନ୍ତି। ଟ୍ୟାଙ୍କରର ଖଣ୍ଡବିଖଣ୍ଡିତ ଅଂଶ ସିଏସ୍‌ଆଇଆର ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍‌ସ ଟେକ୍ନୋଲୋଜି(ଆଇଏମ୍‌ଏମ୍‌ଟି)କୁ ପରୀକ୍ଷା ପାଇଁ ପଠାଯାଇଛି। ଏପରି କି ପେସୋ କର୍ତ୍ତୃପକ୍ଷ କମିଶନରେଟ ପୋଲିସକୁ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଦେବା ପାଇଁ ଅନୁରୋଧ କରିଛନ୍ତି। ସୀମାଞ୍ଚଳଙ୍କ ମୃତ୍ୟୁ ଘଟିଥିବା ଏବଂ ରିପୁଦମନ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବାରୁ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପ୍ରକୃତ ସତ୍ୟ ଜାଣିପାରୁ ନାହାନ୍ତି।

# ଧବଳେଶ୍ୱରଙ୍କ କିରାତ ଅର୍ଜୁନ ବେଶ

ଖୁଣ୍ଟୁଣୀ,୨୮।୧୧(ଡି.ଏନ.ଏ)



ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ଶନିବାର ବଡ଼ଓଷା ପାଳିତ ହୋଇଯାଇଛି। ଭୋର ସାଢେ ୩ଟାରେ ଠାକୁରଙ୍କ ଦ୍ୱାର ଫିଟାଯାଇଥିଲା। ପରେ ପୂଜକମାନେ ମହାନଦୀରୁ ୧୦୮ ଗରା ଜଳ ଆଣି ଠାକୁରଙ୍କୁ ସ୍ନାନ କରିବା ପରେ ଚନ୍ଦନ, ଚୁଆ, କର୍ପୂର ଓ କ୍ଷୀର ଲେପନ କରିଥିଲେ। ଏହାପରେ ମିଶ୍ରି ଓ ଛେନାରେ ଘର୍ଷଣ କରାଯାଇ ନୂତନ ପାଟବସ୍ତ୍ର ପରିଧାନ କରାଯାଇଥିଲା। ରୁପାରେ ନିର୍ମିତ ବିଭିନ୍ନ ଅଳଙ୍କାର ଓ ଯୁଦ୍ଧାସ୍ତ୍ରରେ ମହାପ୍ରଭୁଙ୍କୁ ବିମଣ୍ଡିତ କରାଯିବା ପରେ ମୁକୁଟ ମଣ୍ଡନ କରାଯାଇ କିରାତ ଅର୍ଜୁନ ବେଶରେ ସଜ୍ଜିତ କରାଯାଇଥିଲା ବୋଲି ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି। ୨୫ ବର୍ଷ ପରେ ଏହି ଦୁର୍ଲଭ ଦୃଶ୍ୟ ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ହୃଦୟ ଆନ୍ଦୋଳିତ ହେଉଥିବାବେଳେ କରୋନା ଦାଉ ସାଜିଥିବା ଭକ୍ତ କିରଣ ବିହାରୀ ଖଟୁଆ କହିଛନ୍ତି। ଶନିବାର ମଧ୍ୟରାତ୍ରରେ ମହାପ୍ରଭୁଙ୍କ ପାଖରେ ପୂଜକ ସମାଜ ଦ୍ୱାରା ପ୍ରସ୍ତୁତ ଗଜଭୋଗ ଓ ତରଣ ପ୍ରସାଦ ଲାଗି କରାଯିବ ବୋଲି ଆଠଗଡ଼ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ଦେଉଳୀକରଣ ସାଗର ଦାଶ କହିଛନ୍ତି। ଅପରପକ୍ଷେ ଉକ୍ତ ପୀଠରେ ନିୟୋଜିତ ପୋଲିସ ପରିଚାଳନା ବ୍ୟବସ୍ଥାକୁ କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋର ବୁଲି ଅନୁଧ୍ୟାନ କରିଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ଉପଜିଲାପାଳ ଅଜାମ୍ବର ମହାନ୍ତି, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ନରସିଂହପୁର, ଟିଗିରିଆ ଥାନା ଆଇଆଇସି, ଅତିରିକ୍ତ ଏସ୍‌ପି ଅଲେଖ ଚନ୍ଦ୍ର ପହି ଓ ପି.କେ. ଜେନାଙ୍କ ସମେତ ୭ ପ୍ଲାଟୁନ ଫୋର୍ସ ପୀଠ ନିକଟରେ ଉପସ୍ଥିତ ଥିଲେ।

# ଆଉ ୨ ଗିରଫ, ଜଣେ ଅଟକ

**ଆଇଆଇଏଫ୍‌ଏଲ୍ ଲୁଟ୍ ଘଟଣା**

କଟକ ଅଫିସ, ୨୮।୧୧

କଟକ ନୟାସଡ଼କ ଅଞ୍ଚଳରେ ଥିବା ଅର୍ଥ ଲଗାଣକାରୀ ସଂସ୍ଥା ଇଣ୍ଡିଆନ ଇନ୍‌ଫୋଲାଇନ ଫାଇନାନ୍ସ ଲିମିଟେଡ(ଆଇଆଇଏଫ୍‌ଏଲ୍) ଶାଖା କାର୍ଯ୍ୟାଳୟରୁ ସୁନା ଲୁଟ ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢ଼ିବାରେ ଲାଗିଛି। ପୂର୍ବରୁ ଏହି ମାମଲାରେ ୮ଜଣଙ୍କୁ ଗିରଫ କରାଯାଇଥିବାବେଳେ ଶନିବାର ଆଉ ୨ଜଣ ଗହଣା ଦୋକାନୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଥିବାବେଳେ ଅନ୍ୟଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ଶନିବାର ଗିରଫ ହୋଇଥିବା ଅଭିଯୁକ୍ତଦ୍ୱୟ ହେଲେ ଆଲାମଚାନ୍ଦ ବଜାରର ଲଳିତ ସୋନୀ(୪୫) ଓ ମଙ୍ଗଳାବାଗର ସରୋଜ ପୃଷ୍ଟି(୨୫)। ଆଇଆଇଏଫ୍‌ଏଲ୍ ବ୍ୟତୀତ ସହରର ଅନ୍ୟ କେତେକ ଅର୍ଥ ଲଗାଣକାରୀ ସଂସ୍ଥାରେ ମଧ୍ୟ ସମାନ ଶୈଳୀରେ ଅନିୟମିତତା କରାଯାଉଥିବା ଜଣାପଡ଼ିଛି। ୩ଦିନିଆ ରିମାଣ୍ଡରେ ଆସିଥିବା ୫ଅଭିଯୁକ୍ତଙ୍କୁ ଜେରା ସମୟରେ ପୋଲିସ ଏଭଳି ଅନେକ କିଛି ତଥ୍ୟ ପାଇଛି।

ଅପରପକ୍ଷରେ ଲୁଟ ଘଟଣାର ମୁଖ୍ୟ ସୂତ୍ରଧର କୁହାଯାଉଥିବା ଅଭିଯୁକ୍ତ ଲାଲା ଅମ୍ରିତ ରାୟ ବିଭିନ୍ନ ସୁନା ଋଣ ପ୍ରଦାନକାରୀ ସଂସ୍ଥାରେ ଜାଲିଆତି କରି ଏକାଧିକ ଆକାଉଣ୍ଟ ଖୋଲୁଥିଲେ। ଆଉ ସେହି ବେନାମୀ ଆକାଉଣ୍ଟରେ ଲାଲା ଆଇଆଇଏଫ୍‌ଏଲ୍ ସଂସ୍ଥାରୁ ସୁନା ନେଇ ବନ୍ଧକ ରଖି କୋଟି କୋଟି ଟଙ୍କା ହଡ଼ପ କରୁଥିଲେ। ଏପରି କି ଏଥିପାଇଁ ଆଇଆଇଏଫ୍‌ଏଲ୍ ସଂସ୍ଥାର କର୍ମଚାରୀଙ୍କ ସହ ଅନ୍ୟ କିଛି ସଂସ୍ଥାର କର୍ମଚାରୀମାନେ ମଧ୍ୟ ସାମିଲ ଥିଲେ। ସେମାନେ ଲାଲା ବନ୍ଧକ ରଖୁଥିବା ସୁନା ବାବଦରେ ଦାଖଲ କରୁଥିବା ନକଲି ପ୍ରମାଣପତ୍ରକୁ ଅସଲି ଭାବେ ଦର୍ଶାଉଥିଲେ। ଆଉ ଏଥିପାଇଁ ସେମାନଙ୍କୁ ଲକ୍ଷାଧିକ ଟଙ୍କାର କମିଶନ ଦିଆଯାଉଥିଲା ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।







ଜବତ ଅଳଙ୍କାର, ଟଙ୍କା ଓ ଗିରଫ ଦୁଇ ଅଭିଯୁକ୍ତ।

# ବିଜେଡିର କର୍ମୀ ସମ୍ମିଳନୀ

ସାଲେପୁର,୨୮।୧୧(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ନରଦା ପଞ୍ଚାୟତସ୍ଥିତ ମଣ୍ଡପରେ ଶନିବାର ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ନେହଲତା ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଘର ଘର ବୁଲି ଲୋକଙ୍କ ସମସ୍ୟା ବୁଝିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାଲେପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଜେନାଙ୍କ ନେତୃତ୍ୱରେ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମାଳଶାସନ ଓ ନରଦା ପଞ୍ଚାୟତ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣ ତାଲିମ ଶିବିର

ଚୌଦ୍ୱାର, ୨୮।୧୧(ଡି.ଏନ୍.ଏ.)

ସ୍ୱଚ୍ଛ ସର୍ବେକ୍ଷଣ ୨୦୨୧ ପାଇଁ ଚୌଦ୍ୱାର ପୌରପାଳିକା ପକ୍ଷରୁ ଚୌଦ୍ୱାର ସହରାଞ୍ଚଳରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ପୌରପାଳିକାର ୧୦ ନଂ. ୱାର୍ଡସ୍ଥିତ ଯଯାତୀ କେଶରୀ କ୍ଲବ୍‌ରେ ୧୦ ଓ ୧୯ ନମ୍ବର ୱାର୍ଡ଼ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରନିର୍ବାହୀ ଅଧିକାରୀ ପବିତ୍ର ବେହେରା ପୌରୋହିତ୍ୟ କରି ସ୍ୱଚ୍ଛତା ରକ୍ଷା ଦିଗରେ ସମଗ୍ର ପୌରବାସୀ ସହଯୋଗ କରିବା ସହ ସ୍ୱଚ୍ଛତା ରକ୍ଷା ଦିଗରେ ପୌରପାଳିକାକୁ ରାଜ୍ୟର ଶ୍ରେଷ୍ଠ ୧୦ ପୌରପାଳିକା ଭିତରେ ସ୍ଥାନିତ କରିବା ପାଇଁ ପ୍ରୟାସ କରିବାକୁ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ କାଉନସିଲର ଶୁଭେନ୍ଦୁ ସାମଲ ସ୍ୱଚ୍ଛ ସର୍ବେକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ପରିମଳ ବିଶେଷଜ୍ଞ ପୀୟୂଷ କୁମାର ସାହୁ, ସ୍ୱଚ୍ଛ ଭାରତ ମିଶନ୍‌ର ନୋଡାଲ ଅଫିସର ବିଚିତ୍ରାନନ୍ଦ ସ୍ୱାଇଁ, ତ୍ରୈଲୋକ୍ୟ ଜେନା, ରଞ୍ଜନ କୁମାର ବାରିକ, ବିଜୟ କୁମାର ମଲ୍ଲିକ, କାଜଲ ଭଟ୍ଟ, ଅର୍ଚ୍ଚନା ମହାନ୍ତି, ସୁରେଖା ସାହୁ, ଶଙ୍କର୍ଷଣ ବେଉରା ପରିଚାଳନା ଓ ବାସନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ।

# ବ୍ରାଉନସୁଗାର ଜବତ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଖାରବେଳନଗର ଥାନା ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ମସଜିଦ୍ କଲୋନୀର ଏସ.କେ. ସୁଲତାନ(୨୨)। ତାଙ୍କ ନିକଟରୁ ୯ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଶୁକ୍ରବାର ସୁଲତାନ ନୀଳାଚଳ ହସ୍ପିଟାଲ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ଖବରପାଇ ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ଜଣେ ସହଯୋଗୀ ଫେରାର ହୋଇଯାଇଥିବାବେଳେ ସୁଲତାନଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଆତ୍ମାହୁତି ଉଦ୍ୟମ ପରେ ଯାଞ୍ଚ କଡ଼ାକଡ଼ି



ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ବିଧାନସଭା ଅଧିବେଶନ ଚାଲୁଥିବା ସମୟରେ ଲଗାତାର ୩ ଆତ୍ମାହୁତି ଉଦ୍ୟମ ଘଟଣା ପରେ ପୋଲିସ ପକ୍ଷରୁ ସୁରକ୍ଷା ଓ ଯାଞ୍ଚକୁ ଆହୁରି କଡାକଡି କରାଯାଇଛି। ଶନିବାର ବିଧାନସଭା ସାମ୍ନା ଦେଇ ଯାତାୟତ କରୁଥିବା ସମସ୍ତ ଯାତ୍ରୀଙ୍କୁ ଯାଞ୍ଚ କରାଯାଇଛି। ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରୁଥିବା ଲୋକ ନିଜ ଜୀବନ ସହ ସାଧାରଣ ଲୋକଙ୍କ ଧନ ଜୀବନ ମଧ୍ୟ ବିପଦରେ ପକାଉଛନ୍ତି। ତେଣୁ ଏଭଳି କାର୍ଯ୍ୟ କରୁଥିବା ଯେକେହି ନଜରକୁ ଆସିଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି।

# ମହାନଦୀରେ ଛଡ଼ାଗଲା ୪୦ହଜାର ମାଛ ଯାଆଁଳ

ପୁରୁଣା ଭୁବନେଶ୍ୱର,୨୮।୧୧

କୌଶଲ୍ୟାଗଙ୍ଗସ୍ଥିତ ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର (ସିଫା)ର ପୋଖରୀମାନଙ୍କରୁ ବିଭିନ୍ନ ପ୍ରଜାତିର ୪୦ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟ ଯାଆଁଳ ସଂଗ୍ରହ କରାଯାଇ ଶନିବାର କଟକ ନରାଜଠାରେ ମହାନଦୀରେ ଛଡ଼ାଯାଇଛି। ଯାଆଁଳଗୁଡ଼ିକ ବିଭିନ୍ନ ଶାଖା ଉପନଦୀରେ ନିଜର ବଂଶ ବୃଦ୍ଧି କରିପାରିବେ ବୋଲି ଏହାର ଉଦ୍ଦେଶ୍ୟ ରହିଛି। ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫ୍ରେସ୍ ୱାଟର ଆକ୍ୱାକଲଚର, ରୋଟାରୀ କ୍ଲବ ଭୁବନେଶ୍ୱର ରୟାଲ(ପୁରୀ) ଏବଂ ଫିସରି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଟିମ୍‌ଙ୍କ ସହଯୋଗରେ ଏହି ଯୋଜନା ହାତକୁ ନିଆଯାଇଥିଲା। ସିଫା ନିର୍ଦ୍ଦେଶକ ଡ. ବି.କେ. ଦାସ, ଡ. ପି.ସି.ଦାସ, ଡ. ବିନ୍ଦୁ ପିଲାଇ, ଡ. ପି. ସାହୁ, ଲିଙ୍ଗରାଜ ମୁଦୁଲି ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ।




# ନ୍ୟାୟ ନ ପାଇ ବିଧାନସଭା ମୁହାଁ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)



ଗାଁଠୁ ସହର ସବୁଠି ସତେଯେମିତି ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ଅପହଞ୍ଚ ହୋଇଯାଉଛି। ଥାନାରୁ ଲୋକେ ଠିକ୍ ଭାବେ ନ୍ୟାୟ ପାଉନାହାନ୍ତି। ପୋଲିସର ତଦନ୍ତ ଠିକ୍ ସମୟରେ ଶେଷ ହେଉ ନାହିଁ। ଉପରିସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ମଧ୍ୟ କେହି ଶୁଣୁ ନାହାନ୍ତି। ସେପଟେ ପ୍ରମାଣକୁ ଭିତ୍ତି କରି ଚାଲୁଥିବା କୋର୍ଟ କଚେରିରେ ବିଚାର ବ୍ୟବସ୍ଥାରେ ମଧ୍ୟ ବିଳମ୍ବ ହେଉଛି। ଦୀର୍ଘଦିନ ଧରି ନ୍ୟାୟକୁ ଅପେକ୍ଷା କରି ନିରାଶ ହେବା ପରେ ଶେଷରେ ଅନେକ ଲୋକେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ବା ଆତ୍ମାହୁତି ଭଳି ପନ୍ଥାକୁ ଆପଣାଉଛନ୍ତି। ଗତ ୫ଦିନ ମଧ୍ୟରେ ବିଧାନସଭା ସମ୍ମୁଖରେ ୩ ଆତ୍ମାହୁତି ଉଦ୍ୟମ ଘଟଣାରୁ ଏଭଳି ପ୍ରସଙ୍ଗ ଏବେ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି 'ନ୍ୟାୟ କେଉଁଠି'। ରାଜ୍ୟବାସୀଙ୍କୁ ସୁଶାସନ ଦେବା ପାଇଁ ସରକାର ଯୋଜନା ପରେ ଯୋଜନା କରୁଛନ୍ତି। ଏପରି କି ଆଇନରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ହେଲେ ଦିନକୁ ଦିନ ରାଜ୍ୟ ଆଇନ ଶୃଙ୍ଖଳାରେ ଅନେକ ଦୁର୍ବଳତା ପଦାକୁ ଆସୁଛି। ବହୁ କ୍ଷେତ୍ରରେ ପୋଲିସ ଅଫିସରଙ୍କ ଦାୟିତ୍ୱହୀନତା ପାଇଁ ଖାକି ନିନ୍ଦା ସାଉଁଟୁଛି। ସାଧାରଣ ଲୋକ ପୋଲିସ ଉପରେ ଆସ୍ଥା ହରାଉଛନ୍ତି। ଉପରିସ୍ଥ ଅଧିକାରୀ, ନେତାମନ୍ତ୍ରୀଙ୍କ ଭୟ ଓ ଚାପ ଯୋଗୁ ରାଜ୍ୟର ତୃଣମୂଳସ୍ତରରେ ତଦନ୍ତ ବାଟବଣା ହେଉଛି। ଟଙ୍କା ଓ କ୍ଷମତା ବଳରେ ସବୁ କିଛି ବି ଓଲଟପାଲଟ କରିବା ସହଜ ହେଉଛି। ଫଳରେ ବିଧାନସଭା ସମ୍ମୁଖରେ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ଏଠାରେ ପ୍ରଶ୍ନ ଉଠୁଛି, କ'ଣ ଜଣେ ସାଧାରଣ ନାଗରିକ ନ୍ୟାୟ ପାଇବା ପାଇଁ କ'ଣ ବିଧାନସଭାର ଅଧିବେଶନକୁ ଚାହିଁ ବସିବ ?

### ୫ ଦିନ ମଧ୍ୟରେ ୩ ଆତ୍ମାହୁତି ଉଦ୍ୟମ

୨୦ ତାରିଖରୁ ଶୀତ ଅଧିବେଶନ ଚାଲିଥିବାବେଳେ ଗତ ୫ ଦିନରେ ବିଧାନସଭା ନିକଟରେ ୩ ଆତ୍ମାହୁତି ଉଦ୍ୟମ ଘଟଣା ଘଟିଛି। ପ୍ରତିଟି ଘଟଣାରେ ପ୍ରାୟ ସମାନ ଅଭିଯୋଗ ରହିଛି। ପୋଲିସ ଆମ କଥା ଶୁଣିଲାନି, ନ୍ୟାୟ ମିଳୁ ନ ଥିବାରୁ ଆମେ ଆତ୍ମହତ୍ୟା ଉଦ୍ୟମ କରିବାକୁ ବାଧ୍ୟ ହେଲୁ। ନୟାଗଡ଼ର ଶିଶୁକନ୍ୟା ପରୀ ଅପହରଣ ଓ ହତ୍ୟା ହେଉ ଅଥବା କଟକ ସମବାୟ ବ୍ୟାଙ୍କ ଋଣ ଜାଲିଆତି ମାମଲା ଅବା ଜଗତ୍‌ସିଂହପୁର ଇଞ୍ଜିନିୟରଙ୍କ ହତ୍ୟା, ଏ ସମସ୍ତ ଘଟଣାରେ ଆତ୍ମହତ୍ୟା ଉଦ୍ୟମକାରୀଙ୍କ ମୁହଁରୁ ଖାଲି ଏତିକି ଶୁଣିବାକୁ ମିଳୁଛି ଯେ, ରାଜନେତା ଓ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହୁଥିବାରୁ ପୋଲିସ ଆମ କଥା ଶୁଣୁ ନାହିଁ। ତଦନ୍ତ ବଦଳରେ ଓଲଟି ଆମକୁ ହଇରାଣ କରାଯାଉଛି, ଧମକ ଓ ନିର୍ଯାତନା ଦିଆଯାଇ ପାଟି ଚୁପ୍ କରାଯାଉଛି। କେବଳ ଏତିକି ନୁହେଁ, ପୂର୍ବରୁ ମଧ୍ୟ ଅନେକ ଘଟଣା ରାଜଧାନୀ ରାଜରାସ୍ତାରେ ଘଟିଛି। ନ୍ୟାୟ ପାଇଁ ଚିତ୍କାର ଶୁଭିଛି।

### ଆମକୁ ଉଭୟ ଦିଗକୁ ଦେଖିବାକୁ ହେବ



ଅତ୍ୟନ୍ତ କ୍ଷୁବ୍ଧ କିମ୍ବା ଅତ୍ୟନ୍ତ ଦୁଃଖିତ ନ ହେଲେ କେହି କେବେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେନି। ଅନେକେ ଆତ୍ମହତ୍ୟା କରିବାକୁ ମଧ୍ୟ ଛଳନା କରନ୍ତି। ଜଣେ ଆତ୍ମହତ୍ୟା କରିବାକୁ ମନସ୍ଥ କଲେ ନିର୍ଜନ ଜାଗାରେ କରିଥାନ୍ତି, ଜନଗହଳିପୂର୍ଣ୍ଣ ସ୍ଥାନରେ ନୁହେଁ। ନ୍ୟାୟ ପାଇବା ଆଶାରେ ବିଧାନସଭା ଆଗରେ ଆତ୍ମାହୁତି ଭଳି ଉଦ୍ୟମ କରୁଛନ୍ତି ବା ଭୁଲ୍ ଧାରଣା ନେଇ ଏଭଳି ପନ୍ଥାକୁ ଆପଣାଉଛନ୍ତି। ନ୍ୟାୟ ପାଇବାର ଅନ୍ୟ ପନ୍ଥା ନ ଆପଣାଇ ଆତ୍ମାହୁତି ଉଦ୍ୟମ କଲେ ଆଇନ ଅନୁସାରେ ଦଣ୍ଡର ମଧ୍ୟ ବ୍ୟବସ୍ଥା ରହିଛି। ତେବେ ଆମକୁ ଉଭୟ ପାର୍ଶ୍ୱ ଦେଖିବାକୁ ପଡିବ। କେବଳ ଜଣେ ଅଭିଯୋଗ କରିଦେଲେ ହୋଇଯାଏନି।

**-ବିପିନ ବିହାରୀ ମିଶ୍ର, ଅବସରପ୍ରାପ୍ତ ଡିଜିପି**

### ତଦନ୍ତରେ ନିରପେକ୍ଷତା ରହୁନି

ନ୍ୟାୟ ବ୍ୟବସ୍ଥାର ଏକ ଅଂଶ ହେଉଛି ଅନୁସନ୍ଧାନ ବା ତଦନ୍ତ। ଏ କ୍ଷେତ୍ରରେ ନିରପେକ୍ଷତା ରହୁ



ନ ଥିବାରୁ ସାଧାରଣ ଲୋକଙ୍କ ମନରେ ତଦନ୍ତ ପ୍ରତି ଅନାସ୍ଥା ଭାବ ସୃଷ୍ଟି ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ବିଧାନସଭା ସମ୍ମୁଖରେ ହେଉଥିବା ଆତ୍ମାହୁତି ଉଦ୍ୟମ। ପୋଲିସର ତଦନ୍ତ ପ୍ରଭାବଶାଳୀଙ୍କ କ୍ଷେତ୍ରରେ ନିଷ୍କ୍ରିୟ ହୋଇଯାଉଛି। ଏମିତି ନ ହେବା ପାଇଁ ଆଇନ ଶୃଙ୍ଖଳା ସରକାରଙ୍କ ନିୟନ୍ତ୍ରଣ ବାହାରେ ରହିବା ସହିତ ପୋଲିସ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିବା ଦରକାର।

**-ବିଶ୍ୱପ୍ରିୟ କାନୁନ୍‌ଗୋ, ମାନବାଧିକାର କର୍ମୀ**

### ନିଷ୍କ୍ରିୟ ହେଲାଣି 'ମୋ ସରକାର'

ରାଜ୍ୟ ସରକାରଙ୍କ 'ମୋ ସରକାର' ଓ '୫-ଟି' ପୋଲିସ କ୍ଷେତ୍ରରେ ପୂରା ଫେଲ୍ ମାରିଛି।



ତଦନ୍ତରେ ସ୍ୱଚ୍ଛତା ଓ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କ୍ଷେତ୍ରରେ ଓଡ଼ିଶା ପୋଲିସ ବହୁ ପଛରେ ରହିଛି। ବଳାତ୍କାର, ହତ୍ୟା ଭଳି ଅତି ସମ୍ବେଦନଶୀଳ ମାମଲାର ତଦନ୍ତ ବର୍ଷ ବର୍ଷ ଧରି ଚାଲୁଛି। ବିଭିନ୍ନ ମାମଲାରେ ପୋଲିସ ଚାପରେ ପଡ଼ି ତଦନ୍ତକୁ ଚପାଇ ଦେଉଥିବାରୁ ସାଧାରଣ ଲୋକେ ବାଧ୍ୟହୋଇ ଆତ୍ମାହୁତି ପରି କିଛି ଚରମ ପଦକ୍ଷେପ ନେଉଛନ୍ତି।

**-ନୃସିଂହ ପରିଡା, ସାଧାରଣ ନାଗରିକ, ନୟାପଲ୍ଲୀ**

### ଦୋଷୀଙ୍କୁ ଘଣ୍ଟ ଘୋଡ଼ାଯାଉଛି



ପୋଲିସ ତଦନ୍ତ ଠିକ୍ ଭାବରେ କରୁନାହିଁ। ଯେଉଁଥିପାଇଁ ପ୍ରକୃତ ଦୋଷୀଙ୍କ ଉପରେ ଘଣ୍ଟ ଘୋଡ଼େଇ ଓଲଟା ଅଭିଯୋଗ କରିଥିବା ପରିବାର ଲୋକଙ୍କୁ ସମସ୍ୟାରେ ପକାଉଛନ୍ତି। ତେଣୁ ସେମାନେ ନ୍ୟାୟ ମାଗି ଶେଷରେ ଆତ୍ମାହୁତି ଉଦ୍ୟମ କରୁଛନ୍ତି।

**-ଆଇନଜୀବୀ, ନିରଞ୍ଜନ କାନୁନ୍‌ଗୋ**